ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 1/2026 | Page 16 | ₹ 7.00
୫୨ଶ ଭାଗ ୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 97 | ମୂଲ୍ୟ₹୭/-





# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୬ | Bhubaneswar, Sunday, March 1/2026 | ପୃଷ୍ଠା-୧




**ଫରହାନଙ୍କ ଶତକ**

ଶ୍ରୀଲଙ୍କା ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ସୁପର-୮ ମ୍ୟାଚରେ ଶତକ ହାସଲ କରିଛନ୍ତି ପାକିସ୍ତାନ ବ୍ୟାଟର ସାହିବଜାଦା ଫରହାନ ।

୦୬

୦୨

**ଇମୋଶନାଲ ୟାମି**

ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବାକୁ ଥିବା ନିର୍ଦ୍ଦେଶକ ଆଦିତ୍ୟ ଧର୍‌ଙ୍କ 'ଧୁରନ୍ଧର-୨' ଫିଲ୍ମ ସିକ୍ୱେଲ ଦେଖି ଇମୋଶନାଲ ହୋଇପଡ଼ିଛନ୍ତି ଅଭିନେତ୍ରୀ ୟାମି।





ଇରାନ୍‌ର ମିନାବ୍‌ସ୍ଥିତ ଏକ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଶନିବାର ଇସ୍ରାଏଲ ଓ ଆମେରିକାର ମିଳିତ ଏୟାରଷ୍ଟ୍ରାଇକ୍ କରାଯାଉଛି। ଆକ୍ରମଣ ପରେ ସ୍କୁଲ ସମ୍ମୁଖରେ ଆତଙ୍କିତ ଲୋକେ।

# ଯୁଦ୍ଧ: ଇରାନ୍‌ରେ ୨୦୦ ମୃତ

- **ଇରାନ୍ ଉପରେ ଆମେରିକା, ଇସ୍ରାଏଲ୍‌ର ମିଳିତ ଆକ୍ରମଣ**
- **ସେନା ଘାଟିକୁ ଟାର୍ଗେଟ କରି ଜବାବ ଦେଲା ତେହରାନ୍**
- **ଖାମେନେଇ ଶାସନର ଅନ୍ତ ପାଇଁ ଇରାନୀୟଙ୍କୁ ସୁଯୋଗ: ଟ୍ରମ୍ପ୍**

ମଧ୍ୟପ୍ରାଚ୍ୟରେ ଦୀର୍ଘଦିନରୁ କୁହୁଳୁଥିବା ଭୂ-ରାଜନୈତିକ ଉତ୍ତେଜନା ଏବେ ଭୟଙ୍କର ଯୁଦ୍ଧର ରୂପ ନେଇଛି। ଶନିବାର ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମିଳିତ ଏୟାର ଷ୍ଟ୍ରାଇକ୍‌ରେ ଇରାନ୍‌ର ବିଭିନ୍ନ ସ୍ଥାନରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ୭୪୭ ଆହତ ହୋଇଛନ୍ତି। ଦକ୍ଷିଣ ଇରାନର ମିନାବ୍‌ସ୍ଥିତ ଏକ ସ୍କୁଲର ଅନ୍ୟୁନ ୫୩ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪୫ ଜଣ ଆହତ ହୋଇଛନ୍ତି। ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ଅଫିସ ସମେତ ତେହରାନ୍‌ର ବିଭିନ୍ନ ଅଞ୍ଚଳରେ ବିସ୍ଫୋରଣର ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି। ୧୯୭୯ରୁ ଇରାନ୍‌ରେ ଚାଲିଥିବା ଇସ୍‌ଲାମିକ୍ ନେତୃତ୍ୱ ବିରୋଧରେ ଇରାନୀୟ ଜନସାଧାରଣ ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କୁ 'ନିଜ ଭାଗ୍ୟ ନିର୍ଣ୍ଣୟ' ପାଇଁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଏକ ସୁଯୋଗ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମତରେ ତାଙ୍କ ଦେଶର ଅସ୍ତିତ୍ୱ ପ୍ରତି ବିପଦ ସାଜିଥିବା ଇରାନୀୟ ଆତଙ୍କବାଦୀଙ୍କୁ ସମୂଳେ ନାଶ କରିବା ପାଇଁ ଏହା ହେଉଛି ଏକ ସମନ୍ୱିତ ଓ ନିର୍ଦ୍ଦିଷ୍ଟ ସାମରିକ କାର୍ଯ୍ୟାନୁଷ୍ଠାନ, ଯାହା ବଳରେ ଖାମେନେଇ ଶାସନର ଅନ୍ତ ଘଟିବ। ଅନ୍ୟପକ୍ଷେ ଇରାନ୍ ଏହାର ଜବାବ ଦେବାକୁ ଯାଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ୍, ଜୋର୍ଡାନ୍ ଓ କୁଏତ୍ ସମେତ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରିଛି। ଏଥିସହ ମଧ୍ୟପ୍ରାଚ୍ୟ ଆକାଶରେ ପୁନର୍ବାର ଯୁଦ୍ଧ ଘନଘଟାର ବାଦଲ ଛାଇ ହୋଇଯାଇଛି। ଏହି ସଂଘର୍ଷର ସିଧାସଳଖ ପ୍ରଭାବ ଭାରତ ଉପରେ ପଡ଼ିବା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତ ସରିବା ମାତ୍ରେ ଏହି ଆକ୍ରମଣ ହୋଇଥିବାରୁ ଦେଶରେ ରାଜନୈତିକ ତର୍କବିତର୍କ ଆରମ୍ଭ ହୋଇଛି। କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ସମୟକୁ ନେଇ ପ୍ରଶ୍ନ ଉଠାଇଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସହ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କାରେ ସାଧାରଣ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ଏହି ସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ଦୂତାବାସ ପକ୍ଷରୁ ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଜରୁରିକାଳୀନ ସତର୍କ ସୂଚନା ଜାରି କରାଯାଇଛି।



ବେଞ୍ଜାମିନ୍ ନେତାନ୍ୟାହୁ



ଡୋନାଲ୍ଡ ଟ୍ରମ୍ପ୍



ଆୟାତୋଲ୍ଲା ଅଲୀ ଖାମେନେଇ

ଦୁବାଇ/ଜେରୁଜେଲମ୍/ ୱାଶିଂଟନ୍/ ନୂଆଦିଲ୍ଲୀ, ୨୮।୨ (ପି.ଟି./ ଏ.ପି./ ଅଲ୍-ଜଜିରା)

ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍‌ର ଆଣବିକ ସମ୍ବର୍ଦ୍ଧନ କାର୍ଯ୍ୟକ୍ରମକୁ ନେଇ ମୂଳରୁ କ୍ଷୁବ୍ଧ ଥିବା ଆମେରିକା ଏହାକୁ ନିଜ ତଥା ପାଶ୍ଚାତ୍ୟ ଦୁନିଆ ପାଇଁ ଏକ ବଡ଼ ବିପଦ ବୋଲି ବିବେଚନା କରିଥାଏ। ତେଣୁ ତେହରାନ୍ ଯେପରି ଆଣବିକ କାର୍ଯ୍ୟକ୍ରମ ବିକାଶକୁ ବନ୍ଦ କରିବା ପାଇଁ ୱାଶିଂଟନ୍ ସହ ଚୁକ୍ତିବଦ୍ଧ ହେବ ତା' ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଅଧିକ ଜୋର୍ ଦେଇଆସୁଛନ୍ତି। ସେପଟେ ଗାଜାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସକୁ ଇରାନ୍ ସହଯୋଗ କରୁଥିବାରୁ ତେହରାନ୍ ଇସ୍ରାଏଲୀ ସୁରକ୍ଷା ବଳର ଟାର୍ଗେଟରେ ରହିଛି। ଏହି କାରଣରୁ ୨୦୨୫ ଜୁନ୍ ୧୩ରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲ୍‌ର ସହଯୋଗୀ ଆମେରିକା ଇରାନ୍‌ର କେତୋଟି ଆଣବିକ କେନ୍ଦ୍ରରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା। ୧୨ ଦିନିଆ ଯୁଦ୍ଧ ନାମରେ ପରିଚିତ ଏହି ସାମରିକ ସଂଘର୍ଷ ସେତେବେଳେ ତୈଳ ବଜାରରେ ନିଆଁ ଲଗାଇଦେଇଥିଲା। ପରବର୍ତ୍ତୀ ସମୟରେ ଉତ୍ତେଜନା ପ୍ରଶମିତ ହୋଇଥିଲେ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଇସ୍ରାଏଲ୍ ଓ ଆମେରିକା ସହ ଇରାନ୍ ମୁହାଁମୁହିଁ ସ୍ଥିତିରେ ରହିଥିଲା। ଗତବର୍ଷ ଡିସେମ୍ବରରେ ଇରାନ୍‌ରେ ଖାମେନେଇ ସରକାରଙ୍କ ସ୍ୱେଚ୍ଛାଚାରିତା ଯୋଗୁ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟକୁ ବିରୋଧକରି ☞ପୃଷ୍ଠା-୨

## ଖାମେନେଇ ନିହତ: ଇସ୍ରାଏଲ୍

ଦୁବାଇ ୨୮।୨

ଇସ୍ରାଏଲ୍ ଓ ଆମେରିକାର ଜଏଣ୍ଟ ଅପରେଶନ୍‌ରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ପ୍ରାଣ ହରାଇଥିବା ନେଇ ଇସ୍ରାଏଲୀ ଚ୍ୟାନେଲ ୧୨ ଦାବି କରିଛି। ଆଉ କେତେକ ଗଣମାଧ୍ୟମ ମଧ୍ୟ ଖାମେନେଇଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରସାର କରୁଛନ୍ତି। ଏପରି କି ଖାମେନେଇଙ୍କ ମୃତଦେହ ଠାବ ହୋଇଥିବା ଇସ୍ରାଏଲୀ ଅଧିକାରୀମାନେ ଦାବି କରିଛନ୍ତି। କିନ୍ତୁ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାଘଚି ଏହାକୁ ଖଣ୍ଡନ କରିଛନ୍ତି। ଉଭୟ ଖାମେନେଇ ଓ ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍ ଜୀବିତ ଅଛନ୍ତି। ଆକ୍ରମଣ ପୂର୍ବରୁ ଖାମେନେଇଙ୍କୁ ସ୍ଥାନାନ୍ତର କରାଯାଇଥିବା କୁହାଯାଉଛି।

**ଆଜିର ସମ୍ପାଦକୀୟ**

ଧର୍ମାନ୍ତରୀକରଣ ଓ ଲଭ୍ ଜିହାଦ

## ସଂତୃପ୍ତ, ଦଣ୍ଡେଶ୍ୱରଙ୍କ ନାଁ ଘୋଷଣା କଲା ବିଜେଡି



ସଂତୃପ୍ତ ମିଶ୍ର



ଦଣ୍ଡେଶ୍ୱର ହୋତା

ଭୁବନେଶ୍ୱର,୨୮।୨(ସୁନୀତ ମିଶ୍ର)

ୱଟି ରାଜ୍ୟ ସଭା ଆସନ ପାଇଁ ମାର୍ଚ୍ଚ ୧୬ରେ ହେବାକୁ ଥିବା ନିର୍ବାଚନ ପାଇଁ ବିଜେଡି ଶନିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ୪ ଆସନ ମଧ୍ୟରୁ ତୃତୀୟ ଆସନ ପାଇଁ ସଂତୃପ୍ତ ମିଶ୍ର ଏବଂ ୪ର୍ଥ ଆସନ ପାଇଁ କମନ୍ କ୍ୟାଣ୍ଡିଡେଟ୍ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ନାମ ଦଳର ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ବିଜେଡିର ଏହି ଘୋଷଣା ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଦଣ୍ଡେଶ୍ୱରଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛନ୍ତି। ତେବେ ପ୍ରାର୍ଥୀ ଘୋଷଣାକୁ ନେଇ ବିଜେଡିର ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ ପ୍ରଶ୍ନ ଉଠାଇଛନ୍ତି। ଦଳରେ ଯେଉଁମାନେ ଦୀର୍ଘବର୍ଷ ଧରି କାମ କରିଛନ୍ତି ସେମାନଙ୍କୁ ସୁଯୋଗ ନ ଦେଇ ପରାଜିତ ପ୍ରାର୍ଥୀଙ୍କୁ ରାଜ୍ୟ ସଭା ପଠାଇବା ଏବଂ ବିଜେଡିରୁ ୪ହଜାର କୋଟି ଟଙ୍କା ହଡ଼ପ ପ୍ରସଙ୍ଗରେ ପ୍ରଭାତ ଦଳର ସଭାପତିଙ୍କୁ ଟାର୍ଗେଟ କରିଥିଲେ।

**ରାଜ୍ୟ ସଭା ନିର୍ବାଚନ**

- **ଦଣ୍ଡେଶ୍ୱରଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଲେ ଭକ୍ତ**

## ଚ୍ୟାଲେଞ୍ଜ୍ କରି ବହିଷ୍କୃତ



ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଶନିବାର ୨ ଜଣ ରାଜ୍ୟ ସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଏହା ଉପରେ ପ୍ରଶ୍ନ ଉଠାଇବା ସହ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ୍ କରିବା ଯୋଗୁ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଦଳରୁ ବହିଷ୍କୃତ କରାଯାଇଛି।

ପ୍ରାର୍ଥୀଙ୍କ ନାଁ ଘୋଷଣା ପୂର୍ବରୁ ସବୁ ବିଧାୟକଙ୍କୁ ନବୀନ ନିବାସ ଆସିବା ଲାଗି ଡକରା ମିଳିଥିଲା। ସେହି ଅନୁଯାୟୀ ସମସ୍ତେ ଯାଇ ପହଞ୍ଚିବା ପରେ ସେମାନଙ୍କଠାରୁ ଦସ୍ତଖତ ନେବା ଅଭିଯାନ ଆରମ୍ଭ କରାଯାଇଥିଲା। ମିଳିଥିବା ସୂଚନା ମୁତାବକ, ଏହି ସମୟରେ ଜଣେ ବରିଷ୍ଠ ବିଧାୟକ ☞ପୃଷ୍ଠା-୨






# ରାଜ୍ୟ ସଭା: କମନ୍ ପ୍ରାର୍ଥୀ ଦ୍ୱନ୍ଦ୍ୱ

ଭୁବନେଶ୍ୱର, ୨୮।୨ (ସୁନିତ୍ ମିଶ୍ର)

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ହେବାକୁ ଥିବା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ବିଜେଡି ପକ୍ଷରୁ ଶନିବାର ରାଜ୍ୟ ସଭା ପାଇଁ ୨ ଜଣ ପ୍ରାର୍ଥୀଙ୍କ ନାଁ ଦଳର ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ନବୀନ କହିଛନ୍ତି, ଦଳ ୨ ଜଣ ପ୍ରାର୍ଥୀ ଦେବାକୁ ସ୍ଥିର କରିଛି। ୩ୟ ଆସନ ଲାଗି ସଂତୃପ୍ତ ମିଶ୍ର ଏବଂ ୪ର୍ଥ ଆସନ ଲାଗି ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ନାମ ସେ ଘୋଷଣା କରିଛନ୍ତି। ସେ କହିଛନ୍ତି, ଦଣ୍ଡେଶ୍ୱର ହୋତା ହେଉଛନ୍ତି କମନ୍ (ମିଳିତ)ପ୍ରାର୍ଥୀ। ସବୁ ଦଳ ତାଙ୍କୁ ସମର୍ଥନ କରନ୍ତୁ ବୋଲି ନବୀନ କହିଛନ୍ତି। ବିଗତ ଦିନର ଅନେକ ରାଜନୈତିକ ଘଟଣାକ୍ରମକୁ ଦେଖିଥିବା ବହୁ ବ୍ୟକ୍ତିବିଶେଷ ଚିନ୍ତା କରୁଥିଲେ ବିଜେଡି ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଭାଜପାକୁ ସମର୍ଥନ କରିପାରେ। ହେଲେ ବିଜେଡି ୨ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ପରେ ଏହାକୁ କେତେଜଣ ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍ ବୋଲି କହୁଛନ୍ତି। ନବୀନ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ପରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ବିଜେଡି ଉଚିତ ନିଷ୍ପତ୍ତି ନେଇଥିବା କହିଛନ୍ତି। ତାଙ୍କ ଦଳ ମଧ୍ୟ ଦଣ୍ଡେଶ୍ୱରଙ୍କୁ ସମର୍ଥନ କରିବ ବୋଲି ଭକ୍ତ ଶନିବାର ଗଣମାଧ୍ୟମକୁ ଜଣାଇ ଦେଇଛନ୍ତି। ମାତ୍ର ନବୀନ ଦଣ୍ଡେଶ୍ୱରଙ୍କ ନାଁ ରାଜ୍ୟ ସଭା ପାଇଁ ଯେଉଁଭଳି ଢଙ୍ଗରେ ଘୋଷଣା କରିଛନ୍ତି, ତାକୁ ନେଇ ଏବେ ବିଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଛି। ଏଠାରେ ଏଭଳି ୨ ପ୍ରକାର କଥା ନବୀନ ଉଲ୍ଲେଖ କରିଛନ୍ତି, ଯାହାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ପ୍ରଥମେ ସେ କହିଲେ, ବିଜେଡି ୨ଜଣ ପ୍ରାର୍ଥୀ ଦେବ। ତା'ପରେ କହିଲେ, ଦଣ୍ଡେଶ୍ୱର ହେଉଛନ୍ତି କମନ୍ ପ୍ରାର୍ଥୀ। ରାଜ୍ୟ ସଭା ପ୍ରାର୍ଥୀ ହେବା ପାଇଁ ନାମାଙ୍କନ ପତ୍ରରେ ୧୦ ଜଣ ବିଧାୟକ ପ୍ରସ୍ତାବକ ରହିବା ଜରୁରୀ। ଅର୍ଥାତ୍ ଦଣ୍ଡେଶ୍ୱର ଯଦି କମନ୍ ପ୍ରାର୍ଥୀ ହୁଅନ୍ତି, ତେବେ ତାଙ୍କ ସମର୍ଥନରେ ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ଏବଂ ଭାଜପାର ୧୦ ଜଣ ବିଧାୟକ ଏକାଠି ହେଇ ପ୍ରସ୍ତାବକ ପଡ଼ିବେ। ମାତ୍ର ଏଯାଏଁ ଭାଜପା ତା'ର ନିଷ୍ପତ୍ତି କ'ଣ ହେଲା ସେକଥା ଜଣାଇ ନାହିଁ। ☞ପୃଷ୍ଠା-୨






ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୬ | Bhubaneswar, Sunday, March 1/2026




## ଫରହାନଙ୍କ ଶତକ

ଶ୍ରୀଲଙ୍କା ବିପକ୍ଷ ଟି୨୦ କ୍ରିକେଟ ବିଶ୍ୱକପ୍ ସୁପର-୮ ମ୍ୟାଚରେ ଶତକ ହାସଲ କରିଛନ୍ତି ପାକିସ୍ତାନ ବ୍ୟାଟର ସାହିବଜାଦା ଫରହାନ ।

୦୬

୦୨

## ଇମୋଶନାଲ ୟାମି

ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବାକୁ ଥିବା ନିର୍ଦ୍ଦେଶକ ଆଦିତ୍ୟ ଧର୍‌ଙ୍କ 'ଧୁରନ୍ଧର-୨' ଫିଲ୍ମ ସିକ୍ୱେଲ ଦେଖି ଇମୋଶନାଲ ହୋଇପଡ଼ିଛନ୍ତି ଅଭିନେତ୍ରୀ ୟାମି।





ଇରାନ୍‌ର ମିନାବ୍‌ସ୍ଥିତ ଏକ ବାଳିକା ପ୍ରାଥମିକ ବିଦ୍ୟାଳୟରେ ଶନିବାର ଇସ୍ରାଏଲ ଓ ଆମେରିକାର ମିଳିତ ଏୟାରଷ୍ଟ୍ରାଇକ୍ କରାଯାଉଛି। ଆକ୍ରମଣ ପରେ ସ୍କୁଲ ସମ୍ମୁଖରେ ଆତଙ୍କିତ ଲୋକେ।

# ଯୁଦ୍ଧ: ଇରାନ୍‌ରେ ୨୦୦ ମୃତ

- ଇରାନ୍ ଉପରେ ଆମେରିକା, ଇସ୍ରାଏଲ୍‌ର ମିଳିତ ଆକ୍ରମଣ
- ସେନା ଘାଟିକୁ ଟାର୍ଗେଟ କରି ଜବାବ ଦେଲା ତେହରାନ୍
- ଖାମେନେଇ ଶାସନର ଅନ୍ତ ପାଇଁ ଇରାନୀୟଙ୍କୁ ସୁଯୋଗ: ଟ୍ରମ୍ପ୍

ମଧ୍ୟପ୍ରାଚ୍ୟରେ ଦୀର୍ଘଦିନରୁ କୁହୁଳୁଥିବା ଭୂ-ରାଜନୈତିକ ଉତ୍ତେଜନା ଏବେ ଭୟଙ୍କର ଯୁଦ୍ଧର ରୂପ ନେଇଛି। ଶନିବାର ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ବଡ଼ଧରଣର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହି ମିଳିତ ଏୟାର ଷ୍ଟ୍ରାଇକ୍‌ରେ ଇରାନ୍‌ର ବିଭିନ୍ନ ସ୍ଥାନରେ ୨୦୦ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ୭୪୭ ଆହତ ହୋଇଛନ୍ତି। ଦକ୍ଷିଣ ଇରାନର ମିନାବ୍‌ସ୍ଥିତ ଏକ ସ୍କୁଲର ଅନ୍ୟୂନ ୫୩ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୪୫ ଜଣ ଆହତ ହୋଇଛନ୍ତି। ସୁପ୍ରିମ୍ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ଅଫିସ ସମେତ ତେହରାନ୍‌ର ବିଭିନ୍ନ ଅଞ୍ଚଳରେ ବିସ୍ଫୋରଣର ଧୂଆଁ ଉଠୁଥିବା ଦେଖିବାକୁ ମିଳିଛି। ୧୯୭୯ରୁ ଇରାନ୍‌ରେ ଚାଲିଥିବା ଇସ୍‌ଲାମିକ୍ ନେତୃତ୍ୱ ବିରୋଧରେ ଇରାନୀୟ ଜନସାଧାରଣ ଆନ୍ଦୋଳନ ଚଳାଇଥିବାବେଳେ ସେମାନଙ୍କୁ 'ନିଜ ଭାଗ୍ୟ ନିର୍ଣ୍ଣୟ' ପାଇଁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଏକ ସୁଯୋଗ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମତରେ ତାଙ୍କ ଦେଶର ଅସ୍ତିତ୍ୱ ପ୍ରତି ବିପଦ ସାଜିଥିବା ଇରାନୀୟ ଆତଙ୍କବାଦୀଙ୍କୁ ସମୂଳେ ନାଶ କରିବା ପାଇଁ ଏହା ହେଉଛି ଏକ ସମନ୍ୱିତ ଓ ନିର୍ଦ୍ଦିଷ୍ଟ ସାମରିକ କାର୍ଯ୍ୟାନୁଷ୍ଠାନ, ଯାହା ବଳରେ ଖାମେନେଇ ଶାସନର ଅନ୍ତ ଘଟିବ। ଅନ୍ୟପକ୍ଷେ ଇରାନ୍ ଏହାର ଜବାବ ଦେବାକୁ ଯାଇ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ବାହାରିନ୍, ଜୋର୍ଡାନ୍ ଓ କୁଏଟ୍ ସମେତ ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରିଛି। ଏଥିସହ ମଧ୍ୟପ୍ରାଚ୍ୟ ଆକାଶରେ ପୁନର୍ବାର ଯୁଦ୍ଧ ଘନଘଟାର ବାଦଲ ଛାଇ ହୋଇଯାଇଛି। ଏହି ସଂଘର୍ଷର ସିଧାସଳଖ ପ୍ରଭାବ ଭାରତ ଉପରେ ପଡ଼ିବା ଆରମ୍ଭ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତ ସରିବା ମାତ୍ରେ ଏହି ଆକ୍ରମଣ ହୋଇଥିବାରୁ ଦେଶରେ ରାଜନୈତିକ ତର୍କବିତର୍କ ଆରମ୍ଭ ହୋଇଛି। କଂଗ୍ରେସ ପ୍ରଧାନମନ୍ତ୍ରୀଙ୍କ ଗସ୍ତର ସମୟକୁ ନେଇ ପ୍ରଶ୍ନ ଉଠାଇଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇବା ସହ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କାରେ ସାଧାରଣ ଖାଉଟି ଚିନ୍ତାରେ ପଡ଼ିଛନ୍ତି। ଏହି ସ୍ଥିତିକୁ ଦୃଷ୍ଟିରେ ରଖି ଭାରତୀୟ ଦୂତାବାସ ପକ୍ଷରୁ ସେଠାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଜରୁରିକାଳୀନ ସତର୍କ ସୂଚନା ଜାରି କରାଯାଇଛି।


ବେଞ୍ଜାମିନ୍ ନେତାନ୍ୟାହୁ


ଡୋନାଲ୍ଡ ଟ୍ରମ୍ପ୍


ଆୟାତୋଲ୍ଲା ଅଲୀ ଖାମେନେଇ

**ଦୁବାଇ/ଜେରୁଜେଲମ୍/ ୱାଶିଂଟନ୍/ ନୂଆଦିଲ୍ଲୀ, ୨୮।୨ (ପି.ଟି./ ଏ.ପି./ ଅଲ୍-ଜଜିରା)**

ଇସ୍‌ଲାମିକ୍ ସାଧାରଣତନ୍ତ୍ର ଇରାନ୍‌ର ଆଣବିକ ସମ୍ୱର୍ଦ୍ଧନ କାର୍ଯ୍ୟକ୍ରମକୁ ନେଇ ମୂଳରୁ କ୍ଷୁବ୍ଧ ଥିବା ଆମେରିକା ଏହାକୁ ନିଜ ତଥା ପାଶ୍ଚାତ୍ୟ ଦୁନିଆ ପାଇଁ ଏକ ବଡ଼ ବିପଦ ବୋଲି ବିବେଚନା କରିଥାଏ। ତେଣୁ ତେହରାନ୍ ଯେପରି ଆଣବିକ କାର୍ଯ୍ୟକ୍ରମ ବିକାଶକୁ ବନ୍ଦ କରିବା ପାଇଁ ୱାଶିଂଟନ୍ ସହ ଚୁକ୍ତିବଦ୍ଧ ହେବ ତା' ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦ୍ୱିତୀୟ ଥର କ୍ଷମତାକୁ ଆସିବା ପରଠୁ ଅଧିକ ଜୋର୍ ଦେଇଆସୁଛନ୍ତି। ସେପଟେ ଗାଜାରେ ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସକୁ ଇରାନ୍ ସହଯୋଗ କରୁଥିବାରୁ ତେହରାନ୍ ଇସ୍ରାଏଲୀ ସୁରକ୍ଷା ବଳର ଟାର୍ଗେଟରେ ରହିଛି। ଏହି କାରଣରୁ ୨୦୨୫ ଜୁନ୍ ୧୩ରେ ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଆରମ୍ଭ ହୋଇଥିଲା। ଇସ୍ରାଏଲ୍‌ର ସହଯୋଗୀ ଆମେରିକା ଇରାନ୍‌ର କେତୋଟି ଆଣବିକ କେନ୍ଦ୍ରରେ ଆକାଶମାର୍ଗରୁ ଆକ୍ରମଣ କରିଥିଲା। ୧୨ ଦିନିଆ ଯୁଦ୍ଧ ନାମରେ ପରିଚିତ ଏହି ସାମରିକ ସଂଘର୍ଷ ସେତେବେଳେ ତୈଳ ବଜାରରେ ନିଆଁ ଲଗାଇଦେଇଥିଲା। ପରବର୍ତ୍ତୀ ସମୟରେ ଉତ୍ତେଜନା ପ୍ରଶମିତ ହୋଇଥିଲେ ମଧ୍ୟ ବିଭିନ୍ନ ପ୍ରସଙ୍ଗରେ ଇସ୍ରାଏଲ୍ ଓ ଆମେରିକା ସହ ଇରାନ୍ ମୁହାଁମୁହିଁ ସ୍ଥିତିରେ ରହିଥିଲା। ଗତବର୍ଷ ଡିସେମ୍ବରରେ ଇରାନ୍‌ରେ ଖାମେନେଇ ସରକାରଙ୍କ ସ୍ୱେଚ୍ଛାଚାରିତା ଯୋଗୁ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟକୁ ବିରୋଧକରି ☞ପୃଷ୍ଠା-୨

## ଖାମେନେଇ ନିହତ: ଇସ୍ରାଏଲ୍

**ଦୁବାଇ ୨୮।୨**

ଇସ୍ରାଏଲ୍ ଓ ଆମେରିକାର ଜଏଣ୍ଟ ଅପରେଶନ୍‌ରେ ଇରାନ୍ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ପ୍ରାଣ ହରାଇଥିବା ନେଇ ଇସ୍ରାଏଲୀ ଚ୍ୟାନେଲ ୧୨ ଦାବି କରିଛି। ଆଉ କେତେକ ଗଣମାଧ୍ୟମ ମଧ୍ୟ ଖାମେନେଇଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରସାର କରୁଛନ୍ତି। ଏପରିକି ଖାମେନେଇଙ୍କ ମୃତଦେହ ଠାବ ହୋଇଥିବା ଇସ୍ରାଏଲୀ ଅଧିକାରୀମାନେ ଦାବି କରିଛନ୍ତି। କିନ୍ତୁ ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଅରାଘଚି ଏହାକୁ ଖଣ୍ଡନ କରିଛନ୍ତି। ଉଭୟ ଖାମେନେଇ ଓ ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍ ଜୀବିତ ଅଛନ୍ତି। ଆକ୍ରମଣ ପୂର୍ବରୁ ଖାମେନେଇଙ୍କୁ ସ୍ଥାନାନ୍ତର କରାଯାଇଥିବା କୁହାଯାଉଛି।

**ଆଜିର ସମ୍ପାଦକୀୟ**

ଧର୍ମାନ୍ତରୀକରଣ ଓ ଲଭ୍ ଜିହାଦ

## ସଂତୃପ୍ତ, ଦଣ୍ଡେଶ୍ୱରଙ୍କ ନାଁ ଘୋଷଣା କଲା ବିଜେଡି


ସଂତୃପ୍ତ ମିଶ୍ର


ଦଣ୍ଡେଶ୍ୱର ହୋତା

**ଭୁବନେଶ୍ୱର,୨୮।୨(ସୁନୀତ ମିଶ୍ର)**

୪ଟି ରାଜ୍ୟ ସଭା ଆସନ ପାଇଁ ମାର୍ଚ୍ଚ ୧୬ରେ ହେବାକୁ ଥିବା ନିର୍ବାଚନ ପାଇଁ ବିଜେଡି ଶନିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ୪ ଆସନ ମଧ୍ୟରୁ ତୃତୀୟ ଆସନ ପାଇଁ ସଂତୃପ୍ତ ମିଶ୍ର ଏବଂ ୪ର୍ଥ ଆସନ ପାଇଁ କମନ୍ କ୍ୟାଣ୍ଡିଡେଟ୍ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ନାମ ଦଳର ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ବିଜେଡିର ଏହି ଘୋଷଣା ପରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଦଣ୍ଡେଶ୍ୱରଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଛନ୍ତି। ତେବେ ପ୍ରାର୍ଥୀ ଘୋଷଣାକୁ ନେଇ ବିଜେଡିର ବରିଷ୍ଠ ନେତା ପ୍ରଭାତ ବିଶ୍ୱାଳ ପ୍ରଶ୍ନ ଉଠାଇଛନ୍ତି। ଦଳରେ ଯେଉଁମାନେ ଦୀର୍ଘବର୍ଷ ଧରି କାମ କରିଛନ୍ତି ସେମାନଙ୍କୁ ସୁଯୋଗ ନ ଦେଇ ପରାଜିତ ପ୍ରାର୍ଥୀଙ୍କୁ ରାଜ୍ୟ ସଭା ପଠାଇବା ଏବଂ ବିଜେଡିରୁ ୪ହଜାର କୋଟି ଟଙ୍କା ହଡ଼ପ ପ୍ରସଙ୍ଗରେ ପ୍ରଭାତ ଦଳର ସଭାପତିଙ୍କୁ ଟାର୍ଗେଟ କରିଥିଲେ।

**ରାଜ୍ୟ ସଭା ନିର୍ବାଚନ**

- ଦଣ୍ଡେଶ୍ୱରଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ ଜଣାଇଲେ ଭକ୍ତ

## ଚ୍ୟାଲେଞ୍ଜ କରି ବହିଷ୍କୃତ


ପ୍ରଭାତ ବିଶ୍ୱାଳ

**ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)**

ବିଜେଡି ପକ୍ଷରୁ ଶନିବାର ୨ ଜଣ ରାଜ୍ୟ ସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇଛି। ଏହା ଉପରେ ପ୍ରଶ୍ନ ଉଠାଇବା ସହ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିବା ଯୋଗୁ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଦଳରୁ ବହିଷ୍କୃତ କରାଯାଇଛି।

ପ୍ରାର୍ଥୀଙ୍କ ନାଁ ଘୋଷଣା ପୂର୍ବରୁ ସବୁ ବିଧାୟକଙ୍କୁ ନବୀନ ନିବାସ ଆସିବା ଲାଗି ଡକରା ମିଳିଥିଲା। ସେହି ଅନୁଯାୟୀ ସମସ୍ତେ ଯାଇ ପହଞ୍ଚିବା ପରେ ସେମାନଙ୍କଠାରୁ ଦସ୍ତଖତ ନେବା ଅଭିଯାନ ଆରମ୍ଭ କରାଯାଇଥିଲା। ମିଳିଥିବା ସୂଚନା ମୁତାବକ, ଏହି ସମୟରେ ଜଣେ ବରିଷ୍ଠ ବିଧାୟକ ☞ପୃଷ୍ଠା-୨




# ରାଜ୍ୟ ସଭା: କମନ୍ ପ୍ରାର୍ଥୀ ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ୨୮।୨ (ସୁନିତ୍ ମିଶ୍ର)**

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ହେବାକୁ ଥିବା ନିର୍ବାଚନକୁ ନେଇ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ବିଜେଡି ପକ୍ଷରୁ ଶନିବାର ରାଜ୍ୟ ସଭା ପାଇଁ ୨ ଜଣ ପ୍ରାର୍ଥୀଙ୍କ ନାଁ ଦଳର ସଭାପତି ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ନବୀନ କହିଛନ୍ତି, ଦଳ ୨ ଜଣ ପ୍ରାର୍ଥୀ ଦେବାକୁ ସ୍ଥିର କରିଛି। ୩ୟ ଆସନ ଲାଗି ସଂତୃପ୍ତ ମିଶ୍ର ଏବଂ ୪ର୍ଥ ଆସନ ଲାଗି ଡାକ୍ତର ଦଣ୍ଡେଶ୍ୱର ହୋତାଙ୍କ ନାମ ସେ ଘୋଷଣା କରିଛନ୍ତି। ସେ କହିଛନ୍ତି, ଦଣ୍ଡେଶ୍ୱର ହୋତା ହେଉଛନ୍ତି କମନ୍ (ମିଳିତ)ପ୍ରାର୍ଥୀ। ସବୁ ଦଳ ତାଙ୍କୁ ସମର୍ଥନ କରନ୍ତୁ ବୋଲି ନବୀନ କହିଛନ୍ତି। ବିଗତ ଦିନର ଅନେକ ରାଜନୈତିକ ଘଟଣାକ୍ରମକୁ ଦେଖିଥିବା ବହୁ ବ୍ୟକ୍ତିବିଶେଷ ଚିନ୍ତା କରୁଥିଲେ ବିଜେଡି ପରୋକ୍ଷ ବା ପ୍ରତ୍ୟକ୍ଷ ଭାବେ ଭାଜପାକୁ ସମର୍ଥନ କରିପାରେ। ହେଲେ ବିଜେଡି ୨ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ପରେ ଏହାକୁ କେତେଜଣ ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍ ବୋଲି କହୁଛନ୍ତି। ନବୀନ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବା ପରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ବିଜେଡି ଉଚିତ ନିଷ୍ପତ୍ତି ନେଇଥିବା କହିଛନ୍ତି। ତାଙ୍କ ଦଳ ମଧ୍ୟ ଦଣ୍ଡେଶ୍ୱରଙ୍କୁ ସମର୍ଥନ କରିବ ବୋଲି ଭକ୍ତ ଶନିବାର ଗଣମାଧ୍ୟମକୁ ଜଣାଇ ଦେଇଛନ୍ତି। ମାତ୍ର ନବୀନ ଦଣ୍ଡେଶ୍ୱରଙ୍କ ନାଁ ରାଜ୍ୟ ସଭା ପାଇଁ ଯେଉଁଭଳି ଢଙ୍ଗରେ ଘୋଷଣା କରିଛନ୍ତି, ତାକୁ ନେଇ ଏବେ ବିଭିନ୍ନ ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଛି।



ଏଠାରେ ଏଭଳି ୨ ପ୍ରକାର କଥା ନବୀନ ଉଲ୍ଲେଖ କରିଛନ୍ତି, ଯାହାକୁ ନେଇ ଅନେକ ଦ୍ୱନ୍ଦ୍ୱ ରହିଛି। ପ୍ରଥମେ ସେ କହିଲେ, ବିଜେଡି ୨ଜଣ ପ୍ରାର୍ଥୀ ଦେବ। ତା'ପରେ କହିଲେ, ଦଣ୍ଡେଶ୍ୱର ହେଉଛନ୍ତି କମନ୍ ପ୍ରାର୍ଥୀ। ରାଜ୍ୟ ସଭା ପ୍ରାର୍ଥୀ ହେବା ପାଇଁ ନାମାଙ୍କନ ପତ୍ରରେ ୧୦ ଜଣ ବିଧାୟକ ପ୍ରସ୍ତାବକ ରହିବା ଜରୁରୀ। ଅର୍ଥାତ୍ ଦଣ୍ଡେଶ୍ୱର ଯଦି କମନ୍ ପ୍ରାର୍ଥୀ ହୁଅନ୍ତି, ତେବେ ତାଙ୍କ ସମର୍ଥନରେ ବିଜେଡି, କଂଗ୍ରେସ, ସିପିଆଇ(ଏମ୍) ଏବଂ ଭାଜପାର ୧୦ ଜଣ ବିଧାୟକ ଏକାଠି ହେଇ ପ୍ରସ୍ତାବକ ପଡ଼ିବେ। ମାତ୍ର ଏଯାଏଁ ଭାଜପା ତା'ର ନିଷ୍ପତ୍ତି କ'ଣ ହେଲା ସେକଥା ଜଣାଇ ନାହିଁ। ☞ପୃଷ୍ଠା-୨



**ଆଜିର ମନ୍ତବ୍ୟ**

ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମା ଭାରତୀୟ କୃଷକମାନଙ୍କୁ ବରବାଦ କରିଦେବ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ୪ର୍ଥ ଓଡ଼ିଶା ୱାଇଲ୍ଡ କନ୍‌କ୍ଲେଭ, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୮ଟା।
- ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମହାନଦୀ ଟ୍ରିବ୍ୟୁନାଲର ଓଡ଼ିଶା ଗ୍ରସ୍ତ, ସ୍ଥାନ: ମେ ଫେୟାର ହୋଟେଲ, ସମୟ: ସକାଳ ୮ଟା ୩୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟିକ ସଂଗଠନ ପକ୍ଷରୁ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସକାଳ ୮ଟା ୪୫।
- ପକ୍ଷୀଘର ପ୍ରକାଶନୀ ପକ୍ଷରୁ ପୁସ୍ତକ ଛାଇପରି ସ୍ୱପ୍ନ ଲୋକାର୍ପଣ, ସ୍ଥାନ: ସିଦ୍ଧିମଣ୍ଡପ, କେଦାରଗୌରୀ ମନ୍ଦିର ନିକଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଇଣ୍ଟରନ୍ୟାଶନାଲ ହ୍ୱିଲ ଚେୟାର ଡେ, ସ୍ଥାନ: ରାମଲିଲା ମୈଦାନ, ଏୟାର ଫିଲ୍ଡ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଆ କଳାକାରଙ୍କ ସ୍ୱରର ତୃତୀୟ ନିର୍ବାଚନ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ମଧ୍ୟାହ୍ନ ୧୨ଟା।
- ଜନ ଚେତନା ପ୍ରତୀକ ସାହିତ୍ୟ ପତ୍ରିକା ସ୍ମୃତିଲିପିର ୩୧ ତମ ବାର୍ଷିକ ଉତ୍ସବ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୩ଟା।
- ସିଟିଜେନ୍‌ସ୍ ଫୋରମ୍ ପକ୍ଷରୁ ଏକାଦଶତମ ବାର୍ଷିକ ଉତ୍ସବ, ସ୍ଥାନ: ଗୁରୁକେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ଅପରାହ୍ନ ୫ଟା।
- ସାରସ୍ୱତ ସମାଜ ଓଡ଼ିଶା ପକ୍ଷରୁ ଆଲୋଚନାଚକ୍ର ଓ କବିତା ପାଠଚକ୍ର, ସ୍ଥାନ: ଗୋଦାବରୀଶ ସାହିତ୍ୟ ସଂସଦ ସଭାଗୃହ, ୟୁନିଟ୍ ୩, ସମୟ: ଅପରାହ୍ନ ୫ଟା।
- ଶ୍ୱେତପଦ୍ମା ସଙ୍ଗୀତାଳୟ କଲ୍‌ଚରାଲ ଟ୍ରଷ୍ଟ ପକ୍ଷରୁ ହ୍ୱିଲ୍ ଚେୟାର ଡେ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ରୁପା ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ମେଗା ମ୍ୟୁଜିକ୍ ପ୍ରୋଗ୍ରାମ୍ 'ସ୍ମୃତି ତୁମେ ପାଉଁଶ ତଳର ନିଆଁ', ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଜିଲା ପ୍ରଶାସନ ପକ୍ଷରୁ ଦହିବରା ଆଲୁଦମ୍ ଦିବସ ପାଳନ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ୟଙ୍ଗ ଆଡ୍‌ଭୋକେଟସ୍ ପ୍ରିମିୟର ଲିଗ୍ ଉଦ୍‌ଯାପନୀ ମ୍ୟାଚ୍, ସ୍ଥାନ: ବିଡ଼ାନାସୀ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଲ' କନ୍‌କ୍ଲେଭ ଉଦ୍‌ଘାଟନ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟିଭି ଇନ୍‌ଷ୍ଟିଚ୍ୟୁଟ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କିଶୋରୀଚରଣ ସ୍ମୃତି ସଂସଦ ପକ୍ଷରୁ କଥାକାର କିଶୋରୀଚରଣ ଦାସଙ୍କ ୧୦୨ତମ ଜୟନ୍ତୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।
- ଚିନ୍ମୟ ମିଶନର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ହନୁମତ୍ ମହୋତ୍ସବର ଷଷ୍ଠ ଦିବସ, ସ୍ଥାନ: ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ଭାଜପାର ପ୍ରଶିକ୍ଷଣ ଶିବିର, ସ୍ଥାନ: ଜୟୀ ରାଜଗୁରୁ ଭବନ, ଖୋର୍ଦ୍ଧା, ସମୟ: ସକାଳ ୯ଟା।
- ଆଞ୍ଚଳିକ ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ସାମୁକାପାଟଣା ଖେଳପଡ଼ିଆ (ଗେଡ଼ିଆପଲ୍ଲୀ), ସମୟ: ଅପରାହ୍ନ ୩ଟା।

## ଢେଙ୍କାନାଳ

- ବୃହତ୍ ରୁଦ୍ରଯଜ୍ଞ ଓ ନିତ୍ୟ ଦେବନୀତି, ସ୍ଥାନ: ଶରଣ ଶ୍ରୀକ୍ଷେତ୍ର, ଏକଘରିଆ, ଓଡାପଡା, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୧ଟା।
- ପୌରଧକ୍ଷାଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ସମୟ: ପୂର୍ବାହ୍ନ ୧୧ଟା।
- ଆଦିବାସୀ ମହିଳା ସଶକ୍ତୀକରଣ ଉପରେ ଆଲୋଚନାଚକ୍ର, ସ୍ଥାନ: ଭୁବନ ମହିଳା ଡିଗ୍ରୀ କଲେଜ, ସମୟ: ପୂର୍ବାହ୍ନ ୧୧ ଟା।

## ଅନୁଗୋଳ

- ଅଷ୍ଟପ୍ରହରୀ ନାମଯଜ୍ଞ, ସ୍ଥାନ: ଆଠମଲ୍ଲିକ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।
- ରମେଶ ଜେନା ସ୍ମୃତି ପରିଷଦ ପକ୍ଷରୁ ପ୍ରତିମୂର୍ତି ଉନ୍ମୋଚନ, ସ୍ଥାନ: ନାଲ୍‌କୋ କୁଲାଡ ଏଫ୍‌ସିଆଇ ଛକ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମାହେଶ୍ୱରୀ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଭୁବନେଶ୍ୱର ଓ କନ୍ଧମାଳ ମଧ୍ୟରେ ଫାଇନାଲ ମ୍ୟାଚ, ସ୍ଥାନ: ଆଠମଲ୍ଲିକ ମିନି ଷ୍ଟାଡିଅମ ଖେଳପଡିଆ, ସମୟ: ଅପରାହ୍ନ ୪ଟା।
- ବାବା ଦିବାକର ଦାସଙ୍କ ଦ୍ୱାରା ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ ମହୀଧରପୁର ହାଟଛକ, ସମୟ: ସନ୍ଧ୍ୟା ୬ଟା।

## ଜଗତ୍‌ସିଂହପୁର

- ସ୍ୱଦେଶୀ ମେଳାର ୩ୟ ସନ୍ଧ୍ୟାରେ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଲିଯାତ୍ରା ପଡିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- କେଳାପଡିଆ ମେଳଣ, ସ୍ଥାନ:ଓଲଡ଼ି, ଡେରାବିଷ, ସମୟ: ରାତି ୪ଟା।
- ବିଶାଳ ନାମଯଜ୍ଞ, ସ୍ଥାନ: ଅରଡାସାହି, ବଗଡା, କେନ୍ଦ୍ରାପଡା ଓ ବିବି କଲୋନୀ, ପେଟଛେଲା, ମହାକାଳପଡା, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର

- ବିଶ୍ୱଶାନ୍ତି ଶ୍ରୀପିତାମ୍ବରୀ ଶାକ୍ତ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ମହୋତ୍ସବ ପଡ଼ିଆ, ସମୟ: ସକାଳ ୬ଟା।
- ୭୦ତମ ବାର୍ଷିକ ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: କଲ୍ୟାଣପୁର ଦେଓ୍ୱାନସାହି, ସମୟ: ସକାଳ ୭ଟା।
- ଭୋଟକା ପଞ୍ଚାୟତ ରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବଡ ନାଳର ଭିତ୍ତିପ୍ରସ୍ତର ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ, ସମୟ: ସକାଳ ୯ ଟା।

## ନୟାଗଡ଼

- ଜାମାଲାଗି ବେଶର ୩୮ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ବାବା ବିଶ୍ୱନାଥ ମନ୍ଦିର ଓ ଶନି ମନ୍ଦିର ୨ୟ ଦିବସ, ସ୍ଥାନ:ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ, ସମୟ:ସକାଳ ୮ଟା ।

## ରାୟଗଡ଼ା

- ବିଦ୍ୟାଳୟରେ ବିଜ୍ଞାନ ମେଳା, ସ୍ଥାନ: ଗୁଣପୁର ମହାତ୍ମାଗାନ୍ଧୀ ଘରୋଇ ବିଦ୍ୟାଳୟ, ସମୟ: ସକାଳ ୯ଟା।

## ନବରଙ୍ଗପୁର

- ଜିଲାସ୍ତରୀୟ ହ୍ୟୁମାନ୍ ପାପିଲୋମା ଭାଇରସ୍ ଟିକାକରଣ ଅଭିଯାନ ଶୁଭାରମ୍ଭ, ସ୍ଥାନ: ନବରଙ୍ଗପୁରସ୍ଥିତ ୟୁପିଏସ୍‌ସି, ସମୟ: ପୂର୍ବାହ୍ନ ୧୧ଟା।
- ଅବସରକାଳୀନ ସମ୍ବର୍ଦ୍ଧନ ସଭା, ସ୍ଥାନ: ଉମରକୋଟ ଏସ୍‌ଟି ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବନାଗ୍ନି ପ୍ରତିକାର ନେଇ ଆଲୋଚନା ଚକ୍ର, ସ୍ଥାନ: କୋରାପୁଟ ଡିଏଫ୍‌ଓ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ମାଲକାନଗିରି

- ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଭେଙ୍କଟପାଲମ ଆଶ୍ରମ ବିଦ୍ୟାଳୟ, କାଳିମେଳା, ସମୟ: ପୂର୍ବାହ୍ନ ୧୧ଟା।
- ଇକୋ କ୍ଲବ୍ ଉତ୍ସବ, ସ୍ଥାନ: ଯବାନପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କାଳିମେଳା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।

## ବଲାଙ୍ଗୀର

- ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବ ଆଶ୍ରମରେ ଏକାଦଶ ବାର୍ଷିକ ଉତ୍ସବ ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ପଣ୍ଡରାଣୀ,ଲୋଇସିଂହା ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।

## ରାଉରକେଲା

- ବାସୁଦେବପୁର ଜନକଲ୍ୟାଣ ପରିଷଦ, ରାଉରକେଲାର ରୌପ୍ୟ ଜୟନ୍ତୀ, ସ୍ଥାନ:ସେକ୍ଟର-୭ ମଧୁମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ବେନିଆଚାଲ, ବିଜେପୁର,ସମୟ: ସକାଳ ୮ଟା।
- ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ,ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ଗାଇସିଲେଟ, ସମୟ: ସକାଳ ୮ଟା।
- ପାର୍ବତୀ ଗିରି ମହିଳା କଲେଜର ବାର୍ଷିକ ଉତ୍ସବ ମୂର୍ଚ୍ଛନା, ସ୍ଥାନ: ମହିଳା କଲେଜ ପରିସର, ବରଗଡ଼,ସମୟ:ପୂର୍ବାହ୍ନ ୧୦ଟା।

# ଇମୋଶନାଲ ୟାମି

**ମୁମ୍ବାଇ:** ଅଭିନେତା ରଣବୀର ସିଂ ଷ୍ଟାରର୍ ଫିଲ୍ମ 'ଧୂରନ୍ଧର' ବକ୍ସ ଅଫିସରେ ଧମାକା କରିଥିଲା। ସାରା ବିଶ୍ୱରେ ୧୩ ବିଲିୟନରୁ ଅଧିକ ଟଙ୍କା ଆୟ କରିଥିଲା। ଏବେ ଫିଲ୍ମର ସିକ୍ୱେଲର ପାଳି ଆସିଛି। 'ଧୂରନ୍ଧର-୨' ମାର୍ଚ୍ଚ ୧୯ରେ ମୁକ୍ତିଲାଭ କରିବ। ଏହି ଫିଲ୍ମଟି ୟଶ୍‌ଙ୍କ 'ଟକ୍ସିକ'କୁ ଟକ୍କର ଦେବ। ଫିଲ୍ମକୁ ନେଇ ବହୁତ ଚର୍ଚ୍ଚା ହେଉଛି, କିନ୍ତୁ ଟ୍ରେଲରକୁ ଏପର୍ଯ୍ୟନ୍ତ ଅପେକ୍ଷା କରାଯାଇଛି। ଅଭିନେତ୍ରୀ ୟାମି ଗୌତମ ଫିଲ୍ମର ପ୍ରଥମ ସମୀକ୍ଷା ଦେଇସାରିଛନ୍ତି। ନିର୍ଦ୍ଦେଶକ ଆଦିତ୍ୟ ଧର୍ ତାଙ୍କ ସ୍ତ୍ରୀ ୟାମିଙ୍କୁ ଫିଲ୍ମଟି ଦେଖାଇଛନ୍ତି। ସେ ଫିଲ୍ମ ଦେଖି ଇମୋଶନାଲ୍ ହୋଇପଡ଼ିଛନ୍ତି। ୟାମି କହିଛନ୍ତି, ମୁଁ ଧୂରନ୍ଧର ୨ ଦେଖିସାରିଛି। ଏହା ଆଶ୍ଚର୍ଯ୍ୟଜନକ। ମୁଁ ଭାବପ୍ରବଣ ହୋଇଯାଇଥିଲି। ମୋତେ ସେହି ଦିନ ବିମାନରେ ଯାତ୍ରା କରିବାର ଥିଲା। ମୁଁ କେବଳ ଭାବୁଥିଲି, ମୁଁ ଆଦିତ୍ୟଙ୍କୁ କ'ଣ କହିବି? ଆଦିତ୍ୟ ଏହି ଫିଲ୍ମ ତିଆରି କରିବାରେ ତାଙ୍କର ସମ୍ପୂର୍ଣ୍ଣ ହୃଦୟ ଲଗାଇଥିଲେ। ମୋର ଆଶା ଧୂରନ୍ଧର-୨କୁ ନେଇ ପ୍ରତ୍ୟେକ ଭାରତୀୟ ଗର୍ବ କରିବେ।



ୟାମି ଗୌତମ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁକୁମାରୀ ରଜା ଦୁହିତା**
**କେମନ୍ତେ ବରିବେ ଯୋଗୀ ଘଇତା?**

ଯୋଗୀ ଘରେ ସବୁବେଳେ ଅଭାବ। ଗାଁରୁ ଗାଁକୁ ବୁଲି ଭିକ ମାଗି ଆଣିଲେ ଘର ଚଳେ ନ ହେଲେ ନାହିଁ। ଏପରିସ୍ଥଳେ ଅତି ଅଲିଅଳରେ ବଢ଼ି ଆସିଥିବା ଝିଅ ଯିଏ କି ଦୁଃଖ କଷ୍ଟ କିଛି ଜାଣି ନ ଥାଏ, ସେ ଯଦି ଅତି ଦୁଃଖ କଷ୍ଟରେ ଚଳୁଥିବା ଘରକୁ ଯାଏ ତା' ହେଲେ ସେଠି ସେ କିପରି ଚଳିବ ସେନେଇ ଚିନ୍ତା, ବ୍ୟସ୍ତତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଗନ ଗଛର ମୁଣ୍ଡି ହଳଦୀ ଲୋ**
**ଝିଙ୍କର ଗଛର ଛାଇ**
**ଆଡ଼ ହୋଇଯାଅ ଟୋକା ଦିଅର**
**ମୁଁ ଯିବି ଚାଉଳ ଧୋଇ।**

ନୂଆ କରି ଶାଶୁଘରେ ପାଦ ଦେଇଥିବା ବୋହୂ ମନରେ ଲାଜ ଓ ସଙ୍କୋଚ ଭାବ ରହିଥାଏ। ଘରର ପୁରୁଷ ସଦସ୍ୟଙ୍କ ଆଗରେ ସେ ନିଜକୁ ଅସହଜ ମନେକରିଥାଏ। ଏପରିସ୍ଥଳେ ଚାଉଳ ଧୋଇବା ପାଇଁ ଯାଉଥିବା ବୋହୂଟି ବୟସ୍କ ଦିଅରକୁ ଆଡ଼ ହୋଇଯିବା ନେଇ ଅନୁରୋଧ କରିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ରାଜ୍ୟ ସଭା...

ଯେପର୍ଯ୍ୟନ୍ତ ଭାଜପା ପକ୍ଷରୁ ପ୍ରାର୍ଥୀ ଘୋଷଣା ହୋଇନାହିଁ, ସେତେବେଳ ପର୍ଯ୍ୟନ୍ତ ଅନେକ ଦିଗ ବିଷୟରେ ଆକଳନ କରିବା କଷ୍ଟକର। ଯଦି ନବୀନଙ୍କ ପ୍ରସ୍ତାବରେ ଭାଜପା ମଧ୍ୟ କଂଗ୍ରେସ ଭଳି ସମର୍ଥନ ଦେଇଦେବ, ତେବେ ଏହା ରାଜ୍ୟ ନୁହେଁ, ଦେଶର ଏକ ବିରଳ ରାଜନୈତିକ ଘଟଣାକ୍ରମ ମଧ୍ୟରେ ସ୍ଥାନ ପାଇବ। କାରଣ କମନ୍ ପ୍ରାର୍ଥୀ ନାଁରେ ନବୀନ ଏଠାରେ ବିଜେଡି ଏବଂ ଭାଜପାକୁ ଏକାଠି ହେବାର ପ୍ରସ୍ତାବ ଦେଇଛନ୍ତି। ଏଠାରେ ଆଉ ଗୋଟିଏ କଥା ଉଲ୍ଲେଖ କରାଯାଇପାରେ, ଭକ୍ତ ଦାସ ରାଜ୍ୟ ସଭା ନିର୍ବାଚନ ନେଇ ହାଇକମାଣ୍ଡଙ୍କ ସହ ଆଲୋଚନାକରି ଜଣାଇବେ ବୋଲି ଶୁକ୍ରବାର ଗଣମାଧ୍ୟମକୁ କହିଥିଲେ। ଏହି ଅବସରରେ ସେ ଆହୁରି କହିଥିଲେ, ରାଜ୍ୟ ସଭା ବାବଦରେ ଆଲୋଚନା କରିବା ପାଇଁ ନବୀନଙ୍କୁ ଦେଖାହେବାକୁ ସମୟ ମାଗିଛନ୍ତି, ହେଲେ ତାଙ୍କୁ ଏ ବାବଦରେ କିଛି ଉତ୍ତର ମିଳିନାହିଁ। ମାତ୍ର ନବୀନ ଶନିବାର ପ୍ରାର୍ଥୀ ଘୋଷଣା କରିବା ପରେ ଭକ୍ତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସମୟରେ କହିଛନ୍ତି, ଗତ ସୋମବାର କୁଆଡ଼େ ସେ ନବୀନଙ୍କ ସହ ସାକ୍ଷାତ କରିଛନ୍ତି। ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି, ରାଜ୍ୟର କଂଗ୍ରେସ ମୁଖିଆ ଭାବେ ଭକ୍ତ ଏଭଳି ୨ ପ୍ରକାର କଥା କହିବା ପରେ ଏହାକୁ ଗୋଟିଏ ବଡ଼ ରାଜନୈତିକ ଗୋଟିଚାଳନା ବୋଲି ଧରାଯିବ ନାହିଁ। ସେହିପରି ନବୀନଙ୍କ କମନ୍ ପ୍ରାର୍ଥୀ କଥାକୁ ମଧ୍ୟ ଭକ୍ତ ସିଧାସଳଖ ଚ୍ୟାଲେଞ୍ଜ କରିଛନ୍ତି। ସେ କହିଛନ୍ତି, ଯଦି ମିଳିତ ଭାବେ ୨ ଦଳ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିଲେ, ତେବେ ତାକୁ କମନ୍ ପ୍ରାର୍ଥୀ ବୋଲି କୁହାଯାଇଥାଆନ୍ତା। ଅର୍ଥାତ୍ ଭକ୍ତଙ୍କ ଭାଷାରେ ଦତ୍ତେଶ୍ୱର କମନ୍ ପ୍ରାର୍ଥୀ ନୁହନ୍ତି। ତେବେ ଏଠାରେ ଗୋଟିଏ କଥା ବୁଝିନେବାକୁ ହେବ, ବିଜେଡି ପ୍ରାର୍ଥୀଙ୍କୁ କଂଗ୍ରେସ ଭୋଟ ଦେବ ବୋଲି ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଛି। ବିଶେଷ ସୂତ୍ରରୁ ମିଳିଥିବା ଖବର ମୁତାବକ, ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ କଂଗ୍ରେସ ଏମ୍‌ପି କେ.ସି. ବେଣୁଗୋପାଳ କୁଆଡ଼େ ନିକଟରେ ରାଜ୍ୟ ସଭା ନିର୍ବାଚନ ନେଇ ନବୀନଙ୍କ ସହ କଥା ହେବାପରେ ଏଭଳି ନିଷ୍ପତ୍ତି ହୋଇଛି।

ରାଜ୍ୟ ସଭା ନିର୍ବାଚନ ନେଇ ଆଉ ଗୋଟିଏ କଥା ଏଠାରେ ସୂଚାଇ ଦିଆଯାଇପାରେ, ଓଡ଼ିଶାରେ ଭାଜପା ସରକାର ଆସିବା ପରେ ତାଙ୍କ ଦଳର ଥିବା ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ଜଣେ କ୍ଷମତାଶାଳୀ ନେତା ଭାବେ ଖୁବ୍ ପରିଚିତ। ଶାସକ ଦଳ ପକ୍ଷରୁ ନିକଟରେ ତୋମାର ୨ଟି କଥା ଉଲ୍ଲେଖ କରିଥିଲେ। ଗୁରୁବାର ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ସେଦିନ ରାତି କିମ୍ବା ଶୁକ୍ରବାର ସୁଦ୍ଧା ତାଙ୍କ ଦଳର ପ୍ରାର୍ଥୀ ଘୋଷଣା ହେବ। ଏହାର କିଛିଦିନ ତଳେ ତୋମାର ଏବଂ ରାଜ୍ୟର ବରିଷ୍ଠ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, ଭାଜପା ୪ରୁ ୩ଟି ଆସନରେ ନିଶ୍ଚିତ ବିଜୟୀ ହେବ। ଏନେଇ ତାଙ୍କ ଦଳର ସବୁ ପ୍ରକାର ରଣନୀତି ସ୍ଥିର ହେଇସାରିଛି। ଜଣେ ବରିଷ୍ଠ ମନ୍ତ୍ରୀ ଏବଂ ଶାସକ ଦଳର ପ୍ରଭାରୀ ନିଜ କଥାକୁ କେବେହେଲେ ରାଜ୍ୟବାସୀଙ୍କ ଆଗରେ ଭୁଲ୍ ପ୍ରମାଣିତ ହେବାକୁ ଦେଇ ନ ପାରନ୍ତି। ଅର୍ଥାତ୍ ଭାଜପା ନେତାମାନେ ଯେଉଁ ଦୃଢ଼ୋକ୍ତି ଦେଖାଇ ଗଣମାଧ୍ୟମରେ କହିଛନ୍ତି, ସେହି ବିବୃତିର ଯଦି ମର୍ଯ୍ୟାଦା ରଖିବେ ତା'ହେଲେ ଭାଜପା ୩ୟ ପ୍ରାର୍ଥୀ ନିଶ୍ଚିତ ଦେବବୋଲି ଅନୁମାନ କରିହେବ । ହେଲେ ବିଧାନସଭାର ସଂଖ୍ୟା ଯାହା କହୁଛି, କଂଗ୍ରେସ ଯଦି ବିଜେଡିର ୪ର୍ଥ ପ୍ରାର୍ଥୀକୁ ସମର୍ଥନ ଦିଏ ତା'ହେଲେ ସଂଖ୍ୟାଦୃଷ୍ଟିରୁ ଶାସକ ଦଳଠାରୁ ଆଗରେ ରହିବ। ଏଣେ ଭାଜପା ଯଦି ପ୍ରାର୍ଥୀ ଦିଏ, ତା'ହେଲେ ଉଭୟ ବିଜେଡି ଏବଂ କଂଗ୍ରେସ ବିଧାୟକମାନଙ୍କୁ ତାଙ୍କ ଦଳର ନେତୃତ୍ୱ ନିର୍ବାଚନ ଶେଷ ପର୍ଯ୍ୟନ୍ତ କେମିତି ଏକାଠି ନେଉଛନ୍ତି ତାକୁ ଦେଖିବା ପାଇଁ ସମସ୍ତଙ୍କ ଅପେକ୍ଷା ରହିବ।

ସୂଚନାଯୋଗ୍ୟ, ବିଧାନସଭାରେ ଭାଜପାର ୭୯ ବିଧାୟକ ଏବଂ ୩ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ରହିଛି। ଅର୍ଥାତ୍ ଶାସକ ଭାଜପା ପାଖରେ ସଂଖ୍ୟା ୮୨ ଅଛି। ବିଜେଡି ପାଖରେ ୪୮, କଂଗ୍ରେସର ୧୪ ଏବଂ ଜଣେ ସିପିଆଇ(ଏମ୍) ବିଧାୟକ ଅଛନ୍ତି। ୨ ଜଣ ବିଧାୟକ ସନାତନ ମହାକୁଡ଼ ଏବଂ ଅରବିନ୍ଦ ମହାପାତ୍ରଙ୍କୁ ବିଜେଡିରୁ ନିଲମ୍ବନ କରିବା ପରେ ସେମାନେ ସ୍ୱାଧୀନ ସଦସ୍ୟ ଭାବେ ବିଧାନସଭାରେ ଅଛନ୍ତି। ଜଣେ ରାଜ୍ୟ ସଭା ପ୍ରାର୍ଥୀ ନିର୍ବାଚିତ ହେବା ଲାଗି ଅଙ୍କ ଦୃଷ୍ଟିରୁ ୩୦ ଖଣ୍ଡ ଭୋଟ ପାଇବା ଦରକାର। ସଂଖ୍ୟା ଦେଖିଲେ ୨ଟି ଆସନରେ ଭାଜପା ଏବଂ ଗୋଟିଏ ଆସନରେ ବିଜେଡି ନିଶ୍ଚିତ ବିଜୟୀ ହୋଇଯିବ। ୪ର୍ଥ ଆସନ ଲାଗି ଭାଜପା ପାଖରେ ୨୨, ବିଜେଡି ପାଖରେ ୧୮ ଏବଂ କଂଗ୍ରେସ ଓ ସିପିଆଇ(ଏମ୍) ପାଖରେ ୧୫ ଭୋଟ ରହିବ। ବିଜେଡି ଏବଂ କଂଗ୍ରେସ ଓ ସିପିଆଇ(ଏମ୍) ଏକାଠି ହେଲେ ସେମାନଙ୍କ ସଂଖ୍ୟା ୩୩ରେ ପହଞ୍ଚିବ। ଭାଜପାର ୩ୟ ପ୍ରାର୍ଥୀ ସମ୍ପର୍କିତ ନିଷ୍ପତ୍ତି ବହୁତ କିଛି ସ୍ପଷ୍ଟ କରିବ।

## ଯୁଦ୍ଧ: ଇରାନ୍‌ରେ...

ଦେଶବ୍ୟାପୀ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସରକାରଙ୍କ ନିର୍ଦ୍ଦେଶକ୍ରମେ ନିଆଯାଇଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ୭ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ଟ୍ରମ୍ପ ଏହାକୁ ଏକ ସୁଯୋଗ ଭାବେ ଧରିନେଇଥିଲେ। ସେବେଠୁ ଟ୍ରମ୍ପ ଇରାନ୍‌କୁ ବହୁବାର ଚେତାବନୀ ଦେଇଆସିଥିଲେ। ଜେନେଭାରେ ଆମେରିକା-ଇରାନ୍ ଆଣବିକ ଆଲୋଚନା ଜାରି ରହିଥିବାବେଳେ ଶନିବାର ପୁଣି ଯୁଦ୍ଧ ଆରମ୍ଭ ହୋଇଛି। ଇସ୍ରାଏଲ୍ ଓ ଆମେରିକା ପକ୍ଷରୁ ଇରାନ୍ ଉପରେ ଅତର୍କିତ ଆକ୍ରମଣ କରାଯାଇଛି। ତେହେରାନ୍‌ରେ ଥିବା ୮୬ ବର୍ଷୀୟ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ଅଫିସ ସମେତ ଓ ଅନ୍ୟ ସହରଗୁଡ଼ିକରେ ମିଳିତ ଭାବେ ଆକ୍ରମଣ କରାଯାଇଛି। ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ୍ ସୋସିଆଲରେ ଏହାର ଭିଡିଓ ଜାରି କରି କହିଛନ୍ତି, ଆମ କାର୍ଯ୍ୟ ଶେଷ ହେଲେ ତୁମ ସରକାରକୁ କବ୍‌ଜା କରିବୁ। ସମ୍ଭବତଃ ଇରାନ୍‌ର ଅନେକ ପିଢ଼ି ପାଇଁ ଏହା ଏକମାତ୍ର ସୁଯୋଗ। ଇରାନ୍‌ବାସୀ ଆମେରିକାକୁ ବହୁବର୍ଷ ଧରି ସାହାଯ୍ୟ ମାଗିଛନ୍ତି। କିନ୍ତୁ ସେହି ସାହାଯ୍ୟ ପାଇ ନ ଥିଲେ। ତେଣୁ ବର୍ତ୍ତମାନ ହିଁ ଉପଯୁକ୍ତ ସୁଯୋଗ। ଇରାନ୍ ଶାସକ ଆଣବିକ କାର୍ଯ୍ୟକ୍ରମ ତ୍ୟାଗ କରିବା ପାଇଁ ଦିଆଯାଇଥିବା ସବୁ ସୁଯୋଗକୁ ହାତଛଡ଼ା କରିଛନ୍ତି। ଇରାନୀୟ ସେନା ଅସ୍ତ୍ରତ୍ୟାଗ କରୁ। ଯେଉଁମାନେ ଆତ୍ମସମର୍ପଣ କରିବେ, ସେମାନଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ହେବନାହିଁ। ଯିଏ ଲଢ଼େଇ କରିବାକୁ ଆସିବେ ମୃତ୍ୟୁ ସୁନିଶ୍ଚିତ ବୋଲି ଟ୍ରମ୍ପ ପୁଣି ଚେତାବନୀ ଦେଇଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଟ୍ରମ୍ପଙ୍କ ଆହ୍ୱାନକୁ ସମର୍ଥନ କରି କହିଛନ୍ତି, ଆମର ମିଳିତ ଅପରେଶନ୍ ବୀର ଇରାନୀୟ ଜନସାଧାରଣଙ୍କ ପାଇଁ ଏପରି ସ୍ଥିତି ଉପୁଜାଇବ ଯେ ସେମାନେ ନିଜ ଭାଗ୍ୟ ନିଜେ ନିର୍ଣ୍ଣୟ କରିବାର ସ୍ୱାଧୀନତା ହାସଲ କରିବେ। ଏହି ଏୟାର ଷ୍ଟ୍ରାଇକ୍ ଇରାନ୍‌ରେ ୮ ମାସ ମଧ୍ୟରେ ଆମେରିକା ହସ୍ତକ୍ଷେପର ନୂଆ ଅଧ୍ୟାୟକୁ ଉନ୍ମୁକ୍ତ କରିବା ସହ ଟ୍ରମ୍ପ ପ୍ରଶାସନର ଦୃଢ଼ତାକୁ ଦର୍ଶାଉଛି। ତାହା ପୁଣି ଏପରି ସମୟରେ, ଯାହା ପୂର୍ବରୁ ଟ୍ରମ୍ପ ସାମରିକ ଅପରେଶନ୍ ଜରିଆରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ୍ ମଦୁରୋଙ୍କୁ ଷଡ଼ଯନ୍ତ୍ର ଅଭିଯୋଗରେ ଗାଦିଚ୍ୟୁତ କରି ସସ୍ତ୍ରୀକ ନ୍ୟୁୟର୍କକୁ ନେଇଆସିଥିଲେ। ଟ୍ରମ୍ପ ଭେନେଜୁଏଲା ଅପରେଶନ୍ ପରେ ବସିଯାଇ ନ ଥିଲେ। ଇରାନ୍‌ରେ ଦେଶବ୍ୟାପୀ ଖାମେନେଇ ବିରୋଧୀ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ସେ ଇରାନୀୟମାନଙ୍କୁ ଉସୁକାଇ ଚାଲିଥିଲେ। ଏପରି କି ଇରାନ୍‌ବାସୀଙ୍କୁ ଆମେରିକା ସହାୟତାର ହାତ ବଢ଼ାଇଥିବା ସେ କହିଥିଲେ। ଆମେରିକା ଓ ଇସ୍ରାଏଲ୍‌ର ସଦ୍ୟ ଆକ୍ରମଣ ପରେ ଇରାନ୍ ପ୍ରଥମେ ଇସ୍ରାଏଲ୍‌କୁ ଅନେକ ମିଶାଇଲ୍ ଏବଂ ଡ୍ରୋନ୍ ଛାଡ଼ିଛି। ଏହା ପରେ ଇରାନ୍‌ର ରିଭୋଲ୍ୟୁଶନାରି ଗାର୍ଡ କର (ଆଇଆର୍‌ଜିସି) ପକ୍ଷରୁ ବାହାରିନ୍, କୁଏଟ୍, କାତାରରେ ଥିବା ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଆକ୍ରମଣ କରାଯାଇଛି। ଯୁଦ୍ଧ ଘନଘଟା ଭିତରେ ୟୁଏଇ ଏବଂ ଇରାକ୍ ନିଜ ନିଜ ବାୟୁସୀମାକୁ ବନ୍ଦ କରିଦେଇଛନ୍ତି। ଇରାନ୍ ବହିର୍ବ୍ୟାପାର ମନ୍ତ୍ରଣାଳୟ Xରେ ଟାଣପଣ ଦେଖାଇ ଏକ ବିବୃତିରେ କହିଛି, ଜବାବ ଦେବାକୁ ଆମେ ପଛଘୁଞ୍ଚା ଦେବୁ ନାହିଁ। ଶତ୍ରୁଙ୍କ ସାମରିକ ଆକ୍ରମଣର ମୁକାବିଲା ପାଇଁ ପ୍ରତିରକ୍ଷା ଓ ପ୍ରତିରୋଧର ସମୟ ଉପନୀତ। ଇସ୍ରାଏଲ୍-ଆମେରିକା ଆକ୍ରମଣରେ ଇରାନ୍‌ର ହୋର୍ମୋଜଗାନ୍ ପ୍ରଦେଶର ମିନାବ୍‌ସ୍ଥିତ ଏକ ସ୍କୁଲରେ ୫୩ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଦେଶବ୍ୟାପୀ ୨୦୦ରୁ ଅଧିକ ଇରାନୀୟ ପ୍ରାଣ ହରାଇଥିବା ରେଡ୍‌କ୍ରସ୍ ସୂତ୍ରରୁ ଇରାନର ସରକାରୀ ଟିଭି ଚ୍ୟାନେଲ ରିପୋର୍ଟ କରିଛି। ଅନେକେ ଆହତ ହୋଇଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ସେପଟେ ଇରାନ୍‌ର ମିଶାଇଲ୍ ଆକ୍ରମଣରେ ୟୁଏଇ ରାଜଧାନୀ ଆବୁଧାବିରେ ଜଣେ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଛି। ଖାମେନେଇଙ୍କ ଝିଅ ଓ ବୋହୂ, ଇରାନ ପ୍ରତିରକ୍ଷାମନ୍ତ୍ରୀଙ୍କ ସମେତ ଆଇଆର୍‌ଜିସି କମାଣ୍ଡର ମହମ୍ମଦ ପାକ୍‌ପୋର ନିହତ ହୋଇଛନ୍ତି। ଇତିମଧ୍ୟରେ ଇରାନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ଭାରତୀୟମାନଙ୍କୁ ଘର ଭିତରେ ସତର୍କ ହୋଇ ରହିବାକୁ ଏକ ଆଡ୍‌ଭାଇଜରି ଜାରି କରାଯାଇଛି। ତେଲ୍ ଆଭିଭ୍ ସମେତ ପଶ୍ଚିମ ଏସୀୟ ରାଷ୍ଟ୍ରର ଗୁରୁତ୍ୱପୂର୍ଣ୍ଣ ଏୟାରପୋର୍ଟଗୁଡ଼ିକୁ ଭାରତୀୟ ବିମାନ ଚଳାଚଳ ବନ୍ଦ କରାଯାଇଛି। ସାଉଦି ଆରବ, ୟୁଏଇ ଓ ଜୋର୍ଡାନ୍‌ରେ ଥିବା ଭାରତୀୟଙ୍କ ଉଦ୍ଦେଶ୍ୟରେ ମଧ୍ୟ ନୂଆଦିଲ୍ଲୀ ଅନୁରୂପ ନିର୍ଦ୍ଦେଶନାମା ଜାରି କରିଛି। ଆମେରିକା-ଇସ୍ରାଏଲ୍‌ର ଇରାନ୍ ଆକ୍ରମଣକୁ ରୁଷିଆ ନିନ୍ଦା କରିଛି। ଏକ ସାର୍ବଭୌମ ତଥା ଜାତିସଂଘ ସଦସ୍ୟ ରାଷ୍ଟ୍ର ଉପର ଏହି ପ୍ରାୟୋଜିତ ଆକ୍ରମଣ ଚରମ ଉତ୍ତେଜନା ବୃଦ୍ଧି କରିବ। ତେଣୁ ଆକ୍ରମଣ ବନ୍ଦ କରିବାକୁ ମସ୍କୋ ପରାମର୍ଶ ଦେଇଛି। ମଧ୍ୟପ୍ରାଚ୍ୟରେ ଥିବା ୟୁରୋପୀୟମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିବାରେ ଲାଗିଥିବାରୁ ୟୁରୋପୀୟ ଦେଶଗୁଡ଼ିକ ମଧ୍ୟ ଜରୁରୀ ବୈଠକ ଡାକିବାକୁ ପରାମର୍ଶ ଦେଇଛନ୍ତି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ସୁରକ୍ଷା ପରିଷଦ ବୈଠକରେ ଚିନ୍ତାବ୍ୟକ୍ତ କରିଛନ୍ତି। ମଧ୍ୟପ୍ରାଚ୍ୟରେ ଅଧିକ ଯୁଦ୍ଧ ଏଡ଼ାଇବା ପାଇଁ ସବୁ ପକ୍ଷ ସଂଯମ ହୁଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଚ୍ୟାଲେଞ୍ଜ କରି...

ଦସ୍ତଖତ କରିବାକୁ ମନା କରିଥିଲେ। ବିଧାୟକ ଜଣକ କହିଥିଲେ, ଯେପର୍ଯ୍ୟନ୍ତ ଦଳର ପ୍ରାର୍ଥୀ କିଏ ହେବେ ନ ଜଣାପଡ଼ିଛି ସେଯାଏ ଦସ୍ତଖତ କରିବେ ନାହିଁ। ଏହାପରେ ଦଳର ସଭାପତି ନବୀନ ପଟ୍ଟନାୟକ ବିଧାୟକମାନଙ୍କ ପାଖରେ ପହଞ୍ଚି କହିଥିଲେ, କିଛି ସର୍‌ପ୍ରାଇଜ ନାହିଁ, ସଂତୃପ୍ତ ମିଶ୍ର ଏବଂ ଡାକ୍ତର ଦତ୍ତେଶ୍ୱର ହୋତା ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହେବେ। ସଂତୃପ୍ତଙ୍କ ନାଁ ଘୋଷଣା କରିବା ପରେ ନବୀନ ନିବାସରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ଆକ୍ରୋଶ ଦେଖିବାକୁ ମିଳିଥିଲା। ପ୍ରଭାତ ସିଧାସଳଖ ନବୀନଙ୍କୁ ପ୍ରଶ୍ନ କରିଥିଲେ, ଦଳରେ ବହୁଜଣ ଦୀର୍ଘବର୍ଷ ଧରି ପଡ଼ି ରହି କାମ କରୁଛନ୍ତି। ସେମିତି ନେତାଙ୍କୁ ସୁଯୋଗ ଦେବା ପରିବର୍ତ୍ତେ ଜଣେ ବ୍ୟବସାୟୀ, ଯିଏ କିଛିଦିନ ହେଲା ଦଳକୁ ଆସିଛନ୍ତି ତାଙ୍କୁ କାହିଁକି ଟିକେଟ ମିଳିଲା। ସେ ୪୦ କୋଟି ଟଙ୍କା ଦେଇ ଆସିଥିଲେ ୮୮୦ କୋଟି ନେଇ ଯେମିତି ଯିବେ ତା'ର ବାଟ ତିଆରି କରିଦିଆଗଲା। ଏହାପରେ ପ୍ରଭାତ ଗଣମାଧ୍ୟମ ଆଗକୁ ଆସି ମଧ୍ୟ ସଂତୃପ୍ତଙ୍କ ପ୍ରାର୍ଥିତ୍ୱ ବିରୋଧରେ ବିଷୋଦ୍‌ଗାର କରିଥିଲେ। ଶେଷରେ ସନ୍ଧ୍ୟାରେ ବିଶୃଙ୍ଖଳା ଏବଂ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ପ୍ରଭାତଙ୍କୁ ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ବହିଷ୍କାର କରାଯାଇଛି।

ଦଳରୁ ବହିଷ୍କାର ହେବାପରେ ନବୀନ ନିବାସରୁ ବାହାରି ଗଣମାଧ୍ୟମକୁ ପ୍ରଭାତ କହିଛନ୍ତି, ବିଜେଡି ପାଇଁ ବହୁ ପରିଶ୍ରମ ହୋଇଛି। ବିଜେଡିର ଆକାଉଣ୍ଟ ବାହାର ରାଜ୍ୟରେ ଖୋଲିବା ଗ୍ରହଣୀୟ ନୁହେଁ। ଦଳର ଅଜାଣତରେ ବାହାର ରାଜ୍ୟରେ ଆକାଉଣ୍ଟ ଖୋଲିଲେ ବରଦାସ୍ତ କରାଯିବ ନାହିଁ। ସେଥିଲାଗି ସେ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ଯେଉଁମାନେ ତାଙ୍କୁ ଦଳରୁ ବହିଷ୍କାର କରିଛନ୍ତି, ସେମାନେ ବିଜେଡି ପାଇଁ ରାତି ଅନିଦ୍ରା ହୋଇନାହାନ୍ତି। ରାତି ଅନିଦ୍ରାହୋଇ କଷ୍ଟ ପାଇଛନ୍ତି ବୋଲି ନବୀନ ନିବାସ ଯାଇଥିଲେ। ବିଜେଡିର ୧୮୮ କୋଟି ଟଙ୍କା ଅଛି। ଦଳର ଯେଉଁ ଆହୁରି ୮୦୦ କୋଟି ଟଙ୍କା ଅଛି ସେଥିରେ ତାଙ୍କର ମଧ୍ୟ ଭାଗ ରହିଛି। ସମୟ ଆସିଗଲା, ସତ୍ୟ ପ୍ରକାଶିତ ହେବ ବୋଲି ପ୍ରଭାତ କହିଛନ୍ତି।

ଏବେ ଶୁଣିବାକୁ ମିଳୁଛି, ଗତ ୨୬ ତାରିଖରେ ଭାରତୀୟ ବିଜ୍ଞାନ ବିକାଶ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ତଥା ବ୍ୟବସାୟୀ ତିରୁପତି ପାଣିଗ୍ରାହୀଙ୍କ ଶହୀଦନଗର କାର୍ଯ୍ୟାଳୟ, ହାଇଟେକ୍ ମେଡିକାଲ କଲେଜ ସମେତ ୫ଟି ସ୍ଥାନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, ତିରୁପତିଙ୍କ ପୁଅ ରୂପେଶ କୁମାର ପାଣିଗ୍ରାହୀ ଏବେ ବିଜେଡିରୁ ବିଧାୟକ ଅଛନ୍ତି। ସେହିପରି ଆହୁରି ମଧ୍ୟ ଶୁଣିବାକୁ ମିଳୁଛି, ପ୍ରଭାତଙ୍କ ନାଁରେ ଆଗରୁ ସିବିଆଇରେ ରହିଥିବା ମାମଲାକୁ କୁଆଡ଼େ ଜୀବନ୍ତ କରିବାକୁ ଚେଷ୍ଟା କରାଯାଉଛି। ପ୍ରଭାତଙ୍କ ପୁଅ ସୌଭିକ୍ ବିଶ୍ୱାଳ ମଧ୍ୟ ଏବେ ବିଧାୟକ ଅଛନ୍ତି। ରାଜନୈତିକ ମହଲରେ ଆଲୋଚନା, ଏଭଳି ଢଙ୍ଗରେ ବିଜେଡିର କିଛି ଭୋଟ ରାଜ୍ୟ ସଭା ପାଇଁ କୁଆଡ଼େ ଯୋଗାଡ଼ କରାଯାଉଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ର ଚତୁର୍ଥ କେନ୍ଦ୍ରସ୍ଥ ହେତୁ ପରିବାର ଓ କର୍ମକ୍ଷେତ୍ରର ସ୍ଥିତି ଆନନ୍ଦଦାୟକ ରହିବ। ବିବାଦୀୟ ପରିସ୍ଥିତିରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇନେବେ। ଆତ୍ମୀୟ ସୁବିଧାବାଦୀ ଭଳି କାମ କଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡ଼ିବ ନାହିଁ। ସମାଜ କଲ୍ୟାଣ କିମ୍ବା ଧର୍ମାନୁଷ୍ଠାନ ଦିଗରେ ଆଗ୍ରହ ପ୍ରକାଶ କରିପାରନ୍ତି।

**ବୃଷ** କର୍ମଭାବସ୍ଥ ଏକାଧିକ ଗ୍ରହଜନିତ ହାତକୁ ନେଇଥିବା କାମ ସମ୍ପୂର୍ଣ୍ଣ କଷ୍ଟକର ହେବ। ସନ୍ତାନଙ୍କ ଶିକ୍ଷା, ପରୀକ୍ଷାରେ ଆଶାନୁରୂପ ଫଳ ଲାଭର କ୍ଷୀଣ ଆଶା ଚିନ୍ତାକରି ବ୍ୟଥିତ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ସହିତ ବନ୍ଧୁଙ୍କ ଆଲୋଚନା କେତେକାଂଶରେ ଭଲ ରହିବ।

**ମିଥୁନ** କେନ୍ଦ୍ରାଧିପତି ବୃହସ୍ପତି ରାଶିରେ ଅବସ୍ଥାନ କରି ପାରିବାରିକ ଓ କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଉପରିସ୍ଥ ଅଧିକାରୀଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ପ୍ରଶାସନିକ ଆଲୋଚନା, ଆଇନ ଅଦାଲତ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ।

**କର୍କଟ** କେନ୍ଦ୍ର କୋଣାଧିପତି ମଙ୍ଗଳ ଓ ଦେବଗୁରୁଙ୍କ ସମ୍ବନ୍ଧ ପ୍ରତ୍ୟେକ ଆଶା ଓ ଅଭିଳାଷକୁ ପୂରଣ କରିଦେବ। ଆନୁଷଙ୍ଗିକ ଅନୁକୂଳ ପରିବେଶ ମଧ୍ୟରେ ଈପ୍ସିତ ଦ୍ରବ୍ୟ ଲାଭ କରିବେ। କାର୍ଯ୍ୟ ହାସଲ ଦିଗରେ ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦ୍‌ବ୍ୟବହାର କରିବାରେ ଅସୁବିଧା ହେବନାହିଁ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ।

**ସିଂହ** ଉଚ୍ଚାରୋହୀ ଶୁକ୍ର ପାପଗ୍ରହ ଯୁକ୍ତ ଯୋଗୁ ନୂତନ ପଦକ୍ଷେପ ନେବା ପୂର୍ବରୁ ପୁନର୍ବାର ଚିନ୍ତା କରିବା ଭଲ। ବ୍ୟବସାୟିକ ଦୃଷ୍ଟିକୋଣରୁ କିଣା ବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତିରେ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବ। ସନ୍ତାନଙ୍କ ଶିକ୍ଷା, ପରୀକ୍ଷା, ଇଣ୍ଟରଭ୍ୟୁ ଏବଂ ନୂତନ ଚାକିରି ସମ୍ପର୍କୀୟ ସୁଫଳ ପାଇପାରନ୍ତି।

**କନ୍ୟା** ଷଷ୍ଠଭାବସ୍ଥ ଗ୍ରହ ସଂଯୋଗ ସ୍ୱାସ୍ଥ୍ୟ, ପ୍ରତିଯୋଗିତା ଏବଂ ବିବାଦ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଜମା ଟଙ୍କାରୁ କିମ୍ବା ବ୍ୟାଙ୍କସୂତ୍ରରୁ ଅଥବା ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ରହିଛି। ଅସୁବିଧା କ୍ଷେତ୍ରରେ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ମାନସିକ ଅସ୍ଥିରତା ଦେଖାଦେଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରିବେ।

**ତୁଳା** କର୍ମାଧିପ ସ୍ୱଗୃହସ୍ଥ ଯୋଗୁ ବନ୍ଧୁଙ୍କ ସହାୟତା ନେଇ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଆନୁଷ୍ଠାନିକ କାମ ପରିସରରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପାରିବାରିକ ସ୍ଥିତି, ବ୍ୟବସାୟିକ ପରିସ୍ଥିତି, ନୂତନ ବନ୍ଧୁସମ୍ପର୍କ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଫଳତା ପାଇବେ।

**ବିଛା** ଭାଗ୍ୟାଧିପ ଶନିଙ୍କ ନକ୍ଷତ୍ରରେ ରହିଥିବାରୁ ସନ୍ତାନଙ୍କ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ। କର୍ମକ୍ଷେତ୍ରରେ ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବ୍ୟବସାୟରେ ଉନ୍ନତି କରିବେ, କିନ୍ତୁ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ବନ୍ଧୁଙ୍କ ଅନୁରୋଧରେ ସହଯାତ୍ରୀ ଭାବରେ ଦୂରସ୍ଥାନକୁ ଯାଇପାରନ୍ତି।

**ଧନୁ** ଚତୁର୍ଥ କେନ୍ଦ୍ରସ୍ଥ ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟରେ ମନ୍ଥରତା ପରିଲକ୍ଷିତ ହେବ। ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇପାରନ୍ତି। ଅବଶ୍ୟ ପରିବାରରେ ସହମତିରେ କାମ କଲେ ଆଶା ପୂରଣ ହୋଇପାରିବ। କିନ୍ତୁ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** ଚତୁର୍ଥାଧିପତି ମଙ୍ଗଳଙ୍କ ସୁପ୍ରଭାବରେ ସୁନ୍ଦର ପାରିବାରିକ ଜୀବନ ବିତାଇବାରେ ଅସୁବିଧା ରହିବନାହିଁ। ଉତ୍ତରାଷାଢ଼ା ନକ୍ଷତ୍ର ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି କରିପାରିବେ ନାହିଁ। ସାଧାରଣ କଥାରେ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**କୁମ୍ଭ** ରାଶିରେ ରଜ ଯୋଗ ଥିବାରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଲକ୍ଷ୍ୟ ପୂରଣ କରିପାରିବେ। ପରିବାରରେ ପିଲାମାନଙ୍କ ସମସ୍ୟାକୁ କେନ୍ଦ୍ରକରି ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ଦେଇଥିବା ଜିନିଷ ଠିକ୍ ସମୟରେ ନ ପାଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବ।

**ମୀନ** ପାପଗ୍ରହ ଯୁକ୍ତ ଶୁକ୍ର ପ୍ରଭାବରେ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ପୂର୍ବ ପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବାର ସୁଯୋଗ ମିଳିବ।

ଆଜି ମାର୍ଚ୍ଚ ୧ ତାରିଖ, ଫାଲ୍‌ଗୁନ ଶୁକ୍ଳ ତ୍ରୟୋଦଶୀ ରବିବାର। ବରାହ ଦୋଳ, ରାଶିନକ୍ଷତ୍ର-ଦିବା ଘ.୦୮।୩୪ମି. ଗତେ, ପୁଷ୍ୟା/କର୍କଟ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୧୦ ଗତେ ଘ.୧୦।୦୨ ମଧ୍ୟେ, ଘ.୦୧।୨୬ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୨୦ ଗତେ ଘ.୦୫।୪୮ ମଧ୍ୟେ ରାହୁକାଳ।

## ହାଇୱା ଧକ୍କାରେ ଏନ୍‌ଆଇଟି ଛାତ୍ର ମୃତ

ଲହୁଣୀପଡ଼ା,୨୮।୨(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ସମରଦରି ଛକ ନିକଟରେ ଶନିବାର ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ହାଇୱା ଧକ୍କାରେ ରାଉରକେଲା ଏନ୍‌ଆଇଟିରେ ପଢ଼ୁଥିବା ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ତାମିଲନାଡୁର କାର୍ତ୍ତିକେୟନ ସିଦ୍ଧଲ କ୍ରିଷ୍ଣନ (୧୯)। ଦୁର୍ଘଟଣାରେ ଅନ୍ୟ ଜଣେ ଛାତ୍ରୀ ଗୁରୁତର ଅବସ୍ଥାରେ ରାଉରକେଲାରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସେ ହେଲେ ବାସନ୍ତୀ କାର୍ତ୍ତିକ ନାରାୟଣ (୧୯)। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବିଧାନସଭା ପରିସରରେ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧଦିବସ



ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ବିଭିନ୍ନ ଦଳର ନେତା, ସଙ୍ଗଠନ କର୍ମକର୍ତ୍ତା ଓ ଅଧିକାରୀ।

ଭୁବନେଶ୍ୱର,୨୮।୨(ସୌମ୍ୟରଞ୍ଜନ ରାଉତ)

ବୀର ସୁରେନ୍ଦ୍ର ସାଏଙ୍କ ୧୪୨ତମ ଶ୍ରାଦ୍ଧଦିବସ ଶନିବାର ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ୀ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ଦଳର ନେତା ରାମଚନ୍ଦ୍ର କାଡ଼ାମ, ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତ୍ତା ଓ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା। ଲୋକସମ୍ପର୍କ ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଖଣି ପାଇଁ ମେଶିନ ସର୍ଭେ କରାଇ ନ ଦେବାକୁ ଚେତାବନୀ

ଛେଣ୍ଡିପଦା,୨୮।୨(ଅଜିତ ଧଳ)

### ପୋଲିସ ଉପସ୍ଥିତିରେ କମ୍ପାନୀ କର୍ମଚାରୀ-ଗ୍ରାମବାସୀଙ୍କ ବୈଠକ ବିଫଳ



ପୋଲିସ ଉପସ୍ଥିତିରେ କମ୍ପାନୀ କର୍ମଚାରୀ ଓ ମାରୁଡ଼ିପ ଗ୍ରାମବାସୀଙ୍କ ମଧ୍ୟରେ ବୈଠକ ଅନୁଷ୍ଠିତ ହେଉଛି।

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳର ମାରୁଡ଼ିପ ସଂରକ୍ଷିତ ଜଙ୍ଗଲରେ କୋଇଲା ଖଣି କରିବା ପାଇଁ ଜିଏମ୍‌ଡିସି କମ୍ପାନୀ ପକ୍ଷରୁ ମେଶିନ ସର୍ଭେକୁ ମାରୁଡ଼ିପ ଗ୍ରାମବାସୀ କିଛିଦିନ ହେଲା ବିରୋଧ କରିଆସୁଥିବା ବେଳେ ଏ ନେଇ ଶନିବାର ଅନୁଷ୍ଠିତ ଏକ ବୈଠକ ବିଫଳ ହୋଇଛି। ପୋଲିସ ଉପସ୍ଥିତିରେ କମ୍ପାନୀ କର୍ମଚାରୀ ଓ ଗ୍ରାମବାସୀଙ୍କ ମଧ୍ୟରେ ହୋଇଥିବା ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ନ ଥିବାବେଳେ ମେଶିନ ସର୍ଭେ କରାଇ ଦେବେନାହିଁ ବୋଲି ମାରୁଡ଼ିପ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଛେଣ୍ଡିପଦା ତହସିଲର ବୈତରଣୀ ପଶ୍ଚିମରେ ଥିବା କୋଡାନାଳି ଲୁବୁରୀ କୋଲ୍ ବ୍ଲକ୍‌ରେ କୋଇଲା ଖଣି କରିବାକୁ ଜିଏମ୍‌ଡିସି କମ୍ପାନୀ ପକ୍ଷରୁ ଯୋଜନା କରାଯାଇଛି। ତେବେ ଖଣି ପାଇଁ ସଂରକ୍ଷିତ ଜଙ୍ଗଲରେ ମେଶିନ ମାଧ୍ୟମରେ ବୋର୍ କରାଯାଇ କୋଇଲା ସର୍ଭେ କରିବାକୁ ବାରମ୍ବାର ଉଦ୍ୟମ ହେଉଥିବାବେଳେ ଏହାକୁ ମାରୁଡ଼ିପ ଗ୍ରାମବାସୀ ତୀବ୍ର ବିରୋଧ କରିବା ସହିତ କେତେବେଳେ ମେଶିନ ତ ପୁଣିକେବେ କମ୍ପାନୀ କର୍ମଚାରୀଙ୍କୁ ଅଟକ ରଖୁଛନ୍ତି। ଏଠାରେ କୋଇଲା ଖଣି ହେଲେ ମାରୁଡ଼ିପ ସଂରକ୍ଷିତ ଜଙ୍ଗଲ ସମେତ କଣଲୋଇ ଓ ନୂଆଗାଁ ପଞ୍ଚାୟତ କ୍ଷତିଗ୍ରସ୍ତ ହେବ ବୋଲି ଗ୍ରାମବାସୀ ଯୁକ୍ତି ବାଢ଼ିଆସୁଛନ୍ତି। ଏ ନେଇ ଶୁକ୍ରବାର ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବୈଠକ ବିଫଳ ହୋଇଥିବାରୁ ଶନିବାର ମାରୁଡ଼ିପ ଗାଁ କୋଠଘରଠାରେ ବାଗଡ଼ିଆ ଥାନା ପୋଲିସ ଉପସ୍ଥିତିରେ କମ୍ପାନୀ କର୍ମଚାରୀମାନଙ୍କୁ ନେଇ ଆଉ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମାରୁଡ଼ିପ ଗାଁର ଶତାଧିକ ପୁରୁଷ ଓ ମହିଳା ଯୋଗଦେଇ ଜଙ୍ଗଲରେ ମେଶିନ ସର୍ଭେ କରାଇଦେବେ ନାହିଁ ବୋଲି କଡ଼ା ଚେତାବନୀ ଦେଇଥିଲେ। ଏହି ସମୟରେ ଗ୍ରାମବାସୀ ଓ ଖଣି ସପକ୍ଷବାଦୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଫଳରେ ବୈଠକରେ କୌଣସି ନିଷ୍କର୍ଷ ନ ବାହାରିବାରୁ କମ୍ପାନୀ କର୍ମଚାରୀମାନେ ପଳାଇ ଯାଇଥିଲେ। ଏହି ବୈଠକରେ କଣଲୋଇ ସରପଞ୍ଚ ଜନ୍ମେଜୟ ମାଝୀଙ୍କ ସମେତ ମାରୁଡ଼ିପ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଯୋଗ ଦେଇଥିଲେ।

# ସ୍କୁଲ ହଷ୍ଟେଲରେ ରାଗିଂ

- ୭ମ ଶ୍ରେଣୀ ଛାତ୍ରଙ୍କୁ ଆଣ୍ଠେଇ ମାଡ଼ ମାରିଲେ ୯ମ ଛାତ୍ର
- ତଦନ୍ତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ: ଜିଲା ଶିକ୍ଷା ଅଧିକାରୀ

ଉଦଳା,୨୮।୨(ସନ୍ତୋଷ କୁମାର ବାଛିନୀ)



କୋମଳମତି ବୟସରେ ବି ରାଗିଂ ଭଳି ରୁଗଣ ମାନସିକତା। ସ୍କୁଲ ହଷ୍ଟେଲରେ ୭ମ ଶ୍ରେଣୀର ଛାତ୍ରଙ୍କୁ ୯ମ କ୍ଲାସ ଛାତ୍ର ନିର୍ଯାତନା ଦେବା ଘଟଣାର ଭିଡିଓ ଭାଇରାଲ ହେବା ପରେ ଅନ୍ତେବାସୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଅପରାହ୍ନରେ ଖେଳିସାରି ହଷ୍ଟେଲକୁ ଫେରିବାରେ ବିଳମ୍ବ ହେବାରୁ ୭ମ ଶ୍ରେଣୀର ୭/୮ ଜଣ ଛାତ୍ରଙ୍କୁ ୯ମ ଶ୍ରେଣୀର କେତେଜଣ ଛାତ୍ର ଦୀର୍ଘ ସମୟ ଧରି ଆଣ୍ଠେଇ ଦେବା ସହ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ କହିଛନ୍ତି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ଖୁଣ୍ଟା ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ହଷ୍ଟେଲରେ।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନରେ ହଷ୍ଟେଲରେ ରହୁଥିବା ଅନ୍ତେବାସୀମାନଙ୍କ ମଧ୍ୟରୁ ସପ୍ତମ ଶ୍ରେଣୀର କେତେଜଣ ଛାତ୍ର ହଷ୍ଟେଲ ପଛପଟେ ଖେଳୁଥିଲେ। ହେଲେ ସନ୍ଧ୍ୟା ସମୟରେ ସେହି ଛାତ୍ରମାନେ ହଷ୍ଟେଲକୁ ଫେରିବାରେ ବିଳମ୍ବ ହେବାରୁ ୯ମ ଶ୍ରେଣୀର ଛାତ୍ରମାନେ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ୭ରୁ ୮ ଜଣ ୭ମ ଶ୍ରେଣୀର ଛାତ୍ରଙ୍କୁ ନବମ ଶ୍ରେଣୀର କେତେଜଣ ଛାତ୍ର ଆଣ୍ଠେଇ ଦେବା ସହ ମାଡ଼ ମାରିଥିଲେ। ଏହି ଘଟଣାର ଭିଡିଓ ହଷ୍ଟେଲ ବାହାରକୁ ଆସିବା ପରେ ରାଗିଂର ଶିକାର ହୋଇଥିବା ଛାତ୍ରଙ୍କ ପରିବାର ଲୋକେ ରାତିରେ ବିଦ୍ୟାଳୟରେ ପହଞ୍ଚି ଘଟଣା ବାବଦରେ ପଚାରି ବୁଝିଥିଲେ। ଅଭିଭାବକମାନେ ହଷ୍ଟେଲରେ ପହଞ୍ଚିଲା ବେଳକୁ ହଷ୍ଟେଲ ମାଟ୍ରନ ଏବଂ ସୁପରିଣ୍ଟେଣ୍ଡେଣ୍ଟ ନ ଥିବା ଦେଖିବାକୁ ପାଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତଥା ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ସାବିତ୍ରୀ ପାତ୍ର ରାତିରେ ଛାତ୍ରମାନଙ୍କ ନିକଟରୁ ପଚାରି ବୁଝିଥିବା ଏବଂ ଘଟଣାର ତଦନ୍ତ କରିଥିବା କହିଛନ୍ତି। ହଷ୍ଟେଲ ମାଟ୍ରନ ଏବଂ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅମୂଲ୍ୟ ବିନ୍ଧାଣି ସନ୍ଧ୍ୟା ସମୟରେ ନ ଥିବା ଯୋଗୁ ଏଭଳି ଘଟଣା ଘଟିଥିବା ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି।

ଏ ସମ୍ପର୍କରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସତ୍ୟଭାନୁ ସର୍ଦ୍ଦାରସିଂଙ୍କୁ ପଚାରିବାରୁ ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ଜିଲା ଶିକ୍ଷା ଅଧିକାରୀ ସେଠୀ କହିଛନ୍ତି, ସହକାରୀ ଜିଲା ଶିକ୍ଷା ଅଧିକାରୀଙ୍କୁ ଘଟଣାର ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ସେ ଏହାର ତଦନ୍ତ କରିବେ। ଏଥିସହିତ କାର୍ଯ୍ୟରେ ଅବହେଳା କରିଥିବା ହଷ୍ଟେଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଏଭଳି ଅମାନୁଷିକ କାଣ୍ଡ ଭିଆଇଥିବା ଛାତ୍ରମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ‘ସ୍ଥିର, ସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶଗତ ବିପଦ ପରିଚାଳନା’

ଭୁବନେଶ୍ୱର,୨୮।୨(ବନ୍ଦନା ସେଠୀ)




ବିଶ୍ୱ ସିଭିଲ ଡିଫେନ୍ସ ଡେ

ବିଶ୍ୱ ସିଭିଲ ଡିଫେନ୍ସ ଡେ’ ବା ବିଶ୍ୱ ନାଗରିକ ସୁରକ୍ଷା ଦିବସ ପ୍ରତିବର୍ଷ ମାର୍ଚ୍ଚ ୧ରେ ପାଳନ କରାଯାଉଛି। ପ୍ରାକୃତିକ ବିପର୍ଯ୍ୟୟ, ଯୁଦ୍ଧ କିମ୍ବା ଅନ୍ୟ କୌଣସି ଆପାତଃକାଳୀନ ସମୟରେ ନାଗରିକଙ୍କ ସୁରକ୍ଷାର ମହତ୍ତ୍ୱ ପ୍ରତି ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ନାଗରିକ ସୁରକ୍ଷାର ଅର୍ଥ ହେଉଛି ବିପଦ ସମୟରେ ନିଜ ସହିତ ନିଜର ସମ୍ପୂର୍ଣ୍ଣ ସମୁଦାୟକୁ ସୁରକ୍ଷିତ ରଖିବା ପାଇଁ ସର୍ବଦା ପ୍ରସ୍ତୁତ ରହିବା। ୧୯୯୦ରେ ଅନ୍ତଃରାଷ୍ଟ୍ରୀୟ ନାଗରିକ ସୁରକ୍ଷା ସଂଗଠନ (ଆଇସିଡିଓ) ଦ୍ୱାରା ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ପ୍ରତିବର୍ଷ ଏହି ଦିବସ ପାଳନ ପାଇଁ ଆଇସିଡିଓ ଦ୍ୱାରା ଏକ ସ୍ୱତନ୍ତ୍ର ଥିମ୍ ଘୋଷଣା କରାଯାଇଥାଏ। ଚଳିତ ବର୍ଷର ଥିମ୍ ହେଉଛି ‘ଏକ ସ୍ଥିର ଏବଂ ସ୍ଥାୟୀ ଭବିଷ୍ୟତ ପାଇଁ ପରିବେଶଗତ ବିପଦ ପରିଚାଳନା’। ବର୍ତ୍ତମାନ ପରିବେଶ ସୁରକ୍ଷା ଆମ ସମସ୍ତଙ୍କ ପାଇଁ ଏକ ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ପରିବେଶ ପ୍ରଦୂଷଣ ଜଳବାୟୁ ପରିବର୍ତ୍ତନର ପ୍ରମୁଖ କାରଣ ସାଜିଥିବାବେଳେ ଏଥିପାଇଁ ଅନେକ ସମୟରେ ବିପର୍ଯ୍ୟୟ ସୃଷ୍ଟି ହେଉଛି। ତେଣୁ ଚଳିତ ବର୍ଷ ପରିବେଶଗତ ବିପଦ ପରିଚାଳନା ଉପରେ ଫୋକସ୍ କରାଯାଇଛି।

# ଥାଇଲାଣ୍ଡରେ ଫସିଥିବା ଆଉ ୨ ଯୁବକ ଓଡ଼ିଶା ଫେରିଲେ

ଭୁବନେଶ୍ୱର,୨୮।୨(ସୌମ୍ୟରଞ୍ଜନ ରାଉତ)



ଭୁବନେଶ୍ୱର ବିମାନବନ୍ଦରରେ ପ୍ରଶାନ୍ତ କୁମାର ରାଉତ ଓ ଯଶୋବନ୍ତ ସାହୁ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଥାଇଲାଣ୍ଡରେ ଫସି ରହିଥିବା ୬ଜଣ ଓଡ଼ିଆ ଯୁବକଙ୍କ ମଧ୍ୟରୁ ୪ଜଣଙ୍କୁ ଗତ ୨୧ ତାରିଖରେ ଉଦ୍ଧାର କରାଯାଇ ଓଡ଼ିଶାକୁ ଫେରାଇ ଅଣାଯାଇଥିଲା। ତେବେ ସେଠାରେ ରହିଯାଇଥିବା ଅନ୍ୟ ୨ଜଣ ଓଡ଼ିଆ ଯୁବକଙ୍କୁ ମଧ୍ୟ ଉଦ୍ଧାର କରାଯାଇଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଉପୁଲାଇ ଗ୍ରାମର ବାସିନ୍ଦା ପ୍ରଶାନ୍ତ କୁମାର ରାଉତ ଓ କୁଜିପୁର ଗ୍ରାମର ବାସିନ୍ଦା ଯଶୋବନ୍ତ ସାହୁ। ଶନିବାର ସେମାନେ ଥାଇଲାଣ୍ଡରୁ ଆସି ଓଡ଼ିଶାରେ ପହଞ୍ଚିଛନ୍ତି। ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା ସେମାନଙ୍କୁ ନିଜ ଗାଁକୁ ପଠାଇବାର ବ୍ୟବସ୍ଥା କରିଥିଲେ। ପ୍ରଶାନ୍ତ ଓ ଯଶୋବନ୍ତ ଖୁସି ପ୍ରକାଶ କରିବା ସହ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ୬ ଚାଷୀ ନେତାଙ୍କୁ ଉଠାଇନେଲା ପୋଲିସ

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

### ମହାନଦୀ ଟ୍ରିବ୍ୟୁନାଲକୁ ବିରୋଧ

ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠିତ ଟ୍ରିବ୍ୟୁନାଲ ସଦସ୍ୟଙ୍କ ଗସ୍ତକୁ ବିରୋଧ କରିଛି ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମନ୍ୱୟ ସମିତି। ଶନିବାର ମା’ ସମଲେଶ୍ୱରୀଙ୍କ ଦର୍ଶନ ପାଇଁ ଆସିଥିବାବେଳେ କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଟ୍ରିବ୍ୟୁନାଲର ବିରୋଧ ପାଇଁ ସ୍ଥାନୀୟ ଜେଲ୍ ଛକସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ସଜବାଜ ହେଉଥିଲା। ଏହି ସମୟରେ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ, ଜିଲା ସଭାପତି ବ୍ୟୋମକେଶ ଠାକୁରଙ୍କ ସମେତ ୬ ଜଣ ଛାଷୀ ନେତାଙ୍କୁ ପୋଲିସ ସେଠାରୁ ଉଠାଇ ନେଇ ସ୍ଥାନୀୟ ରିଜର୍ଭ ପୋଲିସ ଲାଇନ୍ କମ୍ୟୁନିଟି ସେଣ୍ଟରରେ ରଖିଥିଲା। ଟ୍ରିବ୍ୟୁନାଲ ସଦସ୍ୟମାନେ ଭୁବନେଶ୍ୱର ଅଭିମୁଖେ ବାହାରିଯିବା ପରେ ଅପରାହ୍ନ ସାଢ଼େ ୧ଟାରେ ଅଟକ ଚାଷୀ ନେତାମାନଙ୍କୁ ପୋଲିସ ଛାଡ଼ିଥିଲା। ଚାଷୀ ସଙ୍ଗଠନ ପକ୍ଷରୁ ଟ୍ରିବ୍ୟୁନାଲକୁ ବିରୋଧ କରାଯିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିବାରୁ ପ୍ରତିଷେଧାତ୍ମକ ପଦକ୍ଷେପ ସ୍ୱରୂପ ସହରର ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କୁ ମୁତୟନ କରାଯାଇଥିଲା।

ଏ ନେଇ ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମନ୍ୱୟ ସମିତି ଆବାହକ ପ୍ରଧାନ କହିଛନ୍ତି, ମହାନଦୀ ଜଳ ବିବାଦର ସମାଧାନ ପାଇଁ କୌଣସି ଟ୍ରିବ୍ୟୁନାଲର ଆବଶ୍ୟକତା ନାହିଁ। ବର୍ତ୍ତମାନ କେନ୍ଦ୍ର ସହିତ ଉଭୟ ରାଜ୍ୟ ଓଡ଼ିଶା ଓ ଛତିଶଗଡ଼ରେ ଭାଜପାର ଟ୍ରିପଲ୍ ଇଞ୍ଜିନ ସରକାର ଚାଲିଛି। କେନ୍ଦ୍ର ସରକାର ଚାହିଁଲେ ନିମିଷେକ ମଧ୍ୟରେ ଏହି ବିବାଦର ସମାଧାନ ହୋଇଯିବ। ହେଲେ ଲୋକଙ୍କୁ ଦେଖାଇବା ପାଇଁ ଟ୍ରିବ୍ୟୁନାଲ ଗଠନ ସରକାରଙ୍କ ଏହା ଏକ ପ୍ରହସନ ମାତ୍ର ବୋଲି ସେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ଗୁରୁବାରଠାରୁ ସମ୍ବଲପୁର ଆସିଥିବା ଟ୍ରିବ୍ୟୁନାଲ ସଦସ୍ୟମାନେ ଶନିବାର ଶେଷଦିନରେ ହୀରାକୁଦ ଜଳଭଣ୍ଡାର ଉପରେ ଏରିଏଲ୍ ପରିଦର୍ଶନ କରି ହେଲିକପ୍ଟର ଯୋଗେ ଭୁବନେଶ୍ୱର ଅଭିମୁଖେ ଯାଇଥିଲେ।

# ମାର୍ଚ୍ଚରୁ ମେ’ ପ୍ରବଳ ଗରମ

ଭୁବନେଶ୍ୱର,୨୮।୨(ବନ୍ଦନା ସେଠୀ)

ମାର୍ଚ୍ଚ ଆରମ୍ଭ ନ ହେଉଣୁ ରାଜ୍ୟରେ ତାପମାତ୍ରା ୩୬ ଡିଗ୍ରୀ ଟପିଛି। ଆଗକୁ ପ୍ରବଳ ଖରାତାତି ଓ ଗରମରେ ସିଝିବ ସାରା ଓଡ଼ିଶା। ବିଶେଷକରି ମାର୍ଚ୍ଚରୁ ମେ’ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ଲାଗି ରହିବ। ଏନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଶନିବାର ସତର୍କତା ଜାରି କରାଯାଇଛି। ପଶ୍ଚିମ ଏବଂ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ହେବ ବୋଲି ଆକଳନ କରାଯାଇଛି। ଫେବୃଆରୀରେ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନ ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ରହୁଥିବାବେଳେ ମାର୍ଚ୍ଚରୁ ମେ’ ମଧ୍ୟରେ ବିଭିନ୍ନ ସ୍ଥାନରେ ପାରଦ ୩୩.୫ ଡିଗ୍ରୀରୁ ୪୫ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଆସନ୍ତା ୨୪ ଘଣ୍ଟାରେ ଦିନ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ସୂଚନା ଦିଆଯାଇଛି।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ଗତ ୨୪ ଘଣ୍ଟାରେ ରାଜ୍ୟର ୧୩ ସ୍ଥାନରେ ସର୍ବାଧିକ ଦିନ ତାପମାତ୍ରା ୩୫ ଡିଗ୍ରୀ ଏବଂ ଏହାଠାରୁ ଅଧିକ ରହିଥିଲା। ଝାରସୁଗୁଡାରେ ସର୍ବାଧିକ ୩୬.୮ ଡିଗ୍ରୀ ରେକର୍ଡ କରାଯାଇଛି।

# କେରଳରେ ବାଇକ୍ ଦୁର୍ଘଟଣାରେ ଓଡ଼ିଆ ଯୁବକଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି,୨୮।୨(ଅରୁଣ ସାହୁ)

କେରଳକୁ ଦାଦନ ଖଟିବାକୁ ଯାଇଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଥାନା ଦନେକବାଡ଼ି ପଞ୍ଚାୟତ କୁପିବାଡ଼ି ଗ୍ରାମର ହେରାର୍ଦ ନାୟକଙ୍କ ପୁଅ ବିନୟ ଓରଫ ଲିଟୁ (୨୨)ଙ୍କ ବାଇକ୍ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାଙ୍କ ମୃତ ଶରୀର ଗାଁକୁ ଆଣିବା ପାଇଁ ପରିବାର ଲୋକଙ୍କୁ ଅର୍ଥ ବାଧକ ସାଜିଥିବା ବେଳେ ଏନେଇ ଜିଲା ପ୍ରଶାସନ ଓ ଜିଲା ଶ୍ରମ ଅଧିକାରୀଙ୍କୁ ବିନୟଙ୍କ ବାପା ପତ୍ର ଲେଖିଛନ୍ତି କେରଳରୁ ତାଙ୍କ ପୁଅର ମୃତଦେହ ଗାଁକୁ ଆଣିବାକୁ ତାଙ୍କର ସମ୍ବଳ ନାହିଁ, ତେଣୁ ମୃତଦେହ ଆଣିବାକୁ ସେ ନିବେଦନ କରିଛନ୍ତି। ଥିରୁଭନନ୍ତପୁରମ୍‌ରେ ବିନୟ ଏକ ହୋଟେଲରେ କାର୍ଯ୍ୟ କରୁଥିଲେ। ସେ ନିଜ କାମ ସାରି ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେଇ ଜଣେ ସାଙ୍ଗଙ୍କ ସହ ଫେରୁଥିଲେ। ଏହି ସମୟରେ ବାଇକ୍ ସହ ବାଇକ ଦୁର୍ଘଟଣା ହୋଇ ୩ ଜଣଙ୍କ ମୃତ୍ୟୁ ଘଟିଥିଲା। ସେଥିରେ କେରଳର ୨ ଜଣ ରହିଥିବାବେଳେ ଓଡ଼ିଶାର ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ବିନୟ ଥିଲେ ବୋଲି ତାଙ୍କ ମାମୁ ଜେମ୍ସ ନାୟକ ସୂଚନା ଦେଇଛନ୍ତି।






# ଧର୍ମାନ୍ତରୀକରଣ ଓ ଲଭ୍ ଜିହାଦ



ଆକାର ପଟେଲ

ଆମ ଗଣମାଧ୍ୟମ ଏବଂ ହ୍ୱାଟ୍ସଆପ୍ ଗ୍ରୁପଗୁଡ଼ିକରେ ଆମେ ଯେଉଁ ସବୁ ବିଷୟରେ ଆଲୋଚନା ବା ପ୍ରଚାର କରୁଛୁ, ତାହା ମଧ୍ୟରୁ ଗୋଟିଏ ହେଉଛି ଜନସଂଖ୍ୟାଗତ ପରିବର୍ତ୍ତନ । ଲଭ୍ ଜିହାଦ ଏବଂ ଅନ୍ୟ କିଛି ବିଷୟ ବି ରହିଛି । ତେବେ ଆମେ ଯାହାକୁ ନେଇ ଚିନ୍ତିତ ତାହା ସପକ୍ଷରେ ତଥ୍ୟ ନାହିଁ । ଆମର ଆସ୍ଥା ବା ବିଶ୍ୱାସ ଥିବାବେଳେ ତଥ୍ୟ କାହିଁକି ପ୍ରାସଙ୍ଗିକ ହେବ ? ଡିଜିଟାଲ ନ୍ୟୁଜ୍ ପ୍ଲାଟଫର୍ମ ଦି ନ୍ୟୁଜ ମିନିଟ କେରଳରେ ଧର୍ମାନ୍ତରୀକରଣ ହୋଇଥିବା ଲୋକଙ୍କ ସଂଖ୍ୟା ପ୍ରକାଶ କରିଛି । ମନେରଖନ୍ତୁ, ଇଏ ହେଉଛି ସେହି ରାଜ୍ୟ ; ଯାହାର ହାଇକୋର୍ଟ ଡିସେମ୍ବର ୨୦୦୯ରେ ଘୋଷଣା କରି ଧର୍ମାନ୍ତରୀକରଣକୁ "ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ପରିବାରର ଉଚ୍ଚ ଜାତିର ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ଝିଅଙ୍କୁ ଫସାଇବା ପାଇଁ ଏକ ଯୋଜନା" ଭାବେ ସନ୍ଦେହ କରନ୍ତି ବୋଲି ଘୋଷଣା କରିଥିଲେ । ତାଙ୍କ ପାଖରେ କୌଣସି ପ୍ରମାଣ ନାହିଁ ବୋଲି ସ୍ୱୀକାର କରିଥିବା ବିଚାରପତିଙ୍କ ମନ୍ତବ୍ୟ ଲଭ୍ ଜିହାଦର ଷଡ଼ଯନ୍ତ୍ର ତତ୍ତ୍ୱ ଆରମ୍ଭ କରିଥିଲା, ଯାହା ଏବେ ବି ସମାଜରେ ରହିଛି । ଦି ନ୍ୟୁଜ ମିନିଟ କେରଳରୁ ଧର୍ମାନ୍ତରୀକରଣ ବା ଧର୍ମ ପରିବର୍ତ୍ତନ ସମ୍ପର୍କୀତ ତଥ୍ୟ ସଂଗ୍ରହ କରିଥିଲା । ୨୦୨୪ରେ ରାଜ୍ୟରେ ମୋଟ ୯୬୩ ଜଣ ଧର୍ମ ପରିବର୍ତ୍ତନ କରିଥିଲେ, ଯେଉଁଥିରେ ୫୪୩ ମହିଳା ଏବଂ ୪୨୦ ପୁରୁଷ ଥିଲେ । ହିନ୍ଦୁଧର୍ମକୁ ଯାଇଥିବା ବ୍ୟକ୍ତିଙ୍କ ସଂଖ୍ୟା ୩୬୫ ଥିଲା (୩୨୯ ପୂର୍ବରୁ ଥିଲେ ଖ୍ରୀଷ୍ଟିଆନ ଏବଂ ୩୬ ଥିଲେ ପୂର୍ବରୁ ମୁସଲମାନ) । ଇସ୍‌ଲାମ ଧର୍ମକୁ ଧର୍ମାନ୍ତରୀକରଣ ହୋଇଥିବା ଲୋକଙ୍କ ସଂଖ୍ୟା ୩୪୩ ଥିଲା (୨୭୬ ପୂର୍ବରୁ ହିନ୍ଦୁ ଏବଂ ୬୭ ଖ୍ରୀଷ୍ଟିଆନ ଥିଲେ) । ଖ୍ରୀଷ୍ଟ ଧର୍ମକୁ ଯାଇଥିବା ଲୋକଙ୍କ ସଂଖ୍ୟା ୨୫୫ (ଯେଉଁଥିରେ ୨୩୪ ହିନ୍ଦୁ ଏବଂ ୨୩ ମୁସଲମାନ ଥିଲେ) । କେରଳରେ କୌଣସି ଲଭ୍ ଜିହାଦ କିମ୍ବା ଅନ୍ୟ କିଛି ଘଟୁ ନାହିଁ । ଯେଉଁମାନେ ଏହିସବୁ ଘଟଣାକୁ ଅନୁଧ୍ୟାନ କରୁଛନ୍ତି ସେମାନେ ଏହି ତଥ୍ୟକୁ ନେଇ ଆଶ୍ଚର୍ଯ୍ୟ ହେବେ ନାହିଁ । କିଛି ବର୍ଷ ପୂର୍ବେ ପ୍ରକାଶିତ ମୋ ପୁସ୍ତକ 'ଆମ ହିନ୍ଦୁ ରାଷ୍ଟ୍ର'ରେ, ମୁଁ ଅତୀତର ଧର୍ମାନ୍ତରୀକରଣ ସଂଖ୍ୟାଗୁଡ଼ିକ ଉପରେ ବିଶ୍ଳେଷଣ କରିଥିଲି । ୭ ମାର୍ଚ୍ଚ ୨୦୧୭ରେ, ମାଲୟାଲମ ମନୋରମା ଏକ ଅଣ-ଲାଭକାରୀ ସଂଗଠନ (ମିଡିଆ ଡେଭଲପ୍‌ମେଣ୍ଟ ଆଣ୍ଡ୍ ରିସର୍ଚ୍ଚ ଫାଉଣ୍ଡେଶନ, କୋଝିକୋଡ)ର ଗବେଷଣାତ୍ମକ ରିପୋର୍ଟକୁ ଆଧାର କରି ଦର୍ଶାଯାଇଥିଲା ଯେ ଜାନୁଆରୀ ୨୦୧୧ରୁ ଡିସେମ୍ବର ୨୦୧୭ ମଧ୍ୟରେ କେରଳରେ ଧର୍ମାନ୍ତରିତ ଲୋକଙ୍କ ମଧ୍ୟରୁ ୬୦ ପ୍ରତିଶତ ହିନ୍ଦୁ ହେବାକୁ ପସନ୍ଦ କରିଥିଲେ । ଗେଜେଟ ରେକର୍ଡରୁ ଜଣାପଡ଼ିଛି, ସାତ ବର୍ଷ ମଧ୍ୟରେ ୮,୩୩୪ ଜଣ ଧର୍ମାନ୍ତରିତ ହୋଇଥିଲେ, ଯେଉଁମାନଙ୍କ ମଧ୍ୟରୁ ୪,୯୬୮ ଜଣ ହିନ୍ଦୁ ହେବାକୁ ଚାହୁଁଥିଲେ । ଏଥିରେ ୪,୭୫୬ ଜଣ ଖ୍ରୀଷ୍ଟିଆନ ଏବଂ ୨୧୨ ଜଣ ମୁସଲମାନ ଥିଲେ । ମୁସଲମାନ ହୋଇଥିବା ୧,୮୬୪ ଜଣଙ୍କ ମଧ୍ୟରୁ ୭୮ ପ୍ରତିଶତ ପୂର୍ବରୁ ହିନ୍ଦୁ ଥିଲେ ଏବଂ ଧର୍ମାନ୍ତରିତ ପୁରୁଷ ଓ ମହିଳାଙ୍କ ସଂଖ୍ୟା ପ୍ରାୟ ସମାନ ଥିଲା । ଏହାସହ ଖ୍ରୀଷ୍ଟିଆନ ହୋଇଥିବା ୧,୪୯୬ ଜଣଙ୍କ ମଧ୍ୟରୁ ୯୫ ପ୍ରତିଶତ ଥିଲେ ହିନ୍ଦୁ, ଯେଉଁଥିରେ ଥିଲେ ୭୨୦ ମହିଳା ଏବଂ ୭୭୬ ପୁରୁଷ । ଦୁଇଜଣ ମହିଳା ଏବଂ ଚାରିଜଣ ପୁରୁଷଙ୍କୁ ନେଇ ଛଅଜଣ ବ୍ୟକ୍ତି ବୌଦ୍ଧଧର୍ମ ଗ୍ରହଣ କରିଥିଲେ, ଯେଉଁମାନଙ୍କ ମଧ୍ୟରୁ ପାଞ୍ଚଜଣ ଥିଲେ ପୂର୍ବରୁ ହିନ୍ଦୁ ଓ ଜଣେ ଖ୍ରୀଷ୍ଟିଆନ ।

ଏହା ପୂର୍ବରୁ କିଛି ବର୍ଷ ତଳେ ଏକ ଖବରକାଗଜର "କେରଳରେ ପ୍ରାୟ ୬,୦୦୦ ଲୋକ ୫ ବର୍ଷରେ ଇସ୍‌ଲାମ ଧର୍ମ ଗ୍ରହଣ କରିଛନ୍ତି : ରିପୋର୍ଟ" ଶୀର୍ଷକ ଖବର ୧୫ ଜୁଲାଇ ୨୦୧୬ରେ ପ୍ରକାଶ କରିଥିଲା । ପୋଲିସ ଦ୍ୱାରା ଦାଖଲ କରାଯାଇଥିବା ଏକ ଗୋଇନ୍ଦା ରିପୋର୍ଟକୁ ଆଧାର କରି ଏଥିରେ ଦର୍ଶାଯାଇଥିଲା ଯେ ୨୦୧୧ରୁ ୨୦୧୫ ମଧ୍ୟରେ ୫,୭୯୩ ଜଣ ଲୋକଙ୍କୁ ଧର୍ମାନ୍ତରୀକରଣ କରାଯାଇଛି । ଏମାନଙ୍କ ମଧ୍ୟରେ ପ୍ରାୟ ଅଧା ପୁରୁଷ ଏବଂ ଅଧା ମହିଳା ଥିଲେ । ଧର୍ମାନ୍ତରୀକରଣ ହୋଇଥିବା ହିନ୍ଦୁଙ୍କ ସଂଖ୍ୟା ୪,୭୧୯ ଥିଲାବେଳେ ଖ୍ରୀଷ୍ଟିଆନ୍‌ଙ୍କ ସଂଖ୍ୟା ଥିଲା ୧,୦୭୪ । ସରକାରଙ୍କ ପ୍ରେରିତ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ନିଜର କଥା ଯଦି ପ୍ରକାଶ କରି ନ ଥାଆନ୍ତେ, ତେବେ ଏହାକୁ ମିଥ୍ୟା ଖବର ବୋଲି ଖାରଜ କରିଦେଇଥାଆନ୍ତେ । ତେବେ ୪ ଫେବୃଆରୀ ୨୦୨୦ରେ ଲୋକ ସଭାରେ ତ୍ରିଶୂରର ଚାଲାକୁଡ଼ିରୁ ପ୍ରତିନିଧିତ୍ୱ କରୁଥିବା ସାଂସଦ ବେନି ବେହାନନ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ପଚାରିଥିଲେ ଯେ ଲଭ୍ ଜିହାଦର କୌଣସି ମାମଲା ବିଷୟରେ ଅବଗତ ଅଛନ୍ତି କି ନାହିଁ ଏବଂ ଯଦି ହଁ, ତେବେ ଏହାର ସବିଶେଷ ବିବରଣୀ କ'ଣ ରହିଛି । ମନ୍ତ୍ରଣାଳୟର ଉତ୍ତର ଥିଲା, "ସମ୍ବିଧାନର ଧାରା ୨୫ ସାର୍ବଜନୀନ ଶୃଙ୍ଖଳା, ନୈତିକତା ଦୃଷ୍ଟିରେ ରଖି ଧର୍ମକୁ ପ୍ରକାଶ କରିବା, ପାଳନ କରିବା ଏବଂ ପ୍ରଚାର କରିବାର ସ୍ୱାଧୀନତା ପ୍ରଦାନ କରେ । କେରଳ ହାଇକୋର୍ଟ ସମେତ ବିଭିନ୍ନ ଅଦାଲତ ଏହି ମତକୁ ସମର୍ଥନ କରିଛନ୍ତି । 'ଲଭ୍ ଜିହାଦ' ଶବ୍ଦଟି ପ୍ରଚଳିତ ଆଇନ ଅନୁଯାୟୀ ପରିଭାଷିତ ହୋଇନାହିଁ । କୌଣସି କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା 'ଲଭ ଜିହାଦ'ର ଏପରି କୌଣସି ମାମଲା ରିପୋର୍ଟ କରାଯାଇନାହିଁ ।" ତେବେ ଏଠାରେ ପ୍ରଶ୍ନ ଉଠେ । ଯଦି ଲଭ୍ ଜିହାଦ ବିଷୟ ବାସ୍ତବ ନୁହେଁ, ସରକାର ମଧ୍ୟ ସ୍ୱୀକାର କରନ୍ତି ଯେ ଏହାର ବାସ୍ତବତା ନାହିଁ, ଧର୍ମାନ୍ତରୀକରଣର ତଥ୍ୟ ଦର୍ଶାଏ ଏହା ପ୍ରକୃତ କଥା ନୁହେଁ ; ତେବେ ଏହାକୁ କାହିଁକି ସବୁବେଳେ ଆଲୋଚନା କରାଯାଉଛି ? ମୋ ମତରେ ଏହାର ଦୁଇଟି କାରଣ ଅଛି । ପ୍ରଥମଟି ହେଉଛି ପ୍ରକୃତ ଖବର ନୂତନ ଭାରତର ବ୍ୟାଖ୍ୟାନ ପାଇଁ ଅନୁକୂଳ ନୁହେଁ । ଗୋଟିଏ ଦଳ ବିରୋଧରେ ଏକ ସମ୍ପୂର୍ଣ୍ଣ ମିଥ୍ୟା ମାମଲା କରି ଏହାର ମୁଖ୍ୟମନ୍ତ୍ରୀଙ୍କୁ ଜେଲପଠାଇ ସେହି ଦଳକୁ ଭାଜପା ଯେଭଳି କ୍ଷମତାଚ୍ୟୁତ କରିବାକୁ ଚାହିଁଥିଲା, ସେ ବିଷୟରେ ଯଦି ଆଲୋଚନା କରାଯାଏ, ତେବେ ଆମେ ବିଶ୍ୱକୁ ଏତେ ଆତ୍ମବିଶ୍ୱାସର ସହିତ କହିପାରିବୁ ନାହିଁ ଯେ ଆମେ ଗଣତନ୍ତ୍ରର ଜନନୀ । ଅନ୍ୟ କାରଣ ହେଉଛି ହିନ୍ଦୁତ୍ୱର ଆଖ୍ୟାନ ଏତେ ଗ୍ରହଣୀୟ ହୋଇଗଲାଣି ଯେ ତଥ୍ୟ ମଧ୍ୟ ଏହାକୁ ଖଣ୍ଡନ କରିବାରେ ବିଶେଷ କିଛି କରିପାରୁନାହିଁ । ଏହା ଏବେ ବି ଭାଜପା ପାଇଁ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ । ଏହି ମିଥ୍ୟା ଧାରଣାକୁ ଧରି ରଖିବା ପାଇଁ ସାତଟି ରାଜ୍ୟରେ ୨୦୧୮ରୁ ଭାଜପା ଆଇନ ପାସ୍ କରିବାକୁ ପଡ଼ିଛି ।


Email:aakar.patel@gmail.com


# ଭାରତର ଅର୍ଥନୀତି ଓ ସାର୍ବଭୌମତ୍ୱ



ହରେକୃଷ୍ଣ ପଣ୍ଡା

ବର୍ତ୍ତମାନ ବିଶ୍ୱରେ ଯେଉଁ ବାଣିଜ୍ୟିକ ଯୁଦ୍ଧ ଦେଖାଦେଇଛି ତାହା ବିଭିନ୍ନ ଦେଶରେ ରାଜନୈତିକ ଘନଘଟା ସୃଷ୍ଟିକରିଛି । ବିଶ୍ୱ ରାଜନୀତି ଓ ଅର୍ଥନୀତିରେ ନାହିଁ ନ ଥିବା ଅସ୍ଥିରତା ଅନୁଭୂତ ହୋଇଛି । ଏହି ସମୟରେ ଭାରତ -ଆମେରିକା ମଧ୍ୟରେ ବାଣିଜ୍ୟକୁ ନେଇ ହୋଇଥିବା ଅନ୍ତରୀଣ ଚୁକ୍ତି ଭାରତରେ ଏକ ରାଜନୈତିକ ଝଡ଼ ସୃଷ୍ଟିକରିଛି । ବହୁ ପ୍ରତୀକ୍ଷିତ ବାଣିଜ୍ୟ ଚୁକ୍ତି ରୂପରେଖ ସମ୍ପର୍କରେ ଯେଉଁ ମିଳିତ ଘୋଷଣାନାମା ଜାରିହୋଇଛି ତାକୁ ଭାରତର ବିରୋଧୀ ଦଳ, କେତେଜଣ ବୁଦ୍ଧିଜୀବୀ ବିରୋଧ କରିଛନ୍ତି । ଭାରତର ବୈଦେଶିକ ନୀତିକୁ ସମାଲୋଚନା କରାଯିବା ସହ ସାର୍ବଭୌମତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଏହି ବିଷୟର ତର୍ଜମା କରାଯିବା ବାଞ୍ଛନୀୟ ।

ପ୍ରଥମେ ଦେଖିବା ଭାରତର ବିଭିନ୍ନ ବାଣିଜ୍ୟିକ ଓ କୃଷକ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇ ଯେଉଁ ଯୁକ୍ତି ଦର୍ଶାଯାଇଛି ତାହା କେତେ ଯଥାର୍ଥ ? ଏହି ଚୁକ୍ତି ଦ୍ୱାରା ଭାରତୀୟ ଚାଷୀ ଓ ଶ୍ରମିକଙ୍କ ସ୍ୱାର୍ଥ ବ୍ୟାହତ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏଥିସହ ଏମ୍.ଏସ୍. ସ୍ୱାମୀନାଥନ କମିଟିର ସୁପାରିସକୁ ସଂଲଗ୍ନ କରାଯାଇଛି । ସେହି କମିଟିର ସୁପାରିସ ଥିଲା ଉତ୍ପାଦିତ ସବୁ ସାମଗ୍ରୀର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନର ଆଇନଗତ ଗ୍ୟାରେଣ୍ଟି ସହ କୃଷିଋଣ ଛାଡ଼ କରିବା । ଶିଳ୍ପ ପାଇଁ ଜମି ଅଧିଗ୍ରହଣ, ଚାଷଖର୍ଚ୍ଚ ବୃଦ୍ଧି ହ୍ରାସ ଓ ଫସଲ ନଷ୍ଟ କ୍ଷତିପୂରଣଦେବା ଉପରେ ସୁପାରିସ କରାଯାଇଥିଲା । କିନ୍ତୁ କୃଷକ ସଙ୍ଗଠନ ଯେଉଁ ଆଶଙ୍କା କରୁଛନ୍ତି, ଆମେରିକାରୁ ଭାରତକୁ ଆସିବାକୁ ଥିବା କୃଷି ଉତ୍ପାଦ ଉପରେ ଭାରତ ଆମଦାନୀ ଶୁଳ୍କ ନ ଲଗାଇଲେ ବହୁରାଷ୍ଟ୍ରୀୟ କମ୍ପାନୀ ଭାରତୀୟ ବଜାରକୁ ପ୍ରବେଶ କରିଯିବେ । କିନ୍ତୁ ଏଭଳି ଆଶଙ୍କା ୧୯୮୪ ମସିହାରୁ କରାଯାଇ ଆସୁଅଛି । ତଥାପି ଭାରତ ସରକାର କୃଷକଙ୍କ ପାଇଁ ଭାରତୀୟ ନୀତିକୁ ଅନୁସରଣକରି ଆସୁଛନ୍ତି । ଆମେରିକା ଓ କେତେକ ଶିଳ୍ପୋନ୍ନତ ରାଷ୍ଟ୍ରଙ୍କ ପ୍ରବଳ ବିରୋଧ ପରେ ବି ଭାରତ ସରକାର କେତେଥର କୃଷିଋଣ ଛାଡ଼ କରିବା ସହ ସବ୍‌ସିଡି ପ୍ରବର୍ତ୍ତନ କରିଛନ୍ତି । ଅବଶ୍ୟ ଏବେ କେତେକ କ୍ଷେତ୍ରରୁ ସବ୍‌ସିଡି ହ୍ରାସ କରାଯାଇଥିବା ବେଳେ ଏଭଳି ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ସର୍ବୋପରି ଭାରତ, ଆମେରିକା ଦ୍ୱିପାକ୍ଷିକ ଚୁକ୍ତି ଅନୁଯାୟୀ ଭାରତ ଆଗାମୀ ୫ ବର୍ଷ ମଧ୍ୟରେ ୫୦୦ ବିଲିୟନ ଡଲାରର ସାମଗ୍ରୀ ଆମେରିକାଠାରୁ କିଣିବାକୁ ଇଚ୍ଛା ପ୍ରକାଶ କରିବା କେତେ ଯଥାର୍ଥ ତାହା ବିଚାର୍ଯ୍ୟ । ଏଠାରେ କୁହାଯାଇପାରେ, ଦୁଇ ଦେଶର ଆର୍ଥିକ ଓ ବଜାର ସ୍ଥିତିକୁ ଦୃଷ୍ଟିରେ ରଖାଯାଇ ଭାରତ ଏପରି ସ୍ୱୀକାରୋକ୍ତି ଦେଇଥାଇପାରେ । ଅନ୍ୟପକ୍ଷରେ ଆମେରିକା ଚାଇନା ଉପରେ ୩୫ ପ୍ରତିଶତ, ଅନ୍ୟ ଏସୀୟ ଦେଶ ଗୁଡିକ ଉପରେ ୧୯ ପ୍ରତିଶତ ଟିକସ ବସିଥିବା ବେଳେ ଭାରତୀୟ ସାମଗ୍ରୀଗୁଡ଼ିକୁ ୧୮ ପ୍ରତିଶତ ଆମଦାନୀ ଶୁଳ୍କର ସମ୍ମୁଖୀନ ହେବାକୁ ପଡ଼ିବ । ସେହିପରି ଭାରତ-ୟୁରୋପୀୟ ସଂଘର ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଭାରତର ଅର୍ଥନୈତିକ ସଫଳତା ବୋଲି ଗ୍ରହଣ କରାଯାଇଥିବା ବେଳେ ଭାରତୀୟମାନେ ଏହାର ସମାଲୋଚନା କରି ନ ଥିଲେ । କିନ୍ତୁ ଆମେରିକା ଏହାକୁ ସମାଲୋଚନା କରିଥିଲା । କାରଣ ଏହି ଚୁକ୍ତି ଆମେରିକା ସ୍ୱାର୍ଥକୁ ବ୍ୟାହତ କରିପାରେ ବୋଲି ସେମାନେ ଭାବିଛନ୍ତି । ଅନ୍ୟ ପ୍ରସଙ୍ଗଟି ହେଉଛି, ରୁଷିଆରୁ ତୈଳ ଆମଦାନୀ କରିବା । ଅଦ୍ୟାବଧି ରୁଷିଆରୁ ତୈଳ ଆମଦାନୀ ବନ୍ଦ ହୋଇନାହିଁ । ତାହା ଚାଲିଛି । କିନ୍ତୁ ଭାରତ ଆମେରିକା ଓ ଭେନେଜୁଏଲାଠାରୁ ତୈଳ ଆମଦାନୀ ପାଇଁ ପ୍ରତିଶ୍ରୁତି ଦେଇଛି । ତାହା ପୁଣି ସାଧାରଣ ମୂଲ୍ୟରେ, ଯେଉଁ କାରଣ ପାଇଁ ଆମେରିକା ଭାରତ ଉପରେ ୫୦ ପ୍ରତିଶତ ତାରିଫ ଲଗାଇଥିଲା । ସେହି ଟାରିଫ ହ୍ରାସ କରିବାକୁ ଆମେରିକା ନିଜ ପକ୍ଷରୁ ଭାରତକୁ ଆହ୍ୱାନ କରିଥିଲା । ଶୀତଳଭଣ୍ଡାରରେ ପଡ଼ିରହିଥିବା ବାଣିଜ୍ୟ ଚୁକ୍ତିକୁ ହଠାତ୍ କ୍ରିୟାଶୀଳ କରାଇବା ପାଇଁ ଆମେରିକାର ତତ୍ପରତା ଏବଂ ୫୦ ପ୍ରତିଶତ ଟାରିଫକୁ ୧୮ ପ୍ରତିଶତକୁ ଆଣିବା ଆମେରିକାର ନମନୀୟତାକୁ ପ୍ରମାଣିତ କରିଥିବା ବେଳେ ବିରୋଧୀ ଭାରତର ଆତ୍ମସମର୍ପଣ କଥା କହିବା ହାସ୍ୟାସ୍ପଦ ବୋଲି କୁହାଯାଇପାରେ । ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କୁ ଉତ୍ତମ ବନ୍ଧୁ ଓ ମହାନ୍ ନେତୃତ୍ୱର ଆଖ୍ୟା ଦେବା ବୁଦ୍ଧିଜୀବୀମାନଙ୍କୁ ବିସ୍ମିତ କରିଛି । ଏହା ଆମେରିକାର ଏକ ବଡ଼ କୌଶଳ ହୋଇଥାଇପାରେ । ପ୍ରକାଶ ଥାଉକି ପ୍ରତ୍ୟକ୍ଷ ସାକ୍ଷାତ ଆଲୋଚନାକୁ ମୋଦି ବାରମ୍ବାର ଏଡ଼ାଇଯିବା ଭାରତୀୟ ବୈଦେଶିକ ନୀତିକୁ ଅନମନୀୟକରି ରଖିବାର ଦୃଷ୍ଟାନ୍ତ ନୁହେଁ



କି? ତେବେ ଏଠାରେ ପ୍ରଶ୍ନଉଠେ ଅନ୍ତର୍ଜାତୀୟ ସ୍ତରରେ ଭାରତର ଆତ୍ମସମର୍ପଣ ପ୍ରଶ୍ନ ଆସିଲା କେଉଁଠୁ ? ଭାରତ ଭଲଭାବେ ଜାଣେ ଯେ ରୁଷିଆ ତେଲକିଣା ୟୁକ୍ରେନ୍ ଯୁଦ୍ଧକୁ ସହାୟତା କରୁଛି ବୋଲି ଯାହା କୁହାଯାଉଛି ତାହା ହେଉଛି ଆମେରିକାର ବାହାନା । ମାତ୍ର ବାସ୍ତବରେ ଦେଖିବାକୁ ଗଲେ ଭାରତ ବ୍ରିକ୍ସ ସଂଘର ଜଣେ ଛାମୁଆ ନେତା । ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ଡଲାର ସହାୟତା ନେଇଥାଆନ୍ତି । ଏହି ସଂଘର ଲୋକସଂଖ୍ୟା ପୃଥିବୀର ୫୦ ପ୍ରତିଶତ । ଗତ ଅକ୍ଟୋବରରେ ଟ୍ରମ୍ପ୍ ଆସିଆନ ସମ୍ମିଳନୀକୁ ଆସିଥିବା ବେଳେ ମୋଦି ସେଠାକୁ ଯାଇ ନ ଥିଲେ । କିନ୍ତୁ ଏସିସିଓ ସମ୍ମିଳନୀକୁ ରୁଷିଆ, ଚାଇନା ଯାଇଥିବା ବେଳେ ମୋଦି ସେଠାକୁ ଯାଇଥିଲେ । ଏହା ଟ୍ରମ୍ପଙ୍କ ପାଇଁ ବଡ଼ ଆକ୍ରୋଶ ପାଲଟିଥିଲା । ଟ୍ରମ୍ପଙ୍କ ଛନକା ରହିଲା ଯେ ଏସିସିଓ ସଂଘ ଯଦି ଡଲାର ଉପରେ ଆଲୋଚନାକରି କିଛି ପଦକ୍ଷେପ ନିଅନ୍ତି ତେବେ ଆମେରିକାର ସର୍ବନାଶ ହୋଇଯିବ । ଏଥିପୂର୍ବରୁ ଭାରତ ୟୁରୋପୀୟ ସଂଘ ସହ କରିଥିବା ଚୁକ୍ତିନାମା ଟ୍ରମ୍ପଙ୍କୁ ପାଗଳପ୍ରାୟ କରି ଦେଇଥିଲା ।

ଅନ୍ୟ ଏକ ପ୍ରସଙ୍ଗରେ କୁହାଯାଇଛି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ଭାରତର ସାର୍ବଭୌମତ୍ୱକୁ ନଷ୍ଟ କରିଛି । ଏହା କହିବା କେତେଦୂର ସମୀଚୀନ ତାହା ବିଚାର କରାଯାଇପାରେ । ଭାରତ ତା'ର ସାର୍ବଭୌମତ୍ୱ ବଜାୟରଖିବା ପାଇଁ ଗଣତାନ୍ତ୍ରିକ ଭିତ୍ତିରେ ୫ ବର୍ଷରେ ଥରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ସରକାର ଗଠନ କରୁଛି । ସବୁ ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହେଲା ନିଜ ଦେଶର ସାର୍ବଭୌମତ୍ୱ ରକ୍ଷାକରିବା । ବୈଦେଶିକ ନୀତି ସହ ସାର୍ବଭୌମତ୍ୱ ଓ ବାଣିଜ୍ୟ ପରସ୍ପରକୁ ଭିନ୍ନ ଦୃଷ୍ଟିରେ ଦେଖାଯାଏ । ଏମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ ନାହିଁ । ପ୍ରତ୍ୟେକ ତତ୍ତ୍ୱ ଭିନ୍ନ ଭିନ୍ନ ସ୍ୱାର୍ଥ ବହନକରେ । ଜନସାଧାରଣଙ୍କ ଅର୍ଥନୈତିକ ଉନ୍ନତି ପାଇଁ ସରକାର ନିଜର ବାଣିଜ୍ୟିକ ନୀତିକୁ ଅନୁସରଣ କରିପାରିବେ । ତେବେ ଯାହା ଜଣାପଡ଼େ ଭାରତ-ଆମେରିକା ପରସ୍ପରର ସ୍ୱାର୍ଥକୁ ଆଖି ଆଗରେ ରଖି ଏଭଳି ଚୁକ୍ତି କରିଥାଇପାରନ୍ତି । ଉକ୍ତ ଚୁକ୍ତି ଦ୍ୱାରା ବାଣିଜ୍ୟିକ ତିକ୍ତତା ହ୍ରାସ ପାଇବା ସହ ଆମେରିକା ତା'ର ବଜାରକୁ ମଧ୍ୟ ଅଧିକ ଖୋଲା ରଖିବା ଦ୍ୱାରା ଔଷଧ, ବସ୍ତ୍ର, ଇଞ୍ଜିନିୟରିଂ ସାମଗ୍ରୀ ଓ ଆଇଟି ସେବା ଭଳି କ୍ଷେତ୍ରରେ ଭାରତୀୟ ସାମଗ୍ରୀର ରପ୍ତାନି ବୃଦ୍ଧି ପାଇବ ବୋଲି ଆଶା କରାଯାଏ । ଆହୁରି ମଧ୍ୟ ଡିଜିଟାଲ ବାଣିଜ୍ୟ ଓ ଡାଟା ବ୍ୟବସ୍ଥା ଯେଉଁ ମୁଖ୍ୟ ବିବାଦ ସୃଷ୍ଟି କରିଛି ତା'ର ସମାଧାନ ପାଇଁ ଆମେରିକା ରାଜି ଅଛି । ଆମେରିକା ଉନ୍ମୁକ୍ତ ଡାଟା ପ୍ରବାହ ଓ ବଡ଼ ଟେକ୍ କମ୍ପାନୀଙ୍କ ସ୍ୱାଧୀନତା ଚାହୁଁଥିଲା ବେଳେ ଭାରତ ଡାଟାର ସାର୍ବଭୌମତ୍ୱ ଓ ଉପଭୋକ୍ତା ସୁରକ୍ଷାକୁ ପ୍ରାଥମିକତା ଦେଉଛି । ତେଣୁ ଏହି ଚୁକ୍ତି ଯେ ଅର୍ଥନୈତିକ ସାର୍ବଭୌମତ୍ୱକୁ ବାଧା ସୃଷ୍ଟିକରିବା ଚିନ୍ତା ସମ୍ପୂର୍ଣ୍ଣ ଅମୂଳକ ବୋଲି କୁହାଯାଇପାରେ । ଉକ୍ତ ଚୁକ୍ତିକୁ ନେଇ ଭାରତର ସାର୍ବଭୌମତ୍ୱ ସମ୍ପର୍କରେ ଅଙ୍ଗୁଳି ଉଠାଇବା ଆଦୌ ସମୀଚୀନ ବୋଲି ମନେହୁଏନାହିଁ ।


ସୟେଦପୁର, ଯାଜପୁର
ମୋ-୯୪୩୭୩୧୫୬୨୩


# କଥାରେ ଲୋକକଥା



ଅଲେଖ ଚନ୍ଦ୍ର ମିଶ୍ର

କଥା କହିବାର ଢଙ୍ଗ ମଣିଷ ଚରିତ୍ରର ଏକ ଲକ୍ଷଣାତ୍ମକ ବିଭାବ । ଏଥିରୁ ସାଧାରଣତଃ ମଣିଷ ଚରିତ୍ରର ସଂକେତ ମିଳୁଥିବାବେଳେ ଅନେକ କ୍ଷେତ୍ରରେ ଏହା ଚରିତ୍ରର ସମ୍ପୂର୍ଣ୍ଣ ବିରୋଧାଭାସର ପରିଚାୟକ ହୋଇଥାଏ । କିଛି ଲୋକ ଥାଆନ୍ତି ଯେଉଁମାନେ ଏତେ ଗପୁଡି ଯେ କଥା କହିବାରେ ଭୋଳ ହୋଇ ସବୁକିଛି ଭୁଲି ଯାଆନ୍ତି ଅଥଚ କିଛି ଲୋକ ଏତେ ଗମ୍ଭୀର ଯେ ତାଙ୍କ ମୁହଁରୁ ପଦେ କଥା ବାହାରିବା କଷ୍ଟକର । କଥା କହିବାର ଶୈଳୀକୁ ନେଇ ପୁରାଣ ଶାସ୍ତ୍ରଠାରୁ ନୀତିବାଣୀ, ଲୋକକଥା ତଥା ଢଗ ଢମାଳି ଯାଏ ଅନେକ ବଚନିକା ରହି ଆସିଅଛି । ସେହିପରି ଏକ ଲୋକପ୍ରିୟ ବାଣୀ ହେଉଛି 'କଥାରେ ସର ପକେଇବା' । କିଛି ଲୋକ ସାମାନ୍ୟ କଥାକୁ କିମ୍ବା ସମ୍ପୂର୍ଣ୍ଣ ମିଥ୍ୟାକୁ ଏପରି ନିଖୁଣ ଭାବରେ ବର୍ଣ୍ଣନା କରନ୍ତି ଯେ ଘଟଣାଟି ଅବିଶ୍ୱାସ୍ୟ ଓ ବୃଥା ଆସ୍ଫାଳନ ହୋଇଥିଲେ ବି ଶ୍ରୋତାମାନେ ସେଥିରୁ ହାଲୁକା ଆମୋଦ ଉଠାନ୍ତି ; କିନ୍ତୁ ବକ୍ତା ସେଥିପ୍ରତି ଧ୍ୟାନ ନ ଦେଇ ଗପି ଚାଲିଥାନ୍ତି । ଘରେ ପଖାଳ ମୁଠାଏ ଖାଇବାକୁ ନ ଥିଲେ ବି ଆସ୍‌ମାନରୁ ତୋଳି ଆଣିଲା ଭଳି ଛଅ ତିଅଣ ନଅ ଭଜାର ଏପରି ଦୀର୍ଘ ହିସାବ ଦିଅନ୍ତି ଯେ ସେସବୁ ତୁଚ୍ଛା ମିଛ ବୋଲି ଜାଣି ଶ୍ରୋତାମାନେ ମଝିରେ ମଝିରେ ଲଘୁ ମନ୍ତବ୍ୟ ଦିଅନ୍ତି । କେତେକ ଲୋକ ନିଜ କଥା ନ ଭାବି କେବଳ ପରଚର୍ଚ୍ଚା ହିଁ କରନ୍ତି ଏବଂ ସେଥିରେ ଏପରି ରଙ୍ଗ ଲଗେଇ ଦିଅନ୍ତି ଯେ ତାହା 'ସଜ ମାଛରେ ପୋକ ପକେଇଲା' ପରି 'ଭଲ ଲୋକକୁ ଭାଣ୍ଡୁଆ' କରିଦିଏ । ବିନା ସ୍ୱାର୍ଥରେ କିମ୍ବା ଲାଭ ନ ଥାଇ ଏମାନେ ସେଥିରୁ ଖୁବ୍ ଆନନ୍ଦ ପାଆନ୍ତି ।

ଅନ୍ୟ ଏକ ପ୍ରକାରର ଲୋକ ଥାଆନ୍ତି ଯେଉଁମାନେ ଏତେ କୁହାଳିଆ ଯେ ନିଜର ବାକ ଚାତୁରିରେ ଅନ୍ୟମାନଙ୍କୁ ଭୁଲେଇ ଦେଇ ନିଜର ସ୍ୱାର୍ଥ ହାସଲ କରନ୍ତି । ଏମାନେ ସ୍ୱାର୍ଥ ପାଇଁ ନିଜର କଥା ଶୈଳୀକୁ ବ୍ୟବହାର କରୁଥିବାରୁ ତାଙ୍କ ପାଇଁ ଲୌକିକ ବଚନିକାଟିଏ ରହିଛି, ଯାହା ହେଲା, 'କହି ବୋଲି ଜାଣେ ଯିଏ ପଚା ମାଛ ବିକେ ସିଏ' । ସୁନ୍ଦର ବାକ୍‌ଚାତୁର୍ଯ୍ୟର ଅଧିକାରୀ ହୋଇଥିବା ସବୁଠାରୁ ବିପଜ୍ଜନକ ଲୋକ ହେଲେ ଯେଉଁମାନଙ୍କ ମୁହଁରେ ଗୋଟିଏ କଥା ତ ପେଟରେ ଆଉ ଗୋଟିଏ କଥା ଥାଏ । ଏମାନଙ୍କୁ କେବେ କେବେ 'ବିଷ କୁମ୍ଭମ ପୟୋମୁଖମ' କୁହଯାଏ ତ କେବେ ଏମାନଙ୍କର ଆଚରଣକୁ 'ମୁଖମ ପଦ୍ମଦଳାକାରଂ, ବାଣୀଂ ଚନ୍ଦନ ଶୀତଳଂ, ହୃଦସ୍ତୁ କର୍ତ୍ତରୀ ତୁଲ୍ୟମ' ର ପରିଚୟ ଦିଆଯାଏ । କେତେକ ଲୋକ 'ଜୀରାରୁ ଶୀରା କାଢ଼ନ୍ତି' ଅର୍ଥାତ୍ ଗୋଟିଏ ସାମାନ୍ୟ ଘଟଣାକୁ ଏଡ଼େଇ ନ ଦେଇ ତା' ଉପରେ ବିଭିନ୍ନ ଦିଗରୁ ଆଲୋଚନା କରନ୍ତି ଓ ବୃଥା କଥାରେ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । ଆଉ କେତେକେ 'ତିଳକୁ ତାଳ' କଲାପରି ଛୋଟ କଥାଟିକୁ ବଡ଼ ଆକାର ଦେଇ 'ଚା କପ୍‌ରେ ଝଡ଼' ଭଳି ଅଯଥାରେ ଅବୁଝାମଣା ସୃଷ୍ଟି କରନ୍ତି । ଏଭଳି ଲୋକ ମଧ୍ୟ ଅଛନ୍ତି ଯେଉଁମାନଙ୍କର ବାଡ଼ି ଗୋବରେ ଗୋବେ ଜମି ନ ଥାଇ ବି ବାରବାଟୀ ଚାଷ କଥା ବଖାଣନ୍ତି । ଏମାନେ ଫୁଟାଣିଆ, ଗାଲୁଆ ବା ବାହାପିଆ ଏବଂ ଏମାନଙ୍କର କଥା 'ଗାଲୁଆଙ୍କର ବାରବାଟୀ ଚାଷ' ଭାବରେ ବେଶ୍ ଜଣାଶୁଣା ।



ଏମାନଙ୍କ ମଧ୍ୟରୁ କେହି କେହି ଉଚ୍ଚ ସ୍ତରରେ ହାତ ଥିବାର ବିଶ୍ୱାସ ସୃଷ୍ଟି କରି ଅନେକଙ୍କୁ ଠକନ୍ତି । ଏପରି ଲୋକ ବି ଅଛନ୍ତି ଯେଉଁମାନେ ଭଲ ମନ୍ଦ, ଭୁଲ୍ ଠିକ୍, ଆଗ ପଛ କିଛି ବିଚାର ନ କରି 'ଗଲି ଅଇଲି ଯାହା ଦେଖିଲି ତାହା କହିଲି' ନ୍ୟାୟରେ ଯାହା ଚାହାନ୍ତି ମୁହେଁ ମୁହେଁ ରୋକ ଠୋକ ବତେଇ ଦିଅନ୍ତି । ଏମାନଙ୍କୁ ହୁଙ୍କୁପିଟା କୁହଯାଏ ଏବଂ ଏମାନେ ଅପ୍ରିୟ ସତ୍ୟ କହି ଅଯଥା ଶତ୍ରୁତା ସୃଷ୍ଟି କରନ୍ତି । ଅନେକ ସମୟରେ ଥଟ୍ଟା ତାମସାରେ କୁହା ଯାଉଥିବା କଥା 'ଗେଲରୁ ତେଲ' ଭଳି ସଙ୍କଟ ସୃଷ୍ଟି କରେ ଯାହା ପାଇଁ ଅବୁଝାମଣା ଅନେକ ଦିନ ଯାଏ ଦୂର ହୁଏନା । ସ୍ୱାର୍ଥସର୍ବସ୍ୱ କିମ୍ବା କାମୁକ ଲୋକମାନେ ଦ୍ୱିଅର୍ଥ ବୋଧକ ବା ଶ୍ଳେଷାତ୍ମକ ଶବ୍ଦ ମାଧ୍ୟମରେ ନିଜର ଲକ୍ଷ୍ୟ ହାସଲ କରି ନେବାର ଦୃଷ୍ଟାନ୍ତ ବି କମ୍ ନାହିଁ । ସେଇଥିପାଇଁ କଥା ରହିଛି 'ସାତ କଥାରେ ସତୀ ଟଳେ' ।

ବାକ୍ୟବୀରମାନଙ୍କ କଥା ତ ନ କହିଲେ ଭଲ । ସେମାନେ ଯେ କେବଳ ବାକ୍ୟସର୍ବସ୍ୱ ଓ କାମରେ ଶୂନ୍ୟ ଏକଥା ସମସ୍ତେ ଜାଣନ୍ତି । ଏହିପରି ଅନ୍ୟ ଏକ କଥା ହେଲା ପରୋକ୍ଷ ଉକ୍ତି, ଯାହା ସ୍ୱାର୍ଥ ସିଦ୍ଧି ପାଇଁ ମୁଖ୍ୟତଃ ବ୍ୟବହୃତ ହୋଇଥାଏ । କେହି କେହି ଅନ୍ୟକୁ କିଛି ମାଗିବାକୁ ଚାହୁଁଥିଲେ ବି ଲଜ୍ଜା ବଶତଃ ନିଜର ଅଭିପ୍ରାୟ ପ୍ରକାଶ କରି ନ ପାରି ବୁଲେଇ ବଙ୍କେଇ ଇସାରାରେ ସଂକେତ ଦିଅନ୍ତି, ଯେପରି ଅନ୍ୟାନ୍ୟ କଥା ଆରମ୍ଭ କରି ତା' ଭିତରେ ଅସଲ କଥା କହି ଦିଅନ୍ତି । ନୀରବତା ବି ବେଳେ ବେଳେ ଅନେକ ଭାଷାର ରୂପ ନିଏ ; ଯେପରି ଇଙ୍ଗିତ, ଅଙ୍ଗଭଙ୍ଗୀ, ଇସାରା କିମ୍ବା ଜଣକୁ 'ଗୁହାଳ ସଫା କରିବା ପାଇଁ ନ କହି ତା' ସାମ୍ନାରେ ଗୁହାଳପୋଛା ଥୋଇ ଦେବା' ଭଳି ଆଚରଣ । କିଛି କଥା କହି ହୁଏନା କି ସହି ହୁଏନା ଯାହାକୁ ଲୋକକଥାରେ କୁହଯାଏ, 'କହିଲେ କୁଳ କୁଟୁମ୍ବକୁ ଲାଜ ନ କହିଲେ କୁଳ ଭାସି ଯାଉଛି' ।

କଥା କହିବା ଶୈଳୀରୁ ବନ୍ଧୁତା ଏବଂ ଶତ୍ରୁତା ଉଭୟ ସୃଷ୍ଟି ହୁଏ । ତେଣୁ କଥା କହିବା ପାଇଁ ସତର୍କତା ଅବଲମ୍ବନ ନ କଲେ ସମାଜରେ ତିଷ୍ଠିବା ଦୁର୍ବିଷହ ହୋଇପଡ଼େ । ସେଥିପାଇଁ ଯୁଗ ଯୁଗ ଧରି ଆମ ପୁରାଣ ଶାସ୍ତ୍ରରେ ବିଭିନ୍ନ ଉପଦେଶାବଳୀ ଉପଲବ୍ଧ ହୋଇ ଆସିଅଛି, ଯେଉଁଥିରୁ କେତୋଟିର ଉପସ୍ଥାପନା କରିବା ସମୀଚୀନ ମନେ ହୁଏ । କୁରାଢ଼ି ବା ଶର ଦ୍ୱାରା କଟାଯାଇଥିବା ଗଛଲତା ପୁଣି କଅଁଳି ପାରେ, କିନ୍ତୁ କଥାରେ ସୃଷ୍ଟି ହୋଇଥିବା କ୍ଷତ ଲିଭେନା ; ସତ କଥା କହିବ ପ୍ରିୟ କଥା କହିବ କିନ୍ତୁ ଅପ୍ରିୟ ସତ୍ୟ କହିବ ନାହିଁ ଇତ୍ୟାଦି ଇତ୍ୟାଦି । ସେହିପରି କଥା ଠିକ ଭାବରେ କହିବା ପାଇଁ ଦୈନନ୍ଦିନ ଜୀବନରେ ଅନେକ ଲୌକିକ ବଚନିକା ମୁହଁରୁ ମୁହଁ ହୋଇ କାଳ କାଳରୁ ଗଡ଼ି ଆସିଅଛି ଯେପରି, 'ଖାଆ ଭୁଞ୍ଜି ଗିଳ', 'ସୂତା ମାଜିଲେ ସରୁ କଥା ମାଜିଲେ ମୋଟ', ଇତ୍ୟାଦି ଇତ୍ୟାଦି । ଅତଏବ ସାମାନ୍ୟ ମନେହେଉଥିଲେ ବି କଥା କହିବାର ଶୈଳୀ ମାର୍ଜିତ ଓ ମାପିଚୁପି ନ ହେଲେ ସମାଜରେ ଚଳିବା କଷ୍ଟସାଧ୍ୟ ହୋଇପଡ଼େ । ସେଥିପାଇଁ ତ କୁହାଯାଏ, 'କହି ଜାଣିଲେ କଥା ସୁନ୍ଦର, ନାଇ ଜାଣିଲେ ମଥା ସୁନ୍ଦର' ।


ମୋ:୯୪୩୮୬୭୩୮୯୮


## ଏଇ ଭାରତରେ

ଦିଲ୍ଲୀର କରଣ କୁମାର ବର୍ଜ୍ୟ ରିସାଇକ୍ଲିଂ ବା ପୁନଃଚକ୍ରଣ କରି ପରିବେଶ ପ୍ରଦୂଷଣ ହ୍ରାସ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏଥିପାଇଁ ସେ ଫିନୋବାଦ କମ୍ପାନୀ ଗଠନ କରିଛନ୍ତି । ଏବେ ସୁଦ୍ଧା ସେ ୪୫୦ ଟନ୍ ବର୍ଜ୍ୟ ରିସାଇକ୍ଲିଂ କରିସାରିଲେଣି । ୭୦ ଜଣ ବର୍ଜ୍ୟ ସଂଗ୍ରହକାରୀଙ୍କୁ ରୋଜଗାର ଦେଇଛନ୍ତି । ବର୍ଜ୍ୟକୁ ଅଲଗା କରି ରିସାଇକ୍ଲିଂ ସେଣ୍ଟରକୁ ପଠାଇବା କାର୍ଯ୍ୟରେ ମହିଳାମାନଙ୍କୁ ମଧ୍ୟ ନିଯୁକ୍ତ କରିଛନ୍ତି । କରଣଙ୍କ ବୟସ ଏବେ ୨୦ । କଲେଜରେ ପଢୁଛନ୍ତି । ତାଙ୍କ ଜନ୍ମ ବିହାର ସମସ୍ତିପୁରରେ । ୧୯୯୦ ଦଶନ୍ଧିରେ ସେ ପରିବାର ସହ ଦିଲ୍ଲୀ ଆସିଥିଲେ । ସେ ସ୍କୁଲରେ ପଢୁଥିବାବେଳେ ତାଙ୍କ ସାଙ୍ଗଙ୍କ ସହ ମିଶି ବିଶେଷକରି ପଡ଼ୋଶୀଙ୍କଠାରୁ ବର୍ଜ୍ୟ ସଂଗ୍ରହ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ସେ ଏକ ୱେବସାଇଟ ଓ ଆପ୍ ମାଧ୍ୟମରେ କବାଡିବାଲାଙ୍କ ସହ ଯୋଗାଯୋଗ ରଖି ଏହି କାର୍ଯ୍ୟକୁ ଆଗକୁ ବଢାଇଥିଲେ । ପ୍ରତ୍ୟେକ ୧୦୦ କେ.ଜି. ବର୍ଜ୍ୟ ରିସାଇକ୍ଲିଂ ହେବା ପରେ ଫନୋବାଦ ପକ୍ଷରୁ ଗୋଟିଏ ଗଛ ଲଗାଯାଉଛି । ଏହି କ୍ରମରେ ଏବେ ସୁଦ୍ଧା ୩୩୨୦ ଗଛ ଲଗାଯାଇଛି । ଏହି କାମରେ ତାଙ୍କ ସାନ ଭାଇ ଅପୂର୍ବ ତାଙ୍କୁ ସହଯୋଗ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ

୧ ମାର୍ଚ୍ଚ ୧୯୭୭

- ବନ୍ଦୀଶାଳାରେ ଥାଇ ମୁଜାଫରପୁର ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ହୋଇଥିବା ଶ୍ରୀ ଜର୍ଜ ଫର୍ଣ୍ଣାଣ୍ଡେସ୍ ତାଙ୍କୁ ନିର୍ବାଚନ ପ୍ରଚାର ପାଇଁ ଜାମିନ ମିଳୁ ବୋଲି କରିଥିବା ନିବେଦନ ନାମଞ୍ଜୁର ।
- କଟକ ପାରାଦୀପ ଲାଇନରେ ପ୍ରଥମକରି ଯାତ୍ରୀବାହୀ ରେଳ ଚଳାଚଳ ଆରମ୍ଭ କରିଛି ।
- ଯଖପୁରାଠାରୁ ଦୈତାରୀ ପର୍ଯ୍ୟନ୍ତ ନୂତନ ରେଳପଥ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 8 | 5 | | | 7 | 3 |
| 7 | | | | 9 | | | | |
| | | | 1 | | | | | |
| | | | | | | 8 | | |
| | | | 5 | | 4 | 3 | | |
| 3 | | 1 | | | 6 | 5 | 4 | 7 |
| | 2 | 6 | | 4 | 5 | | | |
| | 5 | | 6 | 3 | | 2 | | 4 |
| | 3 | | 7 | | | 6 | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 3 | 5 | 6 | 2 | 9 | 8 | 4 |
| 8 | 6 | 2 | 9 | 4 | 1 | 3 | 5 | 7 |
| 9 | 4 | 5 | 3 | 8 | 7 | 1 | 6 | 2 |
| 2 | 8 | 1 | 7 | 9 | 3 | 6 | 4 | 5 |
| 4 | 9 | 6 | 8 | 2 | 5 | 7 | 1 | 3 |
| 5 | 3 | 7 | 4 | 1 | 6 | 2 | 9 | 8 |
| 1 | 7 | 4 | 2 | 5 | 9 | 8 | 3 | 6 |
| 6 | 2 | 8 | 1 | 3 | 4 | 5 | 7 | 9 |
| 3 | 5 | 9 | 6 | 7 | 8 | 4 | 2 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଜଧାନୀରେ ଅପରାଧ ଉପରମୁହାଁ

ମହାଶୟ,

ଭୁବନେଶ୍ୱରର ଜନସଂଖ୍ୟା ଘୁ ଘୁ ହୋଇ ବଢ଼ିଚାଲିଛି । ତଦନୁଯାୟୀ ପ୍ରତିଷ୍ଠାନ ଏବଂ ବଡ଼ ବଡ଼ ବ୍ୟବସାୟୀ ତଥା ବିତ୍ତଶୀଳ ବ୍ୟକ୍ତିବିଶେଷଙ୍କର ସଂଖ୍ୟା ମଧ୍ୟ ସେହି ଅନୁପାତରେ ବଢୁଛି । କିନ୍ତୁ ଏମାନଙ୍କର ସୁରକ୍ଷା ପାଇଁ ସରକାର ଯୋଜନା ପ୍ରସ୍ତୁତ କରିବାରେ ବିଫଳ ହୋଇଛନ୍ତି । ଏହାର ଜ୍ୱଳନ୍ତ ଉଦାହରଣ ସ୍ୱରୂପ ଦେଖାଯାଏ ଯେ ସହରରେ ପୋଲିସ ଥାନା ସଂଖ୍ୟା ବଢ଼ାଯାଇଛି । କିନ୍ତୁ ପୋଲିସ ସେହି ତୁଳନାରେ ନାହାନ୍ତି । ସହରରେ ଆପରାଧିକ ଘଟଣା କମୁନାହିଁ । କ୍ଷୋଭର ବିଷୟ ଯେ, ସବୁ ପୋଲିସ ଅଫିସରଙ୍କୁ ଦାମୀ ମୋଟରସାଇକେଲ ପାଟ୍ରୋଲିଂ ପାଇଁ ଦିଆଯାଇଛି । ତଥାପି ସହରରେ କୌଣସି ଆଖିଦୃଶିଆ ପାଟ୍ରୋଲିଂ ହେଉନାହିଁ । ରାଜଧାନୀରେ ଅପରାଧ ଆଜି ଉପର ମୁହାଁ । ଚୋରି, ଡକାୟତି, ଛିନତାଇ ସାଙ୍ଗକୁ ବେଆଇନ ମଦ କାରବାର, ବ୍ରାଉନ ସୁଗାର ଓ ଚୋରା ଗଞ୍ଜେଇ କାରବାର ଥମିବାର ନା ନେଉନାହିଁ । ଚିନ୍ତାଜନକ ବିଷୟ, ପର୍ଯ୍ୟଟକଙ୍କ ସୁରକ୍ଷା ଦିଗରେ ଧ୍ୟାନ ଦିଆଯାଉନାହିଁ । ତେଣୁ ଏହାକୁ ନେଇ ଜନସାଧାରଣ ଏବଂ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି ।

– ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

### ଚିରନ୍ତନୀ

ମୋହିଲା ନୟନ କେତେ ରୂପେ କେତେ ବର୍ଣ୍ଣେ
ସଦା ମୋର
କେତେ ମଧୁବାଣୀ ପରଶି ଯାଇଛି କର୍ଣ୍ଣେ
ମଧୁକର ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ


ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଆମେରିକା- ଇସ୍ରାଏଲର ମିଳିତ ଏୟାରଷ୍ଟ୍ରାଇକ୍‌ରେ ତେହେରାନର ଏକ କୋଠା ଜଳିଯାଉଛି।



ବାହାରିନ୍‌ର ମାନାମାସ୍ଥିତ ଆମେରିକୀୟ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ଇରାନ୍ ପକ୍ଷରୁ ଆକ୍ରମଣ କରାଯାଇଛି।

## ବିମାନ ଉଡ଼ାଣ ବାଧାପ୍ରାପ୍ତ

ଲଣ୍ଡନ,୨୮।୨

ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଶନିବାର ସକାଳେ ଇରାନ୍ ଉପରେ ଆକ୍ରମଣ କରାଯିବା ପରେ ମଧ୍ୟପ୍ରାଚ୍ୟ ସମେତ ବିଶ୍ୱର ବିଭିନ୍ନ ଭାଗରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ମଧ୍ୟପ୍ରାଚ୍ୟର ଅନେକ ଦେଶ ନିଜ ନିଜ ବିମାନବନ୍ଦରରୁ ବିମାନ ଉଡ଼ାଣକୁ ବନ୍ଦ କରିଦେଇଛନ୍ତି। ଇସ୍ରାଏଲ୍, ୟୁଏଇ ଏବଂ କାତାର ଏୟାରସ୍ପେସ୍ ବନ୍ଦ ଥିବାରୁ ବିଭିନ୍ନ ଦେଶରୁ ସେଠାକୁ ବିମାନ ଚଳାଚଳ ହୋଇପାରି ନାହିଁ। ସେହିପରି ଦକ୍ଷିଣ ସିରିଆରେ ମଧ୍ୟ ଏୟାରସ୍ପେସ୍‌କୁ ବନ୍ଦ କରାଯାଇଛି। ଇରାନ୍, ଇରାକ୍, କୁଏତ୍, ବାହାରିନ୍ ଏବଂ ଓମାନ୍‌ର ମସ୍କାଟ ଅନ୍ତର୍ଜାତୀୟ ବିମାନବନ୍ଦର ବନ୍ଦ ଥିବା ଫ୍ଲାଇଟ୍‌ଟ୍ରାକିଂ ୱେବ୍‌ସାଇଟ୍ ଫ୍ଲାଇଟ୍‌ରାଡାର୨୪ରୁ ଜଣାପଡ଼ିଛି। ତେଲ୍ ଆଭିଭ୍ ଓ ଦୁବାଇ ଭଳି ସହରକୁ ଯିବାକୁ ଥିବା ବିମାନଗୁଡ଼ିକର ଉଡ଼ାଣ ବାତିଲ କରାଯାଇଥିବାରୁ ସେଗୁଡ଼ିକ ଟେକ୍ ଅଫ୍ କରିଥିବା ଏୟାରପୋର୍ଟକୁ ଫେରିଆସିଛି। ଦିଲ୍ଲୀ-ତେଲ୍ ଆଭିଭ୍ ଏୟାର ଇଣ୍ଡିଆ ବିମାନ ଏଆଇ୧୩୯କୁ ମୁମ୍ବାଇକୁ ଡାଇଭର୍ଟ କରାଯାଇଛି। ବିଶ୍ୱର ବ୍ୟସ୍ତବହୁଳ ଏୟାରପୋର୍ଟ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ କେବଳ ୭୦୦ରୁ ଅଧିକ ଫ୍ଲାଇଟ୍ ଉଡ଼ାଣ ବନ୍ଦ କରାଯାଇଛି। ଯାତ୍ରୀମାନଙ୍କ ନିରାପତ୍ତାକୁ ଗୁରୁତ୍ୱ ଦେଇ ଅପରେଶନ୍ ବନ୍ଦ କରାଯିବା ସହ ସ୍ଥିତି ଉପରେ ନଜର ରଖାଯାଇଥିବା ଅନେକ ଏୟାରଲାଇନ୍ସ କହିଛନ୍ତି।

## କୁଏତ୍‌ର ବିଭିନ୍ନ ସହର ଉପରେ କ୍ଷେପଣାସ୍ତ୍ର ମାଡ଼

କୁଏତ୍‌ରେ ଆମେରିକା ସେନାର ସବୁଠୁ ବଡ଼ ଲଜିଷ୍ଟିକ୍ ହବ୍ ରହିଥିବାରୁ ଏହାକୁ ଟାର୍ଗେଟ୍ କରି ଇରାନ ଏଠାକାର ବହୁ ସହର ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। କିନ୍ତୁ ବହୁ କ୍ଷେପଣାସ୍ତ୍ରକୁ କୁଏତ୍ ସେନା ଅକାମୀ କରି ଖସାଇ ଦେଇଥିବା କୁହାଯାଇଛି।

## ରିଆଦ୍‌ର ବହୁ ସ୍ଥାନରେ ବିସ୍ଫୋରଣ

ସାଉଦି ଆରବ ରାଜଧାନୀ ରିଆଦ୍‌ରେ ଏକାଧିକ ସ୍ଥାନରେ ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏଠାକାର କେତେକ ଆମେରିକୀୟ ପ୍ରତିଷ୍ଠାନକୁ ଟାର୍ଗେଟ କରି ଇରାନ କ୍ଷେପଣାସ୍ତ୍ର ମାଡ଼ କରିଥିବା କୁହାଯାଇଛି।

## ମଧ୍ୟପ୍ରାଚ୍ୟରେ ୭୮ ଲକ୍ଷ ଭାରତୀୟ

# ବଢ଼ିଲା ସୁରକ୍ଷା ଚିନ୍ତା

ନୂଆଦିଲ୍ଲୀ ,୨୮।୨

ଇରାନ ଉପରେ ଇସ୍ରାଏଲ ଶନିବାର ଆକ୍ରମଣ କରିବା ପରେ ଇରାନର ପାଲଟା ଆକ୍ରମଣକୁ ଦୃଷ୍ଟିରେ ରଖି ଇସ୍ରାଏଲ ଉପରେ ବିପଦ ବଢ଼ିଛି। ଏହି କ୍ରମରେ ସେଠାରେ ବସବାସ କରୁଥିବା ଭାରତୀୟଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ପରାମର୍ଶ ଜାରି କରିଛନ୍ତି। ବର୍ତ୍ତମାନ ଇସ୍ରାଏଲରେ ପ୍ରାୟ ୪୦ ହଜାରରୁ ଅଧିକ ଭାରତୀୟ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି। ତେଣୁ ଯେକୌଣସି ପ୍ରତିକୂଳ ସ୍ଥିତିରେ ସହାୟତା ପାଇଁ ଭାରତୀୟମାନେ ତୁରନ୍ତ ତେଲ୍ ଆଭିଭ୍‌ସ୍ଥିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟରେ ପଞ୍ଜୀକରଣ କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି। ନାଗରିକଙ୍କ ସୁରକ୍ଷା ପାଇଁ ଇସ୍ରାଏଲ ସରକାରଙ୍କ ପକ୍ଷରୁ ଯେଉଁ ପରାମର୍ଶ ଜାରି କରାଯିବ ତାହାକୁ ଅନୁପାଳନ କରିବାକୁ କୁହାଯାଇଛି।

ଇରାନ ଆକ୍ରମଣକୁ ଦୃଷ୍ଟିରେ ରଖି ଆରବସମୂହରେ ବସବାସ କରୁଥିବା ସମସ୍ତ ଭାରତୀୟ ସତର୍କତା ଅବଲମ୍ବନ କରିବାକୁ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟଗୁଡିକ ପକ୍ଷରୁ ପରାମର୍ଶ ଜାରି କରାଯାଇଛି। ସାଉଦି ଆରବ ସମେତ ୟୁଏଇ, ଜେର୍ଡାନ, କାତାର,କୁଏତ୍, ଓମାନ ଏବଂ ବାହାରିନ୍ ଆଦି ଦେଶରେ ରହୁଥିବା ଭାରତୀୟମାନେ ସାମ୍ପ୍ରତିକ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଥିଲାବେଳେ ଅନାବଶ୍ୟକ ଭାବେ ବାହାରକୁ ବୁଲାବୁଲି ନ କରିବାକୁ ପରାମର୍ଶ ଦିଆଯାଇଛି।

ଆରବ ରାଷ୍ଟ୍ରସମୂହରେ ଅନ୍ୟୂନ ୭୮ ଲକ୍ଷ ଭାରତୀୟ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିଲାବେଳେ ଜରୁରୀ ସ୍ଥିତିରେ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ମୋବାଇଲ, ହ୍ୱାଟସ୍‌ଆପ୍ ନମ୍ବର କିମ୍ବା ଇ-ମେଲ୍ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟ ପାଇଁ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ବଢାଇଛି। ଆକ୍ରମଣ ପରେ ଇରାନ ନିଜର ସୁରକ୍ଷା ପାଇଁ ୟୁଏଇ, କାତାର, ବାହାରିନ୍ ଏବଂ କୁଏତ୍ ଆଦି ଦେଶରେ ରହିଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରିଛି। ଯାହାକୁ ନେଇ ଏହିସବୁ ଦେଶରେ ବିପଦାପନ୍ନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। କିନ୍ତୁ ଏହିସବୁ ଦେଶ ସମେତ ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶରେ ବହୁ ସଂଖ୍ୟକ ଭାରତୀୟ ରହୁଥିବାରୁ ସେମାନଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶନିବାର ଦାବି କରିଛନ୍ତି। ଏସମ୍ପର୍କରେ ସେ 'X'ରେ ଉଲ୍ଲେଖକରି କେନ୍ଦ୍ର ସରକାରଙ୍କୁ ଅବଗତ କରିବା ସହ ଭାରତୀୟମାନଙ୍କ ସୁରକ୍ଷାକୁ ଅଗ୍ରାଧିକାର ଦେଇ ତୁରନ୍ତ ଆଗୁଆ ପଦକ୍ଷେପ ନେବାକୁ କହିଛନ୍ତି।



## ଇରାନ୍‌ର ୫୦୦ ଠିକଣାକୁ ଟାର୍ଗେଟ୍ କଲେ ୨୦୦ ଇସ୍ରାଏଲୀ ଫାଇଟର୍ ଜେଟ୍

ତେଲ୍ ଆଭିଭ୍,୨୮।୨

ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଆରମ୍ଭ କରିବା ପରେ ଇସ୍ରାଏଲ ବାୟୁସେନାର ୨୦୦ ଲଢୁଆ ବିମାନ ଇରାନର ୫୦୦ ପ୍ରମୁଖ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିଛନ୍ତି। ଇରାନର କ୍ଷେପଣାସ୍ତ୍ର ଏବଂ ଏୟାର ଡିଫେନ୍ସ ସିଷ୍ଟମ୍‌କୁ ଅତିକ୍ରମ କରି ଏହି ବିମାନଗୁଡିକ ୫୦୦ ଠିକଣା ଉପରେ ବୋମାମାଡ଼ କରିଛନ୍ତି। ଏକାଥରକେ ଏତେ ପରିମାଣର ବିମାନ କୌଣସି ଦେଶକୁ ଟାର୍ଗେଟ କରିବା ଇସ୍ରାଏଲ ବାୟୁସେନା ଇତିହାସରେ ପ୍ରଥମ ଘଟଣା ବୋଲି ଆଇଡିଏଫ୍‌ର ଜଣେ ବରିଷ୍ଠ ପ୍ରବକ୍ତା କହିଛନ୍ତି।

### ଟ୍ରମ୍ପଙ୍କ ଟାର୍ଗେଟ

- ଇରାନ୍‌ର ମିଶାଇଲ ସାମର୍ଥ୍ୟକୁ ଧ୍ୱଂସକରିବା
- ଇରାନ୍‌ର ନୌସେନାକୁ ଆକ୍ରମଣ
- ସମ୍ପୃକ୍ତ ଅଞ୍ଚଳରେ ତେହରାନ୍ ସମର୍ଥିତ ସଶସ୍ତ୍ର ଗୋଷ୍ଠୀକୁ ନିରସ୍ତ୍ର କରିବା
- ଇରାନ୍ ଯେପରି ଆଣବିକ ଅସ୍ତ୍ର ନ ହାତେଇବ ତାହା ସୁନିଶ୍ଚିତ କରିବା

### ଇରାନ୍ ଟାର୍ଗେଟରେ

- କାତାରସ୍ଥିତ ଏଆଇ ଉଦେଇଦ୍ ଏୟାରବେସ୍
- କୁଏତ୍‌ର ଅଲ୍-ସାଲେମ୍ ଏୟାରବେସ୍
- ୟୁଏଇର ଅଲ୍-ଧଫ୍‌ରା ବାୟୁସେନା ଘାଟି
- ବାହାରିନ୍‌ସ୍ଥିତ ଆମେରିକାର ୫ମ ଫ୍ଲିଟ୍ ମୁଖ୍ୟାଳୟ
- ସାଉଦିଆରବର ରିୟାଧରେ ବିସ୍ଫୋରଣର ଶବ୍ଦ

## ତୈଳ ବଜାରରେ ଲାଗିବ ନିଆଁ

ଫ୍ରାଙ୍କଫର୍ଟ,୨୮।୨

ସପ୍ତାହାନ୍ତ ଯୋଗୁ ଶନିବାର ଓ ରବିବାର ବନ୍ଦ ଥିବା ତୈଳ ବଜାର ସୋମବାର ଖୋଲିବା ମାତ୍ରେ ଅଏଲ୍ ମାର୍କେଟରେ ନିଆଁ ଲାଗିବା ଅନୁମାନ କରାଯାଉଛି। ଆମେରିକା-ଇସ୍ରାଏଲ୍ ପକ୍ଷରୁ ଇରାନ୍ ଉପରେ କରାଯାଇଥିବା ଆକ୍ରମଣ ଓ ତେହରାନ୍‌ର ପ୍ରତ୍ୟାକ୍ରମଣର ପ୍ରଭାବ ଏହା ଉପରେ ପଡ଼ିବା ନିଶ୍ଚିତ ବୋଲି କୁହାଯାଉଛି। କାରଣ ମଧ୍ୟପ୍ରାଚ୍ୟରୁ ବିଶ୍ୱର ବିଭିନ୍ନ ଭାଗକୁ ତୈଳ ଯୋଗାଣ ହୋଇପାରିବ ନାହିଁ। ଆମେରିକା ଓ ଇସ୍ରାଏଲ୍ ଇରାନ୍‌ର ତୈଳ ଭିତ୍ତିଭୂମି, ପାଇପ୍ ଲାଇନ୍ କିମ୍ବା ଜାହାଜଗୁଡ଼ିକ ଉପରେ ଆକ୍ରମଣ କଲେ ତୈଳ ଦର ଆକାଶଛୁଆଁ ହେବ ବୋଲି ଆଶଙ୍କା କରାଯାଉଛି। ବିଶେଷକରି ହର୍ମୁଜ ପ୍ରଣାଳୀ ଦେଇ ଇରାନୀୟ ଟ୍ୟାଙ୍କରଗୁଡ଼ିକ ତୈଳ ପରିବହନ କରୁଥିବାରୁ ୟୁଏସ୍ ନେଭିର କଡ଼ା ନଜର ରହିଛି। ଯୁଦ୍ଧ ଆଶଙ୍କାରେ ଶୁକ୍ରବାର ବ୍ରେଣ୍ଟ କ୍ରୁଡ୍ ୭ ମାସର ସର୍ବାଧିକ ମୂଲ୍ୟ ବ୍ୟାରେଲ ପିଛା ୭୨.୮୭ ଆମେରିକୀୟ ଡଲାରକୁ ଉଠି କାରବାର ବନ୍ଦ ହୋଇଥିଲା। ସମ୍ପ୍ରତି ଓମାନ୍ ଉପସାଗରରେ ଅନେକ ତୈଳ ଟ୍ୟାଙ୍କର ଯାତ୍ରା ବନ୍ଦ କରି ପଡ଼ିରହିଛି।

ଇରାନ୍ ଦୈନିକ ୧.୬ ନିୟୁତ ବ୍ୟାରେଲ୍ ତୈଳ ରପ୍ତାନି କରିଥାଏ। ଏଥିରୁ ସର୍ବାଧିକ ତୈଳ ଚାଇନା ଆମଦାନୀ କରିଥାଏ। ଏହି ଯୋଗାଣ ବାଧାପ୍ରାପ୍ତ ହେଲେ ଚାଇନା ଗ୍ରାହକ ବିଶ୍ୱର ଅନ୍ୟ ବଜାର ଉପରେ ନିର୍ଭର କରିବେ। ଫଳରେ ତୈଳ ଦର ବୃଦ୍ଧି ପାଇବ। ବିଶ୍ୱ ତୈଳ ଯୋଗାଣର ୨୦% ହର୍ମୁଜ ପ୍ରଣାଳୀ ଦେଇ ପରିବହନ ହୋଇଥାଏ। ମଧ୍ୟପ୍ରାଚ୍ୟର ତୈଳ ରପ୍ତାନିକାରୀ ରାଷ୍ଟ୍ର ସାଉଦି ଆରବ, ଇରାକ୍ ଏବଂ ୟୁଏଇର ସର୍ବାଧିକ ତୈଳ ଏହି ପ୍ରଣାଳୀ ଦେଇ ଯାଇଥାଏ। ଯୁଦ୍ଧ ଲାଗିରହିଲେ ଇରାନ୍ ଏହି ପ୍ରଣାଳୀ ବନ୍ଦ କରିଦେବା ଆଶଙ୍କା ରହିଛି।



ତେହରାନରେ ଆମେରିକା ଓ ଇସ୍ରାଏଲ୍ ବିରୋଧୀ ସ୍ଲୋଗାନ ଦେଇ ବିକ୍ଷୋଭ କରୁଛନ୍ତି ସରକାର ସମର୍ଥକ।

## ବିଶ୍ୱବ୍ୟାପୀ ପ୍ରତିକ୍ରିୟା

ଇରାନ ତୁରନ୍ତ ପ୍ରତ୍ୟାକ୍ରମଣ ବନ୍ଦ କରି ତାହାର ଆଣବିକ କାର୍ଯ୍ୟକ୍ରମରୁ ନିବୃତ୍ତ ରହିବାକୁ ଘୋଷଣା କରିବା ସହ ସାଧାରଣ ନାଗରିକଙ୍କ ଉପରେ ଅତ୍ୟାଚାର ବନ୍ଦ କଲେ ସମସ୍ୟା ସମାଧାନ ପାଇଁ ବାଟ ଖୋଲିବ।

**- କେର୍ ଷ୍ଟାର୍ମର, ବ୍ରିଟେନ୍ ପ୍ରଧାନମନ୍ତ୍ରୀ**

ଆମେରିକାର ଆକ୍ରମଣ ପରେ ଇରାନ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶ ଉପରେ ଆକ୍ରମଣ କରିବା ନିନ୍ଦନୀୟ।

**-ଫ୍ରେଡ୍ରିକ୍ ମର୍ଜ, ଜର୍ମାନୀ ଚାନ୍‌ସେଲର୍**

ଇରାନ ଆକ୍ରମଣରେ ଆମେ ଭାଗ ନେଇ ନାହୁଁ କିନ୍ତୁ ଇରାନ ତାହାର ଆଣବିକ କାର୍ଯ୍ୟକ୍ରମକୁ ନେଇ ତୁରନ୍ତ ଆମେରିକା ସହ ଆଲୋଚନା କରି ସମାଧାନ ବାଟ କାଢ଼ିବା ଦରକାର।

**-ଏମାନୁଏଲ୍ ମାକ୍ରେଁ, ଫ୍ରାନ୍ସ ରାଷ୍ଟ୍ରପତି**

ଇରାନ ଭଳି ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ଦେଶ ଉପରେ ଷଡ଼ଯନ୍ତ୍ର କରି ଆକ୍ରମଣ କରାଯାଇଛି। ତୁରନ୍ତ ଆକ୍ରମଣ ବନ୍ଦ କରି କୂଟନୈତିକ ସ୍ତରରେ ଆଲୋଚନା ଆରମ୍ଭ ହେବା ଜରୁରୀ। **- କ୍ରେମ୍ଲିନ୍**

ଇରାନ ଉପରେ ତୁରନ୍ତ ଆକ୍ରମଣ ବନ୍ଦ ହେବା ଜରୁରୀ। ଏହାର ସ୍ୱାତନ୍ତ୍ରତା, ସୁରକ୍ଷା ଏବଂ ଆଞ୍ଚଳିକ ସୁରକ୍ଷାକୁ ସମ୍ମାନ ଦିଆଯିବା ଉଚିତ। ଶାନ୍ତିପୂର୍ଣ୍ଣ ଆଲୋଚନା ମାଧମରେ ସମସ୍ୟାର ସମାଧାନ କରାଯାଉ।

**- ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ**

ଇରାନର ଏକଚ୍ଛତ୍ରବାଦୀ ଶାସନ କ୍ଷମତା ବିଭିନ୍ନ ଦେଶରେ ଛାୟାଯୁଦ୍ଧକୁ ପ୍ରଶ୍ରୟ ଦେବା ସହ ସାଧାରଣ ଜନତାଙ୍କ ଉପରେ ଅତ୍ୟାଚାର ମଧ୍ୟପ୍ରାଚ୍ୟକୁ ଅଶାନ୍ତ କରିଛି। ଏଭଳି ଶାସକଙ୍କ ବିରୋଧ କରୁଥିବା ବୀର ଇରାନବାସୀଙ୍କୁ ଆମେ ସମର୍ଥନ କରୁଛୁ।

**- ଆନ୍ଥୋନୀ ଆଲବାନିଜ୍, ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ**

## ଖାଲି କରାଗଲା ବୁର୍ଜ୍ ଖଲିଫା ଟାୱାର, ୪ ଆହତ

ଇରାନ ୟୁଏଇ ରାଜଧାନୀ ଆବୁଧାବି ସମେତ ଦୁବାଇ ଏବଂ ଅନ୍ୟ କେତେକ ସହର ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଆବୁଧାବିରେ ଜଣଙ୍କ ମୃତ୍ୟୁ ହୋଇଥିଲା ବେଳେ ଦୁବାଇସ୍ଥିତ ବିଶ୍ୱର ସବୁଠୁ ଉଚ୍ଚତମ ଟାୱାର୍ ବୁର୍ଜ ଖଲିଫାକୁ ସୁରକ୍ଷା ଦୃଷ୍ଟିରୁ ଖାଲି କରିଦିଆଯାଇଛି। ସେହିପରି ଦୁବାଇର ପ୍ରସିଦ୍ଧ ମନୁଷ୍ୟକୃତ ଦ୍ୱୀପ ' ଦି ପାମ୍'କୁ ମଧ୍ୟ ଖାଲି କରିଦିଆଯାଇଛି। ଏଠାକାର ଏକ ହୋଟେଲରୁ ନିଆଁ ଉଦ୍‌ଗିରଣ ହେବା ପରେ ସମ୍ପୃକ୍ତ ହୋଟେଲ ସମେତ ପାମ୍ ଦ୍ୱୀପକୁ ଖାଲି କରିଦିଆଯାଇଛି। ଏହି ସମୟରେ ୪ ଜଣ ଗୁରୁତର ଆହତ ହୋଇଥିବା କୁହାଯାଇଛି।

## କାତାରରେ ୧୨ ଆହତ

କାତାରର କେତେକ ସହର ଉପରେ ଇରାନ କ୍ଷେପଣାସ୍ତ୍ର ମାଡ଼ କରିବାରୁ ବିସ୍ଫୋରଣରେ ୧୨ ଜଣ ଗୁରୁତର ଆହତ ହୋଇଥିବା ଏଠାକାର ସରକାରୀ ଗଣମାଧ୍ୟମ ସୂତ୍ରରୁ କୁହାଯାଇଛି। ଏହାଛଡ଼ା କେତେକ ସ୍ଥାନରେ କ୍ଷେପଣାସ୍ତ୍ର ମାଡ଼ରେ ବହୁ ଅଟ୍ଟାଳିକା ଭାରି ମାତ୍ରାରେ କ୍ଷତି ଘଟିଛି। ଦୋହାସ୍ଥିତ କାତାରର ଅନ୍ତର୍ଜାତୀୟ ବିମାନ ବନ୍ଦର ଉପରେ ଡ୍ରୋନ୍ ଆକ୍ରମଣ ହେବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହେବା ସହିତ ବିମାନ ବନ୍ଦରର କେତେଜଣ କର୍ମଚାରୀ ଆହତ ହୋଇଛନ୍ତି।

## ବାହାରିନ୍ ଉପରେ ଆକ୍ରମଣ

ବାହାରିନ୍‌ର ମାନାମାରେ ଆମେରିକା ନୌସେନାର ୫ମ ଫ୍ଲିଟ୍ ରହିଥିବା ବେଳେ ଏହାକୁ ଟାର୍ଗେଟ କରି ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି। ଏଥିରେ ବାହାରିନ୍‌ର କେତେକ ଯୋଗାଯୋଗ କେନ୍ଦ୍ର କ୍ଷତିଗ୍ରସ୍ତ ହୋଇଛି। ହେଲେ ଏଠାରେ କେହି ଆହତ ହେବା ସୂଚନା ମିଳିନାହିଁ।

## ଦୁବାଇରେ ଫସିଲେ ପି.ଭି. ସିନ୍ଧୁ



ଯୁଦ୍ଧ ଯୋଗୁ ଭାରତର ଷ୍ଟାର୍ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପି.ଭି. ସିନ୍ଧୁ ଦୁବାଇ ଏୟାରପୋର୍ଟରେ ଫସିଯାଇଛନ୍ତି। ସେ ବର୍ମିଂହାମ୍‌ରେ ମଙ୍ଗଳବାର ହେବାକୁ ଥିବା ଅଲ୍ ଇଂଲଣ୍ଡ ଓପେନ୍ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯିବା ବାଟରେ ଏଭଳି ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ମୋଦିଙ୍କ ଇସ୍ରାଏଲ ଗସ୍ତ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ ,୨୮।୨

ମଧ୍ୟପ୍ରାଚ୍ୟର ସାମ୍ପ୍ରତିକ ସ୍ଥିତିକୁ ନେଇ ପଶ୍ଚିମ ଏସିଆ ଅଞ୍ଚଳରେ ଗମ୍ଭୀର ପରିସ୍ଥିତି ଉତ୍ପନ୍ନ ହେବା ଆଶଙ୍କା ବଢାଇଛି। ଏଭଳି ସ୍ଥିତିରେ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଗସ୍ତକୁ ନେଇ ପ୍ରଶ୍ନ ଉଠାଇଛି। ମୋଦିଙ୍କ ଇସ୍ରାଏଲ ଗସ୍ତର ଠିକ୍ ଦୁଇ ଦିନ ପରେ ଇସ୍ରାଏଲ ଇରାନ ଉପରେ ଆକ୍ରମଣ କରିଥିବାରୁ ମୋଦି ଏହି ଆକ୍ରମଣ ଯୋଜନା ସମ୍ପର୍କରେ ଅବଗତ ଥିଲେ ବୋଲି କଂଗ୍ରେସ କହିଛି।

ଇରାନ ଆକ୍ରମଣ ପାଇଁ ଆମେରିକା ଓ ଇସ୍ରାଏଲ ଧମକ ଦେଇ ଆସୁଥିଲେ। ଏଥିପାଇଁ ପ୍ରସ୍ତୁତି ମଧ ଶେଷ ହୋଇଥିଲା। ଏହି ସମୟରେ ମୋଦି ଇସ୍ରାଏଲ ଗସ୍ତକରି ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସମର୍ଥନ ଦେବା ଭାରତର ନୈତିକତା ପ୍ରତି ପ୍ରଶ୍ନ ଉଠାଇଛି ବୋଲି କଂଗ୍ରେସ କହିଛି। ମୋଦିଙ୍କ ଇସ୍ରାଏଲ ଗସ୍ତକୁ ଲଜ୍ଜାଜନକ ବୋଲି ଦର୍ଶାଇ କଂଗ୍ରେସ ବହିର୍ବ୍ୟାପାର ବିଭାଗ ଅଧକ୍ଷ ସଲମନ୍ ଖୁର୍ସିଦ କହିଛନ୍ତି, ପ୍ରଧାନମନ୍ତ୍ରୀ ଯେଉଁ ସମୟରେ ଇସ୍ରାଏଲ ଗସ୍ତ କଲେ ତାହା ଆଦୌ ଅନୁକୂଳ ନ ଥିଲା। ମୋଦିଙ୍କ ଗସ୍ତ ପରେ ଇରାନ ଉପରେ ଆମେରିକା-ଇସ୍ରାଏଲର ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟରେ ଭୟାବହ ପରିସ୍ଥିତି ସୃଷ୍ଟି କରିବ ; ଯାହାକି ଭାରତର ବହିର୍ବ୍ୟାପାର ନୀତିର ପରିପନ୍ଥୀ। ଭାରତର ବହିର୍ବ୍ୟାପାର ନୀତି 'ବସୁଧୈବ କୁଟୁମ୍ବକମ୍' ଭାବନାକୁ ଆଧାରକରି ପରିଚାଳିତ। ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ଗୋଷ୍ଠୀ ନିରପେକ୍ଷ ନୀତି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୫୧ ଉପରେ ପର୍ଯ୍ୟବସିତ। ଏହି ଧାରା ଅନୁଯାୟୀ ଭାରତ ଅନ୍ତର୍ଜାତୀୟ ଆଇନ ଓ ଚୁକ୍ତିକୁ ସମ୍ମାନ ଦେବା ସହ ଜାତିସଂଘ ନୀତି, ଜେନେଭା ଚୁକ୍ତି, ପ୍ୟାରିସ୍ ଚୁକ୍ତି ସମେତ ଅନ୍ୟାନ୍ୟ ଅନ୍ତର୍ଜାତୀୟ ବୁଝାମଣାକୁ ସମ୍ମାନ ଦେଇ ଆସିଛି। ଯୁଦ୍ଧ, ହିଂସା, ଗୋଷ୍ଠୀ କିମ୍ବା ଭୟାବହ ପରିସ୍ଥିତି ସୃଷ୍ଟି କରୁଥିବା କୌଣସି ସ୍ତରର ମଞ୍ଚକୁ ଭାରତ ସମର୍ଥନ କରେନାହିଁ ଏବଂ ନିରପେକ୍ଷ ନୀତି ଅବଲମ୍ବନ କରିଆସିଛି। କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ଏକ ବିବାଦୀୟ ସ୍ଥିତିରେ ଇସ୍ରାଏଲ ଗସ୍ତକରି ନେତନ୍ୟାହୁଙ୍କୁ ସମର୍ଥନ କରିବା ଏବଂ ସେଠାରୁ ସମ୍ମାନ ଗ୍ରହଣ କରିବା ତାଙ୍କର ନୈତିକତା ଦୁର୍ଗତିକୁ ସୂଚାଉଛି ବୋଲି କଂଗ୍ରେସର ବରିଷ୍ଠ ନେତା ଜୟରାମ ରମେଶ କହିଛନ୍ତି।

# ପ୍ରଥମଥର ରଣଜୀ ଟ୍ରଫି ଜିତିଲା ଜମ୍ମୁ କଶ୍ମୀର



ଟ୍ରଫି ସହ ଜମ୍ମୁ କଶ୍ମୀରର ଖେଳାଳିମାନେ।

**ହୁବଲି,୨୮।୨(ପି.ଟି.)**

ଜମ୍ମୁ କଶ୍ମୀର ଶନିବାର ପ୍ରଥମ ଥର ପାଇଁ ରଣ୍‌ଜୀ ଟ୍ରଫି ଜିତି ଭାରତୀୟ କ୍ରିକେଟରେ ନୂଆ ଇତିହାସ ସୃଷ୍ଟି କରିଛି। ସ୍ଥାନୀୟ କେଏସ୍‌ସିଏ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲରେ ୮ ଥରର ଚାମ୍ପିୟନ କର୍ଣ୍ଣାଟକକୁ ପଛରେ ପକାଇ ପାରସ ଡୋଗ୍ରାଙ୍କ ନେତୃତ୍ୱାଧୀନ ଦଳ ଏହି ସଫଳତା ହାସଲ କରିଛି। ଫାଇନାଲ ମ୍ୟାଚ୍ ଡ୍ର' ଭାବେ ଶେଷ ହୋଇଥିଲା। ହେଲେ ପ୍ରଥମ ଇନିଂସରେ ୨୯୧ ରନର ଅଗ୍ରଣୀ ଜମ୍ମୁ କଶ୍ମୀର ପାଇଁ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌ର ଅନ୍ତିମ ଦିନ ତଥା ଶନିବାର ଜମ୍ମୁ କଶ୍ମୀର ତା'ର ଅସମାପ୍ତ ଦ୍ୱିତୀୟ ଇନିଂସରେ ୪ ଉଇକେଟ ହରାଇ ୩୪୨ ରନ କରିଥିଲା। ଫଳରେ ଜମ୍ମୁ କଶ୍ମୀର ୬୩୩ ରନରେ ମ୍ୟାଚ୍‌ରେ ଆଗରେ ରହିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର କମରାନ ଇକବାଲ ୧୬୦ ଓ ସାହିଲ ଲୋତ୍ରା ୧୦୧ ରନର ଅପରାଜିତ ଶତକୀୟ ପାଳି ଖେଳି ଏହି ଐତିହାସିକ ମୁହୂର୍ତ୍ତକୁ ଆହୁରି ସ୍ମରଣୀୟ କରିଥିଲେ। ଅନ୍ତିମ ଦିନ କର୍ଣ୍ଣାଟକ ଦଳ ଗୋଟିଏ ବି ହେଲେ ଉଇକେଟ ନେଇପାରି ନ ଥିଲା। ପ୍ରଥମ ଇନିଂସରେ ଜମ୍ମୁ କଶ୍ମୀର ୫୮୪ ରନ କରିଥିବା ବେଳେ କର୍ଣ୍ଣାଟକ ୨୯୩ ରନରେ ଅଲଆଉଟ ହୋଇଥିଲା। ଅପରାହ୍ନ ୨ଟା ୧୦ରେ ମ୍ୟାଚ୍‌କୁ ଡ୍ର' କରିବା ଲାଗି ଡ୍ରେସିଂ ରୁମ୍‌ରେ ଦୁଇ ଦଳର ଅଧିନାୟକ ହାତ ମିଳାଇବା ପରେ ଢୋଲ ତାଳେ ତାଳେ ଜମ୍ମୁ କଶ୍ମୀର ଦଳର ଖେଳାଳିମାନେ ସପୋର୍ଟ ଷ୍ଟାଫ ଫିଲ୍ଡରେ ନାଚି ନାଚି ବିଜୟ ଉତ୍ସବ ପାଳନ କରିଥିଲେ।

ଦଳର ଏହି ସଫଳତା ପଛରେ ପେସର ଅକିବ ନବି ଦାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିଲା। ସେ ଫାଇନାଲରେ ୫ ଉଇକେଟ ହାସଲ କରିଥିଲେ। ଚଳିତ ସିଜନରେ ସେ ୭ମ ଥର ପାଇଁ ଏହି ସଫଳତା ପାଇଥିଲେ। ତାଙ୍କ ବ୍ୟତୀତ ୟାୱେର ହାସନ, ଅବଦୁଲ ସମଦ ଓ କନ୍ହେୟା ୱାଧୱାନ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅଧିନାୟକ ଡୋଗ୍ରା ରଣଜୀ ଟ୍ରଫି ଇତିହାସରେ ଦ୍ୱିତୀୟ ବ୍ୟାଟର ଭାବେ ୧୦ ହଜାର ରନ ପୂରଣ କରିଥିଲେ। ଅକିବ ନବି ପ୍ଲେୟାର ଅଫ୍ ଦି ସିରିଜ୍ ବିବେଚିତ ହୋଇଥିବା ବେଳେ ଶୁଭମ ପୁଣ୍ଡିର ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଜମ୍ମୁ କଶ୍ମୀର ପ୍ରଥମ ଇନିଂସ: ୫୮୪/ଅଲଆଉଟ୍। କର୍ଣ୍ଣାଟକ ପ୍ରଥମ ଇନିଂସ: ୨୯୩/ଅଲଆଉଟ୍। ଜମ୍ମୁ କଶ୍ମୀର ଦ୍ୱିତୀୟ ଇନିଂସ: ୩୪୨/୪(କମ୍‌ରାନ ଇକବାଲ–୧୬୦*, ସାହିଲ ଲୋତ୍ରା–୧୦୧*, ପ୍ରସିଦ୍ଧ କ୍ରିଷ୍ଣା–୨/୪୨)।

## ୨ କୋଟି ପୁରସ୍କାର ରାଶି

**ଶ୍ରୀନଗର,୨୮।୨(ପି.ଟି.)**

ପ୍ରଥମ ଥର ପାଇଁ ରଣ୍‌ଜୀ ଟ୍ରଫି ଜିତିଥିବା ଜମ୍ମୁ କଶ୍ମୀର ଦଳକୁ ଅଭିନନ୍ଦନ ଜଣାଇବା ସହ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲା ୨ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛନ୍ତି। ଦଳୀୟ ଖେଳାଳି ଓ ସପୋର୍ଟ ଷ୍ଟାଫଙ୍କୁ ଜମ୍ମୁ କଶ୍ମୀର ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥିସହିତ ଚାମ୍ପିୟନ ଦଳର ଖେଳାଳିଙ୍କୁ ନିକଟରେ ଲାଗୁ ହୋଇଥିବା ଉଲ୍ଲେଖନୀୟ କ୍ରୀଡ଼ାବିତ ନିୟମ ଅଧୀନରେ ସରକାରୀ ଚାକିରି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଅବଦୁଲା ଘୋଷଣା କରିଛନ୍ତି।

## ଉତ୍ସବମୁଖର ଜମ୍ମୁ କଶ୍ମୀର

ଜମ୍ମୁ କଶ୍ମୀର ଦଳ ପ୍ରଥମ ଥର ପାଇଁ ରଣ୍‌ଜୀ ଟ୍ରଫି ଜିତିବା ପରେ ସମଗ୍ର କେନ୍ଦ୍ରଶାସିତ ଅଞ୍ଚଳରେ ଉତ୍ସବର ପରିବେଶ ସୃଷ୍ଟି ହୋଇଛି। କ୍ରିକେଟ ପ୍ରଶଂସକମାନେ ବିଭିନ୍ନ ସ୍ଥାନରେ ବାଣ ଫୁଟାଇ, ଢୋଲ ବଜାଇ ଓ ମିଠା ବାଣ୍ଟି ବିଜୟ ଉତ୍ସବ ପାଳନ କରିଛନ୍ତି। ଏଥିସହିତ ଜମ୍ମୁଠାରେ ଛାତ୍ରୀଛାତ୍ରମାନେ ଜାତୀୟ ପତାକା ଧରି ବିଜୟ ଉତ୍ସବ ପାଳନ କରିଥିଲେ। ଏପରି କି ଦଳର ଏହି ଐତିହାସିକ ବିଜୟ ଲାଗି ଜମ୍ମୁ କଶ୍ମୀରକୁ ଅନେକ ପୂର୍ବତନ କ୍ରିକେଟର ଓ ଅନେକ ରାଜନେତା ଅଭିନନ୍ଦନ ଜଣାଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

ରଣ୍‌ଜୀ ଟ୍ରଫି ଫାଇନାଲରେ ଐତିହାସିକ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜମ୍ମୁ କଶ୍ମୀର ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ''ଜମ୍ମୁ କଶ୍ମୀର ଦଳକୁ ପ୍ରଥମ ରଣ୍‌ଜୀ ଟ୍ରଫି ବିଜୟ ଲାଗି ଅଭିନନ୍ଦନ। ଏହି ଐତିହାସିକ ସଫଳତା ଉଲ୍ଲେଖନୀୟ ନିଷ୍ଠା, ଶୃଙ୍ଖଳା ଓ ଦଳର ପ୍ୟାଶନକୁ ଦର୍ଶାଉଛି। ଏହା ଜମ୍ମୁ କଶ୍ମୀରବାସୀଙ୍କ ଲାଗି ଏକ ଗର୍ବର ମୁହୂର୍ତ୍ତ ଏବଂ ଏହା କେନ୍ଦ୍ରଶାସିତ ଅଞ୍ଚଳର ଖେଳ ପ୍ରତି ଉତ୍ସାହ ଓ ପ୍ରତିଭାକୁ ଦର୍ଶାଉଛି'' ବୋଲି ପ୍ରଧାନମନ୍ତ୍ରୀ ମୋଦି ଟୁଇଟ୍ କରିଛନ୍ତି।

# ଓଡ଼ିଶାର ଭାଗ୍ୟୋଦୟ କେବେ ?

**କଟକ,୨୮।୨(କୁମାରଶ୍ରୀ)**

ଭାରତୀୟ ଘରୋଇ କ୍ରିକେଟର ମହାକୁମ୍ଭ ରଣଜୀ ଟ୍ରଫିକୁ ନୂଆ ବିଜେତା ମିଳିଛି। ୮ଥରର ଚାମ୍ପିୟନ କର୍ଣ୍ଣାଟକକୁ ଫାଇନାଲରେ ହରାଇ ଜମ୍ମୁ ଓ କଶ୍ମୀର ଦଳ ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିଛି। ପୂର୍ବରୁ କେବେ ସେମିଫାଇନାଲ ଖେଳି ନ ଥିବା ଏହି ଦଳ ଚଳିତ ରଣଜୀ ଟ୍ରଫିର ଟାଇଟଲ୍ ଜିତି ଭାରତୀୟ କ୍ରିକେଟ ଜଗତରେ ଗୁଞ୍ଜରଣ ସୃଷ୍ଟି କରିଦେଇଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଉନ୍ନତ ଭିତ୍ତିଭୂମି, ବର୍ଷ ତମାମ୍ ଘରୋଇ ଟୁର୍ନାମେଣ୍ଟ ଆୟୋଜନ, ବିଭିନ୍ନ ଜିଲାରେ କ୍ରିକେଟ ଏକାଡେମୀର ସୁବିଧା ପାଇ ସୁଦ୍ଧା ଓଡ଼ିଶା କ୍ରିକେଟ କେବେ ସଫଳତାର ଶିଖରକୁ ଛୁଇଁବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି।

ଚଳିତ ରଣ୍‌ଜୀ ଟ୍ରଫିରେ ଓଡ଼ିଶା ଏଲିଟ୍ ଗ୍ରୁପ୍–ଏର ୭ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଗତ ସିଜନ ତଥା ୨୦୨୪ରେ ପଏଣ୍ଟ ଟେବୁଲରେ ଦଳର ସ୍ଥାନ ୬ଷ୍ଠ ଥିଲା। ୨୦୨୩ରେ ୫ମ, ୨୦୨୨ରେ ୩ୟ, ୨୦୨୦ରେ ଦ୍ୱିତୀୟ ସ୍ଥାନରେ ଥିଲା ଓଡ଼ିଶା। ବର୍ଷାନୁକ୍ରମେ ଓଡ଼ିଶାର ସ୍ଥିତି ପଏଣ୍ଟ ଟେବୁଲରେ ଖସିବାକୁ ଲାଗୁଛି। ୨୦୦୦ ମସିହାରେ ପ୍ରଥମ ଥର ସେମିଫାଇନାଲ ଖେଳିଥିବା ଓଡ଼ିଶା ଏଯାବତ୍ ୬ଥର ହିଁ ନକଆଉଟ୍ ପର୍ଯ୍ୟାୟକୁ ପ୍ରବେଶ କରିପାରିଛି, ତାହା ପୁଣି ଉଭୟ ଏଲିଟ୍ ଏବଂ ପ୍ଲେଟ୍ ଗ୍ରୁପର ଫଳାଫଳ ଅବଲୋକନରୁ ଜଣାପଡେ। ରାଜ୍ୟରେ କ୍ରିକେଟ ଭିତ୍ତିଭୂମିର ବିକାଶ ଘଟୁଥିବା ସ୍ପଷ୍ଟ ଭାବେ ଦେଖାଯାଉଥିଲେ ସୁଦ୍ଧା ବଡ ମଞ୍ଚରେ ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଚିନ୍ତାଜନକ ପରିସ୍ଥିତି ଉପୁଜାଇଛି।

**ଖେଳାଳିମାନଙ୍କ ନିଦ ଭାଙ୍ଗୁ**



ହାତଗଣତି ଖେଳାଳି କେବେ ଦଳକୁ ଫାଇନାଲ ପର୍ଯ୍ୟନ୍ତ ନେଇପାରିବେ ନାହିଁ କିମ୍ବା ଜିତାଇ ପାରିବେ ନାହିଁ। ଓଡ଼ିଶା କ୍ରିକେଟର ଇତିହାସକୁ ଦେଖିଲେ ମଧ୍ୟ ତାହା ଜଣାପଡ଼େ। ରାଜ୍ୟ କ୍ରିକେଟରେ ଅନେକ କିମ୍ବଦନ୍ତୀ ଖେଳାଳି ରହିଥିଲେ। ଏବେ ମଧ୍ୟ ପ୍ରତିଭାଧାରୀଙ୍କ ସଂଖ୍ୟା କମ୍ ନୁହେଁ। ହେଲେ ଦଳଗତ ପ୍ରଦର୍ଶନର ଅଭାବ ପରିଲକ୍ଷିତ ହେଉଛି। ଖେଳାଳିମାନେ ନିଦରୁ ଉଠନ୍ତୁ। ସେମାନଙ୍କ ଦକ୍ଷତା କ'ଣ ? ତାହା ସେମାନେ ପ୍ରମାଣିତ କରନ୍ତୁ। ଓଡ଼ିଶା କ୍ରିକେଟର ଆଗାମୀ ୫ବର୍ଷକୁ ଲକ୍ଷ୍ୟରେ ରଖି ଦଳ ଗଠନ କରାଯାଉଛି। ଓଡ଼ିଶା କ୍ରିକେଟ ପାଇଁ ଏହା ଏକ ପରିବର୍ତ୍ତନ କାଳ। ନିକଟ ଭବିଷ୍ୟତରେ ଓଡ଼ିଶା ଭଲ ଫଳାଫଳ ଆଣିବ ବୋଲି ଆଶା କରାଯାଉଛି।

**– ସୌରଜିତ ମହାପାତ୍ର**
ଅଧ୍ୟକ୍ଷ, ରାଜ୍ୟ ଦଳ ଚୟନ କମିଟି

**ସକାରାତ୍ମକ ଚିନ୍ତାଧାରା ଆବଶ୍ୟକ**



ପ୍ରଦର୍ଶନ ଭିତ୍ତିରେ ଓଡ଼ିଶା ବହୁତ ପଛରେ ପଡ଼ିଯାଇଛି। ଜମ୍ମୁ ଓ କଶ୍ମୀର ଚାମ୍ପିୟନ ହେବା କୌଣସି ବଡ ବିସ୍ମୟ ନୁହେଁ। ଭାରତୀୟ କ୍ରିକେଟର ସ୍ଥିତି ଦିନକୁ ଦିନ ବଦଳିଲାଣି। ବିଭିନ୍ନ ରାଜ୍ୟ ଦଳ ଭଲ ପ୍ରଦର୍ଶନ କରି ନଜରକୁ ଆସୁଛନ୍ତି। ଓଡ଼ିଆ ଖେଳାଳିମାନେ ଅଳ୍ପ ରନ୍ ସଂଗ୍ରହ କରି କିମ୍ବା ହାତଗଣତି ଉଇକେଟ ଅକ୍ତିଆର କରି ଦଳରେ ସ୍ଥାନ ବଜାୟ ରଖିବାକୁ ଉଦ୍ୟମ କରନ୍ତୁ ନାହିଁ। ବଡ ଇନିଂସ ଖେଳନ୍ତୁ। ଆଖିଦୃଶିଆ ପ୍ରଦର୍ଶନ କରନ୍ତୁ। ସକାରାତ୍ମକ ଚିନ୍ତାଧାରା ରଖି ଖେଳ ଜାରି ରଖିଲେ ଓଡ଼ିଶା ଏହି ସଫଳତା ପାଇ ପାରିବ।

**–ପବନ ଅଗ୍ରୱାଲ**, ପୂର୍ବତନ କ୍ରିକେଟର

# ଓଡ଼ିଶା ରାଜ୍ୟ ରାପିଡ୍, ବ୍ଲିଜ ଚେସ୍ ଉଦ୍‌ଘାଟିତ



**ଭୁବନେଶ୍ୱର,୨୮।୨(ଅନାଦି କର)**

ଅଲ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଫୁଲନଖରାସ୍ଥିତ ସିନର୍ଜି କ୍ୟାମ୍ପସ ପରିସରରେ ଟ୍ରିପଲ ସି ଚେସ୍ କ୍ଲବ ଦ୍ୱାରା ରାଜ୍ୟ ରାପିଡ୍ ଓ ବ୍ଲିଜ ଚେସ୍ ଚାମ୍ପିୟନଶିପ୍ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କ୍ଲବ ସଭାପତି ବିଶ୍ୱଜିତ ରାୟଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିନର୍ଜି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଅଧ୍ୟକ୍ଷ ଡ. ଅଶ୍ୱନୀ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସିନର୍ଜି ପଲିଟେକ୍‌ନିକ ପ୍ରିନ୍ସିପାଲ ଡ. ଧରଣୀଧର ସାହୁ, ସମ୍ମାନିତ ଅତିଥି ଭାବେ କଲେଜର ପ୍ରଶାସନିକ ଅଧିକାରୀ ଲକ୍ଷ୍ମୀକାନ୍ତ ପ୍ରଧାନ, ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁ, ତାପସ ମହାନ୍ତି, କ୍ରୀଡ଼ା ଅଧିକାରୀ ସମରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିନରେ ରାପିଡ୍ ପ୍ରତିଯୋଗିତାକୁ ଅନ୍ତର୍ଜାତୀୟ ଆର୍ବିଟର ସୁରେଶ ସାହୁଙ୍କ ନେତୃତ୍ୱରେ ତାପସ ମହାନ୍ତି, ଫିଡେ ଆର୍ବିଟର ଅଭିଷେକ ଆଚାର୍ଯ୍ୟ ଓ ସୁରଜ ମହାରଣା ପରିଚାଳନା କରିଥିଲେ।

# 'ସମୟ କମ୍ ସତ୍ତ୍ୱେ ଦଳର ପ୍ରସ୍ତୁତିରେ ସନ୍ତୁଷ୍ଟ'

**ଭୁବନେଶ୍ୱର,୨୮।୨(ଅନାଦି କର)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଚେନ୍ନାଇନ ଏଫ୍‌ସି ଓ ଓଡ଼ିଶା ଏଫ୍‌ସି ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ୍ ଖେଳାଯିବ। ଚଳିତ ସିଜନ ଆରମ୍ଭ ହେବା ପୂର୍ବରୁ ପ୍ରସ୍ତୁତି ଲାଗି ଖୁବ କମ୍ ସମୟ ମିଳିବା ସତ୍ତ୍ୱେ ଦଳର ପ୍ରଦର୍ଶନରେ ଓଡ଼ିଶା ଏଫ୍‌ସି ଅଧିନାୟକ ଅମରିନ୍ଦର ସିଂ ଓ ମୁଖ୍ୟ କୋଚ୍ ଟି ଜି ପୁରୁଷୋଥମନ ଶନିବାର ସନ୍ତୋଷ ବ୍ୟକ୍ତ କରିଛନ୍ତି ।

ସିଜନ ପୂର୍ବରୁ ଆମକୁ ପ୍ରସ୍ତୁତି ଲାଗି ଯଥେଷ୍ଟ ସମୟ ମିଳି ନ ଥିଲା। ମାତ୍ର ୩ରୁ ୪ ଦିନର ମିଳିତ ଅଭ୍ୟାସ ପରେ ଆମେ ପ୍ରଥମ ମ୍ୟାଚ୍ ଖେଳିଥିଲୁ। ବିନା ଗୋଲରେ ପ୍ରଥମ ମ୍ୟାଚ୍‌କୁ ଡ୍ର' ରଖିପାରିଥିବାରୁ ଆମେ ଏକ ଦଳ ଭାବେ ଗର୍ବିତ। ଆମେ ଏବେ ଅଧିକରୁ ଅଧିକ ପ୍ରାକ୍ଟିସ ସେସନ କରୁଛୁ ବୋଲି କଳିଙ୍ଗ ଷ୍ଟାଡିୟମରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ଏଫ୍‌ସି ଅଧିନାୟକ ଅମରିନ୍ଦର ସିଂ କହିଛନ୍ତି। ଏହି ଅବସରରେ ଉପସ୍ଥିତ ଥିବା ଦଳର ମୁଖ୍ୟ କୋଚ୍ ଟି ଜି ପୁରୁଷୋଥମନ ପ୍ରକାଶ କରିଛନ୍ତି ଯେ, ଦଳୀୟ ଖେଳାଳିମାନେ ପ୍ରଥମ ମ୍ୟାଚ୍‌ରେ ଦିଆଯାଇଥିବା ଦାୟିତ୍ୱ ସହ ଖେଳିଥିଲେ ଏବଂ ଦଳ ପାଇଁ ଶତ ପ୍ରତିଶତ ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍‌ରେ ପ୍ରତିପକ୍ଷ ଦଳକୁ ସୁଯୋଗ ନ ଦେଇ ଅଧିକରୁ ଅଧିକ ଗୋଲ ସ୍କୋରିଂ ଉପରେ ଆମେ ଧ୍ୟାନ ଦେଉଛୁ। ପ୍ରସ୍ତୁତି ଲାଗି ଖୁବ କମ୍ ସମୟ ସତ୍ତ୍ୱେ ଦଳର ଜିତିବାର ଇଚ୍ଛା ଉପରେ ମୋର ଆତ୍ମବିଶ୍ୱାସ ରହିଛି। ଏହାବାଦ୍ ସେ କହିଛନ୍ତି ଯେ, ମ୍ୟାଚ୍ ପୂର୍ବରୁ ଅନ୍ତିମ ଟ୍ରେନିଂ ସେସନ ପରେ ଖେଳାଳିଙ୍କ ଇଞ୍ଜୁରି ସମସ୍ୟାକୁ ଦୃଷ୍ଟିରେ ରଖି ଚୂଡ଼ାନ୍ତ ଏକାଦଶ ଚୟନ କରାଯିବ।


ଓଡ଼ିଶା ଏଫ୍‌ସି ଅଧିନାୟକ ଅମରିନ୍ଦର ସିଂ ଓ ମୁଖ୍ୟ କୋଚ୍ ଟି ଜି ପୁରୁଷୋଥମନ।

# ପାକିସ୍ତାନ ବିଜୟୀ, ସେମିରେ ନ୍ୟୁଜିଲାଣ୍ଡ


ଶତକୀୟ ଭାଗୀଦାରି ଅବସରରେ ସାହିବଜାଦା ଫରହାନ ଓ ଫଖର ଜମାନ।

**ପାଲିକେଲେ,୨୮।୨**

ଚଳିତ ଟି୨୦ ବିଶ୍ୱକପ୍‌ରେ ଶନିବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ସୁପର–୮ ମ୍ୟାଚ୍‌ରେ ପାକିସ୍ତାନ ୫ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହି ବିଜୟ ସତ୍ତ୍ୱେ ପାକିସ୍ତାନ ସେମିଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛି। ପାକିସ୍ତାନକୁ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିବା ପାଇଁ ଏହି ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ୬୫ ରନରେ ପରାସ୍ତ କରିବାର ଥିଲା। ମ୍ୟାଚ୍‌ର ଏଭଳି ଫଳାଫଳ ଯୋଗୁ ନ୍ୟୁଜିଲାଣ୍ଡ ତୃତୀୟ ଦଳ ଭାବେ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ପାକିସ୍ତାନର ସାହିବଜାଦା ଫରହାନ ଓ ଫଖର ଜମାନ ପ୍ରଥମ ଉଇକେଟ ପାଇଁ ୧୭୬ ରନ୍‌ର ଭାଗୀଦାରି କରିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ଯେକୌଣସି ଦଳ ପାଇଁ ସବୁଠୁ ବଡ଼ ଭାଗୀଦାରି। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନକୁ ଫରହାନ ଓ ଫଖର ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ। ଦୁହେଁ ୯୫ ବଲରେ ୧୭୬ ରନର ଭାଗୀଦାରି କରିଥିଲେ। ୧୬ତମ ଓଭରରେ ଫଖର ୪୨ ବଲରେ ୯ ଚୌକା ଓ ୪ ଛକା ସହିତ ୮୪ ରନ କରି ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଖ୍ୱାଜା ନଫେ(୨), ଶଦାବ ଖାନ(୭), ମହମ୍ମଦ ନୱାଜ(୦), ଅଧିନାୟକ ସଲମାନ ଅଲୀ ଆଘା(୦) ଓ ଶାହିନ ଶାହ ଆଫ୍ରିଦୀ(୪) ଫେଲ୍ ହୋଇଥିବା ବେଳେ ଫରହାନ ଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ଫରହାନ ୬୦ ବଲରେ ୯ ଚୌକା ଓ ୫ ଛକା ବଳରେ ୧୦୦ ରନ କରି ଆଉଟ୍ ହୋଇଥିଲେ। ଏହା ଚଳିତ ଟୁର୍ନାମେଣ୍ଟରେ ତାଙ୍କର ଦ୍ୱିତୀୟ ଶତକ ଥିଲା। ପାକିସ୍ତାନ ୨୦ ଓଭରରେ ୮ ଉଇକେଟ ହରାଇ ୨୧୨ ରନ କରିଥିଲା। ଦିଲସାନ ମଦୁଶଙ୍କା ୩ ଓ ଦାସୁନ ଶନକା ୨ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୧୨ ଓଭର ସୁଦ୍ଧା ୫ ଉଇକେଟ ହରାଇ ୧୦୧ ରନ କରିଥିଲା। ହେଲେ ଏହିଠାରୁ ପବନ ରତ୍ନାୟକେ (୩୭ ବଲରେ ୫୮ ରନ, ୪ ଚୌକା ଓ ୩ ଛକା) ଓ ଅଧିନାୟକ ଶନକା ଷଷ୍ଠ ଉଇକେଟରେ ୬୧ ରନ ଯୋଡ଼ି ଦଳକୁ ବିଜୟ ଆଶା ଦେଇଥିଲେ। ଶେଷ ଓଭରରେ ଜିତିବା ପାଇଁ ଶ୍ରୀଲଙ୍କାକୁ ୨୮ ରନ ଦରକାର ଥିଲା। ହେଲେ ଶାହିନଙ୍କ ଓଭରରେ ପ୍ରଥମେ ଚୌକା ଓ ଲଗାତର ୩ ଛକା ମାରିବା ସତ୍ତ୍ୱେ ଶନକା ଦଳକୁ ଜିତାଇପାରି ନ ଥିଲେ। ଫଳରେ ଶ୍ରୀଲଙ୍କା ୨୦ ଓଭରରେ ୬ ଉଇକେଟ ହରାଇ ୨୦୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଶନକା ୩୧ ବଲରେ ୨ ଚୌକା ଓ ୮ ଛକା ସହିତ ୭୬ ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ପାଇଁ ଅବରାର ଅହମଦ ୩ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ: ୨୦ ଓଭରରେ ୨୧୨/୮ (ସାହିବଜାଦା ଫରହାନ–୧୦୦, ଫଖର ଜମାନ–୮୪, ଦାସୁନ ଶନକା–୨/୪୨, ଦିଲଶାନ ମଦୁଶଙ୍କା–୩/୩୩)। ଶ୍ରୀଲଙ୍କା: ୨୦ ଓଭରରେ ୨୦୭/୬ (ଦାସୁନ ଶନକା–୭୬*, ପବନ ରତ୍ନାୟକେ–୫୮, ଅବରାର ଅହମଦ–୩/୨୩)।

## ଅହମଦାବାଦରେ ଫାଇନାଲ

ପାକିସ୍ତାନ ଓ ଶ୍ରୀଲଙ୍କା ଚଳିତ ଟି୨୦ ବିଶ୍ୱକପ୍‌ରୁ ବିଦାୟ ନେବା ପରେ ଫାଇନାଲ ମ୍ୟାଚ୍ ଲାଗି ଭେନ୍ୟୁ ସ୍ପଷ୍ଟ ହୋଇଛି। ପାକିସ୍ତାନ ଦଳ ଆନୁଷ୍ଠାନିକ ଭାବେ ଟୁର୍ନାମେଣ୍ଟରୁ ବିଦାୟ ନେଇଥିବାରୁ ଭାରତରେ ସମସ୍ତ ୩ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳାଯିବ। କୋଲକାତାର ଇଡେନ ଗାର୍ଡେନ୍ସରେ ୪ ତାରିଖରେ ପ୍ରଥମ ଓ ୫ ତାରିଖରେ ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ୮ ତାରିଖରେ ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଫାଇନାଲ ଅନୁଷ୍ଠିତ ହେବ।

# ଖେଳାଳି, ଅଫିସିଆଲଙ୍କ ପାଇଁ ବିକଳ୍ପ ବିମାନ ଯୋଜନା

**ଦୁବାଇ, ୨୮।୨ (ପି.ଟି.)**

ଇରାନ ଉପରେ ଆମେରିକାର ଆକ୍ରମଣ ଯୋଗୁ କେତେକ କ୍ଷେତ୍ରରେ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଭାରତ ଓ ଶ୍ରୀଲଙ୍କାରେ ଚାଲିଥିବା ଟି୨୦ ବିଶ୍ୱକପ୍‌ରୁ ଫେରୁଥିବା ଖେଳାଳି ଓ ଅଫିସିଆଲଙ୍କ ଲାଗି ବିକଳ୍ପ ବିମାନ ବ୍ୟବସ୍ଥା କରାଯାଉଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପ୍ରକାଶ କରିଛି। 'ଆମର ଇଭେଣ୍ଟ ସହିତ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ ସୁରକ୍ଷା ଓ କଲ୍ୟାଣ ଆଇସିସିର ସର୍ବୋଚ୍ଚ ପ୍ରାଥମିକତା ବୋଲି କହିଛି।

# ଇଡେନ୍‌ରେ ଆଜି ଭାରତ-ୱେଷ୍ଟଇଣ୍ଡିଜ ମୁକାବିଲା

**କୋଲକାତା, ୨୮। ୨ (ପି.ଟି.)**

ଚଳିତ ଆଇସିସି ଟି୨୦ କ୍ରିକେଟ ବିଶ୍ୱକପ୍‌ର ସୁପର–୮ରେ ଭାରତ ରବିବାର ୱେଷ୍ଟଇଣ୍ଡିଜକୁ ଭେଟିବ। ଏହାକୁ ଏକପ୍ରକାର କ୍ୱାର୍ଟରଫାଇନାଲ ଭାବେ ବିବେଚନା କରାଯାଉଛି। ସୁପର–୮ର ଗ୍ରୁପ୍–୧ରେ ଦକ୍ଷିଣ ଆଫ୍ରିକାକୁ ୱେଷ୍ଟଇଣ୍ଡିଜ ହରାଇ ଦେଇଥିବାବେଳେ ଜିମ୍ବାୱେ ବିପକ୍ଷରେ ଭାରତ ଚମତ୍କାର ବିଜୟ ହାସଲ କରିଛି। ଦୁଇ ଦଳ ମଧ୍ୟରେ ଇଡେନ ଗାର୍ଡେନ୍ସଠାରେ ଏକ ଜୋରଦାର ମୁକାବିଲା ହେବ ବୋଲି ଆଶା କରାଯାଉଛି। ଏହି ମ୍ୟାଚ୍‌ର ବିଜେତା ମାର୍ଚ୍ଚ ୫ରେ ମୁମ୍ବାଇଠାରେ ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ସେମିଫାଇନାଲ ଖେଳିବ। ଜିମ୍ବାୱେ ବିପକ୍ଷ ମ୍ୟାଚରେ ଭାରତୀୟ ବ୍ୟାଟିଂ ଲାଇନ୍‌ଅପ୍ ଫର୍ମକୁ ଫେରିଥିବା କୁହାଯାଉଛି। ମ୍ୟାଚରେ ପ୍ରଥମ ୬ ବ୍ୟାଟରଙ୍କ ଅବଦାନ ରହିଥିଲା। ସଞ୍ଜୁ ସାମସନ ଯଦିଓ ୨୪ ରନ କରିଥିଲେ, ଭାରତକୁ ଆରମ୍ଭ ଦେବାରେ ତାଙ୍କର ଅବଦାନ ରହିଥିଲା। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିବାରୁ ଏହାର ପ୍ରଭାବ ଅନ୍ୟ ବ୍ୟାଟରଙ୍କ ଉପରେ ପଡ଼ିଥିଲା। ଟୁର୍ନାମେଣ୍ଟରେ ଷ୍ଟାର ଓପନର ଅଭିଷେକ ଶର୍ମା ପ୍ରଥମ ତିନୋଟି ମ୍ୟାଚରେ ବିନା କୌଣସି ରନରେ ପ୍ୟାଭିଲିଅନ ଫେରିଥିବା ବେଳେ ପରବର୍ତ୍ତୀ ମ୍ୟାଚରେ ୧୫ ରନ କରିଥିଲେ। ତେବେ ଜିମ୍ବାୱେ ବିପକ୍ଷ ମ୍ୟାଚରେ ସେ ୫୫ ରନ କରିଥିଲେ। ତିଲକ ବର୍ମା ୬ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସି ମାତ୍ର ୧୬ ବଲ୍‌ରେ ୪୪ ରନ କରି ଅପରାଜିତ ରହିଥିଲେ। ମ୍ୟାଚରେ ଭାରତ ଚଳିତ ଟି୨୦ ବିଶ୍ୱକପ୍‌ର ସବୁଠାରୁ ବଡ଼ ସ୍କୋର ୨୫୬/୪ କରିଥିଲା। ଏହାସତ୍ତ୍ୱେ ଇଡେନଗାର୍ଡେନ୍ସ ଦଳ ପାଇଁ ସହଜ ହେବ ବୋଲି କହିହେବ ନାହିଁ। ଭାରତ ପାଇଁ ବୋଲିଂ ଚିନ୍ତାର କାରଣ ହୋଇପାରେ। ଜିମ୍ବାୱେ ବିପକ୍ଷରେ ବାମହାତୀ ପେସର ଅର୍ଶଦୀପ ସିଂ ୩ଉଇକେଟ ଅକ୍ତିଆର କରିଥିଲେ, ମାତ୍ର ଯଶପ୍ରୀତ୍ ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟା ଉଇକେଟ ନେବାରେ ବିଫଳ ରହିଥିଲେ। ରହସ୍ୟମୟ ସ୍ପିନର ବରୁଣ ଚକ୍ରବର୍ତ୍ତୀ ଆଶାନୁରୂପ ବୋଲିଂ କରିବାରେ ବିଫଳ ହୋଇଥିଲେ। ସେ ମାତ୍ର ଗୋଟିଏ ଉଇକେଟ ନେଇଥିଲେ। ଅତ୍ୟଧିକ ପରୀକ୍ଷଣ ଏହାର କାରଣ ହୋଇପାରେ ବୋଲି ମନେ କରାଯାଉଛି। ବରୁଣ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଭାବହୀନ ଥିଲେ। ସେ ତାଙ୍କ ୪ ଓଭର ବୋଲିଂରେ ୪୭ରନ ଦେଇଥିଲେ। ଡେଭିଡ ମିଲରର ଓ ଡିୱାଲ୍ଡ ବ୍ରେଭିସ ଆକ୍ରମଣାତ୍ମକ ଖେଳି ସେମାନଙ୍କ ଦଳର ସ୍କୋରକୁ ୧୮୭/୭ ରେ ପହଞ୍ଚାଇଥିଲେ। ଭାରତ ଏହି ମ୍ୟାଚରେ ୧୧୧ରନରେ ଅଲଆଉଟ ହୋଇଯାଇଥିଲା। ଇଡେନ୍ ପିଚ୍‌ରେ ସାମାନ୍ୟ ଘାସ ରହିପାରେ। ଏଥିରେ ବଲ୍ ଭଲରୂପେ ଟର୍ନ କରିବ। ଏହା ହୁଏତ ବୁମ୍‌ରା, ଅର୍ଶଦୀପ ଓ ପାଣ୍ଡ୍ୟାଙ୍କୁ ସୁହାଇପାରେ। ଏହି ତ୍ରୟ ଯେଉଁ ୧୨ ଓଭର ବୋଲିଂ କରିବେ ତାହା ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ଏହି ଟୁର୍ନାମେଣ୍ଟରେ ଶକ୍ତିଶାଳୀ ମନେହେଉଛି। ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହେବା ପୂର୍ବରୁ ଦଳ କ୍ରମାଗତ ୫ ବିଜୟ ହାସଲ କରିଥିଲା। ଏହାର ରଣନୀତି ସ୍ପଷ୍ଟ। ପ୍ରଥମରୁ ସେମାନେ ସତର୍କତାର ସହିତ ରନ ସଂଗ୍ରହ କରିଥାନ୍ତି ଏବଂ ଶେଷ ପର୍ଯ୍ୟାୟରେ ଜୋର୍‌ଦାର ପ୍ରହାର କରିଥାନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହି ଦଳ ଏକଦା ୧୧ ଓଭରରେ ୭ ଉଇକେଟ ବିନିମୟରେ ୮୩ ରନ କରିଥିଲା। ପରେ ଧୂଆଁଧାର ବ୍ୟାଟିଂ କରିବାଦ୍ୱାରା ୱେଷ୍ଟଇଣ୍ଡିଜ ସ୍କୋର ୧୭୬/୮ରେ ପହଞ୍ଚି ଯାଇଥିଲା। ୯ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ରୋମାରିଓ ଶେଫର୍ଡ ଲଢୁଆ ଅର୍ଦ୍ଧଶତକ ହାସଲ କରିଥିଲେ। ଟର୍ନିଂ ଉଇକେଟରେ ୱେଷ୍ଟଇଣ୍ଡିଜ ହୁଏତ ବାମହାତୀ ସ୍ପିନର ଅକଲି ହୋସେନଙ୍କୁ ଦଳରେ ସାମିଲ କରିପାରେ।


ପିଚ୍ ଅନୁଧ୍ୟାନ କରୁଛନ୍ତି ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

**ଟି୨୦ ବିଶ୍ୱକପ୍**
**(ଆଜିର ମ୍ୟାଚ୍)**

**ଜିମ୍ବାୱେ ବନାମ ଦକ୍ଷିଣ ଆଫ୍ରିକା**
ସ୍ଥାନ: ଦିଲ୍ଲୀ
ସମୟ: ଅପରାହ୍ନ ୩ଟା

**ଭାରତ ବନାମ ୱେଷ୍ଟଇଣ୍ଡିଜ**
ସ୍ଥାନ: କୋଲକାତା
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ପୃଷ୍ଠା–୮+୮

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୬ (୮+୮=୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 1/2026 | Page 16 | ₹ 7.00

୫୨ଶ ଭାଗ ୯୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 97 | ମୂଲ୍ୟ ₹୭/-






KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
NEW PACK
CELEBRATING 60 YEARS
TM
Safal
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧/୨୦୨୬ | Bhubaneswar, Sunday, March 1/2026 | ପୃଷ୍ଠା-୧



ଏନ୍‌ସିସି ନିର୍ଦ୍ଦେଶାଳୟ କଟକ ପକ୍ଷରୁ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପରିସର ପଡିଆରେ ଶନିବାରଠାରୁ ଆରମ୍ଭ ହୋଇଥିବା ଘୋଡ଼ାଚଢ଼ା ଶିବିରରେ ଜଣେ କ୍ୟାଡେଟ୍ କୌଶଳ ପ୍ରଦର୍ଶନ କରୁଛନ୍ତି। **(ଫଟୋ: ବିକାଶ ନାୟକ)**

# ଆଦିବାସୀ ନାବାଳିକାଙ୍କୁ ବଳାତ୍କାର

**ପାରାଦୀପ,୨୮।୨(ଶରତ ରାଉତ)**

ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାର ୬ ଦିନ ପରେ ଶନିବାର ପୁଣି ଏକ ସ୍ୱର୍ଶକାତର ଘଟଣା ଘଟିଛି। ଜଣେ ୭ ବର୍ଷୀୟା ଆଦିବାସୀ ନାବାଳିକାଙ୍କୁ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ୩ ଦିନ ଧରି ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଶନିବାର ସନ୍ଧ୍ୟାରେ ବଳାତ୍କାର କରିବା ଲାଗି ଏକ କ୍ୟାବିନ ଭିତରେ ପଶିଥିବାବେଳେ ଅଭିଯୁକ୍ତଙ୍କୁ କଲୋନିର ମହିଳାମାନେ କାବୁ କରି ପ୍ରଥମେ ଗଛରେ ବାନ୍ଧିଦେଇଥିଲେ। ପରେ ମାଡ଼ ମାରିବା ସହ ପାରାଦୀପ ଆଦର୍ଶ ଥାନା ପୋଲିସକୁ ଜିମା ଦେଇଥିଲେ। ପୋଲିସ ଅଭିଯୁକ୍ତ ଯୁବକ ଓ ନାବାଳିକାଙ୍କୁ ଥାନାକୁ ନେଇ ପଚରାଉଚରା କରିଛି। ବିଳମ୍ବିତ ରାତିରେ ନାବାଳିକାଙ୍କ ଡାକ୍ତରୀମାଇନା କରାଯିବ ବୋଲି ପୋଲିସଠାରୁ ସୂଚନା ମିଳିଛି। ଘଟଣା ସମ୍ପର୍କରେ ଥାନାଧିକାରୀ କାବୁଲି ବାରିକ୍ କୁହନ୍ତି, ଜଣେ ଛୋଟ ପିଲାଙ୍କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏନେଇ ତଦନ୍ତ କରାଯାଉଥିବାବେଳେ ତୁରନ୍ତ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ଘଟଣା ସମ୍ପର୍କରେ ସେହି ବସ୍ତିର ପାର୍ବତୀ ସିଂହ କହିଛନ୍ତି, ପୀଡ଼ିତା ନାବାଳିକାଙ୍କ ମା'ଙ୍କର ଗତ ୬ ମାସ ତଳେ ଦେହାନ୍ତ ହୋଇଯାଇଛି। ବାପା ନିଶାସକ୍ତ ଅବସ୍ଥାରେ ପ୍ରାୟ ବାହାରେ ବୁଲନ୍ତି। ତାଙ୍କର ଏହି ଛୋଟ ଝିଅ ବସ୍ତିରେ ମାଗି ଖାଆନ୍ତି। ଏହାର ସୁଯୋଗରେ ପାଖ ବଜାରରେ ଏକ ଚିକେନ୍ ଦୋକାନରେ ମାଂସ କାଟୁଥିବା ଯୁବକ ପ୍ରାୟତଃ ସେହି ଝିଅକୁ ଖାଇବାକୁ ଦେଇଥାଏ। ଗତ ୩ ଦିନ ହେଲା ଖରାବେଳେ ନାବାଳିକାଙ୍କୁ ନେଇ ସେ ରହୁଥିବା କାଠ କ୍ୟାବିନ ଭିତରେ ଥଣ୍ଡା ପାନୀୟରେ ନିଶା ଦେଇ ବଳାତ୍କାର କରେ। ନାବାଳିକା ଜଣକ ତା' ସାଙ୍ଗକୁ ଏ କଥା କହିଥିଲା। ପିଲାମାନଙ୍କଠାରୁ ମହିଳାମାନେ ଶୁଣି ଶନିବାର ତାଙ୍କୁ ଧରିବା ପାଇଁ ଯୋଜନା କରିଥିଲେ। ଅପରାହ୍ନରେ ଯୁବକ ଜଣକ ନାବାଳିକାଙ୍କୁ ନେଇ ସେହି କ୍ୟାବିନ ଭିତରେ ପୂରେଇ କବାଟ ବନ୍ଦ କରିବା ପରେ ମହିଳାମାନେ ଘେରି ଯାଇଥିଲେ। ନାବାଳିକା ଜଣକ ଯାହା ଘଟିଛି ତାହା କହିଥିଲେ ଏବଂ ଯୁବକ ଜଣକ ମଧ ମହିଳାମାନଙ୍କ ଆଗରେ ସବୁ କଥା ମାନିଛନ୍ତି ବୋଲି ପାର୍ବତୀ କହିଛନ୍ତି।

# ୟୁଟ୍ୟୁବରଙ୍କୁ ଚାବିରେ ଭୁସି ହତ୍ୟା

**ଭୁବନେଶ୍ୱର,୨୮।୨(ତ୍ରିନାଥ ମହାନ୍ତି)**

ଜିଜିପି କଲୋନୀ ହାଇସ୍କୁଲ ପଡ଼ିଆରେ ଶନିବାର ରାତିରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ୟୁଟ୍ୟୁବରଙ୍କୁ ଚାବିରେ ଭୁସି ହତ୍ୟା କରାଯାଇଛି। ମୃତକ ହେଲେ ରାହୁଲ ମହାରଣା। ରାହୁଲଙ୍କ ଜିଜିପି କଲୋନୀରେ ଏକ ଗ୍ୟାସ୍ ଫିଲିଂ ଓ ମରାମତି ଦୋକାନ ରହିଛି। ଖବରପାଇ ମଞ୍ଚେଶ୍ୱର ପୋଲିସ ଘଟଣାସ୍ଥଳରେ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ମଞ୍ଚେଶ୍ୱର ଥାନାଧିକାରୀ ଦୟାନିଧି ନାୟକ ସୂଚନା ଦେଇଛନ୍ତି।

ପୋଲିସ ସୂଚନା ଅନୁସାରେ, ଶନିବାର ରାତି ୧୧ଟା ସମୟରେ ଜିଜିପି କଲୋନି ସ୍କୁଲ ପଡ଼ିଆରେ ରାହୁଲ ଏବଂ ତାଙ୍କର ୨ସାଙ୍ଗ ମଦ ପିଉଥିଲେ । ଏହି ସମୟରେ ନିକଟରେ ଅନ୍ୟକେତଜଣ ଯୁବକ ସେଠାରେ ମଧ ମଦ ପିଉଥିଲେ। ମଦ ପିଇବା ସମୟରେ ୨ ଗୋଷ୍ଠୀଙ୍କ ମଧରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା। ଏହାପରେ ଅପରଗୋଷ୍ଠୀ ଜଣେ ଯୁବକ ଉତ୍ତେଜିତ ହୋଇ ହାତରେ ଧରିଥିବା ଚାବିରେ ରାହୁଲଙ୍କ ଛାତି ଏବଂ ବେକରେ ଚାବି ଭୁସି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ରାହୁଲଙ୍କ ମୃତ୍ୟୁ ହୋଇଥିଲା। ଘଟଣା ପରେ ଆକ୍ରମଣକାରୀ ଯୁବକମାନେ ଫେରାର ହୋଇଯାଇଥିଲେ। ଆକ୍ରମଣ କରିଥିବା ଯୁବକ ସ୍ଥାନୀୟ ଅଞ୍ଚଳର ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍‌ର ୩ଥର ସଫଳ ଉଡ଼ାଣ ପରୀକ୍ଷଣ

**ବାଲେଶ୍ୱର,୨୮।୨(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ଚାନ୍ଦିପୁର କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ଡିଆରଡ଼ିଓ ପକ୍ଷରୁ ଶୁକ୍ରବାର କମ୍ ଦୂରତା ବିଶିଷ୍ଟ ବାୟୁ ପ୍ରତିରକ୍ଷାପ୍ରଣାଳୀ ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍‌ର ୩ଥର ସଫଳ ପରୀକ୍ଷଣ କରାଯାଇଥିଲା। ଭିଏସ୍‌ଏଚ୍‌ଓଆର୍‌ଡ଼ିଏସ୍ ହେଉଛି ଏକ ମ୍ୟାନ୍ ପୋର୍ଟେବଲ୍ ଏୟାର୍ ଡିଫେନ୍ସ ସିଷ୍ଟମ୍। ଏହାକୁ ସହଜରେ ସୈନିକମାନେ ଗୋଟାଏ ସ୍ଥାନରୁ ଅନ୍ୟ ସ୍ଥାନକୁ ବୋହି ନେଇପାରିବେ। ସ୍ୱଦେଶୀ ଜ୍ଞାନକୌଶଳରେ ଏହା ଡିଆରଡିଓ ଦ୍ୱାରା ନିର୍ମିତ ହୋଇ ବିକଶିତ କରାଯାଇଛି।



ଭିଏସ୍‌ଏଚ୍‌ଓଆର୍‌ଏଡିଏସ୍ କ୍ଷେପଣାସ୍ତ୍ର।

ଫେବୃଆରୀ ୨୦୨୫ରେ ଚାନ୍ଦିପୁରରେ ଏହାର ଅନେକ ସଫଳ ଉଡ଼ାଣ ପରୀକ୍ଷଣ କରାଯାଇଥିଲା। ଏଥିରେ ଲଘୁ ପ୍ରତିକ୍ରିୟା ନିୟନ୍ତ୍ରଣ ପ୍ରଣାଳୀ, ଏକୀକୃତ ଏଭିୟୋନିକ୍ସ ଏବଂ ଦୁଇଗୁଣା ଥ୍ରଷ୍ଟ ସଲିଡ୍ ମୋଟର ବ୍ୟବହାର କରାଯାଇଛି।

ତେବେ ଭିଏସ୍‌ଏଚ୍‌ଓଆର୍‌ଏଡ଼ିଏସ୍‌ର ସଫଳ ପରୀକ୍ଷଣ ହୋଇଥିବା ସୂଚନା ପାଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଡିଆରଡିଓର ବୈଜ୍ଞାନିକ, ଇଞ୍ଜିନିୟର ଓ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ, ଭିଏସ୍‌ଏଚ୍‌ଓଆର୍‌ଏଡ଼ିଏସ୍‌ର କ୍ରମାଗତ ୩ ଥର ଉଡ଼ାଣ ପରୀକ୍ଷଣ ଏକ ବଡ଼ ସଫଳତା ହୋଇଥିବା ଯୋଗୁ ଏହା ଖୁବ୍‌ଶୀଘ୍ର ସଶସ୍ତ୍ର ବାହିନୀରେ ସାମିଲ୍ ହୋଇପାରିବ।

# ସଂକୀର୍ତ୍ତନ ଗାଡ଼ି ଓଲଟି ୨ମୃତ, ୫ ଗୁରୁତର

**ଛତିଆ/ବଡ଼ଚଣା,୨୮।୨(ସୌମ୍ୟ ରଞ୍ଜନ ସାହୁ/ଦିଲ୍ଲୀପ କୁମାର ମହାନ୍ତି)**

ନାମ ସଂକୀର୍ତ୍ତନ ସାରି କେତେଜଣ ବ୍ୟକ୍ତି ଏକ ଟାଟା ଏସିଇ ଗାଡ଼ି (ଓଆର୍‌୦୫ ବିଆର୍ ୪୬୫୧)ରେ ଶନିବାର ରାତିରେ ଘରକୁ ଫେରୁଥିବାବେଳେ ସେମାନେ ଦୁର୍ଘଟଣାର ଶିକାର ହୋଇଛନ୍ତି। ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଛି ଏବଂ ୫ଜଣ ଗୁରୁତର ଆହତ ହୋଇଛନ୍ତି। ଯାଜପୁର ଜିଲା ବଡ଼ଚଣା ବ୍ଲକ ବୈରୀ ଅଞ୍ଚଳରେ ଏହି ଘଟଣା ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବ୍ଲକର ଉପୁଳା ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ବୈରୀକୁ ଯାଇ ନଗର ସଂକୀର୍ତ୍ତନ କରିଥିଲେ। ରାତିରେ ଫେରିବାବେଳେ ଗାଡ଼ିଟି ବୈରୀ ଉପୁଳା ହାଇଲେଭଲ୍ କେନାଲର ସାଇ ମନ୍ଦିର ନିକଟରେ ଭାରସ୍ୟାମ ହରାଇ କେନାଲ ବାଡ଼ାରେ ପିଟି ହୋଇ ଓଲଟି ପଡ଼ିଥିଲା। ଗାଡ଼ିରେ ପ୍ରାୟ ୧୭ ଜଣ ଥିବାବେଳେ ଘଟଣାସ୍ଥଳରେ ୨ଜଣଙ୍କ ପ୍ରାଣହାନି ଘଟିଛି। ୨ ମୃତକ ଏବଂ ୫ ଗୁରୁତରଙ୍କୁ ସ୍ଥାନୀୟ ଲୋକେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତରମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୨ ମୃତକ ହେଲେ ମହେନ୍ଦ୍ର ମଲିକ (୨୦), ଚନ୍ଦନ ମଲିକ (୪୦)।

# ସର୍ଭିକାଲ କ୍ୟାନ୍‌ସରରୁ ସୁରକ୍ଷା ଦେବ ଏଚ୍‌ପିଭି ଟିକା

## ରାଜ୍ୟସ୍ତରୀୟ ଟିକାକରଣ ଅଭିଯାନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

### ଝିଅଙ୍କ ସ୍ୱାସ୍ଥ୍ୟ, ଭବିଷ୍ୟତ ସୁରକ୍ଷା ଦିଗରେ ଯୁଗାନ୍ତକାରୀ ପଦକ୍ଷେପ

**ଭୁବନେଶ୍ୱର,୨୮।୨(ବନ୍ଦନା ସେଠୀ)**

ହ୍ୟୁମାନ ପାପିଲୋମା ଭାଇରସ୍ ବା ଏଚ୍‌ପିଭି ସଂକ୍ରମଣର ନିରାକରଣ ପାଇଁ ଟିକାକରଣ ଅଭିଯାନ ଶନିବାର ଦେଶବ୍ୟାପୀ ଆରମ୍ଭ ହୋଇଛି। ଏହି ଟିକାକରଣ ଅଭିଯାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ କୃଷି ଭବନଠାରେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ଏଚ୍‌ପିଭି ନିରାକରଣ ପାଇଁ ଟିକାକରଣ ଅଭିଯାନ ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ, ମହିଳାମାନଙ୍କୁ ସୁସ୍ଥ ଓ ସଶକ୍ତ କରିବା ଏହାର ଲକ୍ଷ୍ୟ। ଏହି ଟିକା ଝିଅମାନଙ୍କୁ ସର୍ଭିକାଲ କ୍ୟାନ୍‌ସର ରୋଗରୁ ସୁରକ୍ଷା ପ୍ରଦାନ କରିବ। ଏଥିସହ କନ୍ୟାମାନଙ୍କର ସ୍ୱାସ୍ଥ୍ୟ ଓ ଭବିଷ୍ୟତ ସୁରକ୍ଷା ଦିଗରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ। ଏଚ୍‌ପିଭି ଟିକାକରଣ ଅଭିଯାନରେ ଓଡିଶାର ୧୪ରୁ ୧୫ ବର୍ଷ ବୟସ ମଧରେ ଥିବା ପ୍ରାୟ ୩.୩୬ ଲକ୍ଷ ବାଳିକାଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଟିକାକରଣ କରାଯିବ। ଏଥିପାଇଁ ୩ମାସ ସମୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଟିକା ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଦ୍ୱିତୀୟ ମାସରେ ଏହାକୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ, କ୍ୟାନ୍‌ସର ଭଳି ଅନେକ ଜଟିଳ ରୋଗର ଔଷଧକୁ ଶସ୍ତା କରାଯାଇଛି। ଏହି ରୋଗର ମୁକାବିଲା ନିମନ୍ତେ ୨୦୨୬-୨୭ ରାଜ୍ୟ ବଜେଟରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା କାର୍ଯ୍ୟକ୍ରମ' ଘୋଷଣା କରାଯାଇଛି। ଏଥିରେ ବ୍ୟାପକ କମ୍ୟୁନିଟି ସଚେତନତା ସହିତ ଗାଁ ଗହଳିରେ ସ୍କ୍ରିନିଂ, ମୋବାଇଲ କ୍ୟାମ୍ପ ଜରିଆରେ ପଦକ୍ଷେପ ନିଆଯାଇ ଆଗୁଆ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ। ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ଓଡିଶା ପାଇଁ ସ୍ୱତନ୍ତ୍ର ଭାବେ ୧୨୧ଟି କର୍କଟ ଚିକିତ୍ସା ପ୍ୟାକେଜ୍ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଉ ୨୮ଟି ନୂଆ ୧୦୮ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ୪୦୦ଟି ଆମ୍ବୁଲାନ୍ସ ଲୋକାର୍ପିତ ହୋଇଥିବାବେଳେ ଏବେ ମୋଟ ୪୨୮ଟି ନୂଆ ଆମ୍ବୁଲାନ୍ସ ରାଜ୍ୟବାସୀଙ୍କୁ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପ୍ରଦାନ କ୍ଷେତ୍ରରେ ଯୋଡି ହୋଇଛି। ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୧୧୧ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏହି ନୂଆ ଆମ୍ବୁଲାନ୍ସଗୁଡିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ମଜଭୁତ୍ କରିବ ବୋଲି ମୁଖ୍ୟମନ୍ତ୍ରୀ ମତପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

- **ଉପକୃତ ହେବେ ରାଜ୍ୟର ୩.୩୬ ଲକ୍ଷ ବାଳିକା**
- **୨୮ ନୂଆ ୧୦୮ ଆମ୍ବୁଲାନ୍ସ ଲୋକାର୍ପିତ**

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଯୋଗଦେଇ କହିଲେ, ସର୍ଭିକାଲ କ୍ୟାନ୍‌ସରରୁ ଝିଅମାନଙ୍କୁ ରକ୍ଷା କରିବା ସହ ସ୍ୱାସ୍ଥ୍ୟ ସୁରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ପାଇଁ ଏହି ଟିକାକରଣ ଅଭିଯାନ ଆରମ୍ଭ ହୋଇଛି। ଟିକାର ବଜାର ମୂଲ୍ୟ ୪ହଜାର ଟଙ୍କା ହୋଇଥିବାବେଳେ ଝିଅମାନଙ୍କୁ ମାଗଣାରେ ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀ ବ୍ୟବସ୍ଥା କରିଛନ୍ତି। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱଥୀ ଏସ୍. ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

# ଏପ୍ରିଲ ୨ରୁ ୫ ମଧ୍ୟରେ ଖଡ଼ିଛୁଆଁ ଉତ୍ସବ

**ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)**

ଆସନ୍ତା ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଆସନ୍ତା ଏପ୍ରିଲ ୨ରୁ ୫ତାରିଖ ମଧ୍ୟରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ ଉତ୍ସବ ପାଳନ କରାଯିବ। ସେପ୍ଟେମ୍ବର ୧ ପର୍ଯ୍ୟନ୍ତ ଯେଉଁ ଶିଶୁମାନେ ୫ରୁ ୬ ବର୍ଷ ମଧ୍ୟରେ ହୋଇଥିବେ ସେମାନେ ଶିଶୁ ବାଟିକାରେ ନାମ ଲେଖାଇବେ। ସେହିପରି ଯେଉଁ ଶିଶୁମାନଙ୍କୁ ୬ ବର୍ଷ ହୋଇଥିବ ସେମାନଙ୍କୁ ପ୍ରଥମ ଶ୍ରେଣୀରେ ନାମଲେଖାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଓଡିଶା ଶିକ୍ଷା ସର୍ବେକ୍ଷଣ (ଚାଇଲ୍ଡ ଟ୍ରାକିଂ ସର୍ଭେ-ସିଟିଏସ୍) ଦ୍ୱାରା ଗ୍ରହଣ କରାଯାଉଥିବା ତଥ୍ୟକୁ ଆଧାରକରି ପିଲାମାନଙ୍କର ନାମଲେଖା ହେବ। ଅଙ୍ଗନୱାଡି କେନ୍ଦ୍ର ଓ ପ୍ରି ସ୍କୁଲରୁ ଏହି ସମସ୍ତ ତଥ୍ୟ ସଂଗ୍ରହ କରାଯାଇଛି। ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ଯେପରି ପିଲାମାନେ ନାମ ଲେଖାଇବେ, ସେଥିପାଇଁ ଅଧିକ ଧ୍ୟାନ ଦିଆଯିବ। ପିଲାଙ୍କୁ ପାରମ୍ପରିକ ରୀତିନୀତି ଅନୁସାରେ ଖଡ଼ି ଛୁଆଁ କାର୍ଯ୍ୟକ୍ରମ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବାଣ କାରଖାନାରେ ବିସ୍ଫୋରଣ: ୨୧ ମୃତ



ଆନ୍ଧ୍ରପ୍ରଦେଶ କାକିନାଡ଼ା ଜିଲାର ସୂର୍ଯ୍ୟ ଫାୟାରୱାର୍କସ କାରଖାନାରେ ଶନିବାର ବିସ୍ଫୋରଣ ପରେ ଜଳୁଥିବାର ଦୃଶ୍ୟ।

**ଭେଟ୍ଲାପାଲେମ୍,୨୮।୨**

ଆନ୍ଧ୍ରପ୍ରଦେଶର କାକିନାଡା ଜିଲାରେ ଥିବା ଏକ ବାଣ କାରଖାନାରେ ଶନିବାର ବିସ୍ଫୋରଣ ଘଟି ୨୧ ଜଣଙ୍କ ମୃତ୍ୟୁ ହେବା ସହ ୮ ଜଣ ଗୁରୁତର ହୋଇଛନ୍ତି। ସମରଲକୋଟା ମଣ୍ଡଳ ଅନ୍ତର୍ଗତ ଭେଟ୍ଲାପାଲେମ୍ ଗାଁରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ମୃତଦେହଗୁଡ଼ିକ ଛିଟିକି ଯାଇ ନିକଟବର୍ତ୍ତୀ ଧାନ କ୍ଷେତରେ ପଡ଼ିଥିବା ପୋଲିସ କହିଛି। ଘଟଣାସ୍ଥଳରେ ଆନ୍ଧ୍ରପ୍ରଦେଶ ଗୃହମନ୍ତ୍ରୀ ବଙ୍ଗାଲାପୁଡ଼ି ଅନିଥା ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ନିଆଁ କିପରି ଲାଗିଲା ଓ ବିସ୍ଫୋରଣ କିପରି ହେଲା ଜାଣିବା ପାଇଁ ତଦନ୍ତ ଜାରି ରହିଛି। କାକିନାଡା ସରକାରୀ ଜେନେରାଲ ହସ୍ପିଟାଲକୁ ୭ ଜଣ ପୋଡ଼ାଜଳା ରୋଗୀ ଆସି ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଶରୀରର ୯୦ରୁ ୧୦୦ ଭାଗ ପୋଡ଼ିଯାଇଥିବା ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ସୂର୍ଯ୍ୟ ଫାୟାରୱାର୍କସ କାରଖାନାରେ ବିସ୍ଫୋରଣ ଘଟି ଅନେକ କର୍ମଚାରୀ ପ୍ରାଣ ହରାଇଥିବାରୁ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଦୁଃଖପ୍ରକାଶ କରିଛନ୍ତି।

# ବୋତୋସ୍ୱାନାରୁ କୁନୋ ଜାତୀୟ ଉଦ୍ୟାନକୁ ଆସିଲେ ୯ ଚିତା

**ଶେଓପୁର(ମଧ୍ୟପ୍ରଦେଶ), ୨୮।୨(ପି.ଟି.)**

ଦକ୍ଷିଣ ଆଫ୍ରିକୀୟ ଦେଶ ବୋତୋସ୍ୱାନାରୁ ଆଉ ୯ଟି ଚିତାଙ୍କୁ ଅଣାଯାଇଥିବାବେଳେ ସେମାନେ ଶନିବାର ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ପହଞ୍ଚିଛନ୍ତି। ଫଳରେ ଭାରତରେ ଚିତା ସଂଖ୍ୟା ୪୮କୁ ବୃଦ୍ଧି ପାଇଥିବା ଜଣେ ଅଧିକାରୀ କହିଛନ୍ତି। ୪ ବର୍ଷୀୟା ସଂଖ୍ୟାବୃଦ୍ଧି ଯୋଜନାର ଅଂଶବିଶେଷ ଭାବେ ଆଫ୍ରିକାରୁ ତୃତୀୟ ବ୍ୟାଚ୍‌ରେ ଏହି ଚିତାଗୁଡ଼ିକୁ ବାୟୁସେନା ବିମାନରେ ଅଣାଯାଇଛି। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଉକ୍ତ ଚିତାବାଘଗୁଡ଼ିକୁ ଜାତୀୟ ଉଦ୍ୟାନରେ ପ୍ରସ୍ତୁତ ହୋଇ ରହିଥିବା ଖୁଆଡ଼ ମଧକୁ ଛାଡ଼ିବେ। ବାୟୁସେନା ବିମାନରେ ଆସିଥିବା ଚିତାଗୁଡ଼ିକ ଗ୍ୱାଲିଅରରେ ପହଞ୍ଚିବା ପରେ ସେଠାରୁ ବାୟୁସେନା ହେଲିକପ୍ଟର ଯୋଗେ କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଛି। ୨୦୨୨ ସେପ୍ଟେମ୍ବରରେ ନାମିବ୍ୟାରୁ ଏବଂ ୨୦୨୩ ଫେବୃଆରୀରେ ଦକ୍ଷିଣ ଆଫ୍ରିକାରୁ ଚିତା ଅଣାଯାଇଥିଲା। କେନ୍ଦ୍ର ସରକାରଙ୍କ ସହାୟତାରେ ଯଥାଶୀଘ୍ର ସମ୍ଭବ ଦେଶରେ ଚିତା ସଂଖ୍ୟା ୫୦ରେ ପହଞ୍ଚିବାକୁ ଯାଉଥିବା ପ୍ରୋଜେକ୍ଟ ଚିତା ନିର୍ଦ୍ଦେଶକ ଉତ୍ତମ ଶର୍ମା କହିଛନ୍ତି।



# ୨୦ ମାସରେ ରାଜ୍ୟର ଅଭିବୃଦ୍ଧି ହାର ୭.୯%: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୮।୨(ଅନୁରାଧା ମହାରଣା)

**'ବିକାଶ ମନ୍ଥନ ୧.୦: ଗଭର୍ନାନ୍ସ ଇନ୍ ଆକ୍ସନ' ଉଦ୍‌ଯାପିତ**

- ୨୦ ଲକ୍ଷ କୋଟିର ପୁଞ୍ଜି ନିବେଶ
- ୧୦୯ ପ୍ରକଳ୍ପରେ ୧.୭୬ ଲକ୍ଷ ନିଯୁକ୍ତି ସୃଷ୍ଟି
- ୩ ଲକ୍ଷ କୋଟି ଅତିକ୍ରମ କରିବ ରାଜ୍ୟ ବଜେଟ

ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଚାଲିଥିବା 'ଓଡ଼ିଶା ବିକାଶ ମନ୍ଥନ ୧.୦ : ଗଭର୍ନାନ୍ସ ଇନ୍ ଆକ୍ସନ' କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ, ଚଳିତ ବର୍ଷ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ। ଗତ ୨୦ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି। ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି। ଇଲେକ୍ଟ୍ରୋନିକ୍ସ, କୃତ୍ରିମ ବୁଦ୍ଧିମତ୍ତା, ଗ୍ଲୋବାଲ କାପାବିଲିଟି ସେଣ୍ଟର ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ନୂତନ ନୀତି ପ୍ରସ୍ତୁତ କରାଯାଇଛି। ଓଡ଼ିଶାକୁ ଏକ ଡିଜିଟାଲ ଓ ଶିଳ୍ପ ଶକ୍ତିକେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ ଅଛନ୍ତି। ରାଜ୍ୟର ବଜେଟ ପ୍ରଥମଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାକୁ ଯାଉଛି। ଭିତ୍ତିଭୂମି ଉନ୍ନତି ପାଇଁ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ଜିଏସ୍‌ଡିପିର ୬.୫ ପ୍ରତିଶତ। ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ ଅର୍ଥାତ୍ ୧୩.୬ ପ୍ରତିଶତ ରହିଛି, ଯାହା ଏଫ୍‌ଆର୍‌ବିଏମ୍ ସୀମାଠାରୁ ଯଥେଷ୍ଟ କମ୍। 'ସୁଭଦ୍ରା' ଯୋଜନାରେ ୧ କୋଟିରୁ ଅଧିକ ମହିଳା ଆର୍ଥିକ ସ୍ୱାଧୀନତା ହାସଲ କରିଥିବା ବେଳେ ପ୍ରାୟ ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା ପ୍ରଦାନ କରାଯାଉଛି। ୨୦୨୪-୨୫ରେ ରେକର୍ଡ ୯୨.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇ ୨୮,୭୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ୪୫ ହଜାର ଶିଶୁବାଟିକା ଖୋଲାଯିବା ସହ ୨୦ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ବ୍ୟୟରେ ୨୨୦୦ଟି ବିଦ୍ୟାଳୟ ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୦୨୬-୨୭ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଆୟୁଷ୍ମାନ୍ ଭାରତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧.୦୩ କୋଟି ପରିବାରର ୩.୪୭ କୋଟି ଲୋକ ଉପକୃତ ହେଉଛନ୍ତି। ରାଜ୍ୟର ସମସ୍ତ ଗ୍ରାମକୁ ୨୦୨୭ ମାର୍ଚ୍ଚ ସୁଦ୍ଧା ପାଇପ ପାଣି ଯୋଗାଇବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଇକୋନୋମିକ୍ ରିଜିଅନର ଅର୍ଥନୀତିକୁ ୨୦୪୭ ସୁଦ୍ଧା ୫୦୦ ବିଲିଅନ ଡଲାର କରିବା ପାଇଁ ଲକ୍ଷ୍ୟ ରହିଛି। ସାଂସ୍କୃତିକ କ୍ଷେତ୍ରରେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପାଇଁ କର୍ପସ ପାଣ୍ଠି ଗଠନ, ଐତିହ୍ୟ ଗ୍ରାମ ସୁରକ୍ଷା ଓ ବାଲିଯାତ୍ରାକୁ ବିଶ୍ୱସ୍ତରରେ ପ୍ରଚାର କରାଯାଉଛି। ୪୮ ବର୍ଷ ପରେ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତି କରାଯାଉଛି ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଦୁଇଦିନିଆ ସମ୍ମିଳନୀରେ ୫୦୦ରୁ ଅଧିକ ନୀତି ନିର୍ଦ୍ଧାରକ, ଅଧିକାରୀ ଓ ବିଶେଷଜ୍ଞ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଓସିଆଇଡି ସଂଗଠନ ସଚିବ ରାଣା ପୃଥ୍ୱୀରାଜ ସିଂହ ଧନ୍ୟବାଦ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।




କଞ୍ଜ୍ୟୁମର ୱେଲ୍‌ଫେୟାର ପକ୍ଷରୁ ଶନିବାର କଳିଙ୍ଗ ଷ୍ଟାଡିୟମରୁ ବାହାରିଥିବା ସଚେତନତା ଗଣଦୌଡ଼ରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହ ଅନ୍ୟମାନେ।

## ସିଏସ୍‌ଙ୍କ କାର୍ଯ୍ୟାଳୟ କନ୍‌ସଲଟାଣ୍ଟ ହେଲେ ଦେବେନ୍ଦ୍ର କୁମାର ଜେନା

ଭୁବନେଶ୍ୱର, ୨୮।୨
(ସୁନିତ୍ ମିଶ୍ର)

ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ଦେବେନ୍ଦ୍ର କୁମାର ଜେନାଙ୍କୁ ମୁଖ୍ୟ ଶାସନ ସଚିବଙ୍କ(ସିଏସ୍) କାର୍ଯ୍ୟାଳୟରେ କନସଲଟାଣ୍ଟ ଭାବେ ନିଯୁକ୍ତି ମିଳିଛି। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଗତ ୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି। ତାଙ୍କୁ ଏହି ପଦରେ ଦାୟିତ୍ୱ ଗ୍ରହଣ କରିବା ଦିନଠାରୁ ବର୍ଷକ ପାଇଁ ନିଯୁକ୍ତି ଦିଆଯାଇଛି। ତାଙ୍କୁ ମାସିକ ୮୬,୧୦୦ ଟଙ୍କା ଲେଖା ଦରମା ପ୍ରଦାନ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ଭିଏସ୍‌ଏସ୍ ନଗରରେ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୮।୨(ସୌମ୍ୟରଞ୍ଜନ ରାଉତ)

ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଶ୍ରାଦ୍ଧ ଦିବସ ଅବସରରେ ଉତ୍କଳ ସମ୍ମିଳନୀ ଓ ଭିଏସ୍‌ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଭିଏସ୍‌ଏସ୍ ନଗରରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ଶନିବାର ମାଲ୍ୟାର୍ପଣ କରାଯାଇଛି। ସମ୍ମିଳନୀ ଓ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ପ୍ରଭାସିନୀ ମହାନ୍ତି, ବରିଷ୍ଠ ନାଗରିକ କମିଟିର ସାଧାରଣ ସମ୍ପାଦକ ଭ୍ରମରବର ପ୍ରଧାନ, ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଡ. କୁମୁଦ ମିଶ୍ର, ଦୁର୍ଗାପୂଜା କମିଟିର ଉପ-ସଭାପତି ନିମାଇଁ ଚରଣ ଦାସ ଓ ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, ଧୀରେନ୍ ଦାଶ ଓ ପ୍ରସନ୍ନ ରଥ ପ୍ରମୁଖ ବରପୁତ୍ରଙ୍କ ଗୁଣଗାନ କରିଥିଲେ। ଉନ୍ନୟନ ପରିଷଦର ଯୁଗ୍ମ-ସମ୍ପାଦକ ଧରଣୀଧର ରାଉତ ଓ ଚିନ୍ତାମଣି ବାରିକ, ଦୁର୍ଗାପୂଜା କମିଟି କୋଷାଧକ୍ଷ ଭ୍ରମରବର ସାହୁ, ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖାର ଯୁଗ୍ମ-ସମ୍ପାଦକ ଅକ୍ଷୟ ଜେଠୀଙ୍କ ସମେତ ବହୁ ବ୍ୟକ୍ତିବିଶେଷ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ପ୍ରତିମୂର୍ତ୍ତି ସ୍ଥଳରେ ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଉଛି।

## ସୁରକ୍ଷା, ସଦ୍‌ଭାବନା ରକ୍ଷାକୁ ଗୁରୁତ୍ୱ ଦିଅ: କେନ୍ଦ୍ରାଞ୍ଚଳ ଆଇଜି

ଭୁବନେଶ୍ୱର,୨୮।୨(ତ୍ରିନାଥ ମହାନ୍ତି)

**ଆସୁଛି ହୋଲି, ଇଦ୍-ଉଲ୍-ଫିତର, ରାମ ନବମୀ, ହନୁମାନ ଜୟନ୍ତୀ**

ଆଗକୁ ହୋଲି, ଦୋଳ ପୂର୍ଣ୍ଣିମା, ଇଦ୍-ଉଲ୍-ଫିତର, ରାମ ନବମୀ, ହନୁମାନ ଜୟନ୍ତୀ, ମହାବିଷୁବ ସଂକ୍ରାନ୍ତି ଆଦି ଏକାଧିକ ପର୍ବ ଆସୁଛି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଶନିବାର କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ସତ୍ୟଜିତ୍ ନାୟକ ଏହି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ସମୀକ୍ଷା ବୈଠକରେ କେନ୍ଦ୍ରାଞ୍ଚଳ ଅନ୍ତର୍ଗତ ୭ ଜିଲାରେ ଏସବୁ ପର୍ବପର୍ବାଣିକୁ ଶୃଙ୍ଖଳିତ ତଥା ସୁରକ୍ଷିତ ଭାବେ ପାଳନ କରିବାକୁ ନେଇ ଆଲୋଚନା ହୋଇଛି। ଏସବୁ ଉତ୍ସବରେ ବହୁ ସଂଖ୍ୟାରେ ଜନ ସମାଗମ ହେବାର ସମ୍ଭାବନା ରହିଛି। ତେଣୁ ଜନସାଧାରଣଙ୍କ ସୁରକ୍ଷା ଏବଂ ସାମ୍ପ୍ରଦାୟିକ ସଦ୍‌ଭାବନା ରକ୍ଷାକୁ ପ୍ରାଥମିକତା ଦେବାକୁ ଆଇଜି ସମସ୍ତ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ସହ ବିଭିନ୍ନ ପ୍ରସଙ୍ଗ ଉପରେ ମଧ୍ୟ ବିଶେଷ ଆଲୋଚନା ହୋଇଛି। ସମ୍ବେଦନଶୀଳ ଅଞ୍ଚଳ ଓ ଶୋଭାଯାତ୍ରା ମାର୍ଗରେ ପାଟ୍ରୋଲିଂ ବୃଦ୍ଧି ସହ ପର୍ଯ୍ୟାପ୍ତ ପୋଲିସ ମୁତୟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସୋସିଆଲ ମିଡିଆ ଉପରେ ନଜର ରଖିବାକୁ ମଧ୍ୟ କୁହାଯାଇଛି। ଗୁଜବ ଓ ଉତ୍ତେଜନାମୂଳକ ପୋଷ୍ଟ ରୋକିବା ପାଇଁ ଜିଲା ସାଇବର ସେଲ୍ କାର୍ଯ୍ୟ କରିବ। ମଦ୍ୟପାନ କରି ଗାଡ଼ି ଚଳାଇବା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଉତ୍ସବ ସମୟରେ ଡିଜେ ଶବ୍ଦ ପ୍ରଦୂଷଣ ଉପରେ କଟକଣା ଜାରି କରାଯାଇଛି। ପୁରୀ ସମୁଦ୍ର କୂଳ ଓ ଅନ୍ୟ ପବିତ୍ର ଜଳାଶୟ ନିକଟରେ ଲାଇଫ୍ ଗାର୍ଡ ମୁତୟନ କରାଯିବ। ସ୍ଥାନୀୟ ଶାନ୍ତି କମିଟି ସହ ଆଲୋଚନା ଏବଂ ଅଗ୍ନିଶମ ଓ ସ୍ୱାସ୍ଥ୍ୟ ବିଭାଗ ସହିତ ସମନ୍ୱୟ ରକ୍ଷା କରିବାକୁ ପରାମର୍ଶ ଦିଆଯାଇଛି। କୌଣସି ବି ଅପ୍ରୀତିକର ପରିସ୍ଥିତିର ମୁକାବିଲା ପାଇଁ ପୋଲିସ ସର୍ବଦା ସଜାଗ ରହିଛି ବୋଲି ଆଇଜି ନାୟକ କହିଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଲୋରି



@ ସୁପ୍ରିୟା



@ ସୂର୍ଯ୍ୟକାନ୍ତ



@ ସୁଶୀଲ



@ ଜିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ହୋଲିରେ ଅପରାଧ ରୋକିବ ନୂଆ ଷ୍ଟ୍ରାଟେଜି

ଭୁବନେଶ୍ୱ,୨୮।୨(ତ୍ରିନାଥ ମହାନ୍ତି)

**ସହର ସୁରକ୍ଷାରେ ୨୧ ପ୍ଲାଟୁନ୍ ଫୋର୍ସ, ୧୭ ମୋବାଇଲ ପାଟ୍ରୋଲିଂ ବ୍ୟବସ୍ଥା**

**ମହିଳାଙ୍କ ସୁରକ୍ଷା ପାଇଁ ସାଦା ପୋଷାକରେ ରହିବେ ମହିଳା ପୋଲିସ**

ଆସନ୍ତା ବୁଧବାର ରଙ୍ଗରପର୍ବ ହୋଲି। ଏହି ପର୍ବକୁ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବାକୁ ଡିସିପି ଜଗମୋହନ ମୀନା ଆହ୍ୱାନ ଦେବା ସହ ଅପରାଧ ରୋକିବାକୁ ସେ ନୂଆ ଷ୍ଟ୍ରାଟେଜି ଗ୍ରହଣ କରିଛନ୍ତି। ଅପରାଧୀ, ବିଶୃଙ୍ଖଳିତ ତଥା ଅସାମାଜିକ ଲୋକଙ୍କୁ ସାବାଡ୍ କରିବାକୁ ସ୍ପେଶାଲ ଟିମ୍ ଗଠନ କରାଯିବା ସହ ୨୧ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ଜଟଣୀରେ ସର୍ବାଧିକ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ଏଥିସହ ସମସ୍ତ ଥାନା ଅଧିକାରୀଙ୍କୁ ଆଲର୍ଟରେ ରହିବାକୁ କୁହାଯାଇଛି। ୩୧ଟି ସ୍ଥାନରେ ପିକେଟିଂ କରିବ ପୋଲିସ। ୧୭ ମୋବାଇଲ ପାଟ୍ରୋଲିଂ ଟିମ୍ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବ। ନଦୀରେ ଗାଧୋଇବା ବେଳେ ଅଘଟଣକୁ ଏଡ଼ାଇବା ପାଇଁ ସେଠାରେ ପୋଲିସ ଫୋର୍ସ, ଓଡ୍ରାଫ ଓ ଅଗ୍ନିଶମ ମୁତୟନ ହେବେ। ୪ଟି ସ୍ଥାନରେ ଷ୍ଟ୍ରାଇକିଙ୍ଗ ଫୋର୍ସ ମୁତୟନ ହେବେ। କ୍ୟାପିଟାଲ ହସ୍ପିଟାଲରେ ମଧ୍ୟ ଫୋର୍ସ ରହିବେ ଓ ଯେଉଁମାନେ ଦୁର୍ଘଟଣା ଘଟାଇ ମେଡିକାଲ ଆସିବେ ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବା ପାଇଁ ସହଯୋଗ କରାଯିବ। ୪ଜଣ ଏଡିସିପି ପୂରା ସୁରକ୍ଷା ବ୍ୟବସ୍ଥାର ସୁପରଭାଇଜ କରିବେ। ସକାଳ ୭ରୁ ୩ଟା ପର୍ଯ୍ୟନ୍ତ ହୋଲି ଖେଳ ହେବ। ବିଭିନ୍ନ ସ୍ଥାନରେ ସ୍ପେଶାଲ ଟିମ୍ ଯାଞ୍ଚ କରିବେ। ରାତିରେ ମଦୁଆଙ୍କ ଉପରେ ନଜର ରଖାଯିବ। ରଙ୍ଗ ବୋଳିବା ବାହାନାରେ ଯୁବତୀଙ୍କୁ ଅସଦାଚରଣ ସମ୍ଭାବନା ଥିବାରୁ ବିଭିନ୍ନ ହୋଲି ସେଲିବ୍ରେଶନ ସ୍ଥାନରେ ମହିଳା ପୋଲିସ ସାଦା ପୋଷାକରେ ରହିବେ। ଗତବର୍ଷ ହୋଲିରେ ରାଜଧାନୀରେ ୩ଟି ହତ୍ୟାକାଣ୍ଡ ଘଟିଥିଲା। ଏଥର ହତ୍ୟାକାଣ୍ଡ ଏଡାଇବାକୁ ବସ୍ତିରେ ବି ପୋଲିସ ପଇଁତରା ମାରିବ।

## ଡ୍ରାମା ନିର୍ଦ୍ଦେଶକ ବ୍ରଜ ସାର୍‌ଙ୍କ ପରଲୋକ

ବାରଙ୍ଗ,୨୮।୨
(ଲିଙ୍ଗରାଜ ରାଉତ)

ବାରଙ୍ଗ ଅଞ୍ଚଳର ଜଣାଶୁଣା ଡ୍ରାମା ମାଷ୍ଟର ତଥା ନିର୍ଦ୍ଦେଶକ ବ୍ରଜ କିଶୋର ଅଗ୍ରୱାଲ ଓରଫ ବ୍ରଜ ସାର୍(୮୫)ଙ୍କ ଶନିବାର ପରଲୋକ ହୋଇଛି। ପୁରୀ ସ୍ୱର୍ଗଦ୍ୱାରର ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଜଗତ୍‌ସିଂହପୁର ଜିଲା ବାସିନ୍ଦା ବ୍ରଜ ସାର୍ ଘର ଛାଡ଼ି ବାରଙ୍ଗ ଆସି ରହିଥିଲେ। ଦିନରେ ହୋଟେଲରେ ରୋଷେୟା କାମ କରିବା ସହ ରାତିରେ ବିଭିନ୍ନ ଗାଁରେ ଡ୍ରାମାରେ ନିର୍ଦ୍ଦେଶନା ଦେଇଥାନ୍ତି। ନବେ ଦଶକରେ ତାଙ୍କ ନିର୍ଦ୍ଦେଶନାରେ ବହୁ ନାଟକ ସୁପର ହିଟ୍ ହୋଇଥିଲା। ଶେଷରେ ବାସସ୍ଥାନ ଠିକଣା ରାଜଧାନୀ ଉପକଣ୍ଠ ରଘୁନାଥପୁର ପାଲଟିଥିଲା। ପରବର୍ତ୍ତୀ ସମୟରେ ରଘୁନାଥପୁରରେ ଏକ ଜରାଶ୍ରମରେ ରହିଥିଲେ।

## ଓଡ଼ିଶାରେ ବୈଜ୍ଞାନିକ ପରିବେଶ ସୃଷ୍ଟି ଲକ୍ଷ୍ୟ






ସମ୍ମିଳନୀରେ ଯୋଗ ଦେଇଥିବା ଅତିଥି ଓ ଜଣେ ଛାତ୍ରୀ ନିଜ ବିଜ୍ଞାନ ପ୍ରକଳ୍ପ ସମ୍ପର୍କରେ ବୁଝାଉଛନ୍ତି।

ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)

**ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଇନୋଭେଶନ ଫେଷ୍ଟିଭାଲ**

ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ଇଣ୍ଡିଆ ଓ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ଟିପିଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ମାନସ ରଞ୍ଜନ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ନବସୃଜନ କ୍ଷେତ୍ରରେ ଭାରତ ସାମ୍ପ୍ରତିକ ସମୟରେ ବିଶ୍ୱସ୍ତରରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ପ୍ରତିବର୍ଷ ଏଭଳି କାର୍ଯ୍ୟକ୍ରମ କରି ଓଡ଼ିଶାରେ ଏକ ବୈଜ୍ଞାନିକ ପରିବେଶ ସୃଷ୍ଟି କରିବାକୁ ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନର ବୈଜ୍ଞାନିକ ତଥା ଏସ୍‌ଡିଡିଏମ୍ ମୁଖ୍ୟ ଡ. ବିବେକ କୁମାର ଏବଂ ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଳ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଷ୍ଟାର୍ଟଅପ୍ ଓଡ଼ିଶା ଏବଂ ଭୁବନେଶ୍ୱର ସିଟି ନଲେଜ ଆଣ୍ଡ୍ ଇନୋଭେଶନ କ୍ଲଷ୍ଟର ଫାଉଣ୍ଡେଶନର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ନବସୃଜନକାରୀ, ଷ୍ଟାର୍ଟଅପ, ଇନ୍‌କ୍ୟୁବେଟର ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ପ୍ରଦର୍ଶନୀରେ ପ୍ରାୟ ୮୨ଜଣ ପ୍ରତିଯୋଗୀ ନିଜସ୍ୱ ନବସୃଜନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଶିକ୍ଷାନୁଷ୍ଠାନ ଓ ଇନ୍‌କ୍ୟୁବେଟର ବର୍ଗର ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଡ. ଆଞ୍ଚଲ କାଟୋଚ 'ଡିଜାଇନ ଥିଙ୍କିଙ୍ଗ ଫର୍ ଇନୋଭେସନ' ବିଷୟରେ ଏକ ସ୍ୱତନ୍ତ୍ର ଅଧିବେଶନ ପରିଚାଳନା କରିଥିଲେ। ଉଦଯାପନୀ ସମାରୋହରେ ଅତିଥି ଓ ବିଚାରକମାନଙ୍କୁ ସମ୍ମାନିତ କରାଯିବା ସହ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଜିଜ୍ଞାସା, ପ୍ରୟୋଗମୂଳକ ଶିକ୍ଷା ସଫଳତା ଆଣେ

## ବିଜେବି ହାଇସ୍କୁଲରେ ଜାତୀୟ ବିଜ୍ଞାନ ଦିବସ



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ରମାନେ।

ଖୋର୍ଦ୍ଧା,୨୮।୨ (ପ୍ରଭାତ ପାଣିଗ୍ରାହୀ)

ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ଉଚ୍ଚ ବିଦ୍ୟାଳୟରେ ଶନିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପିଲାମାନଙ୍କ ମଧ୍ୟରେ ବିଜ୍ଞାନ ପ୍ରଦର୍ଶନୀ ହୋଇଥିଲା। ଛାତ୍ରୀଛାତ୍ରମାନଙ୍କ ସୃଜନଶୀଳ ପ୍ରକଳ୍ପଗୁଡ଼ିକ ପ୍ରଦର୍ଶିତ ହୋଇଥିଲା। ଏଥିସହିତ ପିଲାମାନଙ୍କ ମଧ୍ୟରେ ଶକ୍ତି ସଂରକ୍ଷଣ ଓ ପରିବେଶ ସୁରକ୍ଷାକୁ ଆଧାର କରି ଏକ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଶେଷରେ ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ବେଶଭୂଷା ପ୍ରତିଯୋଗିତା ମଧ୍ୟ ହୋଇଥିଲା। ଯେଉଁଥିରେ ଛାତ୍ରୀଛାତ୍ରମାନେ ବିଭିନ୍ନ ବୈଜ୍ଞାନିକ ଭୂମିକାରେ ଅଭିନୟ କରିଥିଲେ। ପ୍ରଧାନଶିକ୍ଷକ ବିଭୁ ପ୍ରସାଦ ସେନାପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସେ ତାଙ୍କ ଅଭିଭାଷଣରେ ସି.ଭି.ରମଣଙ୍କ ଅମୂଲ୍ୟ ଅବଦାନ ସମ୍ବନ୍ଧରେ ଆଲୋଚନା କରି ପିଲାଙ୍କୁ ଜିଜ୍ଞାସା ଓ ଗବେଷଣା ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ, ପ୍ରୟୋଗମୂଳକ ଶିକ୍ଷା ହେଉଛି ସଫଳତାର ମୂଳମନ୍ତ୍ର। ଶିକ୍ଷୟିତ୍ରୀ ଶିକ୍ଷକ ସବିତା ଦାସ, ରୋଜାଲିନ ରାଉତରାୟ, ବିଭୁ ପ୍ରସାଦ ପଣ୍ଡା, ପ୍ରିୟଦର୍ଶିନୀ ସାହୁ, ସବୁଜିମା ସାହୁ, ରାହୁଲ ମହାରଣା ପ୍ରମୁଖ ବକ୍ତବ୍ୟରେ ବିଜ୍ଞାନର ଆବଶ୍ୟକତା ଓ ଆଧୁନିକ ଯୁଗରେ ତାହାର ଭୂମିକା ବିଷୟରେ ମତବ୍ୟକ୍ତ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀ, ଚିତ୍ରାଙ୍କନ ଓ ବୈଜ୍ଞାନିକ ବେଶଭୂଷା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ଟାଟାଏସିଇ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଖୋର୍ଦ୍ଧା,୨୮।୨ (ପ୍ରଭାତ ପାଣିଗ୍ରାହୀ)

ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ମୁକ୍ତାପୁର ଗ୍ରାମରେ ଏକ ଟାଟାଏସିଇ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଉକ୍ତ ଗ୍ରାମର ପ୍ରତିମା ବିଶ୍ୱାଳ (୫୦)। ସୂଚନା ମୁତାବକ, ମୁକ୍ତାପୁର ଗ୍ରାମରେ ଶନିମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଚାଲିଛି। ଶନିବାର କଳସଯାତ୍ରା ହୋଇଥିଲା। ଏଥିରେ ଅନେକ ପୁରୁଷ ସଂକଳ୍ପଧାରୀଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ମହିଳା ସାମିଲ ହୋଇଥିଲେ। ପଣସଝର ବନ୍ଧରୁ ସଂକଳ୍ପଧାରୀମାନେ କଳସ ମୁଣ୍ଡାଇ ମନ୍ଦିର ଅଭିମୁଖେ ଆସୁଥିଲେ। ଏହି ସମୟରେ କଳସ ମୁଣ୍ଡାଇ ଆସୁଥିବା ପ୍ରତିମାଙ୍କୁ ପଛପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ଟାଟାଏସିଇ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଏମ୍ସ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ପୋଲିସ କହିଛି।

## ୩୭ ଗୋରୁ ଉଦ୍ଧାର, ୩ ଗିରଫ

ଖୋର୍ଦ୍ଧା,୨୮।୨(ପ୍ରଭାତ ପାଣିଗ୍ରାହୀ)

ଶିଳ୍ପାଞ୍ଚଳ ଥାନା ପୋଲିସ ୩୭ ଗୋରୁ ଉଦ୍ଧାର କରିବା ସହ ୩ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗିରଫମାନେ ହେଲେ କଟକ ଜିଲା ବାଙ୍କୀ ଥାନା ବିଦ୍ୟାଧରପୁର ଗ୍ରାମର ବିକାଶ ବେହେରା (୩୯), ସିପୁନ ହାତୀ(୨୪) ଏବଂ ସୁଶାନ୍ତ ଦାସ(୪୫)। ଉଦ୍ଧାର ଗୋରୁଙ୍କ ପ୍ରାଥମିକ ଚିକିତ୍ସା ପରେ ଗୋଶାଳାରେ ଛଡ଼ାଯାଇଛି ବୋଲି ଥାନା ଅଧିକାରୀ ଉମେଶ ସାହୁ କହିଛନ୍ତି। ସୂଚନା ମୁତାବକ, ହଳଦିଆ ଗହିର ରାସ୍ତାଦେଇ ୩ଜଣ ୩୭ଗୋରୁଙ୍କୁ ଚଲାଇ ତରଡୁଆ ଅଭିମୁଖେ ନେଇଯାଉଥିଲେ। ଖବରପାଇ ବଜରଙ୍ଗ ଦଳ ସଦସ୍ୟ ସେମାନଙ୍କୁ ଅଟକାଇ ପୋଲିସ ଜିମା ଦେଇଥିଲେ।

## ୩୦ଟନ୍ ଗୋରୁ ଚମଡ଼ା ସହ ଟ୍ରକ୍ ଜବତ, ୨ ଗିରଫ

ଖୋର୍ଦ୍ଧା,୨୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଟ୍ରକ୍‌ରୁ ୩୦ଟନ୍ ଗୋରୁ ଚମଡ଼ା ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ। ଏଥିରେ ସମ୍ପୃକ୍ତି ନେଇ ପୋଲିସ ୨ଜଣଙ୍କୁ ଗିରଫ କରିବା ସହ ଟ୍ରକ୍ (ଏପି୩୯ ୱାଇଡି ୫୩୫୬)କୁ ଜବତ କରିଛି। ଗିରଫଦ୍ୱୟ ହେଲେ ଆନ୍ଧ୍ରପ୍ରଦେଶ ବି.କୋଥାକୋଟ ଚିତୋର ଅଞ୍ଚଳର ରିୟାଜ ଏବଂ ୱାସିମ। ଏହି ଚମଡ଼ା ଆନ୍ଧ୍ରପ୍ରଦେଶରୁ କୋଲକାତା ଚାଲାଣ ହେଉଥିଲା। ସୂଚନା ମୁତାବକ, ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ଅଞ୍ଚଳର ଦୁଇଜଣ ଯୁବକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ୧୬ନମ୍ବର ଜାତୀୟ ରାଜପଥର ବାଟମଙ୍ଗଳା ଛକରେ ଏକ ଟ୍ରକ ଉପରେ ସନ୍ଦେହ ହେବାରୁ ଅଟକାଇବା ବେଳେ ସେଥିରେ ଗୋରୁଙ୍କ ଚମଡ଼ା ରହିଥିବା ଜାଣିବାକୁ ପାଇଥିଲେ। ଏନେଇ ସେମାନେ ଥାନାକୁ ଅବଗତ କରାଇବା ସହ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୩୦୩(୨)/୩୫୧(୩)(୫) ବିଏନ୍‌ଏସ୍/ଆର.ଡବ୍ଲ୍ୟୁ ସେକ୍ସନ ୭ ଓପିସିଏସ୍ ଆକ୍ଟ/୧୧(୧)(ଏ)(ଡି) ପିସିଏ ଆକ୍ଟରେ ଏକ ମାମଲା(ନଂ.୧୨୨/୨୬) ରୁଜୁକରି ଉପରୋକ୍ତ ଅଭିଯୁକ୍ତଦ୍ୱୟଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ଆଇ ଦିନେଶ ପିଙ୍ଗୁଆ ଏହାର ତଦନ୍ତ ଦାୟିତ୍ୱରେ ରହିଛନ୍ତି।

## ୨୦ ମଇଁଷି ଉଦ୍ଧାର ସହ ଗାଡ଼ି ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୮।୨(ପ୍ରଭାତ ପାଣିଗ୍ରାହୀ)

୧୬ନମ୍ବର ଜାତୀୟ ରାଜପଥର ପଣ୍ଡିତ ଢାବା ନିକଟରୁ ସଦର ଥାନା ପୋଲିସ ଏକ ମଇଁଷି ବୋଝେଇ ଟ୍ରକ୍‌କୁ ଜବତ କରିଛି। ଉକ୍ତ ଗାଡ଼ିରୁ ୨୦ମଇଁଷି ଉଦ୍ଧାର କରାଯିବା ସହ ଡ୍ରାଇଭର କର୍ଣ୍ଣାଟକ କୋଲାର ଜିଲା କେଜିଏଫ୍ ଥାନା ଅନ୍ତର୍ଗତ ସୁନ୍ଦରପାଲ୍ୟା ଗ୍ରାମର ଭି.କୁମାର (୬୫)ଙ୍କୁ ଗିରଫ କରାଯାଇଛି। ଏହି ଟ୍ରକ୍‌ଟି କଟକରୁ କର୍ଣ୍ଣାଟକ ଯାଉଥିଲା। ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ୧୬ନଂ. ଜାତୀୟ ରାଜପଥରେ ଯାଉଥିବା ଏକ ଟ୍ରକ ଉପରେ ସନ୍ଦେହ ହେବାରୁ ବଜରଙ୍ଗ ଦଳ କର୍ମୀମାନେ ପିଛା କରି ଅଟକାଇବାକୁ ଚେଷ୍ଟା କରିଥିଲେ। ଡ୍ରାଇଭର ଟ୍ରକ୍‌କୁ ଦ୍ରୁତଗତିରେ ନେଇ ପଳାଇବାକୁ ଚେଷ୍ଟା କରିଥିଲେ। ଗୋସେବକ ମାନେ ଉକ୍ତ ଟ୍ରକ୍‌କୁ ପଣ୍ଡିତ ଢାବା ନିକଟରେ ଅଟକାଇଥିଲେ। ଖବରପାଇ ସଦର ଥାନା ପୋଲିସ ପହଞ୍ଚି ଟ୍ରକ୍ ଓ ଡ୍ରାଇଭରଙ୍କୁ ହେପାଜତକୁ ନେଇଥିଲା। ଟ୍ରକ ଯାଞ୍ଚବେଳେ ସେଥିରୁ ୨୦ ମଇଁଷିକୁ ଉଦ୍ଧାର କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୋଶାଳାରେ ଛଡ଼ାଯାଇଛି।

## କୂଅରେ ପଡ଼ି ବୃଦ୍ଧା ଆହତ

ବୋଲଗଡ଼,୨୮।୨(ଦେବବ୍ରତ ହୋତା)

ସ୍ଥାନୀୟ ଜଗଦେବ ସାହି ଅନ୍ତର୍ଗତ ସର୍ଦ୍ଦାର ସାହିର ଅଲ୍ଲି ପୃଷ୍ଟି(୭୨) ଶନିବାର ଅସାବଧାନତା ବଶତଃ ପଡ଼ୋଶୀ କୁମର ପ୍ରଧାନଙ୍କ ବାରିରେ ଥିବା କୂଅରେ ଖସି ପଡ଼ିଥିଲେ। ଏହା ଦେଖି ଉପସ୍ଥିତ ଲୋକେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କେନ୍ଦ୍ର ଅଧିକାରୀ ବିବେକାନନ୍ଦ ଦାସ, ଫାୟାର ଫାଇଟର ଜୟରାମ ବେହେରା ପ୍ରମୁଖ ବିଭାଗୀୟ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଗଭୀର କୂଅରୁ ନିଶୁଣି ସାହାଯ୍ୟରେ ସୁରକ୍ଷିତ ଭାବେ ଅଲ୍ଲିଙ୍କୁ ଉଦ୍ଧାର କରିଥିଲେ। ପରେ ବିଭାଗୀୟ ଗାଡ଼ିରେ ତାଙ୍କୁ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଗୋଡ଼ ଆଘାତପ୍ରାପ୍ତ ହୋଇଥିବା ବେଳେ ଶରୀରର କେତେକ ସ୍ଥାନରେ ଖଣ୍ଡିଆ ହୋଇଥିବା ଡାକ୍ତର କହିଛନ୍ତି।



ରଙ୍ଗର ପର୍ବ ହୋଲି ଉପଲକ୍ଷେ ନିରାକାରପୁର ବଡ଼ ବଜାରରେ ରଙ୍ଗଦୋକାନ ପସରା। (ଫଟୋ: ମାନସ ଚନ୍ଦ୍ର ପଟ୍ଟନାୟକ)

## ଶିକ୍ଷାର ମାନ ବୃଦ୍ଧିରେ ସହାୟକ ହେଉଛି କ୍ଲଷ୍ଟରସ୍ତରୀୟ ବୈଠକ

ବୋଲଗଡ଼,୨୮।୨(ଦେବବ୍ରତ ହୋତା)

ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ୧୪ଟି କ୍ଲଷ୍ଟରର ଅଷ୍ଟମ ମାସିକ ସମୀକ୍ଷା ବୈଠକ ୧୪ଟି ବିଦ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷା ବ୍ଲକ ଅଧୀନ ୧୨୫ଟି ମାଧ୍ୟମିକ, ଉଚ୍ଚ ପ୍ରାଥମିକ ଓ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷୟତ୍ରୀ/ଶିକ୍ଷକ ଏବଂ ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀ ଶିକ୍ଷକମାନେ ଅଂଶଗ୍ରହଣ କରି ବିଲ୍ଡିଂ ଆପ ବ୍ୟବହାର, ପାଠ ଯୋଜନା, ଜାତୀୟ ଉପଲବ୍ଧି ପରୀକ୍ଷଣ ପ୍ରସ୍ତୁତି ଏବଂ ବିଦ୍ୟାଳୟ ନିରାପତ୍ତା ନେଇ ଆଲୋଚନା କରିଥିଲେ। କ୍ଲଷ୍ଟର ସଂଯୋଜକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଗତମାସର ଶିକ୍ଷାଦାନ କାର୍ଯ୍ୟ ସମୀକ୍ଷା କରାଯାଇଥିଲା। ସେହିକ୍ରମରେ ଭୀମପଡା କ୍ଲଷ୍ଟରର ସଂଯୋଜକ ମହମ୍ମଦ ମୁସ୍ତାକ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ କୋଟପଲ୍ଲା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବୈଠକରେ ୨ଟି ମାଧ୍ୟମିକ, ୪ଟି ଉଚ୍ଚ ପ୍ରାଥମିକ ଓ ୬ଟି ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଶିକ୍ଷକ ଏବଂ ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀଶିକ୍ଷକ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ସନ୍ତୋଷ ସାହୁ, ଭିକାରୀ ପୁଷ୍ଟି, ରବୀନ୍ଦ୍ର ବେହେରା, ଅଶୋକ ସାହୁ ଓ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ସ୍ୱାଇଁ, ସ୍ନେହଲତା ମାଝୀ, ସୁମିତ୍ରା ଦେଈ ଏବଂ ଜୟନ୍ତୀ ସାହୁଙ୍କ ସମେତ ୨୪ଜଣ ଯୋଗଦେଇଥିଲେ। ସେହିପରି ନୂଆସାହି କ୍ଲଷ୍ଟରର ବୈଠକ ସଂଯୋଜକ ଚନ୍ଦ୍ରଶେଖର ନାୟକଙ୍କ ଅଧ୍ୟକ୍ଷତାରେ ୪ଟି ମାଧ୍ୟମିକ, ୨ଟି ଉଚ୍ଚ ପ୍ରାଥମିକ ଓ ୩ଟି ପ୍ରାଥମିକ ବିଦ୍ୟାଳୟକୁ ନେଇ ହରିରାଜପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ, ମଞ୍ଜୁବାଳା ବଳିୟାରସିଂହ, ସବିତା ସୁବୁଦ୍ଧି ଓ ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସେଠୀ, ଶେଖ ଉମର ଫାରୁକ, ପ୍ରକାଶ କୁମାର ସେଠୀ ଓ ବରିଷ୍ଠ ଶିକ୍ଷୟିତ୍ରୀ ମୀରା ମଞ୍ଜରୀ ସାହୁ, ଅପର୍ତ୍ତି ଅଚ୍ଚଙ୍କ ସମେତ ୨୨ଜଣ ଯୋଗଦେଇଥିଲେ। ଉଭୟ ବୈଠକରେ ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷା, ଯାଦୁପେଡ଼ି ସାମଗ୍ରୀର ବ୍ୟବହାର, ଶାରୀରିକ ସୁସ୍ଥତା, ଗଣନ ଦକ୍ଷତା ଓ ଭାଷା ସାକ୍ଷରତାର ବିକାଶ, ପ୍ରଥମରୁ ତୃତୀୟ ଶ୍ରେଣୀର ଭାଷା ଓ ଗଣିତର ପ୍ରତିସ୍ତରରେ ଶିକ୍ଷଣ ଅଭିବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ସ୍ୱାଇଁ ବୈଠକ କେନ୍ଦ୍ରଗୁଡ଼ିକ ପରିଦର୍ଶନ କରି ନିପୁଣ ଓଡ଼ିଶା ଲକ୍ଷ୍ୟ ହାସଲ କ୍ଷେତ୍ରରେ ଶିକ୍ଷୟିତ୍ରୀଶିକ୍ଷକ, ମାତାପିତା ଓ ବିଦ୍ୟାର୍ଥୀମାନଙ୍କର ଭୂମିକା ଏବଂ ଅଷ୍ଟମ ମାସିକ କ୍ଲଷ୍ଟର ବୈଠକ କାର୍ଯ୍ୟସୂଚୀ ପ୍ରସଙ୍ଗ ଉପରେ ଆଲୋକପାତ କରି ଏହା ଶିକ୍ଷାର ମାନ ବୃଦ୍ଧିରେ ସହାୟକ ହେଉଛି ବୋଲି କହିଥିଲେ।

## ଚୋରି ସାମଗ୍ରୀ ଜବତ, ୨ ଗିରଫ

ବାଲୁଗାଁ,୨୮।୨(ସଂଗ୍ରାମ ପାଇକରାୟ)

ଘରେ ପଶି ଚୋରି କରିବା ଅଭିଯୋଗରେ ବାଲୁଗାଁ ଥାନା ପୋଲିସ ଦୁଇ ଲୁଟେରାଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ ଚନ୍ଦ୍ରାପୁଟ ଗ୍ରାମର ଜିତେନ୍ଦ୍ର ଜାଲି ଏବଂ ରମେଶ ଦାସ। ଏମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି। ଏନେଇ ଥାନାରେ ଏକମାମଲା (ନଂ.୮୧/୨୬)ରୁଜୁ ହୋଇଛି। ସୂଚନା ମୁତାବକ, ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅନ୍ତର୍ଗତ ଛେଡ଼ାପଦର ଗ୍ରାମର ଅସିତ୍‌କୁମାର ଦାସଙ୍କ ସପରିବାର ଅନୁପସ୍ଥିତ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଘରେ ପଶି ବିଭିନ୍ନ ସାମଗ୍ରୀ ଗ୍ୟାସ ଚୁଲା, ସିଲିଣ୍ଡର, ଇନଭର୍ଟର, ବ୍ୟାଟେରି ସହିତ ବାସନ ଚୋରି କରିନେଇଥିଲେ। ପଡ଼ୋଶୀଙ୍କଠାରୁ ଚୋରି ସମ୍ପର୍କରେ ଖବରପାଇ ଅସିତ୍ ଗ୍ରାମରେ ପହଞ୍ଚି ଏନେଇ ନାଭାଲ ଫାଣ୍ଡିରେ ଅଭିଯୋଗ କରିଥିଲେ। ବାଲୁଗାଁ ଆଇଆଇସି ଜୟ ପ୍ରକାଶ ପରିଡ଼ା ଏବଂ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ତଦନ୍ତ କରି ଉପରୋକ୍ତ ଦୁଇ ଲୁଟେରାଙ୍କୁ ଧରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରର ଦୀକ୍ଷାନ୍ତ ଉତ୍ସବ

ବେଗୁନିଆ,୨୮।୨(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଦୀକ୍ଷାନ୍ତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସଭାପତି ପ୍ରଫୁଲ୍ଲ କୁମାର ସୁବୁଦ୍ଧି ଏବଂ ଶିକ୍ଷାବିତ୍ ଶରତ ଚନ୍ଦ୍ର ପଣ୍ଡା ଅତିଥିଭାବେ ଯୋଗଦେଇ ଭଲ ପାଠପଢ଼ି ଦେଶ ଓ ଜାତିର ଟେକ ରଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସଭା ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିବା ବେଳେ ଆଚାର୍ଯ୍ୟ ପ୍ରଣବ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପୋଡ଼ାଡ଼ିହ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ବୈଠକ

ବାଘମାରୀ,୨୮।୨(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ ପୋଡ଼ାଡ଼ିହଠାରେ ଶନିବାର ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଦାଶରଥି ପ୍ରଧାନଙ୍କ ଆବାହକତ୍ୱ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭାରଣୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଜଣେ ଜଣେ ଏଫ୍‌ଏଲ୍‌ଏନ୍ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ। ଚଳିତ ବର୍ଷ ନୂଆକରି କାର୍ଯ୍ୟକାରୀ ହେବାକୁ ଥିବା ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ବୋର୍ଡ ପରୀକ୍ଷା କିପରି ସରକାରଙ୍କ ନିର୍ଦ୍ଦେଶ ମୁତାବକ ଶ୍ରେଣୀରେ କାର୍ଯ୍ୟକାରୀ ହେବ ତାହା ଆଲୋଚନା ହୋଇଥିଲା। କ୍ଲଷ୍ଟରର ବରିଷ୍ଠ ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ ଏବଂ ନୀଳମଣି ପ୍ରଧାନ ପିଲାମାନଙ୍କର ଶୈକ୍ଷିକ ଏବଂ ସହ ଶୈକ୍ଷିକ ଦିଗରେ ଉନ୍ନତି ପାଇଁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷକ ପ୍ରଶାନ୍ତ ନନ୍ଦ ଧନ୍ୟବାଦ ଦେଇଥିଲେ।

## ଦୋଳ ପାଇଁ ଗାଁ ଉତ୍ସବମୁଖର

କୃଷ୍ଣପ୍ରସାଦ, ୨୮।୨ (କୈଳାସ ଚନ୍ଦ୍ର ପଟ୍ଟନାୟକ)



ଶୀତକୁ ବିଦାୟ ଦେଇ ବସନ୍ତର ଆଗମନ ହୋଇଛି। ଏହାକୁ ସ୍ୱାଗତ କରିବା ପାଇଁ ବର୍ଷକୁ ଥରେ ପାଳିତ ହୋଇଆସୁଛି ଗଣପର୍ବ ଦୋଳ ଓ ରଙ୍ଗର ପର୍ବ ହୋଲି। ଏହି ନିଆରା ପରମ୍ପରା ପାଳନ ଉପଲକ୍ଷେ ଚଳିତବର୍ଷ ଗାଁ ପରିବେଶ ଉତ୍ସବମୁଖର ହେଲାଣି। ଫଗୁ ଦଶମୀଠାରୁ କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳର ଗାଁଠୁ ସହର ଚାରିଆଡ଼େ ଘଣ୍ଟଘଣ୍ଟା ଏବଂ ମୃଦଙ୍ଗ ବାଦନରେ ପ୍ରକମ୍ପିତ ହେଲାଣି। ତେବେ ଏହି ପର୍ବ ପାଳିବା ପାଇଁ ଗାଁମୁହାଁ ହୋଇଛନ୍ତି ସହରରେ ରହୁଥିବା ଲୋକେ। ଚାରିଆଡ଼େ ରଙ୍ଗର ପସରା ମେଲିଲାଣି, ଭୋଗ ଦୋକାନରେ ଭିଡ଼ ଜମିଲାଣି। ସେହିପରି ସଜେଇ ହେଲାଣି ଦୋଳ ମେଳଣ ପଡିଆ। ପାରମ୍ପରିକ ରୀତିନୀତି ଅନୁଯାୟୀ ପିଣ୍ଡି ଉପରେ ବିମାନରେ ବସି ପୂଜା ପାଇବେ ବିଭିନ୍ନ ନାମରେ ନାମିତ ଚଳନ୍ତି ପ୍ରତିମା। କେଉଁଠି ଦୋଳଯାତ୍ରା ତ' ଆଉ କେଉଁଠି କେବଳ ଚାଚେରୀ ଭୋଗ ଖାଇ ସ୍ୱ ସ୍ୱ ମନ୍ଦିର ଫେରିବେ ବିଅଁ। ଏହି ପରିପ୍ରେକ୍ଷୀରେ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାୟୁ ଚାଚେରୀ ଭୋଗଖିଆ ପର୍ବ ଆରମ୍ଭ ହୋଇଛି। ପରମ୍ପରା ମୁତାବକ ପ୍ରଥମେ ରାଜା ସାହେବଙ୍କ ବାସଭବନରେ ମୁଖ୍ୟ ପିଠାଧିଶ ନୀଳକଣ୍ଠେଶ୍ୱର ଦେବ ଏବଂ ଦଧିବାମନ ଦେବଙ୍କୁ ଚାଚେରୀ ଭୋଗ ଲାଗି କରାଯାଇଥିଲା। ଶନିବାର ସାମନ୍ତସାହି, ପାଇକସାହି, ଦଳବେହେରା ସାହି, ସାନଅଁଳ, ଇପିଙ୍ଗ, ସନ୍ତୋଷପୁର ଆଦି ଗ୍ରାମ ଠାକୁର ପରିକ୍ରମା କରି ଭୋଗ ଲାଗି କରିଥିଲେ। ପାଞ୍ଚ ମୌଜା ପରିଚାଳନା କମିଟି ସଭାପତି ଅଶୋକ କୁମାର ପଣ୍ଡା, ସମ୍ପାଦକ ଈଶ୍ୱର ଚନ୍ଦ୍ର ପଲେଇ ଦୋଳଯାତ୍ରା ମହୋତ୍ସବକୁ ସରସ ସୁନ୍ଦର କରିବା ଦିଗରେ ଲାଗିପଡିଛନ୍ତି। ସେହିପରି ଖଟିଆକୁଦି ଗ୍ରାମର ମୁଖ୍ୟ ପିଠାଧିଶ ତ୍ରୟମ୍ବକେଶ୍ୱର ଦେବ ସୁସଜ୍ଜିତ ଦୋଳରେ ଦୁଆର ଦୁଆର ବୁଲି ଭୋଗ ଲାଗି କରିଛନ୍ତି। ପାଇକ ଆଖଡା, ସଂକୀର୍ତ୍ତନ, ଘଣ୍ଟ, କାହାଳୀ ପାଟପଟୁଆରରେ ଗ୍ରାମ ପରିକ୍ରମା କରୁଥିବା ବେଳେ ଫଗୁ ଦଶମୀଠାରୁ ୭ଦିନ ପର୍ଯ୍ୟନ୍ତ ଠାକୁରଙ୍କ ଏହି ନୀତିକାନ୍ତି ଚାଲିବ ବୋଲି ଖଟିଆକୁଦି ମନ୍ଦିର ପରିଚାଳନା କମିଟି ସଭାପତି ଗୋପୀନାଥ ତରେଇ, ସମ୍ପାଦକ ଗୋପାଳ କୃଷ୍ଣ ପଲେଇ ପ୍ରକାଶ କରିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଲୋରୀ



@ ସୁପ୍ରିୟା



@ ସୂର୍ଯ୍ୟକାନ୍ତ



@ ସୁଶୀଲ



@ ଜିପୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## କୁହୁଡ଼ି ଷ୍ଟେଶନରେ ଉତ୍ତେଜନା

ଟାଙ୍ଗୀ,୨୮।୨(ରଘୁନାଥ ସାହୁ)

ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ଅନ୍ତର୍ଗତ କୁହୁଡ଼ି ଷ୍ଟେଶନରେ ଟିକେଟ କାଉଣ୍ଟର ବନ୍ଦ ଥିବାରୁ ଶନିବାର ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପରେ ଷ୍ଟେଶନ ମାଷ୍ଟର ବାହାରକୁ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ମୁତାବକ, କୁହୁଡ଼ି ଷ୍ଟେଶନରେ ଲୋକଙ୍କ ଭିଡ଼ ଥିବାବେଳେ ଟିକେଟ କାଉଣ୍ଟର ବନ୍ଦ ଥିଲା। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ଉତ୍ତେଜନା ଦେଖାଯାଇଥିଲା। ବିନା ଟିକେଟରେ କିପରି ଟ୍ରେନରେ ଯାତ୍ରା କରିବୁ ବୋଲି ଲୋକେ କହିଥିଲେ। ଷ୍ଟେଶନ ମାଷ୍ଟର ବାହାରକୁ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ଏଣିକି ଠିକ୍ ସମୟରେ ଟିକେଟ୍ କାଉଣ୍ଟର ଖୋଲିବ ବୋଲି ପ୍ରତିଶ୍ରୁତି ଦେବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ଲୋକେ ଟିକେଟ କିଣି ଟ୍ରେନରେ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ।

## ୪୦୦ ଛାତ୍ରୀଛାତ୍ରଙ୍କ ହେଲା ସ୍ୱାସ୍ଥ୍ୟ ପରୀକ୍ଷା

କୃଷ୍ଣପ୍ରସାଦ,୨୮।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ସମଗ୍ର ଶିକ୍ଷା ପୁରୀ ପକ୍ଷରୁ ଛାତ୍ରୀଛାତ୍ରଙ୍କ ଚକ୍ଷୁ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଗତ ଶୁକ୍ରବାର ପଞ୍ଚାୟତ ହାଇସ୍କୁଲ ବଡ଼ଅଁଳ, ଆଦର୍ଶ ବିଦ୍ୟାଳୟ ମାଲୁଦ ପରିସରରେ ମଣ୍ଡଳ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସହ ଶିକ୍ଷା ଅଧିକାରୀ ବଳଭଦ୍ର ସାହୁ, ବିଆର୍‌ସିସି ସିଧେଶ୍ୱର କରଣ ପ୍ରମୁଖ ଯୋଗଦେଇଥିଲେ। ଜିଲା ସଦର ମହକୁମା ଚିକିତ୍ସାଳୟରୁ ଆସିଥିବା ବରିଷ୍ଠ ବିଶେଷଜ୍ଞ ଏବଂ ଡାକ୍ତରମାନଙ୍କ ଦ୍ୱାରା ୪ଶହ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ମଣ୍ଡଳ ସମ୍ବଳ କର୍ମୀ ଦୀନବନ୍ଧୁ ପ୍ରଧାନ ଶିବିର ପରିଚାଳନା କରିଥିଲେ। ପ୍ରକାଶଥାଉ କି, ପୂର୍ବରୁ ସାତପଡ଼ା ପ୍ରାଥମିକ ବିଦ୍ୟାଳୟ, ସିଆରାଗୋଲା ଉନ୍ନୀତ ଉଚ୍ଚ ପ୍ରାଥମିକ, ଅରଖକୁଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଗୋପୀନାଥ ଦେବ ବିଦ୍ୟାପୀଠ, ବଟେଶ୍ୱର ହାଇସ୍କୁଲ ପରିସରରେ ସ୍ୱାସ୍ଥ୍ୟ ସେବା ଶିବିର ଖୋଲାଯାଇ ୧୪୪୧ ଜଣ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ଔଷଧ ଏବଂ ପରାମର୍ଶ ଦିଆଯାଇଥିଲା। ହରପ୍ରିୟା ବେହେରା, ମୀନା କୁମାରୀ ସାହୁ, ବିଚିତ୍ରା ଜାଲି, ଜିତେନ୍ଦ୍ର ମାଝୀ, ଶିବରାମ ନାୟକ, ଗଣେଶ ସାହୁ, ପ୍ରଭାକର ଦାସ, ପ୍ରତାପ ଖୁଣ୍ଟିଆ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

**ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି)- କୋଣାର୍କ ନିକଟ ପାଇକେରାପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶନିବାର ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ରବୀନ୍ଦ୍ରନାଥ ବାହିନୀପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୈଠକରେ କ୍ଲଷ୍ଟର ଅନ୍ତର୍ଗତ ୧୪ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ ଶିକ୍ଷକ ଯୋଗଦେଇ ଫେବୃଆରୀର ଶୈକ୍ଷିକ କ୍ୟାଲେଣ୍ଡର, ଶିକ୍ଷଣ ପର୍ଯ୍ୟବେକ୍ଷଣ ସାଧନୀ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ନିମନ୍ତେ ପ୍ରତିକାରାତ୍ମକ ଶିକ୍ଷଣ ବ୍ୟବସ୍ଥା ଓ ଶିକ୍ଷଣ ସୋପାନ ରେଜିଷ୍ଟର ପ୍ରଭୃତି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗୋପ ଏବିଇଓ ତଥା ବିଆର୍‌ସିସି ଦେବେନ୍ଦ୍ର କୁମାର କାଣ୍ଡି ଓ ଏବିଇଓ ସମ୍ରାଟ ଭଞ୍ଜ ଭୋଇ ବୈଠକ ମନିଟରିଂ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୨।୨୦୨୬

| | |
|---|---|
| ୮,୮୦,୬୧୦ ଟଙ୍କା | |
| ସୁନା | ୩.୪୦୦ ଗ୍ରାମ୍ |
| ରୁପା | ୧୧୯.୫୦୦ ଗ୍ରାମ୍ |

**ସଂକ୍ଷେପରେ**

### ଶ୍ରଦ୍ଧାଳୁଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି। ଏନେଇ ଜିଲାପାଳ ପରିଡ଼ା କହିଛନ୍ତି, ଶ୍ରୀମନ୍ଦିର ପ୍ରଶାସନ ଓ ୱାଟ୍‌କୋ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ପିଇବା ପାଣିର ବ୍ୟବସ୍ଥା କରଯାଇଛି। ଏଥିସହ ଆଗକୁ ଆସୁଥିବା ବିଶେଷ ପର୍ବପର୍ବାଣିଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ନଜରରେ ରଖି ଅଗ୍ନିଶମ ବିଭାଗ ପକ୍ଷରୁ ପାଣି ସିଞ୍ଚନର ମଧ୍ୟ ବ୍ୟବସ୍ଥା କରାଯିବା ସହ କୌଣସି ଭକ୍ତ ଅଂଶୁଘାତର ଶିକାର ହେଲେ ମେଡିକାଲ୍ ଟିମ୍ ତତକ୍ଷଣାତ ଏହା ଉପରେ ଗୁରୁତ୍ୱ ଦେବ। ବର୍ତ୍ତମାନ ଦୁଇଟି ହୋଲ୍‌ଡିଂ ଷ୍ଟେଶରେ କୁଲର୍‌ର ବ୍ୟବସ୍ଥା ଥିବାରୁ ପୂର୍ବଭଳି ଆଉ ଲମ୍ବା ଲାଇନ୍ ହେଉ ନ ଥିବା ବେଳେ ସେଥିରେ ପାଖାପାଖି ୪୦୦୦ ଭକ୍ତ ରହିପାରିବେ। ଅପରପକ୍ଷରେ ପ୍ରବଳ ଖରାରେ ଖାଲିପାଦରେ ଭକ୍ତ ଚାଲିଚାଲି ଶ୍ରୀମନ୍ଦିର ଯାଉଥିବାରୁ ସେମାନଙ୍କ ପାଦ ଫୋଟକାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଏଏସ୍‌ଆଇ ସହ ଆଲୋଚନା କରି କାର୍ପେଟର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

### ମହାପ୍ରଭୁଙ୍କ ୪ର୍ଥ ବେଣ୍ଟ ନୀତି ସମ୍ପନ୍ନ

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ଫାଲ୍‌ଗୁନ ଶୁକ୍ଳ ଦ୍ୱାଦଶୀ ତିଥି ଶନିବାର ଅବସରରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ ମହାପ୍ରଭୁଙ୍କ ଚଳିତବର୍ଷର ୪ର୍ଥ ବେଣ୍ଟନୀତି ଶ୍ରୀଜଗନ୍ନାଥବଲ୍ଲଭ ପରିସରରେ ଥିବା ବେଣ୍ଟ ପୋଖରୀରେ ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହଙ୍କର ମଙ୍ଗଳ ଆଳତି ସରିବା ପରେ ମହାଜନ ସେବକ ନୀତି ନିମନ୍ତେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ରଙ୍କ ବିଗ୍ରହକୁ ରତ୍ନସିଂହାସନ ନିକଟକୁ ନେଇଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଏକ ଆଜ୍ଞାମାଳ ଆଣି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ। ଆଜ୍ଞାମାଳ ପାଇବା ପରେ ମହାଜନ ସେବକମାନେ ବେଣ୍ଟ(ଶିକାର) ନୀତି ନିମନ୍ତେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ବିମାନରେ ବିଜେକରି ଶ୍ରୀଜଗନ୍ନାଥ ବଲ୍ଲଭ ମଠକୁ ନେଇଥିଲେ। ସେଠାରେ ମହାଜନ ସେବକ ଠାକୁରଙ୍କୁ ଖଟ ଉପରେ ବିଜେ କରାଇଥିଲେ। ବନ୍ଦାପନା ସମ୍ପନ୍ନ ହେବା ପରେ ପ୍ରଭୁ ଶ୍ରୀରାମଚନ୍ଦ୍ର ମହାଜନଙ୍କ ହସ୍ତରେ ବେଣ୍ଟ ନୀତି ନିମନ୍ତେ ମଠ ପରିସରରେ ଥିବା ବେଣ୍ଟ ପୋଖରୀକୁ ବିଜେ ହୋଇଥିଲେ। ଶରଗୁଡ଼ିକୁ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଲଗାଇ ପୂଜାପଣ୍ଡା ସାମନ୍ତ ଶରଗୁଡ଼ିକୁ ଅଭିମନ୍ତ୍ରିତ କରି ଲେଙ୍କା ସେବକ ବା ଦଳବେହେରାଙ୍କୁ ପ୍ରଦାନ କରିଥିଲେ। ଲେଙ୍କା ସେବକ ପଇଡ଼ଗୁଡ଼ିକୁ ମୃଗ ଭାବେ ବିବେଚନା କରି ଶରବିଦ୍ଧ କରିଥିଲେ। ନୀତି ନିମନ୍ତେ ସେଠାରେ ପୂର୍ବରୁ ୬ଟି ପଇଡ଼ ରଖାଯାଇଥିଲା। ୬ଟି ପଇଡ଼ ମଧ୍ୟରୁ ଲେଙ୍କା ୫ଟିରେ ତୀର ମାରିଥିଲେ। ଗୋଟିଏ ଅକ୍ଷତ ଅବସ୍ଥାରେ ସାଙ୍ଗରେ ନେଇଆସିଥିଲେ। ଏହାପରେ ଅବକାଶ, ମଇଲମ, ସ୍ନାନ, ଶୀତଳ ଭୋଗ, କର୍ପୂର ଆଳତି, ବନ୍ଦାପନା ଆଦି ନୀତି କରାଯାଇଥିଲା। ପରେ ଠାକୁର ବିମାନରେ ଶ୍ରୀମନ୍ଦିରକୁ ବାହୁଡ଼ାବିଜେ କରିଥିଲେ।

### ବଡ଼ାସ ସ୍କୁଲର ବାର୍ଷିକ ଉତ୍ସବ

କଣାସ,୨୮।୨(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ବଡ଼ାସ ଗ୍ରାମରେ ଗୁରୁବାର ବଡାସ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ଅବସରପ୍ରାପ୍ତ ଉପଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା, ଗ୍ରାମ୍ୟ କମିଟି ସଭାପତି ସୁବୋଧ କୁମାର ଦାସ, ପୂର୍ବତନ ସରପଞ୍ଚ ବଳରାମ ପଲାଇ ଅତିଥିଭାବେ ଯୋଗଦେଇଥିଲେ।

# ମଠାଧୀଶ, ସାଧୁସନ୍ଥଙ୍କ ସହ ବୁଡ଼ ପକାଇଲେ ଶ୍ରଦ୍ଧାଳୁ

**ଗୋବିନ୍ଦ ଦ୍ୱାଦଶୀ ବୁଡ଼**

ପୁରୀ,୨୮।୨( ଅଜିତ୍ କୁମାର ମହାନ୍ତି)



ମହୋଦଧିରେ ଦ୍ୱାଦଶୀ ବୁଡ଼ ପକାଇବା ପାଇଁ ସାଧୁସନ୍ଥମାନେ ସିଂହଦ୍ୱାରରୁ ଶୋଭାଯାତ୍ରାରେ ଯାଉଛନ୍ତି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଫାଲଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥି ଶନିବାର ଗୋବିନ୍ଦ ଦ୍ୱାଦଶୀ ବୁଡ଼ ତୀର୍ଥରାଜ ସମୁଦ୍ରରେ ଅନୁଷ୍ଠିତ ହୋଇଛି। ଏହିଦିନ ମହୋଦଧିରେ ସ୍ନାନ କଲେ ଅଶେଷ ପୁଣ୍ୟ ମିଳିଥାଏ ବୋଲି ପୌରାଣିକ ମତବାଦ ରହିଛି। ଶ୍ରଦ୍ଧାଳୁମାନେ ମହୋଦଧିରେ ଗୋବିନ୍ଦ ଦ୍ୱାଦଶୀ ବୁଡ଼ ପକାଇ ସ୍ନାନକରି ପୂଣ୍ୟ ଲାଭ କରିଛନ୍ତି। ଗୋବିନ୍ଦ ଦ୍ୱାଦଶୀରେ ବୁଡ଼ ପକାଇବା ପାଇଁ ମହୋଦଧିରେ ସାଧୁସନ୍ଥ, ବିଭିନ୍ନ ମଠର ମଠାଧୀଶ ଓ ପୁରୀବାସୀଙ୍କ ସମାଗମ ହୋଇଥିଲା। ତେଣୁ ବୁଡ଼କୁ ଦୃଷ୍ଟିରେ ରଖି ଜିଲା ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଶନିବାର ସକାଳ ୮ଟା ୩୦ରେ ଶ୍ରୀକ୍ଷେତ୍ରର ବିଭିନ୍ନ ମଠର ମଠାଧୀଶ, ସାଧୁସନ୍ଥ, ଶ୍ରଦ୍ଧାଳୁ ଆଦି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରୁ ଶୋଭାଯାତ୍ରାରେ ବାହାରିଥିଲେ। ଗୋବିନ୍ଦ ଦ୍ୱାଦଶୀରେ ମହୋଦଧିରେ ବୁଡ଼ ପକାଇ ପୂଣ୍ୟ ଅର୍ଜନ କରିବା ନିମନ୍ତେ ସମସ୍ତଙ୍କ ମଧ୍ୟରେ ଏକ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। ସାଧୁସନ୍ଥଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବାସିନ୍ଦା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଘଣ୍ଟ, ବାଦ୍ୟ ଓ ଭଜନ କୀର୍ତ୍ତନ ମଧ୍ୟରେ ଶୋଭଯାତ୍ରା ଆରମ୍ଭ ହୋଇଥିଲା। ଶ୍ରୀମନ୍ଦିର ସିଂହାଦ୍ୱାର ସମ୍ମୁଖରୁ ଶୋଭାଯାତ୍ରା ବାହାରି ବାଲିସାହି ଦେଇ ସ୍ୱର୍ଗଦ୍ୱାର ନିକଟ ନାରାୟଣ ଘାଟଠାରେ ଶେଷ ହୋଇଥିଲା। ପରେ ସମସ୍ତ ମଠାଧୀଶ, ସାଧୁସନ୍ଥ, ଶ୍ରଦ୍ଧାଳୁ, ସ୍ଥାନୀୟ ବ୍ୟକ୍ତିବିଶେଷ ସମସ୍ତେ ନାରାୟଣ ଘାଟ ସହ ସୁମଦ୍ରର ବିଭିନ୍ନ ସ୍ଥାନରେ ସାମୂହିକ ବୁଡ଼ ପକାଇଥିଲେ। ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସ ମହାରାଜ, ଉତ୍ତର ପାର୍ଶ୍ୱ ମଠ ମହନ୍ତ ସ୍ୱାମୀ ନାରାୟଣ ରାମାନୁଜାଚାର୍ଯ୍ୟ ଦାସ ମହାରାଜ, ବଡ଼ଓଡ଼ିଆ ମଠ ମହନ୍ତ ଅଧିକାରୀ ବଂଶୀଧର ଦାସ ଗୋସ୍ୱାମୀ, ନେବଳ ଦାସ ମଠାଧୀଶ ଡ. ରାମଚରଣ ଦାସ ମହାରାଜ, ମହୀପ୍ରକାଶ ମଠ ମହନ୍ତ ସ୍ୱାମୀ ଶୁଭାନନ୍ଦ ମହାରାଜ, ମାତା ମଠ ମହନ୍ତ ସୁବଳ ଚରଣ ଦାସ ମହାରାଜ ପ୍ରମୁଖଙ୍କ ସହ ବିଭିନ୍ନ ମଠର ମଠାଧିଶ ଓ ସାଧୁସନ୍ଥ, ସେବାୟତମାନେ ବୁଡ଼ ପକାଇଥିଲେ। ଏହି ସମୟରେ ବେଳାଭୂମିରେ ଲାଇଫ୍ ଗାର୍ଡ ଓ ପୋଲିସ ମୁତୟନ ରହିଥିଲେ।

# ଦୋଳ ପୂର୍ଣ୍ଣିମା ପାଇଁ ସଜେଇ ହେଉଛି ଦୋଳବେଦି



ହୋଲିପର୍ବ ପାଇଁ ମହାପ୍ରଭୁଙ୍କ ଦୋଳବେଦି ଚାନ୍ଦୁଆ ପ୍ରସ୍ତୁତ କରୁଛନ୍ତି ଦରଜୀ ସେବକମାନେ ।

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଦୋଳଯାତ୍ରା ଅନ୍ୟତମ। ଦୋଳ ପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ସୁନାବେଶ ଅନୁଷ୍ଠିତ ହେବା ସହ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବୀ ମଣିବିମାନରେ ଦୋଳବେଦୀକୁ ବିଜେ କରିବା ସହ ଭକ୍ତଙ୍କ ସହିତ ଅବିର ଓ ଫଗୁ ଖେଳିବେ। ଆସନ୍ତା ୩ ତାରିଖ ଦୋଳପୂର୍ଣ୍ଣିମା ଥିବାରୁ ଏନେଇ ଦୋଳବେଦିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରାଯାଇଥିବା ବେଳେ ଚାନ୍ଦୁଆ ମରାମତି କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଅପରପକ୍ଷରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଶ୍ରୀମନ୍ଦିରରେ ଦୋଳ ଉତ୍ସବ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥାଏ। ଏହି ଉତ୍ସବକୁ ଦୃଷ୍ଟିରେ ରଖି ଦୋଳବେଦୀକୁ ସୁସଜ୍ଜିତ କରାଯାଉଛି। ୧୯ଟି ଚାନ୍ଦୁଆ ଦୋଳବେଦୀରେ ମହାପ୍ରଭୁଙ୍କ ନିମନ୍ତେ ଲଗାଯିବାକୁ ଥିବାବେଳେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଚାନ୍ଦୁଆ କାର୍ଯ୍ୟ ମଧ୍ୟ ଶେଷ ହୋଇଛି। ଦୋଳପୂର୍ଣ୍ଣିମା ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ ଥିବାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ତେଣୁ ଦୋଳବେଦି ଓ ଶ୍ରୀମନ୍ଦିର ପରିସରରେ ଭକ୍ତମାନେ ଯେଭଳି ସୁରୁଖୁରୁରେ ଦର୍ଶନ ପାଇପାରିବେ ସେନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

### ୧୯୬ ମଣ୍ଡି ମାଧ୍ୟମରେ ୧୧.୭୫ ଲକ୍ଷ କୁଇଣ୍ଟାଲ ଧାନ କ୍ରୟ

**ଚାଷୀଙ୍କ ଖାତାକୁ ଗଲାଣି ୨୫୮ କୋଟିରୁ ଅଧିକ ଟଙ୍କା**

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ଜିଲାର ସମସ୍ତ ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଜିଲାର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଜିଲାପାଳ ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ ସହ ଚାଷୀଙ୍କ ସହ ଆଲୋଚନା କରି ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝୁଛନ୍ତି। ମଣ୍ଡିଗୁଡ଼ିକରେ ଯେପରି ଚାଷୀଙ୍କର କୌଣସି ଅସୁବିଧା ନ ହୁଏ, ସେଥିପାଇଁ ଯତ୍ନବାନ ହେବାକୁ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତ୍ତା ଓ ଆର୍‌ଏମସି ପକ୍ଷରୁ କୃଷକଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ୫୯,୯୯୮ ଚାଷୀ ପଞ୍ଜିକରଣ କରିଥିବା ବେଳେ ଯାଞ୍ଚ ପରେ ୫୯,୧୯୭ ଜଣ ଧାନ ବିକ୍ରି ପାଇଁ ଯୋଗ୍ୟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୧୨ ଲକ୍ଷ ୪ହଜାର କୁଇଣ୍ଟାଲ୍ ଓ ଦ୍ୱିତୀୟ ପର୍ଯ୍ୟାୟରେ ୭ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟଥିବା ବେଳେ ବର୍ତ୍ତମାନ ସୁଦ୍ଧା ୩୨ ହଜାର କୃଷକଙ୍କ ଠାରୁ ୧୧.୭୫ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇ ପ୍ରାୟ ୨୫୮ ଟଙ୍କା ପ୍ରଦାନ କରାଯାଇଛି ବୋଲି ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲୋରୀ



@ ସୁପ୍ରିୟା



@ ସୂର୍ଯ୍ୟକାନ୍ତ



@ ସୁଶୀଲ



@ ଜିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜୈବିକ ପ୍ରଣାଳୀରେ କୃଷିକୁ ସୁଇଜରଲାଣ୍ଡ ରାଷ୍ଟ୍ରଦୂତଙ୍କ ପ୍ରଶଂସା

ପିପିଲି,୨୮।୨(ଦୁର୍ଗାମାଧବ ମିଶ୍ର)

ଦାଣ୍ଡମୁକୁନ୍ଦପୁର ନିକଟ କୋଠାବାଡ଼ ଗ୍ରାମ ସ୍ଥିତ ମା' ମାଟି କୃଷକ ଉତ୍ପାଦକ ଗୋଷ୍ଠୀ ନିରନ୍ତର ଭାବେ ଜୈବିକ କୃଷି ଉପରେ କାର୍ଯ୍ୟ କରିଆସୁଛି। ସାରା ରାଜ୍ୟରୁ ଅନେକ କୃଷକ ବିନା ଖର୍ଚ୍ଚରେ ଏଠାରେ ରହି ତାଲିମ ଗ୍ରହଣ କରିଆସୁଛନ୍ତି। ସୁଇଜରଲାଣ୍ଡର ରାଷ୍ଟ୍ରଦୂତ ମାୟା ତିଶାଫି ଓ ତାଙ୍କର ମୁଖ୍ୟ ସଂସ୍କୃତି ସଚିବ ସିମନ ସଚଫର ଏହି କେନ୍ଦ୍ରକୁ ପରିଦର୍ଶନରେ ଆସିଥିଲେ। ଏଠାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି କେନ୍ଦ୍ରରେ ଚାଲୁଥିବା ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ସେମାନେ ବୁଲି ଦେଖିଥିଲେ। ବିନା ରାସାୟନିକ ସାର ଓ କୀଟନାଶକ ଦ୍ୱାରା କିପରି ଚାଷ କାର୍ଯ୍ୟ ହୋଇପାରୁଛି, ତାହା ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଆଇ କନ୍‌ସେପ୍ଟ ଇନିସିଏଟିଭ ସଂସ୍ଥାର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିବା ଏହି ସଂସ୍ଥାନର ମୁଖ୍ୟ ପରିଚାଳକ ସୁବୋଧ ମହାନ୍ତି ସେମାନଙ୍କୁ ବିଷଦ ବିବରଣୀ ଦେଇଥିଲେ। ସେମାନଙ୍କୁ ସୂର୍ଯ୍ୟକାନ୍ତି ଦାସ ଓ ଦୀପକ କୁମାର ମହାନ୍ତି ବିଭିନ୍ନ ପ୍ରକଳ୍ପ ବୁଲାଇ ସେମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଇଥିଲେ। ଏହି ସମୟରେ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇ ଦିଆଯାଇଥିଲା। ଏହି ଅବସରରେ ସ୍ଥାନୀୟ କୃଷି ଉଦ୍ୟୋଗୀ ସନ୍ତୋଷ ମିଶ୍ର ସେମାନଙ୍କୁ ଛତୁ ଉଦ୍ୟୋଗ ଉପରେ ବୁଝାଇଥିଲେ। ସାମାଜିକ କର୍ମୀ ବିଜୟ ମହାନ୍ତି ଓ ପ୍ରବୀଣ ଉପାଧ୍ୟାୟ ସେମାନଙ୍କୁ ସ୍ୱଦେଶୀ ଉତ୍ପାଦରେ ପ୍ରସ୍ତୁତ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ଦେଇ ଆପ୍ୟାୟିତ କରିଥିଲେ। ଏହି ଗସ୍ତଙ୍କୁ ସ୍ମରଣୀୟ ରଖିବା ପାଇଁ ମା' ମାଟି ପରିସରରେ ୨ ଟି ନାରିକେଳ ବୃକ୍ଷ ସେମାନଙ୍କ ଦ୍ୱାରା ରୋପଣ କରାଯାଇଥିଲା।



ଜୈବିକ କୃଷିକୁ ବୁଲି ଦେଖୁଛନ୍ତି ସୁଇଜରଲାଣ୍ଡର ରାଷ୍ଟ୍ରଦୂତ ମାୟା ତିଶାଫି ।

# ଶ୍ରୀକୃଷ୍ଣ ଚେତନାରେ ସାମାଜିକ ନ୍ୟାୟ, ସଂହତି ରହିଛି

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)




ଜାତୀୟ ସାରସ୍ୱତ ସମାବେଶରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି ।

ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଜାତୀୟ ଆଲୋଚନାଚକ୍ର 'ଶ୍ରୀକୃଷ୍ଣ ଚେତନା ଓ ଶ୍ରୀଜଗନ୍ନାଥ' ଶୀର୍ଷକର ଉଦ୍‌ଘାଟନୀ ଉତ୍ସବ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସର୍ବୋଚ୍ଚ ନ୍ୟାୟାଳୟ ଭାରତ ବର୍ଷର ପ୍ରାକ୍ତନ ନ୍ୟାୟମୂର୍ତ୍ତି ଅନଙ୍ଗ କୁମାର ପଟ୍ଟନାୟକ ଯୋଗଦେଇ କହିଛନ୍ତି, ଶ୍ରୀକୃଷ୍ଣ ଚେତନାରେ ସାମାଜିକ ନ୍ୟାୟ, ସଂହତି ଓ ଜାତୀୟ ଏକାତାବୋଧ ରହିଛି। ଭାରତବର୍ଷରେ ଦକ୍ଷିଣ, ଉତ୍ତର, ପଶ୍ଚିମ ଓ ପୂର୍ବ ପ୍ରଦେଶ ନିର୍ବିଶେଷରେ ସବୁଠାରେ ଭଗବାନ ଶ୍ରୀକୃଷ୍ଣ ଓ ଗୋବିନ୍ଦଙ୍କର ଉପାସନା ପରିଦୃଶ୍ୟ ହୁଏ। ବିଶେଷ କରି ବ୍ରଜଭୂମି ବୃନ୍ଦାବନ ବର୍ଷାନାରେ ରାଧାକୃଷ୍ଣଙ୍କର ଯୁଗଳ ମୂର୍ତ୍ତି ଶାଶ୍ୱତୀୟ ରାସ ଚେତନାର ସ୍ୱରୂପବ୍ୟକ୍ତ କରିଥାଏ। ପୁରୀରେ ଶ୍ରୀକୃଷ୍ଣ ସ୍ୱରୂପ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ମୋକ୍ଷପ୍ରାପ୍ତି ହୋଇଥାଏ। ଆତ୍ମା ପରମାତ୍ମାର ମିଳନସ୍ଥଳୀ ଶ୍ରୀଜଗନ୍ନାଥ ଧାମ ଗୁପ୍ତ ରାସକ୍ଷେତ୍ର।

ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶତ୍ରୁଘ୍ନ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ମହାପ୍ରଭୁଙ୍କ ବରିଷ୍ଠ ସେବାୟତ ଭଗବାନ ସୁଆର, କେନ୍ଦ୍ର ଜିଏସ୍‌ଟି ଯୁଗ୍ମ କମିଶନର ପ୍ରଦୀପ କୁମାର ସୁବୁଦ୍ଧି ରାୟ, ପ୍ରାକ୍ତନ ବିଚାରପତି ମାନସ ମିଶ୍ର, ବରିଷ୍ଠ ଆଇନଜୀବୀ ପୁଷ୍କର ମହାପାତ୍ର, ଉପାଧ୍ୟକ୍ଷ ବିନୋଦ କୁମାର ପଣ୍ଡା, ଅଭ୍ୟର୍ଥନା ସମିତିର ଉପାଧ୍ୟକ୍ଷା ରୁଚିମିତ୍ରା ଜଗଦେବ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ଐତିହାସିକ ମଦନ ମୋହନ ମହାପାତ୍ର ଆଲୋଚନା ଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ କ୍ରିଷ୍ଣା ଦେବୀ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଉତ୍ସବ ଅବସରରେ ଟ୍ରଷ୍ଟର ଜାତୀୟ ବିଶେଷାଙ୍କ 'ଶ୍ରୀଗୁଣ୍ଡିଚା' ଓ ଡ. ନୃସିଂହ ନନ୍ଦ ମହାପାତ୍ରଙ୍କ ରଚିତ ପୁସ୍ତକ 'ଭଙ୍ଗା ନୀଳର ପକ୍ଷୀ, ପଣ୍ଡିତ ରଜନୀକାନ୍ତ ତ୍ରିପାଠୀଙ୍କ ଦ୍ୱାରା ରଚିତ ପୁସ୍ତକ 'ଉପନୟନ ସଂହିତା' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଏହି ଅବସରରେ ଶିଶୁ ଓଡ଼ିଶୀ ନୃତ୍ୟାଙ୍ଗନା ଦେବସ୍ମିତା ପ୍ରଧାନଙ୍କ ସମେତ ବିବିଧ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଅପରାହ୍ନରେ ଦ୍ୱତୀୟ ଅଧିବେଶନ ଜାତୀୟ ଆଲୋଚନା ପର୍ବରେ ପଣ୍ଡିତ ସଦାଶିବ ଓ ପ୍ରଫେସର ରବିଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମାନିତ ବକ୍ତା ଭାବେ ଉତ୍ତରପ୍ରଦେଶର ବ୍ରହ୍ମଚାରୀ କୈଳାଶ ମହାରାଜ, ମହାରାଷ୍ଟ୍ରର ଅଧାପିକା ଅମ୍ବିକା ଯୋଶୀ, ଝାଡ଼ଖଣ୍ଡର ଶିକ୍ଷାବିତ୍ ଜିତେନ୍ଦ୍ର ଜ୍ୟୋତିଶି, ଶିକ୍ଷାବିତ ବିଜୟଲକ୍ଷ୍ମୀ ଦାଶ, ଟ୍ରଷ୍ଟର ବରିଷ୍ଠ ସଦସ୍ୟା ପ୍ରତିଭା ତ୍ରିପାଠୀ, ଡ. ଶାନ୍ତିଲତା ମହାନ୍ତି, ପଣ୍ଡିତ ଦୟାନିଧି ତ୍ରିପାଠୀ, କନ୍ଧମାଳର ଡ. ନୃସିଂହ ନନ୍ଦ ମହାପାତ୍ର, ପଣ୍ଡିତ ରଜନୀକାନ୍ତ ତ୍ରିପାଠୀ, ଲେଖିକା ଗୋଲାପ ନନ୍ଦ, ପ୍ରାଧାପିକ ମୃଦଳା ମହାନ୍ତି, ରଙ୍ଗନାଥ ସେଠୀ ପ୍ରମୁଖ ଅଂଶଗ୍ରହଣ କରି ଶ୍ରୀକୃଷ୍ଣ ଚେତନାର ମତ ପୋଷଣ କରିଥିଲେ।

**ମାଗଣା ସ୍ୱାସ୍ଥ୍ୟସେବା ଶିବିର**

କଟକ ସଦର,(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରଠାରେ ଶନିବାର ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ଯୋଗଦେଇ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଡାକ୍ତରଙ୍କଠାରୁ ପରାମର୍ଶ ନେଇଥିଲେ। କଟକ ଡାକ୍ତରଖାନାର ଡାକ୍ତର ପ୍ରୀତମ ପ୍ରୀତିଶ ପଟ୍ଟନାୟକ ଶିବିର ପରିଚାଳନା କରିଥିବା ବେଳେ ଶାରଳା ଅନୁଷ୍ଠାନ ପକ୍ଷରୁ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅର୍ଦ୍ଧେନ୍ଦୁ ଶେଖର ପଣ୍ଡା, ଶୁଭେନ୍ଦୁ ଶେଖର ପଣ୍ଡା, ପ୍ରମୋଦ ବାରିକ, ସୈଦାନନ୍ଦ ଜେନା, ସୁନୀତା ସ୍ୱାଇଁ, ଆଲିଶା ସ୍ୱାଇଁ, ସୋନାଲି ବେହେରା ପ୍ରମୁଖ ଶିବିର ପରିଚାଳନା କରିଥିଲେ।

## ପ୍ରଫେସର ଗଙ୍ଗାଧର ବଳଙ୍କ ପ୍ରଜ୍ଞାଶୀଳତା ଅନନ୍ୟ

କଟକ,୨୮।୨ (କାର୍ତ୍ତିକ ସାହୁ)

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଫେସର ଗଙ୍ଗାଧର ବଳ ସ୍ମୃତିସନ୍ଧ୍ୟା ଶ୍ରୀରାମଚନ୍ଦ୍ର ଭବନଠାରେ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ ପ୍ରଫେସର ଗଙ୍ଗାଧର ବଳଙ୍କ ପ୍ରଜ୍ଞାଶୀଳତା ଅନନ୍ୟ ବୋଲି କହିଥିଲେ। ମୁଖ୍ୟବକ୍ତା ଯୁବ ଗବେଷକ ଡ. ଅନୁପ ରଞ୍ଜନ ମାର୍ଥା ରୀତି ସାହିତ୍ୟରେ ଭକ୍ତି ଚେତନା ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟର ଗବେଷକ ତପନ କୁମାର ଶତପଥୀଙ୍କୁ 'ପ୍ରଫେସର ଗଙ୍ଗାଧର ବଳ ସ୍ମୃତି ପୁରସ୍କାର' ସ୍ୱରୂପ ପାଞ୍ଚ ହଜାର ଟଙ୍କା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟା ମୀରା ବେଉରା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ଗୀତାଞ୍ଜଳି ପୃଷ୍ଟି ମାନପତ୍ର ପାଠ କରିଥିଲେ। କୋଷାଧ୍ୟକ୍ଷ ଦିଲୀପ କୁମାର ଦାସ ଧନ୍ୟବାଦ ଦେଇଥିଲେ।

# ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ର ହେବ ଉତ୍କର୍ଷ କେନ୍ଦ୍ର

## ଏସ୍‌ସିବି ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ରୌପ୍ୟ ଜୟନ୍ତୀ ପାଳିତ



ଏସ୍‌ସିବି ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି ଓ ଅନ୍ୟମାନେ।

କଟକ,୨୮।୨(ଶିକ୍ଷା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ରୌପ୍ୟ ଜୟନ୍ତୀ ମେଡିକାଲ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରି କହିଛନ୍ତି, ଏହି ସେଣ୍ଟର ନିରନ୍ତର ଭାବେ ରୋଗୀ ସେବା କରି ଆସୁଅଛି। ଯୁପିସ୍ଥିତ ବରେଲି, ଜବଲପୁରସ୍ଥିତ ଏମ୍‌ପି, ପଞ୍ଜାବସ୍ଥିତ ମହାଲି ଏବଂ ଓଡ଼ିଶାସ୍ଥିତ କଟକରେ ୧୯୯୫ରେ ଗୋଟିଏ ସମୟରେ ଏହି ୪ଟି ସେଣ୍ଟର ଆରମ୍ଭ ହୋଇଥିଲା। ହେଲେ କଟକର ଏହି ସେଣ୍ଟର ସେତିକି ଭାବେ ଆଗେଇ ପାରିନି। ତତ୍କାଳୀନ ସରକାର ଏହି ସେଣ୍ଟରକୁ ଅଣଦେଖା କରିଛନ୍ତି। ହେଲେ ଏହି କେନ୍ଦ୍ରକୁ ସେଣ୍ଟର ଅଫ ଏକ୍ସିଲେନ୍ସ ବା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ପାଇଁ ବର୍ତ୍ତମାନ ସରକାର ଗୁରୁତ୍ୱ ଦେଉଛନ୍ତି। ସେହିପରି ନୂତନ ଡିଜାଇନର ଏକ ୱେବ୍‌ସାଇଟ୍ ଖୋଲାଯିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗଦେଇ କହିଛନ୍ତି, ୨୫ ବର୍ଷରେ ଏହି ଅନୁଷ୍ଠାନ ପାଦ ଥାପିଛି। ଏହାସହ ଭିତ୍ତିଭୂମିର ବିକାଶ କରାଯିବ ଆବଶ୍ୟକ ରହିଛି ବୋଲି ସେ କହିଛନ୍ତି। ବରେଣ୍ୟ ଅତିଥି ଭାବେ ଓଲଟପୁରସ୍ଥିତ ଏସ୍‌ଭି ନିରତାର ନିର୍ଦ୍ଦେଶକ ପତିତ ପାବନ ମହାନ୍ତି ଯୋଗଦେଇ ମେରୁଦଣ୍ଡ ଆଘାତପ୍ରାପ୍ତ ରୋଗୀଙ୍କ ନିମନ୍ତେ ଏହି କେନ୍ଦ୍ର ନୂତନ ଆଶା ସଞ୍ଚାର କରିଛି ବୋଲି କହିଥିଲେ। ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ର ନିର୍ଦ୍ଦେଶକ ତଥା ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ନିର୍ମଳ ଚନ୍ଦ୍ର ମହାପାତ୍ର କହିଛନ୍ତି, ଗତ ୨୫ ବର୍ଷ ମଧ୍ୟରେ ଏହି ଅନୁଷ୍ଠାନ ୩୮୩୦୭ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ପ୍ରଦାନ ଏବଂ ୬୪୨୧୧୧ଜଣ ରୋଗୀଙ୍କୁ ଫିଜିଓଥେରାପି ସେବା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ଅତିଥିମାନଙ୍କ ଦ୍ୱାରା ଶୋଭେନିଅର ଲୋକାର୍ପିତ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ୩୦ଜଣ ରୋଗୀଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଆଞ୍ଚଳିକ ମେରୁଦଣ୍ଡ ଆଘାତ ଚିକିତ୍ସା କେନ୍ଦ୍ରର ଆସିଷ୍ଟାଣ୍ଟ ପ୍ରଫେସର ଡା. ଭବାନୀ ଶଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ସମସ୍ତ ଡାକ୍ତର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଲୋରୀ


@ ସୁପ୍ରିୟା


@ ସୂର୍ଯ୍ୟକାନ୍ତ


@ ସୁଶୀଳ


@ ଜିପୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓୱାଇଏପିଏଲ୍‌ର ୩ୟ ସଂସ୍କରଣ ଉଦ୍‌ଘାଟିତ


ଓୱାଇଏପିଏଲ୍‌ର ଉଦ୍‌ଘାଟନୀ ଅବସରରେ ଖେଳାଳିଙ୍କ ସହ ଉପସ୍ଥିତ ଅତିଥି।

କଟକ,୨୮।୨(କୁମାରଶ୍ରୀ)

ଓଡ଼ିଶା ୟଙ୍ଗ୍ ଆଡଭୋକେଟସ କ୍ରିକେଟ୍ ଆସୋସିଏଶନ ଓ ଡକ୍ଟର ଅଶୋକ ମହାପାତ୍ର ସ୍ମାରକୀ କମିଟି ମିଳିତ ଆନୁକୂଲ୍ୟରେ ଓଡ଼ିଶା ୟଙ୍ଗ୍ ଆଡଭୋକେଟ୍‌ସ ପ୍ରିମିୟର ଲିଗ୍ (ଓୱାଇଏପିଏଲ)ର ୩ୟ ସଂସ୍କରଣ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଦିବସର ପ୍ରଥମ ମ୍ୟାଚରେ ଲିଗାଲ ଇଗଲସ ୧୦ ଉଇକେଟରେ ଲିଗାଲ ଷ୍ଟ୍ରାଇକର୍ସକୁ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚରେ ରୟାଲ ଜାଗୁଆର୍ସ ୭ ଉଇକେଟରେ ଏମ୍‌ଏମସି ୱାରିୟରକୁ, ତୃତୀୟ ମ୍ୟାଚରେ ଲିଗାଲ ଇଗଲସ୍ ୬୮ ରନରେ ଜଷ୍ଟିସ ସ୍କ୍ୱାଡ୍‌କୁ, ୪ର୍ଥ ମ୍ୟାଚରେ ସୁପର ଡେରେସ୍ ଏକାଦଶ ୪୮ ରନରେ ଏମ୍‌ଏମ୍‌ସି ୱାରିୟର୍ସକୁ ପରାସ୍ତ କରିଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ଭି. ନରସିଂହ, ସମ୍ମାନିତ ଅତିଥି ଭାବେ ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ମନୋଜ କୁମାର ମିଶ୍ର, ଉପସଭାପତି ସିଦ୍ଧାର୍ଥ ଦାସ, ଆଇନଜୀବୀ ଆଲୋକ ମହାପାତ୍ର ଯୋଗଦେଇଥିଲେ। ଆୟୋଜକ ଆଇନଜୀବୀ ଆଶୁତୋଷ ମିଶ୍ର ଓ ଆଦ୍ୟାସିଦ୍ଧି ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଡାନାସୀ ଗ୍ରାଉଣ୍ଡରେ ଦୁଇ ଦିନ ଧରି ହେବାକୁଥିବା ଚାମ୍ପିୟନଶିପ୍‌ରେ ମୋଟ ୬ଟି ଦଳ ଅଂଶଗ୍ରହଣ କରିଛନ୍ତି।

# ଜାତୀୟ ବିଜ୍ଞାନ ଦିବସ ପାଳିତ

କଟକ ସଦର,୨୮।୨(ସୁଶାନ୍ତ କୁମାର ଜେନା)

ଗଡିରାଉତପାଟଣାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ପ୍ରଚାର ସମିତି ଓଡ଼ିଶା ଆନୁକୂଲ୍ୟରେ ଶନିବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ସମିତି ପକ୍ଷରୁ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ, ଅରବିନ୍ଦ କର ଏବଂ ଡ. ଶିବଶଙ୍କର ନାୟକ ଯୋଗଦେଇଥିଲେ। ଶିଶୁ ବିଦ୍ୟା ମନ୍ଦିର ପିଲାମାନଙ୍କୁ ନେଇ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଓ ବିଜ୍ଞାନ ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ବିଜ୍ଞାନ ପ୍ରମୁଖ ପ୍ରସନ୍ନ କୁମାର ଆରୁଖ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଆଚାର୍ଯ୍ୟ ବନମାଳୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କନ୍ଦରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା। ପ୍ରଥମେ ପିଲାମାନଙ୍କୁ ନେଇ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ସହ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ସଭାକାର୍ଯ୍ୟ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ଦିବସର ଆଭିମୁଖ୍ୟ ବର୍ଣ୍ଣନା କରିଥିବା ବେଳେ ତ୍ରିଲୋଚନ ହାତୀ, ରାଜସ୍ମିତା ବିଶ୍ୱାଳ, ଶୁଭଶ୍ରୀ ପ୍ରଧାନ, ବିଷ୍ଣୁପ୍ରିୟା ପଣ୍ଡା, ନମିତା ପ୍ରଧାନ, ମଧୁସ୍ମିତା ଜସୋଲିନ ମହାପାତ୍ର, ଅକ୍ଷୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଜ୍ଞାନ ପ୍ରମୁଖ ଶୁଭକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ମୁଖ୍ୟ ଅତିଥି ସସ୍ମିତା ବେହେରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକଙ୍କୁ ବିଦାୟ ସମ୍ବର୍ଦ୍ଧନା



ବିଦାୟ ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

କଟକ, ୨୮।୨ (କାର୍ତ୍ତିକ ସାହୁ)

ଓଡ଼ିଶା ଶିଳ୍ପ ସଂଘ ପକ୍ଷରୁ କଟକ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ତରୁଣ କୁମାର ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓଡ଼ିଶା ଶିଳ୍ପ ସଂଘ ଗୃହରେ ଶନିବାର ଅନୁଷ୍ଠିତ ସଭାରେ ବିଦାୟୀ ଅଧିକାରୀ ମହାନ୍ତିଙ୍କ ୩ ବର୍ଷର କାର୍ଯ୍ୟକାଳ ମଧ୍ୟରେ ହୋଇଥିବା କାର୍ଯ୍ୟଗୁଡ଼ିକୁ ବକ୍ତାମାନେ ପ୍ରଶଂସା କରିଥିଲେ। ଓଡ଼ିଶା ଶିଳ୍ପ ସଂଘ ଅଧ୍ୟକ୍ଷ ଅବନୀ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ଶିଳ୍ପୋଦ୍ୟୋଗୀ ଯୋଗଦେଇଥିଲେ। ସଭାପତି ରାଜେଶ କାନୁନ୍‌ଗୋ ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପଦ୍ୟୋଗ ମାନସ ଦାସ, ଭବାନୀ ପଣ୍ଡିତ, ସଞ୍ଜୟ ବିଶ୍ୱାଳ, ପୁଷ୍ପା ସାମଲ, ଦେବେନ୍ଦ୍ର ଶର୍ମା ଗୁଣାବଳୀ ବର୍ଣ୍ଣନା କରିଥିଲେ। ଉପସଭାପତି ବିନୋଦ ଭୂତ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଶିଳ୍ପ ସଂଘ ପକ୍ଷରୁ ମହାନ୍ତିଙ୍କୁ ଉତ୍ତରୀୟ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିନିତ ଦାସ, କିଶୋର ମହାନ୍ତି, ପ୍ରଶାନ୍ତ ମହାପାତ୍ର, ଅଶୋକ ସାହୁ, ରୁଦ୍ର ନାରାୟଣ ଆଚାର୍ଯ୍ୟ, ରମା ବଲ୍ଲଭ ନାୟକ, ପ୍ରିୟନାଥ ମହାନ୍ତି, ଅଜୟ ପଣ୍ଡା, ସଞ୍ଜୟ ପଟ୍ଟନାୟକ, ଉମାକାନ୍ତ ବେହେରା, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ନବୀନ ବାବୁ ମାଷ୍ଟର ଷ୍ଟ୍ରୋକ୍ ଖେଳିଛନ୍ତି: ଦେବାଶିଷ

କଟକ,୨୮।୨(ଶିକ୍ଷା ପ୍ରିୟଦର୍ଶିନୀ)

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଶନିବାର ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଘୋଷଣାକୁ ସହମତି ଜଣାଇଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। କଟକସ୍ଥିତ ଆବାସିକ କାର୍ଯ୍ୟାଳୟରେ ଦେବାଶିଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ନବୀନ ପଟ୍ଟନାୟକ ମାଷ୍ଟର ଷ୍ଟ୍ରୋକ ଖେଳିଛନ୍ତି। ଗଣିତ କହୁଛି ନବୀନ ବାବୁଙ୍କ ପ୍ରଥମ ପସନ୍ଦ ଥିବା ପ୍ରାର୍ଥୀ ଡ. ସଂନ୍ତୃପ୍ତ ମିଶ୍ର ତୃତୀୟ ପ୍ରାର୍ଥୀ ହେବେ ଏବଂ ଚତୁର୍ଥ ପ୍ରାର୍ଥୀ ହେବେ ଡା. ଦତ୍ତେଶ୍ୱର ହୋତା ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରାର୍ଥୀ ଘୋଷଣା ପରେ ନବୀନ ନିବାସରେ ଡ. ମିଶ୍ରଙ୍କ ପ୍ରାର୍ଥୀତ୍ୱକୁ ପ୍ରଭାତ ବିଶ୍ୱାଳ ବିରୋଧ କରିଛନ୍ତି। ଏହି ଘଟଣାକୁ ନିନ୍ଦା କରିବା ସହ ପ୍ରଭାତଙ୍କୁ ଟାର୍ଗେଟ କରି ଦେବାଶିଷ କହିଛନ୍ତି, ବିଜେଡିରେ ପ୍ରଭାତ

**ପ୍ରଭାତଙ୍କୁ ଦେବାଶିଷଙ୍କ କଡ଼ା ଟାର୍ଗେଟ**



ବିଶ୍ୱାଳ କିଏ। ଯେଉଁ ବୈଠକ ନବୀନ ନିବାସରେ କରାଯାଇଥିଲା, ସେଠାକୁ ପ୍ରଭାତଙ୍କୁ ଡକାଯାଇ ନ ଥିଲା। ତାଙ୍କ ପୁଅ ସୌଭିକ୍ ବିଶ୍ୱାଳ ଜଣେ ବିଧାୟକ ଭାବେ ଉପସ୍ଥିତ ଥିଲେ। ପ୍ରଭାତ ବିଶ୍ୱାଳ ନବୀନ ବାବୁଙ୍କୁ ଏଭଳି ପ୍ରଶ୍ନ ପଚାରିବାକୁ କିଏ। ନବୀନ ପଟ୍ଟନାୟକ ପ୍ରତାପନଗରୀ ଆସିଥିବାବେଳେ ପ୍ରଭାତ ହିଁ ତାଙ୍କ ଗାଡ଼ିର କାଚ ଭାଙ୍ଗିଥିଲେ। ପରେ ମେ ୨୯ର ଅପରେଶନରେ ପ୍ୟାରୀବାବୁଙ୍କ ସହ ହାତ ମିଶାଇ ଦଳ ସହ ବିଶ୍ୱାସଘାତ କରିଥିଲେ। ହେଲେ ମଧ୍ୟ ନବୀନ ବାବୁ ତାଙ୍କୁ କ୍ଷମା କରିଥିଲେ ଏବଂ ତାଙ୍କ ଉପରୁ ନିଲମ୍ବନ ହଟାଇଥିଲେ। ପରେ ସେ ପୁନର୍ବାର ବିଧାୟକ ହୋଇଥିଲେ। ଏପରିକି ଚିଟ୍‌ଫଣ୍ଡ ଘଟଣାରେ ତାଙ୍କ ସମ୍ପୃକ୍ତି ଘଟଣା ସାମ୍ନାକୁ ଆସିଥିଲା। ଏହା ସତ୍ତ୍ୱେ ବି ତାଙ୍କ ପୁଅକୁ ଦୁଇଥର ଟିକେଟ ନବୀନ ବାବୁ ଦେଇଛନ୍ତି। ଡା. ହୋତା ଏବଂ ଡ. ମିଶ୍ର ଉଭୟ ପ୍ରାର୍ଥୀ କଟକ ସହ ଜଡ଼ିତ ରହିଛନ୍ତି। ହେଲେ ପ୍ରଭାତ ବାବୁ କଟକ ସହ ସମ୍ପୃକ୍ତ ଥିବା ପ୍ରାର୍ଥୀଙ୍କୁ ସହମତି ଦେଉନାହାନ୍ତି ବୋଲି ସାମନ୍ତରାୟ କହିଛନ୍ତି।

# ଉନ୍ନୟନ କାମର ହିସାବ ରଖିଲେ ସରପଞ୍ଚ

କଣ୍ଟାପଡ଼ା,୨୮।୨(ସୁରନାରାୟଣ ସାହୁ)

କଣ୍ଟାପଡା ବ୍ଲକ ପ୍ରଶାସନ ଉନ୍ନୟନ କାମରେ ଟାଳଟୁଳ ନୀତି ଅବଲମ୍ବନ ପ୍ରତିବାଦରେ ବାଗଲପୁର ପଞ୍ଚାୟତ ସମିତି ସଭ୍ୟା ତଥା କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜୀନା ଭୋଇ, ସମିତି ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ ଅନ୍ୟ ବିରୋଧୀ ସଦସ୍ୟଙ୍କ ସହ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି। ବାଗଲପୁର ପଞ୍ଚାୟତରେ ଗତ ୨୦୨୪-୨୫ ଓ ୨୦୨୫-୨୬ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନା ବାବଦକୁ ମୋଟ ୮୯ ଲକ୍ଷ ୧୬ ହଜାର ଟଙ୍କା ମଞ୍ଜୁର ହୋଇଥିବାବେଳେ ସେଥିରୁ ୬୨ ଲକ୍ଷ ୧୬ ହଜାର ଟଙ୍କାର କାମ ସରିଛି। ବଳକା ଅର୍ଥରେ ବିଭିନ୍ନ କାମ ଚାଲିଛି ବୋଲି ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ସେଠୀ ଶୁକ୍ରବାର ବାଗଲପୁର ପଞ୍ଚାୟତଠାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ଭାଜପା କୃଷକ ମୋର୍ଚ୍ଚା ସମ୍ପାଦକ ଅଶୋକ ରଥ, ପଞ୍ଚାୟତ ପ୍ରମୁଖ କୈଳାଶ ଦାଶ ଓ ସହପ୍ରମୁଖ ପ୍ରଦୀପ ସେନାପତି ଉପସ୍ଥିତ ଥିଲେ।

# ଶତାୟୁ ସରପଞ୍ଚ ବିଶ୍ୱନାଥ ଦାସଙ୍କ ସ୍ମୃତିସଭା


ବିଶ୍ୱନାଥ ଦାସଙ୍କ ସ୍ମୃତିସଭାରେ ଉପସ୍ଥିତ ଅତିଥି ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ଖୁଣ୍ଟୁଣୀ,୨୮।୨(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପଠାରେ ଶତାୟୁ ତଥା ଆଦର୍ଶ ସରପଞ୍ଚ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବିଜେଡି ଯୁବ ସଙ୍ଗଠକ ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, କଟକ ଜିଲା ଭାଜପା ସଭାପତି ରାମ ନାରାୟଣ ମହାନ୍ତି, ବିଶିଷ୍ଟ ସମାଜସେବୀ ଭାଗୀରଥି କର, ବରିଷ୍ଠ ଆଇନଜୀବୀ ଫଣି ଭୂଷଣ ରଥ, ମାଗୁଣି ଚରଣ ରାଉତ, ଜିଲା ପରିଷଦ ସଭ୍ୟା ମିନତି ଗାଗରାଇ, ଖୁଣ୍ଟୁଣୀ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶଶୀଭୂଷଣ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, କଣ୍ଡରେଇ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ଖୁଣ୍ଟୁଣୀ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ରାଧାକିଶୋରପୁର ସରପଞ୍ଚ ବିନୋଦ କୁମାର ମାଝୀଙ୍କ ସମେତ ଆଠଗଡ଼ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଦାସଙ୍କ ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରି ଆଦର୍ଶ ଜୀବନର ସ୍ମୃତି ଚାରଣ କରିଥିଲେ। ଦାସଙ୍କ ସୁପୁତ୍ର ଅଶୋକ ଦାସ, କନ୍ୟା ପୁଷ୍ପଲତା ଦାସ ଓ ପରିବାର ବର୍ଗ ଉପସ୍ଥିତ ରହିଥିଲେ।

# କଟକ ଭାଜପାର ସାଙ୍ଗଠନିକ ବୈଠକ

କଟକ,୨୮।୨(ଶିକ୍ଷା ପ୍ରିୟଦର୍ଶିନୀ)

କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଅପରାହ୍ନରେ କଟକ ସର୍କିଟ ହାଉସରେ ପହଞ୍ଚିଥିଲେ। ଏହିଅବସରରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, କଟକ ସଦର ବିଧାୟକ ଇଂ. ପ୍ରକାଶ ସେଠୀ ପ୍ରମୁଖ କେନ୍ଦ୍ରମନ୍ତ୍ରୀଙ୍କ ସୌଜନ୍ୟମୂଳକ ସାକ୍ଷାତ୍ କରିବା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିସହ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ପହଞ୍ଚି କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ କଟକ ଭାଜପା ନେତା ନୟନ କିଶୋର ମହାନ୍ତି, ଜିଲା ସଭାପତି ସୁକାନ୍ତ ବିଶ୍ୱାଳ, ଲଲାଟେନ୍ଦୁ ବଡୁ, ଶ୍ରୀତମ ଦାସ, ଗଗନ ଓଝାଙ୍କ ସମେତ ବହୁ ବରିଷ୍ଠ, ଯୁବ ଓ ଛାତ୍ରନେତା କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଏଠାରେ ପ୍ରାୟ ଏକ ଘଣ୍ଟା ରହିବା ପରେ ସେ ଖଡ଼ଗପୁର ଅଭିମୁଖେ ଯାଇଥିଲେ।

# ଗଡ଼ଗଡ଼ିଆରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ସତ୍ୟାଗ୍ରହ



ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତର ପ୍ରତିବାଦ କରି ଶନିବାର ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଗଡ଼ଗଡିଆ ଘାଟଠାରେ ସତ୍ୟାଗ୍ରହ କରାଯାଇଛି।

କଟକ, ୨୮।୨ (କାର୍ତ୍ତିକ ସାହୁ)

**ମହାନଦୀ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତର ପ୍ରତିବାଦ**

ମହାନଦୀ ଟ୍ରିବ୍ୟୁନାଲ ଫେବୃଆରୀ ୨୬ରୁ ମାର୍ଚ୍ଚ ୨ ପର୍ଯ୍ୟନ୍ତ ୫ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଟ୍ରିବ୍ୟୁନାଲଙ୍କ ଓଡ଼ିଶା ଗସ୍ତ ପ୍ରତିବାଦରେ କଟକ ଗଡ଼ଗଡିଆ ଘାଟଠାରେ ଶନିବାର ସତ୍ୟାଗ୍ରହ କରାଯାଇଛି। ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆୟୋଜିତ ସତ୍ୟାଗ୍ରହରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ଓଡ଼ିଶାର ପ୍ରମୁଖ ସମସ୍ୟା ମହାନଦୀ ପାଇଁ ଓଡ଼ିଶାର ପଲ୍ଲୀଠୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢ଼େଇ ଜୋରଦାର କରିବାକୁ ଆହ୍ୱାନ ଦେଇଥିଲେ। ଚିତ୍ରଶିଳ୍ପୀ ରବି ରଥ ତୂଳୀ ଓ କାନଭାସ୍‌ରେ ଅଭିନବ ପ୍ରତିବାଦ ପାଇଁ ପ୍ରସ୍ତାବ ଦେଇଥିଲେ। ବିଧାୟିକା ତଥା ଆପୋସ ସମାଧାନ ପାଇଁ ସରକାରଙ୍କ ଦ୍ୱାରା ଗଠିତ କମିଟିର ସଦସ୍ୟ ସୋଫିଆ ଫିର୍ଦ୍ଦୋସ ଟ୍ରିବ୍ୟୁନାଲଙ୍କ ଗସ୍ତ ସମ୍ପର୍କରେ ସୂଚନା ପାଇନାହାନ୍ତି କହିବା ସହ ମହାନଦୀର ଜଳ ପ୍ରବାହ ପାଇଁ ବିଧାନସଭାରେ ସେ ଲଢ଼ିବା ସହିତ କଟକବାସୀଙ୍କୁ ଜୋରଦାର ପ୍ରତିବାଦ ପାଇଁ ନିବେଦନ କରିଥିଲେ। ଟ୍ରିବ୍ୟୁନାଲ ପାଖରୁ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶରେ ଅଣମୌସୁମୀ ସମୟରେ ହୀରାକୁଦ ତଥା ମହାନଦୀର ଆବଶ୍ୟକ ପାଣି ଛାଡ଼ିବା ପାଇଁ ଛତିଶଗଡ଼କୁ ନିର୍ଦ୍ଦେଶ ଦେବା ଓ କଳମା ବ୍ୟାରେଜ ପାଖରେ ନଦୀର ତଣ୍ଟି ଚିପିବା କାର୍ଯ୍ୟରୁ ନିବୃତ୍ତ ରହିବା ନିମନ୍ତେ ଛତିଶଗଡ଼କୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଆବାହକ ସୁଦର୍ଶନ ଦାସ କହିଛନ୍ତି। ସଙ୍ଗଠନର ସହ ଆବାହକ ବାସୁଦେବ ଭଟ୍ଟ, ପ୍ରବକ୍ତା ପ୍ରସନ୍ନ ବିଶୋଇ, ଫରୱାର୍ଡ ବ୍ଲକ ନେତା ଜ୍ୟୋତିମହାପାତ୍ରଙ୍କ ସଂଯୋଜନାରେ ଗିରିବାଳା ବେହେରା, କର୍ପୋରେଟର ସ୍ୱୟଂପ୍ରଭା ପଶାୟତ, ଜନାର୍ଦ୍ଦନ ପରିଡ଼ା, ନିକୁଞ୍ଜ ପଶାୟତ, ସୂର୍ଯ୍ୟକାନ୍ତ ରାଉତ, ଲିଜା ରାଣୀ ରାଉତ, ସୁରଜିତ ସାହୁ, ଅଜୟ ଗୋଚ୍ଛାୟତ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବାଇକ୍ ଚୋରି କରି ୩ବର୍ଷ ଜେଲ ଦଣ୍ଡ

ଭୁବନେଶ୍ୱର,(ତ୍ରିନାଥ ମହାନ୍ତି): ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ଏକ ଚୋରି ମାମଲାର ଶୁଣାଣି କରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୪ ଅଭିଯୁକ୍ତ ସାଜନ ଖାନ ଓରଫ ଟୁକୁନାଙ୍କୁ ଜେଲଦଣ୍ଡ ଶୁଣାଇଛନ୍ତି। ତାଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୮ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ୩ମାସ ଅଧିକ ସଜା ଭୋଗିବାକୁ କୁହାଯାଇଛି। ପୂର୍ବରୁ ଅଭିଯୁକ୍ତ ସାଜିଦ ଖାଁଙ୍କୁ ଅନ୍ୟ ଦୁଇଟି ମାମଲାରେ ସଜା ଶୁଣାଣି ହୋଇସାରିଥିବା ବେଳେ ଏହାକୁ ମିଶାଇ ୩ୟ ଥର ଲାଗି ଆସାମୀ ସାଜିଦକୁ ଦଣ୍ଡ ବିଧାନ ହୋଇଛି ।

# ବିଶ୍ୱଶାନ୍ତି ମହାଯଜ୍ଞ

ପୁରୁଣା ଭୁବନେଶ୍ୱର,୨୮।୨(ସୁବାସ ଚନ୍ଦ୍ର ପ୍ରଧାନ): ପିପିଲି ବ୍ଲକ ଲକ୍ଷ୍ମୀନାରାୟଣପୁରର ଆରାଧ୍ୟ ସ୍ୱପ୍ନେଶ୍ୱର ଦେବଙ୍କ ପୀଠରେ ଗତ ୨୩ ତାରିଖରୁ ଆରମ୍ଭ ହୋଇଥିବା ୩୭ତମ ବିଶ୍ୱଶାନ୍ତି ଶୈବ ମହାଯଜ୍ଞ ଗୁରୁବାର ସମ୍ପନ୍ନ ହୋଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, କଳସଯାତ୍ରା, ରୁଦ୍ରହୁତି ଏବଂ ଅନ୍ତିମ ଦିବସରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ପଣ୍ଡିତ ପ୍ରକାଶ ଚନ୍ଦ୍ର ପ୍ରହରାଜ ପୌରୋହିତ୍ୟ କରିଥିଲେ। କର୍ତ୍ତା ଭାବେ କପିଳ ଆଚାର୍ଯ୍ୟ ଏବଂ ଶ୍ରଦ୍ଧାଞ୍ଜଳି ଆଚାର୍ଯ୍ୟ କର୍ତ୍ତ୍ରୀଭାବେ କାର୍ଯ୍ୟ ତୁଲାଇଥିଲେ। ଶେଷ ସନ୍ଧ୍ୟାରେ ପ୍ରବକ୍ତା ପ୍ରମୋଦ କୁମାର ପ୍ରବଚନ କଥାମୃତ ପ୍ରଦାନ କରିଥିଲେ। ସେ ସ୍ୱପ୍ନେଶ୍ୱର ଦେବଙ୍କ ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଆୟୋଜକ ସ୍ୱପ୍ନେଶ୍ୱର ଦେବ ଧର୍ମ କ୍ରିୟାନୁଷ୍ଠାନ କମିଟିର ମୁଖ୍ୟ ଶୁଭାଶିଷ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କମିଟିର ଅଶୋକ କାଳିଆ, ହେମନ୍ତ ବାରିକ, ପ୍ରଶାନ୍ତ ଜେନା, ସତ୍ୟପ୍ରିୟ ଦାସ, ସୁକାନ୍ତ ଜେନା, କାବୁଲି ଜେନା, ବିପିନ ରାଉତ, ନିର୍ମଳ ପରିଡ଼ା, ବସନ୍ତ ପ୍ରଧାନ, ସୋମନାଥ ଦଳାଇ ସହଯୋଗ କରିଥିଲେ।

# ୩ ଅଟକ, ଥାନା ଘେରିଲା ଭାଜପା

**ପୁରୁଷ ବନ୍ଧୁ ଆଗରେ ଯୁବତୀଙ୍କୁ ଅସଦାଚରଣ ଘଟଣା**

**ଆଇଆଇସିଙ୍କୁ ତୁରନ୍ତ ବଦଳି ପାଇଁ ଦାବିକଲେ ଭାଜପା କର୍ମୀ**

ଭୁବନେଶ୍ୱର,୨୮।୨(ତ୍ରିନାଥ ମହାନ୍ତି)

ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ୍-୯ ଆଦିବାସୀ ହଷ୍ଟେଲ ସମ୍ମୁଖରେ ବୁଧବାର ରାତିରେ ପୁରୁଷ ବନ୍ଧୁ ଆଗରେ ଯୁବତୀଙ୍କୁ ୫ଜଣ ଅଭିଯୁକ୍ତ ଅସଦାଚରଣ କରିଥିଲେ। ଅଭିଯୁକ୍ତମାନେ ପୋଷାକ ଚିରି ଉଲଗ୍ନ କରିବା ସହ ପୁରୁଷ ବନ୍ଧୁଙ୍କୁ ମାଡ଼ ମାରୁଥିବା ଭିଡ଼ିଓ ଭାଇରାଲ ହୋଇଥିଲା। ପୀଡିତାଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା (ନଂ.୧୧୪/୨୬) ରୁଜୁ କରି ଶନିବାର ୩ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ହେଲେ ଭାଜପା ନେତା ଜଗନ୍ନାଥ ପ୍ରଧାନଙ୍କ ନେତୃତ୍ୱରେ ଦଳୀୟ କର୍ମୀଙ୍କ ସହ ମହିଳା ଓ ପୁରୁଷ ଥାନା ଘେରାଉ କରିଥିଲେ। ଥାନା ଅଧିକାରୀ ଜାଣୁଶୁଣି ସେମାନଙ୍କୁ ଛାଡ଼ିବା ପରେ କ'ଣ ପାଇଁ ଉଠାଇ ଆଣିଲେ ବୋଲି ପ୍ରଶ୍ନ କରିଥିଲେ। ତେଣୁ ଥାନା ଅଧିକାରୀ ନିର୍ଦ୍ଦୋଷୀଙ୍କୁ ଅଟକ ରଖିଥିବା ଅଭିଯୋଗ କରିବା ସହ ସେମାନଙ୍କୁ ଛାଡ଼ିବାକୁ ଦାବି କରିଥିଲେ। ଏପରିକି ଥାନା ଅଧିକାରୀଙ୍କୁ ତୁରନ୍ତ ବଦଳି କରିବା ପାଇଁ ଦାବି କରି ବିଳମ୍ବିତ ରାତି ପର୍ଯ୍ୟନ୍ତ ହୋହଲ୍ଲା କରିଥିଲେ। ଅଭିଯୋଗ ଅନୁସାରେ, ଯୁବତୀ ଜଣକ ୟୁନିଟ୍-୯ ଭୋଇନଗରସ୍ଥିତ ଘର ସମ୍ମୁଖରେ ବୁଧବାର ରାତି ପ୍ରାୟ ଗୋଟାଏରେ ନିଜ ପୁରୁଷବନ୍ଧୁଙ୍କ ସହ କାର ଭିତରେ କଥା ହେଉଥିଲେ। ଏହି ସମୟରେ ସୁନୀଲ, ମନୋଜ ଏବଂ ଅନ୍ୟମାନେ ଆସି ସେମାନଙ୍କୁ ଅଶ୍ଳୀଳ କମେଣ୍ଟ ମାରି କାରରୁ ବାହାରିବାକୁ କହିଥିଲେ। ଯୁବତୀ ଓ ତାଙ୍କ ପୁରୁଷବନ୍ଧୁ ବାହାରକୁ ଆସିବା ପରେ ଅଭିଯୁକ୍ତମାନେ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ଏହାକୁ ପୁରୁଷ ବନ୍ଧୁ ବିରୋଧ କରିବାରୁ ତାଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରିଥିଲେ। ଯୁବତୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଭିଯୁକ୍ତମାନେ ଯୁବତୀଙ୍କ ଡ୍ରେସ୍ ଚିରି ଦେଇଥିଲେ। ଯୁବତୀ ନିଜ ଇଜ୍ଜତ ବଞ୍ଚାଇବାକୁ ଦୌଡ଼ି ଦୌଡ଼ି ନିକଟରେ ଥିବା ଘର ଭିତରକୁ ପଳାଇଯାଇଥିଲେ। ଅଭିଯୁକ୍ତମାନେ ପୁରୁଷ ବନ୍ଧୁଙ୍କୁ ଘୋଷାରି ମାଡ଼ ମାରି ଲହୁଲୁହାଣ କରିଥିଲେ। ଏଥିସହ ଯୁବତୀଙ୍କ ଘର ପାଖକୁ ଆସି ଚିତ୍କାର କରି ଥାନାରେ ଅଭିଯୋଗ କଲେ ବୋମା ପକାଇ ଉଡାଇ ଦେବାକୁ ଧମକ ଦେଇଥିଲେ।



ଭାଜପା କର୍ମୀମାନେ ଶହୀଦନଗର ଥାନାରେ ଧାରଣା ଦେଇଛନ୍ତି।

# ନବୀନ ବାବୁ ମାଷ୍ଟର ଷ୍ଟ୍ରୋକ୍ ଖେଳିଛନ୍ତି: ଦେବାଶିଷ

**ପ୍ରଭାତଙ୍କୁ ଦେବାଶିଷଙ୍କ କଡ଼ା ଟାର୍ଗେଟ**



କଟକ,୨୮।୨(ଶିଳ୍ପା ପ୍ରିୟଦର୍ଶିନୀ)

ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଶନିବାର ରାଜ୍ୟ ସଭା ପାଇଁ ପ୍ରାର୍ଥୀ ଘୋଷଣାକୁ ସହମତି ଜଣାଇଛନ୍ତି ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ। କଟକସ୍ଥିତ ଆବାସିକ କାର୍ଯ୍ୟାଳୟରେ ଦେବାଶିଷ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ନବୀନ ପଟ୍ଟନାୟକ ମାଷ୍ଟର ଷ୍ଟ୍ରୋକ ଖେଳିଛନ୍ତି। ଗଣିତ କହୁଛି ନବୀନ ବାବୁଙ୍କ ପ୍ରଥମ ପସନ୍ଦ ଥିବା ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ତୃତୀୟ ପ୍ରାର୍ଥୀ ହେବେ ଏବଂ ଚତୁର୍ଥ ପ୍ରାର୍ଥୀ ହେବେ ଡା. ଦତ୍ତେଶ୍ୱର ହୋତା ବୋଲି ସେ କହିଛନ୍ତି। ଅନ୍ୟପଟେ ପ୍ରାର୍ଥୀ ଘୋଷଣା ପରେ ନବୀନ ନିବାସରେ ଡ. ମିଶ୍ରଙ୍କ ପ୍ରାର୍ଥିତ୍ୱକୁ ପ୍ରଭାତ ବିଶ୍ୱାଳ ବିରୋଧ କରିଛନ୍ତି। ଏହି ଘଟଣାକୁ ନିନ୍ଦା କରିବା ସହ ପ୍ରଭାତଙ୍କୁ ଟାର୍ଗେଟ କରି ଦେବାଶିଷ କହିଛନ୍ତି, ବିଜେଡିରେ ପ୍ରଭାତ ବିଶ୍ୱାଳ କିଏ। ଯେଉଁ ବୈଠକ ନବୀନ ନିବାସରେ କରାଯାଇଥିଲା, ସେଠାକୁ ପ୍ରଭାତଙ୍କୁ ଡକାଯାଇ ନ ଥିଲା। ତାଙ୍କ ପୁଅ ସୌଭିକ୍ ବିଶ୍ୱାଳ ଜଣେ ବିଧାୟକ ଭାବେ ଉପସ୍ଥିତ ଥିଲେ। ପ୍ରଭାତ ବିଶ୍ୱାଳ ନବୀନ ବାବୁଙ୍କୁ ଏଭଳି ପ୍ରଶ୍ନ ପଚାରିବାକୁ କିଏ। ନବୀନ ପଟ୍ଟନାୟକ ପ୍ରତାପନଗରୀ ଆସିଥିବାବେଳେ ପ୍ରଭାତ ହିଁ ତାଙ୍କ ଗାଡ଼ିର କାଚ ଭାଙ୍ଗିଥିଲେ। ପରେ ମେ ୨୯ର ଅପରେଶନରେ ପ୍ୟାରୀବାବୁଙ୍କ ସହ ହାତ ମିଶାଇ ଦଳ ସହ ବିଶ୍ୱାସଘାତ କରିଥିଲେ। ହେଲେ ମଧ୍ୟ ନବୀନ ବାବୁ ତାଙ୍କୁ କ୍ଷମା କରିଥିଲେ ଏବଂ ତାଙ୍କ ଉପରୁ ନିଲମ୍ବନ ହଟାଇଥିଲେ। ପରେ ସେ ପୁନର୍ବାର ବିଧାୟକ ହୋଇଥିଲେ। ଏପରିକି ଚିଟ୍‌ଫଣ୍ଡ ଘଟଣାରେ ତାଙ୍କ ସମ୍ପୃକ୍ତି ଘଟଣା ସାମ୍ନାକୁ ଆସିଥିଲା। ଏହା ସତ୍ତ୍ୱେ ବି ତାଙ୍କ ପୁଅକୁ ଦୁଇଥର ଟିକେଟ ନବୀନ ବାବୁ ଦେଇଛନ୍ତି। ଡା. ହୋତା ଏବଂ ଡ. ମିଶ୍ର ଉଭୟ ପ୍ରାର୍ଥୀ କଟକ ସହ ଜଡ଼ିତ ରହିଛନ୍ତି। ହେଲେ ପ୍ରଭାତ ବାବୁ କଟକ ସହ ସମ୍ପୃକ୍ତ ଥିବା ପ୍ରାର୍ଥୀଙ୍କୁ ସହମତି ଦେଉନାହାନ୍ତି ବୋଲି ସାମନ୍ତରାୟ କହିଛନ୍ତି।

# ନରଣପୁର କପ୍ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ

ତ୍ରିଶୂଳିଆ,୨୮।୨(ତୁଷାରକାନ୍ତ ବେହେରା)

ବାରଙ୍ଗ ବ୍ଲକ ଅନ୍ତର୍ଗତ ମହାବୀର ସ୍ପୋର୍ଟିଂ କ୍ଲବ ନରଣପୁର ଆନୁକୂଲ୍ୟରେ ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟ୍‌ବଲ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୬ଟି ଦଳ ଭାଗ ନେଇଛି। ପ୍ରଥମ ଦିନରେ ୮ଟି ଦଳ ଅଂଶଗ୍ରହଣ କରିଥିବାବେଳେ କଟକ ଉରାଳି ଓ ଜୟଦେବ ମେମୋରିଆଲ ଅଡ଼ଶପୁର ମଧ୍ୟରେ ଖେଳ ହୋଇଥିଲା। କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଉରାଳି କ୍ଲବ ୫-୪ ଟାଇବ୍ରେକର ଜରିଆରେ କ୍ୱାର୍ଟର ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲା। ସେହିପରି ଦ୍ୱିତୀୟ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସେହିପରି ଶନିବାର ଟୁର୍ନାମେଣ୍ଟର ଦ୍ୱିତୀୟ ଦିନରେ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ପ୍ରଥମ ମ୍ୟାଚ୍ ସିଡିଏ ସେକ୍ଟର-୭ ସହ ବନ ମହାବୀର କ୍ଲବ ଜୟପୁର ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକର ଜରିଆରେ ଖେଳ ନିର୍ଣ୍ଣାୟକ କରାଯାଇଥିଲା। ଏଥିରେ କଟକ ସିଡିଏ କ୍ଲବ ୫-୪ ଟାଇବ୍ରେକର ଜରିଆରେ କ୍ୱାର୍ଟର ଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ଭୁବନେଶ୍ୱର ଖଣ୍ଡଗିରି ଏଫ୍‌ସି ସହିତ ବରାହୀପୁର ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ବରାହୀପୁର କ୍ଲବ ୨-୧ ଗୋଲରେ ଖଣ୍ଡଗିରିକୁ ପରାସ୍ତ କରି ଅଷ୍ଟମ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲା। ତୃତୀୟ ମ୍ୟାଚ ପ୍ରତାପନଗରୀ ୮-୭ ଟାଇବ୍ରେକର ଜରିଆରେ ରାଜଧାନୀ ଏଫ୍‌ସିକୁ ପରାସ୍ତକରି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲା। ଏଥିରେ ଅତିଥି ଭାବେ କଟକ ଗ୍ରୁପ୍ ଏନ୍‌ସିସି କମାଣ୍ଡାର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ, କେଏମ୍‌ବିବି କଲେଜ ଅଧ୍ୟକ୍ଷ ପ୍ରଫେସର ବିଜୁନି ଚରଣ ସୂତାର, ତହସିଲଦାର ତୁଷାର ଜ୍ୟୋତି ରଞ୍ଜନ, ପ୍ରଫେସର ତପନ କୁମାର ଗାନ୍ଧୀ ଆଇଆଇଟି, ସୋଲାର ଏନର୍ଜିର ଡାଇରେକ୍ଟର ଶ୍ୟାମସୁନ୍ଦର ସେଠୀ, ସମର୍ପଣ ଫାଉଣ୍ଡେଶନ ପ୍ରତିଷ୍ଠାତା ପ୍ରଭାତ ପ୍ରଧାନ, ଓଡ଼ିଶା ପୂର୍ବତନ ଫୁଟ୍‌ବଲ କୋଚ୍ ଲିପେନ ଦାସ ପ୍ରମୁଖ ଯୋଗଦେଇଥିଲେ।



ଖେଳାଳିଙ୍କ ସହ କଟକ ଗ୍ରୁପ୍ ଏନସିସି କମାଣ୍ଡାର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ।

ମ୍ୟାଚ୍‌ରେ ୟୁଥ୍ ସ୍ପୋର୍ଟସ୍ କ୍ଲବ ମରୀଚିଆ ୧-୦ ଗୋଲରେ ମଧୁବନ କ୍ଲବକୁ ପରାସ୍ତ କରି ଅଷ୍ଟମ ପର୍ଯ୍ୟାୟ ମ୍ୟାଚ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲା। ଅତିଥିଭାବେ ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ପୂର୍ବତନ ଭାରତୀୟ ମହିଳା ଫୁଟବ୍‌ଲ ଦଳର କୋଚ୍ ମହମ୍ମଦ ସହିଦ ଜବର, ଓଡ଼ିଶା ଫୁଟ୍‌ବଲ ଆସୋସିଏଶନ ଉପସଭାପତି ଭକ୍ତବତ୍ସଳ ଦାସ, ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଓଡ଼ିଶା ଫୁଟ୍‌ବଲ ଟିମ୍‌ର ପୂର୍ବତନ କ୍ୟାପ୍‌ଟେନ୍ ମାନସ ସାମଲ, ବେଲଗଛିଆ ସରପଞ୍ଚ ମାନିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ସଞ୍ଜୟ ସ୍ୱାଇଁ, ଦିନେଶ ରଞ୍ଜନ ରାଉତ, କୋଷାଧ୍ୟକ୍ଷ ତାପସ ସ୍ୱାଇଁ, ଦିନେଶ ରଞ୍ଜନ ରାଉତ



ଭୁବନେଶ୍ୱର ଉପକଣ୍ଠ ଶାମପୁର ମୌଜାରେ ଶନିବାର ଅନୁଷ୍ଠିତ ଦୋଳ ମେଳଣରେ ସାମିଲ ଠାକୁରମାନେ। ବିମାନ ସମ୍ମୁଖରେ ଶ୍ରଦ୍ଧାଳୁମାନେ କୀର୍ତ୍ତନ କରିବା ସହ ରଙ୍ଗ ଖେଳୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)।

# ବାଲିପାଟଣାରେ ଦୋପଟି ମେଳଣ

ବାଲିପାଟଣା,୨୮।୨(ଅଭିମନ୍ୟୁ ନାୟକ)

ପାରମ୍ପରିକ ଦୋପଟି ମେଳଣ ବାଲିପାଟଣାସ୍ଥିତ ମେଳଣ ପଡ଼ିଆରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଥାନପତି ବୁଦ୍ଧନାଥ ଦେବଙ୍କ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଠାକୁରଙ୍କୁ ମେଳଣଯାତ୍ରାକୁ ଆସିବାକୁ ନିମନ୍ତ୍ରଣ କରାଯାଇଥିଲା। ଥାନପତିଙ୍କ ନିମନ୍ତ୍ରଣକ୍ରମେ ଏକାଦଶୀ ତିଥିରେ ସୁସଜ୍ଜିତ ଦୋଳ ବିମାନରେ ବିଭିନ୍ନ ଅଞ୍ଚଳର ଠାକୁରମାନେ ପଟୁଆରରେ ଡିଜେ, ଘଣ୍ଟ, ଘଣ୍ଟି ଓ ପାରମ୍ପରିକ ବାଦ୍ୟ ତାଳେ ତାଳେ ମେଳଣ ପଡିଆକୁ ଆସିଥିଲେ। ପୂର୍ବରୁ ମେଳଣ ପଡ଼ିଆରେ ଉପସ୍ଥିତ ବୁଦ୍ଧନାଥଙ୍କ ଆସ୍ଥାନ ନିକଟରୁ ଦୁଇପାର୍ଶ୍ୱକୁ ଠାକୁରମାନେ ଶନିବାର ଦ୍ୱାଦଶୀ ତିଥିରେ ପ୍ରତ୍ୟୁଷରୁ ଆସି ସ୍ଥାନ ଅଳଙ୍କୃତ କରିଥିଲେ। ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପ୍ରାୟ ରାତି ୯ଟାରେ ହରିହର ଭେଟ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା। ହୁଳହୁଳି, ହରିବୋଲ ଓ ଘଣ୍ଟରେ ମେଳଣ ପଡ଼ିଆ ପ୍ରକମ୍ପିତ ହୋଇ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବୁଦ୍ଧନାଥ ଦେବଙ୍କ ବଡ଼ପଣ୍ଡା ସୁଶୀଲ କୁମାର ପଣ୍ଡା କୁହନ୍ତି, ଏହି ମେଳଣ ଥାନପତି ବୁଦ୍ଧନାଥ ଦେବଙ୍କ ନିର୍ଦ୍ଦେଶରେ ଏହି ଅଞ୍ଚଳରେ ପ୍ରଥମେ ହୋଇଥାଏ। ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।



ବାଲିପାଟଣାସ୍ଥିତ ମେଳଣ ପଡ଼ିଆରେ ଶନିବାର ପାରମ୍ପରିକ ଦୋପଟି ମେଳଣରେ ସାମିଲ ହୋଇଥିବା ଠାକୁରମାନେ।

# ସିଜିୟୁର ୬ଷ୍ଠ ପ୍ରତିଷ୍ଠା ଦିବସ




ସିଜିୟୁର ୬ଷ୍ଠ ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିଙ୍କ ସହ ସମ୍ବର୍ଦ୍ଧିତ କର୍ମଚାରୀ।

ଭୁବନେଶ୍ୱର,୨୮।୨(ଅନୁରାଧା ମହାରଣା)

ଭୁବନେଶ୍ୱରସ୍ଥିତ ସି.ଭି .ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ)ର ୬ଷ୍ଠ ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶରତ ଚନ୍ଦ୍ର ଭଦ୍ରା ଯୋଗଦେଇଥିଲେ। ସିଜିୟୁର ଭାଇସ୍ ପ୍ରେସିଡେଣ୍ଟ ଶୈଳଜା ରାଉତ ଇନୋଭେଶନ ଓ ପେଟେଣ୍ଟ ଫାଇଲିଂକୁ ତ୍ୱରାନ୍ୱିତ କରିବା ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଭିନ୍ନ ପ୍ରକଳ୍ପ ଓ ଗବେଷଣା ମାଧ୍ୟମରେ ଇନୋଭେଶନକୁ ଆଗକୁ ନେବାରେ ସକ୍ରିୟ ଭୂମିକା ଆବଶ୍ୟକ। ସିଜିୟୁର ପ୍ରତିଷ୍ଠାତା ତଥା ପ୍ରେସିଡେଣ୍ଟ ସଞ୍ଜୀବ କୁମାର ରାଉତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ସ୍ୱାସ୍ଥ୍ୟର ମୂଲ୍ୟ ଓ ମହତ୍ତ୍ୱ ସମ୍ପର୍କରେ ସଚେତନ କରିବା ସହ କୃତୀ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମେକାନିକଲ ବିଭାଗର ଶିକ୍ଷକ ଡ. ସଚିନ୍ଦ୍ର କୁମାର ରାଉତ ଗବେଷଣା ପ୍ରକଳ୍ପ ଓ ଗବେଷଣା ପ୍ରକାଶନରେ ଉଲ୍ଲେଖନୀୟ ଅବଦାନ ପାଇଁ ଭୌତିକ ବିଜ୍ଞାନ ବିଭାଗର ଡ. ତନ୍ମୟ ପଣ୍ଡା, ଗଣିତ ବିଭାଗର ଡ. ଗଣେଶ୍ୱର ମହାନ୍ତ, ସିଏସ୍‌ଇ ବିଭାଗର ଡ. ଦେବେନ୍ଦ୍ର ମୁଦୁଲି, ମେକାନିକାଲ ବିଭାଗର ଡ. ହିଲୋଲ ଜୋର୍ଦାର ଓ ଡ. ଅର୍କ ଘୋଷ ପ୍ରମୁଖ ସମ୍ମାନିତ ହୋଇଥିଲେ। ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଗୁଡା ଶ୍ରୀଦେବୀ ବିଶ୍ୱବିଦ୍ୟାଳୟର ସଫଳତା ଓ ଉପଲବ୍ଧି ସମ୍ପର୍କରେ ମତ ଦେଇଥିଲେ। ରେଜିଷ୍ଟ୍ରାର ଡ. ବିନୀତା ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଏନ୍‌ସିସି ପକ୍ଷରୁ ଘୋଡ଼ାଚଢ଼ା ଶିବିର ଉଦ୍‌ଘାଟିତ

ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)

ଏନ୍‌ସିସି ନିର୍ଦ୍ଦେଶାଳୟ କଟକ ତତ୍ତ୍ୱାବଧାନରେ କର୍ଣ୍ଣେଲ ଦୀନଦୟାଲନ ସିଓ ଆର୍ ଆଣ୍ଡ ଭିଙ୍କ ନେତୃତ୍ୱରେ ୧ (ଓଡ଼ିଶା) ଆର୍ ଆଣ୍ଡ ଭି ସ୍କ୍ୱାଡ୍ରନ ଏନ୍‌ସିସି ପକ୍ଷରୁ ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସର ଘୋଡାଦୌଡ ପଡିଆରେ ୧୦ଦିନିଆ 'ଅଶ୍ୱାରୋହୀ ଶିବିର' ଉଦ୍‌ଘାଟିତ ହୋଇଯାଇଛି। ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ନାରାୟଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଏନସିସି ଯୁବପିଢ଼ିଙ୍କ ମଧ୍ୟରେ ସାହସ, ସହନଶୀଳତା ଓ ନେତୃତ୍ୱ ଗୁଣ ବିକାଶ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଘୋଡ଼ାଚଢ଼ା ପ୍ରଶିକ୍ଷଣ ମାଧ୍ୟମରେ ଆତ୍ମବିଶ୍ୱାସ ଓ ଚାପମୂଳକ ପରିସ୍ଥିତିରେ ଠିକ ସିଦ୍ଧାନ୍ତ ନେବାର କ୍ଷମତା ଉନ୍ନତ ହୁଏ। ପ୍ରତିଟି କ୍ୟାଡେଟମାନେ ଉଚ୍ଚ ସ୍ୱପ୍ନ ଦେଖିବା ଦରକାର, ଏହାକୁ ପୂରଣ କରିବା ପାଇଁ ଚେଷ୍ଟା କଲେ ସ୍ୱପ୍ନ ମଧ୍ୟ ପୂରଣ ହେବ ବୋଲି ସେ କହିଥିଲେ। କଟକ ଏନସିସି ଗ୍ରୁପ କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଇକ୍ୱେଷ୍ଟ୍ରିଆନ ଶିବିର ଶିଷ୍ଟାଚାର, ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ଓୟୁଏଟି ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟର ଡିନ ପ୍ରଫେସର ସୁସେନ କୁମାର ପଣ୍ଡା ଉପସ୍ଥିତ ଥିଲେ। ଶିବିରରେ ରାଜ୍ୟ କ୍ରୀଡା ବିଭାଗର ୨୫ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ଆବଶ୍ୟକ**

Marketing Boy, Marketing Superviser, Auto Driver, Helper

SUPRAVA BAKERY
B-17, Chandaka I.E, Patia, BBSR-24
Mob : 9337663136

**THE ODISHA AGRO INDUSTRIES CORPORATION LTD.**
(A GOVT. OF ODISHA UNDERTAKING)
95-Satya Nagar, Bhubaneswar-7
No.1001/42/2526 https://odishaagro.nic.in/
**INVITATIONS FOR BIDS (IFB)**
Ltr. No.-1576 Date : 26.02.2026
Bid Identification No.M.D./OAIC/67 (E & I)/2025-26

| | | | |
|---|---|---|---|
| 1. | The Managing Director, Odisha Agro Industries Corporation Ltd., Bhubaneswar on behalf of Governor of Odisha, invites item rate bids in double cover system in ONLINE MODE only, for the work "SUPPLY, INSTALLATION AND COMMISSIONING OF 60 MT and 100 MT ELECTRONICS PIT-LESS TYPE WEIGH BRIDGES" as detailed below. | | |
| 2. | Nature of work | : | Supply & Installation Work |
| 3. | No. of work | : | 01 Nos. |
| 4. | Bid Cost | : | ₹ 12,390/- (Rs.10,500/- + GST@18%) |
| 5. | Class of Contractor | : | Any Manufacturer / Dealer / Supplier |
| 6. | Availability of Bid Documents in the website | : | From dt.26.02.2026 to 17.00 Hours of dt.18.03.2026 |
| 7. | Date of Opening of Bid | : | Dt.20.03.2026 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Managing Director
OAIC Ltd., Bhubaneswar
OIPR-1001/1047/1/25-26/0001

**OFFICE OF THE PANCHAYAT SAMITI, KENDRAPARA, DIST-KENDRAPARA**
Ph : 06727-232265, E-Mail : ori-bkendrapara@nic.in
Letter No.854 Dt. 26.02.2026
**"e" Procurement Notice**
**No.19001/58/2526** : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | | |
|---|---|---|---|
| 1. | Tender Reference No. | : | 01/PSK/2025-26 |
| 2. | Name of the Work | : | Construction of Hostel building of Madrasatul Banat Rabea Basaria Girls Education Centre at Boulapada |
| 3. | No. of works | : | 1 No. |
| 4. | Estimated Cost | : | As per DTCN |
| 5. | Earnest Money Deposit (EMD) | : | As per DTCN |
| 6. | Period of Completion | : | As per DTCN |
| 7. | Date & Time of Bidding | : | 05.03.2026 at 11.00 A.M. |
| 8. | Last date & time for receipt of bids in the portal | : | **19.03.2026** at 5.00 P.M. |
| 9. | Bids received online shall be opened on | : | **20.03.2026** at 11.00 A.M. onwards |
| 10. | Name and address of the Officer inviting Bid | : | O/o Block Development Officer, Kendrapara |

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.
OIPR-19001/19446/1/25-26/0001 Sd./- Block Development Officer, Kendrapara

**Government of Jharkhand**
**Department of School Education and Literacy**
(Jharkhand Education Project Council, Ranchi)
J.S.C.A. Stadium Road, Sector.-III, Dhurwa, Ranchi-834004
Phone: 0651-2444501, E-Mail: jepcranchi1@gmail.com

**e-Procurement Notice**

JEPC invites Separate Technical & Financial Bids through from eligible and interested contractors for Construction Of A.C.R in Govt. School Located in Gumla, Khunti and Hazaribagh district of Jharkhand. Interested and eligible bidders are requested to submit their proposal latest by 19.03.2026 at 04.00 PM.

The details of tender document can be seen and applied through website http://jharkhandtenders.gov.in only.

Ref. No.: **JEPC/CIV/03/2180/2026/997** Ranchi, Date: - 27.02.2026

Sd/-
State Project Director
Jharkhand Education Project Council

PR 373812 (Jharkhand Education Project Council) 25-26 (D)

**OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG**
**e-Procurement Tender Notice**
**Two Envelope System**
Tender Reference No. :- DMFT/MID/HAZARIBAG/F2-38/2025-26
Letter no - 153 Date :- 28.02.2026

| | | |
|---|---|---|
| 1. | Name of the work | Construction of Lift Irrigation from Haharo river in Koylang Parewatri, Block- Barkagaon, District-Hazaribag |
| 2. | Estimated Cost (Rs.) | **Rs.- 1,05,88,000.00** |
| 3. | Time of Completion | 11 Months |
| 4. | Date of Publication of e-Tender on website | 16.03.2026 at 1:00 P.M **(e-Procurement Portal- http://jharkhandtenders.gov.in)** |
| 5. | Last date/Time for Submission of e-Tender bids Online | 25.03.2026 up to 5:00 P.M |
| 6. | Last Date for Online Submission of Tender Fee and EMD | 25.03.2026 up to 5:00 P.M |
| 7. | Date of opening of e-Tender | 27.03.2026 at 03:00 P.M |
| 8. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 9. | Contact no. of e-Procurement officer | 06546-270485 |
| 10. | E-mail of e- Procurement officer | eemidhbg-cemr-jhr@nic.in |

Note:- 1.) Only e-Tender will be accepted.
2.) Published Estimated Cost may be increased or decreased.
3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in

Executive Engineer,
Minor Irrigation Division,
Hazaribag.

PR.NO.373869 Minor Irrigation (25-26):D

# ୮ରେ ଜମାଣ, ୧୨ରେ ହରିହର ଭେଟ

## ହରିରାଜପୁର ପଞ୍ଚଦୋଳ ମେଳଣ

ଜଟଣୀ,୨୮।୨(ରବୀନ୍ଦ୍ରନାଥ ମହାକୁଡ଼)

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣ ନିମନ୍ତେ ଶନିବାର ପଶ୍ଚିମାଶମ୍ଭୁ ସୋମନାଥ ଦେବ ପଞ୍ଚଦୋଳ ମେଳଣ ପରିଚାଳନା ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ ସମ୍ପାଦକ ପ୍ରସନ୍ନ ମହାରଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୮ତାରିଖରେ ଜମାଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୨ତାରିଖରେ ହରିହର ଭେଟ ସହ ମେଳଣ ଉଦ୍‌ଯାପିତ ହେବ। ଚଳିତବର୍ଷ ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହ ଆଖପାଖ ୮୫ଗ୍ରାମର ଠାକୁର ଦୋଳ ବିମାନରେ ଆସି ଖୁଣ୍ଟି ଲାଗି ହେବେ। ଜମାଣ ଉତ୍ସବରେ ପଶ୍ଚିମାଶମ୍ଭୁ ସୋମନାଥ ଦେବ ପାରମ୍ପରିକ ରୀତିନୀତି ଅନୁସାରେ ମନ୍ଦିରର ପଶ୍ଚିମ ଦ୍ୱାର ଦେଇ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରଠାରୁ ୧କିମି ଦୂରତ୍ୱରେ ଅବସ୍ଥିତ ମେଳଣ ମଣ୍ଡପ ତଥା ଦେବସଭାକୁ ବିଜେଯାତ୍ରା କରିବେ। ଏହି ଜମାଣ ରାତିରେ ଖ୍ୟାତନାମା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ମାନସିକଧାରୀଙ୍କ ଦ୍ୱାରା ଶବ୍ଦ ବିହୀନ ଆତସବାଜି ପ୍ରଦର୍ଶନ କରାଯିବ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଆତସବାଜି ପ୍ରଦର୍ଶିତ ସ୍ଥାନକୁ ଚତୁଃପାର୍ଶ୍ୱରୁ ଆବଦ୍ଧ କରାଯିବ। ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଘଣ୍ଟବାଦ୍ୟ ଦଳ, ଶଙ୍ଖଧ୍ୱନି ଦଳ, ବାଦ୍ୟବିଚିତ୍ରା ଦଳ, ସଂକୀର୍ତ୍ତନ ଦଳ, ପାଇକ ଆଖଡ଼ା, ଅଗ୍ନିପିଣ୍ଡୁଳା ପ୍ରଦର୍ଶନକାରୀ ଅଂଶଗ୍ରହଣ କରିବେ। ସନ୍ଧ୍ୟାରେ କୁନି ପିଲାମାନେ ବିଭିନ୍ନ ବେଶଭୂଷା ପରିଧାନ କରିବେ ଏବଂ ମନ୍ତ୍ରପାଠରେ ଆଧାତ୍ମିକ ପରିବେଶ ସୃଷ୍ଟି କରାଯାଇ ସନ୍ଧ୍ୟା ଆଳତି କରାଯିବ। ୧୦ତାରିଖରେ କ୍ଷେତ୍ରିୟ ମହାସଭା ପକ୍ଷରୁ ପାଇକ ଆଖଡ଼ା ପରିବେଷଣ, ୧୧ ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ହରିହାଟ କାର୍ଯ୍ୟକ୍ରମ କରାଯିବା ସହିତ ସାଧୁସନ୍ଥଙ୍କ ପକ୍ଷରୁ ହୋମଯଜ୍ଞ ଆୟୋଜନ କରାଯିବ। ଏହି ମେଳଣ ଉତ୍ସବରେ ଅଗ୍ନିନିର୍ବାପକ ଯନ୍ତ୍ର ସହିତ ପଡ଼ିଆର ଚତୁଃପାର୍ଶ୍ୱରେ ୪ଟି ଦମକଳଗାଡ଼ି, ୪୦ରୁ ଅଧିକ ଅସ୍ଥାୟୀ ଶୌଚାଳୟ ସ୍ଥାପନ, ବିଭିନ୍ନ ବିଭାଗର ପ୍ରଦର୍ଶନୀ ମଣ୍ଡପ ସ୍ଥାପନ, ମହିଳା ସଙ୍ଗଠନ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯିବ। ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯିବ। ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ସୁପରିଚାଳନା ବ୍ୟବସ୍ଥା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ସେମାନେ ପୋଲିସ କର୍ମଚାରୀମାନଙ୍କୁ ସହଯୋଗ କରିବେ। ଖୋର୍ଦ୍ଧା-ଜଟଣୀ-ପିପିଲି, ଜଟଣୀ-ସୁନ୍ଦରପଦା ଭାୟା ହରିରାଜପୁର ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ କମିଟି ପକ୍ଷରୁ ଜିଲା ପ୍ରଶାସନକୁ ନିବେଦନ କରାଯାଇଛି । ଏହି ବୈଠକରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ସଭାପତି ସଂଗ୍ରାମ କେଶରୀ ପ୍ରଧାନ, ମେଳଣ କମିଟିର ମାନସ ରଞ୍ଜନ ମଙ୍ଗରାଜ, ସହ ସମ୍ପାଦକ ବିଜୟ କୁମାର ଜେନା, ବିକ୍ରମ କେଶରୀ ଚମ୍ପତି, ନିରୁପମା ପାତ୍ରଙ୍କ ସହ ପଶ୍ଚିମାଶମ୍ଭୁ ସୋମନାଥ ଦେବ ପଞ୍ଚଦୋଳ ମେଳଣ ପରିଚାଳନା ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।


ପଶ୍ଚିମାଶମ୍ଭୁ ସୋମନାଥ ଦେବ ପଞ୍ଚଦୋଳ ମେଳଣ ପରିଚାଳନା ପରିଷଦ ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

# ୨୦ ମାସରେ ରାଜ୍ୟର ଅଭିବୃଦ୍ଧି ହାର ୭.୯%: ମୁଖ୍ୟମନ୍ତ୍ରୀ

## ‘ଓଡ଼ିଶା ବିକାଶ ମନ୍ଥନ ୧.୦: ଗଭର୍ନାନ୍ସ ଇନ୍ ଆକ୍ସନ’ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୨(ଅନୁରାଧା ମହାରଣା)

ଲୋକସେବା ଭବନ କନ୍‌ଭେନ୍‌ଶନ ସେଣ୍ଟରଠାରେ ଚାଲିଥିବା ‘ଓଡ଼ିଶା ବିକାଶ ମନ୍ଥନ ୧.୦ : ଗଭର୍ନାନ୍ସ ଇନ୍ ଆକ୍ସନ’ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଥିଲେ, ଚଳିତ ବର୍ଷ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ରହିଛି, ଯାହା ଜାତୀୟ ହାରଠାରୁ ଅଧିକ। ଗତ ୨୦ ମାସରେ ରାଜ୍ୟକୁ ପ୍ରାୟ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରାଯାଇଛି। ୨ ଲକ୍ଷ ୪୦ ହଜାର କୋଟି ଟଙ୍କାର ୧୦୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଉଦ୍‌ଘାଟନ ହୋଇଥିବା ବେଳେ ପ୍ରାୟ ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇଛି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସ୍ କ୍ଷେତ୍ରରେ ଓଡ଼ିଶା ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି। ଇଲେକ୍ଟ୍ରୋନିକ୍ସ, କୃତ୍ରିମ ବୁଦ୍ଧିମତ୍ତା, ଗ୍ଲୋବାଲ କାପାବିଲିଟି ସେଣ୍ଟର ଓ ସେମିକଣ୍ଡକ୍ଟର କ୍ଷେତ୍ରରେ ନୂତନ ନୀତି ପ୍ରସ୍ତୁତ କରାଯାଇଛି। ଓଡ଼ିଶାକୁ ଏକ ଡିଜିଟାଲ ଓ ଶିଳ୍ପ ଶକ୍ତିକେନ୍ଦ୍ରରେ ପରିଣତ କରିବା ପାଇଁ ସରକାର ପ୍ରତିବଦ୍ଧ ଅଛନ୍ତି। ରାଜ୍ୟର ବଜେଟ ପ୍ରଥମଥର ପାଇଁ ୩ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାକୁ ଯାଉଛି। ଭିତ୍ତିଭୂମି ଉନ୍ନତି ପାଇଁ ଚଳିତ ବଜେଟରେ ୭୨ ହଜାର ୧୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଛି, ଯାହା ଜିଏସ୍‌ଡିପିର ୬.୫ ପ୍ରତିଶତ। ବଡ଼ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାର ଋଣ ହାର ସବୁଠାରୁ କମ୍ ଅର୍ଥାତ୍ ୧୩.୬ ପ୍ରତିଶତ ରହିଛି, ଯାହା ଏଫ୍‌ଆର୍‌ବିଏମ୍ ସୀମାଠାରୁ ଯଥେଷ୍ଟ କମ୍। ‘ସୁଭଦ୍ରା’ ଯୋଜନାରେ ୧ କୋଟିରୁ ଅଧିକ ମହିଳା ଆର୍ଥିକ ସ୍ୱାଧୀନତା ହାସଲ କରିଥିବା ବେଳେ ପ୍ରାୟ ୧୭ ଲକ୍ଷ ମହିଳା ଲକ୍ଷପତି ଦିଦି ହୋଇପାରିଛନ୍ତି। ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧୦୦ ଟଙ୍କା ପ୍ରଦାନ କରାଯାଉଛି। ୨୦୨୪-୨୫ରେ ରେକର୍ଡ ୯୨.୬୩ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇ ୨୮,୭୧୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶିକ୍ଷା କ୍ଷେତ୍ରରେ ୪୫ ହଜାର ଶିଶୁବାଟିକା ଖୋଲାଯିବା ସହ ୨୦ ହଜାରରୁ ଅଧିକ ଶିକ୍ଷକ ପଦବୀ ପୂରଣ କରାଯାଇଛି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୨ ହଜାର କୋଟି ଟଙ୍କା ବ୍ୟୟରେ ୨୨୦୦ଟି ବିଦ୍ୟାଳୟ ସ୍ଥାପନ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ୨୦୨୬-୨୭ ପାଇଁ ୨୩ ହଜାର ୧୮୨ କୋଟି ଟଙ୍କାର ପ୍ରସ୍ତାବ ରହିଛି। ଆୟୁଷ୍ମାନ୍ ଭାରତ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧.୦୩ କୋଟି ପରିବାରର ୩.୪୭ କୋଟି ଲୋକ ଉପକୃତ ହେଉଛନ୍ତି।

# ‘ସ୍ମୃତିରେ କୃଷ୍ଣମୋହନ’ ସ୍ମରଣିକା ଉନ୍ମୋଚିତ

ବୋଲଗଡ଼,୨୮।୨(ଦେବବ୍ରତ ହୋତା)

ବୋଲଗଡ଼ ବୋଲଗଡ଼ ଗଡ଼ଭିତର ସାହିସ୍ଥିତ ବାସଭବନ ନିକଟରେ କୃଷ୍ଣମୋହନ ପାଲଟାସିଂହଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୋଲଗଡ଼ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଇଂ.ଅକ୍ଷୟ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଐତିହାସିକ ରବିନ୍ଦ୍ର ପରିଡା, ସମ୍ମାନିତ ଅତିଥିଭାବେ ପ୍ରାଧ୍ୟାପକ ପ୍ରଫୁଲ୍ଲ ସୁବୁଦ୍ଧି, ସୁନୀଲ ରଥ ଓ ଭବାନୀ ପଟ୍ଟନାୟକ, ଭାଜପା ନେତା ପ୍ରକାଶ ବିଜୁଳି, ଖୋର୍ଦ୍ଧା ଜିଲା ଭାଜପା ଉପସଭାପତି ବାସୁଦେବ ସାହୁ, ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ ଓ ପ୍ରଦୀପ ବାରିକ, ଗୋପୀନାଥ ଖାଡଙ୍ଗା, ରଘୁ ଦଳବେହେରା, ହରିବନ୍ଧୁ ସାହୁ, ପ୍ରଫୁଲ୍ଲ ମହାପାତ୍ର, ଦିବାକର ପରମଗୁରୁ, ରାଧାଶ୍ୟାମ ରାୟଗୁରୁ, ବୈକୁଣ୍ଠ ମହାରଣା, ଆଡଭୋକେଟ ବୀର ଦାସ, ଲୋତକ ପଟ୍ଟନାୟକ, ଗୌରୀ ଦେବୀ ପ୍ରମୁଖ ସ୍ୱର୍ଗତ ପାଲଟାସିଂହଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ କବି ଭକ୍ତବଲ୍ଲଭ ପଟ୍ଟନାୟକ ବେଦପାଠ କରିଥିଲେ। ସାହିତ୍ୟିକ ଚନ୍ଦ୍ରବିଜୟୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଆଇନଜୀବୀ ରାଜେନ୍ଦ୍ର ପାଲଟାସିଂ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିଙ୍କ ଦ୍ୱାରା ‘ସ୍ମୃତିରେ କୃଷ୍ଣମୋହନ’ ସ୍ମରଣିକା ଉନ୍ମୋଚନ ହୋଇଥିଲା। ସେବାନିବୃତ୍ତ ଅଧ୍ୟାପକ ବ୍ରଜେନ୍ଦ୍ର ପାଲଟାସିଂହ ଧନ୍ୟବାଦ ଅର୍ପଣ କରିଥିଲେ।


ବୋଲଗଡ଼ ଗଡ଼ଭିତର ସାହିସ୍ଥିତ ବାସଭବନ ନିକଟରେ କୃଷ୍ଣମୋହନ ପାଲଟାସିଂହଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧଉତ୍ସବ ଅବସରରେ ଅତିଥିମାନେ ‘ସ୍ମୃତିରେ କୃଷ୍ଣମୋହନ’ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

# ଡାଟା ସଂରକ୍ଷଣ ଫ୍ରେମ୍‌ୱାର୍କକୁ ସୁଦୃଢ଼ କରିବାକୁ ଗୁରୁତ୍ୱ

## ୟୁ-ଡାଇସ୍ ପ୍ଲସ୍ ଜାତୀୟ କର୍ମଶାଳା ଉଦ୍‌ଯାପିତ

ଭୁବନେଶ୍ୱର,୨୮।୨(ସୁଚିସ୍ମିତା ସାହୁ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗ ପକ୍ଷରୁ ଭୁବନେଶ୍ୱରଠାରେ ଚାଲିଥିବା ୨ ଦିବସୀୟ ୟୁ-ଡାଇସ୍ ପ୍ଲସ୍ ସମ୍ପର୍କିତ ଜାତୀୟ କର୍ମଶାଳା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ଦିନରେ ବିଭିନ୍ନ ରାଜ୍ୟ ସେମାନଙ୍କ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ପଦକ୍ଷେପଗୁଡ଼ିକୁ ଉପସ୍ଥାପନ କରିବା ସହିତ ଡାଟା ସଂରକ୍ଷଣ ଫ୍ରେମୱାର୍କକୁ ସୁଦୃଢ଼ କରିବା ନେଇ ଆଲୋଚନା କରିଥିଲେ। କେରଳ, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ତେଲଙ୍ଗାନା, ମଣିପୁର, ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟ ୟୁ-ଡାଇସ୍ ପ୍ଲସ୍‌ର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଓ ପରିଚାଳନା ପାଇଁ ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ଉପସ୍ଥାପନ କରିଥିଲେ। ଡାଟାର ଗୁଣବତ୍ତାକୁ ଉନ୍ନତ କରିବା, ସିଷ୍ଟମ ମଧ୍ୟରେ ସମୟାନୁସାରେ ରିପୋର୍ଟିଂ ସୁନିଶ୍ଚିତ କରିବା ଏବଂ ଠିକ୍ ଡାଟା ସଂଗ୍ରହକୁ ସୁଦୃଢ଼ କରିବା ନେଇ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ୟୁ-ଡାଇସ୍ ପ୍ଲସ୍‌କୁ ସୁଦୃଢ଼ କରିବା, ପ୍ରମାଣ-ଆଧାରିତ ଯୋଜନା ଓ ନୀତି ଗଠନକୁ ସମର୍ଥନ କରିବା ପାଇଁ ଶିକ୍ଷାଗତ ତଥ୍ୟ ବ୍ୟବସ୍ଥାରେ ନିରନ୍ତର ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ। ସିବିଏସଇ, ଏନ୍‌ଆଇଓଏସ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ ଏବଂ ଗୋଆ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ବୋର୍ଡ଼ର ପ୍ରତିନିଧିମାନେ ଅଂଶଗ୍ରହଣ କରି ଡାଟା ସିଷ୍ଟମରେ ଅଧିକ ସମନ୍ୱୟର ଆବଶ୍ୟକତା ଉପରେ କହିଥିଲେ। ଏହି ଅବସରରେ ୟୁ-ଡାଇସ୍ ପ୍ଲସ୍ କାର୍ଯ୍ୟାନ୍ୱୟନକୁ ସୁଦୃଢ଼ କରିବାରେ ଅବଦାନ ପାଇଁ ବିଭିନ୍ନ ରାଜ୍ୟ ଏବଂ ଶିକ୍ଷା ବୋର୍ଡ଼ର ପ୍ରତିନିଧିଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ସି. ଏଚ୍. ବିଜୟଲକ୍ଷ୍ମୀ ମଞ୍ଚ ପରିଚାଳନା ଓ ଶିକ୍ଷା ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଆରତୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ ‘ପ୍ରବୋଧନ’ ତାଲିମ ଶିବିର

## ବିଦ୍ୟାଳୟସ୍ତରରେ ଶତ ପ୍ରତିଶତ କାର୍ଯ୍ୟକାରିତାକୁ ଗୁରୁତ୍ୱ

ଖୋର୍ଦ୍ଧା,୨୮।୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଲ୍ଲା ପରିସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଏବଂ ଓଡ଼ିଶା ବିଦ୍ୟାଳୟ ପାଠ୍ୟକ୍ରମ ରୂପରେଖ, ବିଦ୍ୟାଳୟ ଶିକ୍ଷା-୨୦୨୫ ଅନୁଯାୟୀ ‘ପ୍ରବୋଧନ’ ସଂକ୍ରାନ୍ତୀୟ ପଞ୍ଚଦିବସୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଯାଜ୍ଞସେନୀ ସାହୁ, ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜିକା ସନ୍ଧ୍ୟାବତୀ ଲେଙ୍କା ଏବଂ ସହ ମଣ୍ଡଳ ଶିକ୍ଷାଧିକାରୀ ଭରତ ଚନ୍ଦ୍ର ପ୍ରଧାନ ସଂଯୋଜନା କରିଥିଲେ। ସମ୍ବଳ ଶିକ୍ଷକଭାବେ ଭୀମସେନ ପରିଡ଼ା, ଡ.ମମିତା ସାହୁ ଏବଂ ରେବତୀ ପଣ୍ଡା ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟସ୍ତରରେ ମୂଲ୍ୟବୋଧ ତଥା ନୈତିକ ଶିକ୍ଷାର ଗୁରୁତ୍ୱ ଦିଆଯାଇଛି। ନୂତନ ପାଠ୍ୟକ୍ରମ ରୂପରେଖ ଭାରତୀୟ ଜ୍ଞାନ ପରମ୍ପରା, ଭାବଧାରା, ପ୍ରାଚୀନ ଶିକ୍ଷା ବ୍ୟବସ୍ଥା, ଗୁରୁକୁଳ ବୈଶିଷ୍ଟ, ନୂତନ ଦକ୍ଷତାଭିତ୍ତିକ ଶିକ୍ଷଣ, ପଞ୍ଚକୋଷ ଭିତ୍ତିକ ସମଗ୍ର ବିକାଶ, ପଞ୍ଚପଦୀ ଶିକ୍ଷଣ ଉପରେ ପର୍ଯ୍ୟବସିତ। ଏହା ଶିକ୍ଷାର୍ଥୀଙ୍କୁ ଭବିଷ୍ୟତରେ ଜଣେ ଉତ୍ତମ ମଣିଷ ଭାବେ ଗଢ଼ିତୋଳିବାରେ ସାହାଯ୍ୟ କରିବ। ସୂଚନାଥାଉ କି, ଜାନୁଆରୀ ୩୦ରୁ ଆରମ୍ଭ ହୋଇଥିବା ଏହି ତାଲିମ କାର୍ଯ୍ୟକ୍ରମ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ଖୋର୍ଦ୍ଧାଠାରେ ତିନିଟିପର୍ଯ୍ୟାୟରେ ୧୫ଦିନ ଏବଂ ବରୁଣେଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଲ୍ଲାଠାରେ ଦୁଇଟି ପର୍ଯ୍ୟାୟରେ ୧୦ଦିନ ଧରି ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୫ଟି ପର୍ଯ୍ୟାୟରେ ଏହି ମଣ୍ଡଳର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ତାଲିମ ଏବଂ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ପ୍ରଶିକ୍ଷାର୍ଥୀ ସମସ୍ତ ପାଠ୍ୟକ୍ରମକୁ ବିଦ୍ୟାଳୟ ସ୍ତରରେ ଶତ ପ୍ରତିଶତ କାର୍ଯ୍ୟକାରୀ କରିବା ପାଇଁ ଗୁରୁତ୍ୱ ଦିଆଯାଇଛି।

# ଅବସରପ୍ରାପ୍ତ ଅଧ୍ୟକ୍ଷ ନବ କିଶୋରଙ୍କ ସ୍ମୃତିଚାରଣ

ବାଲୁଗାଁ,୨୮।୨(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ନବ କିଶୋର ମହାନ୍ତିଙ୍କ ବିୟୋଗରେ ମହାବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଅଧ୍ୟକ୍ଷ ଡ.ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ମହାବିଦ୍ୟାଳୟକୁ ଶିକ୍ଷା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଉନ୍ନତିକ୍ଷେତ୍ରରେ ପ୍ରଫେସର ନବକିଶୋରଙ୍କ ଅନବଦ୍ୟ ଅବଦାନ ରହିଥିଲା। ଯୁକ୍ତ ୨ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ.କୈଳାସ ଚନ୍ଦ୍ର ମହାରଣା ପ୍ରମୁଖ ପ୍ରଫେସର ମହାନ୍ତିଙ୍କ କର୍ମମୟ ଜୀବନ ସମ୍ପର୍କରେ ମତବ୍ୟକ୍ତ କରି ସ୍ମୃତିଚାରଣ କରିଥିଲେ। ସେ ବାଲୁଗାଁ ମହାବିଦ୍ୟାଳୟ ସମେତ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟ, ବେଗୁନିଆ କଲେଜ, ଜଳେଶ୍ୱର ଦୀନକୃଷ୍ଣ ମହାବିଦ୍ୟାଳୟରେ କାର୍ଯ୍ୟ କରିଥିଲେ।

# ଏକତାଳ କ୍ରିକେଟ କ୍ଲବ ବିଜୟୀ


ଅତିଥିଙ୍କ ସହ ଉଭୟ ଦଳର ଖେଳାଳିମାନେ।

ବୋଲଗଡ଼,୨୮।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ କଳାଙ୍ଗ ଗୋଛାବରୀ ପଡ଼ିଆରେ ଚାଲିଥିବା ୨୧ତମ କଳାଙ୍ଗ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟରେ ଶନିବାର ଏକତାଳ ଏବଂ ଭାଲିଆଡ଼ିହ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଟସ୍ ଜିତି ଏକତାଳ କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୬ ଉଇକେଟ ବିନିମୟରେ ୧୪୪ ରନ ସଂଗ୍ରହ କରିଥିଲା। ଜବାବରେ ଭାଲିଆଡ଼ିହ ଟିମ୍ ୭ଓଭରରେ ସମସ୍ତ ଉଇକେଟ ବିନିମୟରେ ୪୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଏକତାଳ କ୍ରିକେଟ କ୍ଲବ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ସର୍ବେଶ୍ୱର ସାହୁ ଏବଂ ଜାକିର ରୋଶନ ମ୍ୟାଚ୍ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସମ୍ମାନିତ ଅତିଥି ଖବରଦାତା ଗଙ୍ଗାଧର ଦାଶ, କଳାଙ୍ଗ ଗ୍ରାମ ସଭାପତି ପ୍ରଶାନ୍ତ ହୋତା, ପ୍ରସନ୍ନ ସାମନ୍ତରାୟ, ଭଗବାନ ସ୍ୱାଇଁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସ୍ଥାନୀୟ ସନ୍‌ସାଇନ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟ ପରିଚାଳନାରେ କ୍ଲବ ସଭାପତି ଅତୁଲ୍ୟ ନିଶଙ୍କ, ଉପଦେଷ୍ଟା ସଂଗ୍ରାମ ସାହୁ ଏବଂ ସମ୍ପାଦକ ଚିନ୍ମୟ ହୋତା ସହଯୋଗ କରିଥିଲେ।

# ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ଟାଙ୍ଗୀ,୨୮।୨(ରଘୁନାଥ ସାହୁ):** ମଙ୍ଗଳାଯୋଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିସରରେ ମୁକ୍ତେଶ୍ୱର ଦେବ ଅଷ୍ଟମ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ର, ସୁଦୀପ ମଣ୍ଡଳ, ପ୍ରିୟଙ୍କା ମହାପାତ୍ର, କବିତା ମହାପାତ୍ର, ସ୍ମିତା ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ବିନତୀ ଦେଇ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ପୂର୍ବ ବୈଠକର ବିଷୟବସ୍ତୁ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀ ପାଇଁ ପ୍ରତିକାରାତ୍ମକ ଶିକ୍ଷଣ ଓ ମୌଳିକ ଶିକ୍ଷଣର ସର୍ବେକ୍ଷଣ, ଯାଦୁ ପେଡ଼ି ସାମଗ୍ରୀର ବ୍ୟବହାର, ଶ୍ରେଣୀ ପର୍ଯ୍ୟବେକ୍ଷଣ, ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଶିକ୍ଷଣ ସୋପାନ ରେଜିଷ୍ଟର, ଜିଲାଭିତ୍ତିକ ଶୈକ୍ଷିକ ଆଲୋଚନା ଏବଂ ନିପୁଣ ଓଡ଼ିଶା ବିଷୟରେ ଆଲୋଚନା କରାଯାଇଥିଲା। କ୍ଲଷ୍ଟର ଅନ୍ତର୍ଗତ ୧୨ଟି ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ତାଲିମପ୍ରାପ୍ତ ଶ୍ରେଣୀ ଶିକ୍ଷକ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୁନ୍ତଳା ସାହୁ, ମୀନାକ୍ଷୀ ବେହେରା, ଯଶୋଦା ବେହେରା, ସୁଦୀପ୍ତା ମଣ୍ଡଳ, ରଶ୍ମିତା ସେଠୀ, ଅନସୂୟା ବିଶ୍ୱାଳ, ଚନ୍ଦନ ପାଇକରାୟ, ଗୋବିନ୍ଦ ଚନ୍ଦ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ।

**ଆବଶ୍ୟକ**

15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ - 08071934927।

**ଆବଶ୍ୟକ**

Marketing Boy,
Marketing Superviser,
Auto Driver, Helper
SUPRAVA BAKERY
B-17, Chandaka I.E, Patia, BBSR-24
Mob : 9337663136

**THE ODISHA AGRO INDUSTRIES CORPORATION LTD.**
(A GOVT. OF ODISHA UNDERTAKING)
95-Satya Nagar, Bhubaneswar-7
No.1001/42/2526 https://odishaagro.nic.in/
INVITATIONS FOR BIDS (IFB)
Ltr. No.-1576 Date : 26.02.2026
Bid Identification No.M.D./OAIC/67 (E & I)/2025-26

| | | | |
|---|---|---|---|
| 1. | The Managing Director, Odisha Agro Industries Corporation Ltd., Bhubaneswar on behalf of Governor of Odisha, invites item rate bids in double cover system in ONLINE MODE only, for the work “SUPPLY, INSTALLATION AND COMMISSIONING OF 60 MT and 100 MT ELECTRONICS PIT-LESS TYPE WEIGH BRIDGES” as detailed below. | | |
| 2. | Nature of work | : | Supply & Installation Work |
| 3. | No. of work | : | 01 Nos. |
| 4. | Bid Cost | : | ₹ 12,390/- (Rs.10,500/- + GST@18%) |
| 5. | Class of Contractor | : | Any Manufacturer / Dealer / Supplier |
| 6. | Availability of Bid Documents in the website | : | From dt.26.02.2026 to 17.00 Hours of dt.18.03.2026 |
| 7. | Date of Opening of Bid | : | Dt.20.03.2026 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

Sd./- Managing Director
OAIC Ltd., Bhubaneswar
OIPR-1001/1047/1/25-26/0001

**OFFICE OF THE PANCHAYAT SAMITI, KENDRAPARA, DIST-KENDRAPARA**
Ph : 06727-232265, E-Mail : ori-bkendrapara@nic.in
Letter No.854 Dt. 26.02.2026
“e” Procurement Notice
No.19001/58/2526 : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | | |
|---|---|---|---|
| 1. | Tender Reference No. | : | 01/PSK/2025-26 |
| 2. | Name of the Work | : | Construction of Hostel building of Madrasatul Banat Rabea Basaria Girls Education Centre at Boulapada |
| 3. | No. of works | : | 1 No. |
| 4. | Estimated Cost | : | As per DTCN |
| 5. | Earnest Money Deposit (EMD) | : | As per DTCN |
| 6. | Period of Completion | : | As per DTCN |
| 7. | Date & Time of Bidding | : | 05.03.2026 at 11.00 A.M. |
| 8. | Last date & time for receipt of bids in the portal | : | 19.03.2026 at 5.00 P.M. |
| 9. | Bids received online shall be opened on | : | 20.03.2026 at 11.00 A.M. onwards |
| 10. | Name and address of the Officer inviting Bid | : | O/o Block Development Officer, Kendrapara |

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.
OIPR-19001/19446/1/25-26/0001 Sd./- Block Development Officer, Kendrapara

**OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG**
e-Procurement Tender Notice
Two Envelope System
Tender Reference No. :- DMFT/MID/HAZARIBAG/F2-38/2025-26
Letter no - 153 Date :- 28.02.2026

| | | |
|---|---|---|
| 1. | Name of the work | Construction of Lift Irrigation from Haharo river in Koylang Parewatri, Block- Barkagaon, District-Hazaribag |
| 2. | Estimated Cost (Rs.) | Rs.- 1,05,88,000.00 |
| 3. | Time of Completion | 11 Months |
| 4. | Date of Publication of e-Tender on website | 16.03.2026 at 1:00 P.M (e-Procurement Portal- http://jharkhandtenders.gov.in) |
| 5. | Last date/Time for Submission of e-Tender bids Online | 25.03.2026 up to 5:00 P.M |
| 6. | Last Date for Online Submission of Tender Fee and EMD | 25.03.2026 up to 5:00 P.M |
| 7. | Date of opening of e-Tender | 27.03.2026 at 03:00 P.M |
| 8. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 9. | Contact no. of e-Procurement officer | 06546-270485 |
| 10. | E-mail of e- Procurement officer | eemidhbg-cemr-jhr@nic.in |

Note:- 1.) Only e-Tender will be accepted.
2.) Published Estimated Cost may be increased or decreased.
3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in
Executive Engineer,
Minor Irrigation Division,
Hazaribag.
PR.NO.373869 Minor Irrigation (25-26):D

**Government of Jharkhand**
**Department of School Education and Literacy**
(Jharkhand Education Project Council, Ranchi)
J.S.C.A. Stadium Road, Sector.-III, Dhurwa, Ranchi-834004
Phone: 0651-2444501, E-Mail: jepcranchi1@gmail.com
e-Procurement Notice
JEPC invites Separate Technical & Financial Bids through from eligible and interested contractors for Construction Of A.C.R in Govt. School Located in Gumla, Khunti and Hazaribagh district of Jharkhand. Interested and eligible bidders are requested to submit their proposal latest by 19.03.2026 at 04.00 PM.
The details of tender document can be seen and applied through website http://jharkhandtenders.gov.in only.
Ref. No.: JEPC/CIV/03/2180/2026/997 Ranchi, Date: - 27.02.2026
Sd/-
State Project Director
Jharkhand Education
Project Council
PR 373812 (Jharkhand Education Project Council) 25-26 (D)

**ବେଣେଇଶ୍ୱରୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ**

କୋଣାର୍କ,(ଜ୍ୟୋତିରାଜ ମହାନ୍ତି): କୋଣାର୍କ ଥାନା ଅଧୀନ ବନାଖଣ୍ଡି ପଞ୍ଚାୟତର ବାହାରଣା ଗ୍ରାମସ୍ଥିତ ମା' ବେଣେଇଶ୍ୱରୀଙ୍କ ପୀଠରେ ଫାଲଗୁନ କୃଷ୍ଣପକ୍ଷ ଏକାଦଶୀ ତିଥିରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟମ ପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ ଆରମ୍ଭ ହୋଇଛି। ଗୁରୁବାର ଶୁଭାଧିବାସ ନୀତି ସମ୍ପାଦନ କରାଯାଇଥିଲା। ଶୁକ୍ରବାର ପ୍ରତ୍ୟୁଷରୁ ପୀଠରେ ଅଷ୍ଟମ ପ୍ରହର ନାମଯଜ୍ଞ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶନିବାର ନାମଯଜ୍ଞ ଓ ସଂକୀର୍ତ୍ତନର ପୂର୍ଣ୍ଣାହୁତି ଓ ମହୋତ୍ସବ ନୀତି ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମକୁ ବାହାରଣା ଗ୍ରାମ କମିଟି ସଭାପତି କାଶୀନାଥ ପ୍ରଧାନ, ସମ୍ପାଦକ କବିଚନ୍ଦ୍ର ନାୟକ, ସୁଦର୍ଶନ ନାୟକ ଓ ମନୋଜ କୁମାର ବେହେରାଙ୍କ ସମେତ ଗ୍ରାମବାସୀ ପରିଚାଳନା କରୁଛନ୍ତି।

**ସଂକ୍ଷେପରେ**

## ମହାପ୍ରଭୁଙ୍କ ବଡ଼ ମହାସ୍ନାନ ନୀତି

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ବେହରଣ ଦ୍ୱାର ନିକଟରେ ବାନ୍ତି ପଡ଼ିଥିବା ହେତୁ ଶନିବାର ଶ୍ରୀବିଗ୍ରହଙ୍କ ବଡ଼ ମହାସ୍ନାନ ଅନୁଷ୍ଠିତ ହୋଇଛି। ଗୋବିନ୍ଦ ଦ୍ୱାଦଶୀ ବୁଡ଼ଥିବାରୁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁ ଭିଡ଼ ହୋଇଥିଲା। ମଧ୍ୟାହ୍ନଧୂପ ଶେଷ ପରେ ଭକ୍ତମାନେ ଭିତର କାଠ ନିକଟକୁ ଯାଇ ଶ୍ରୀବିଗ୍ରହଙ୍କ ଦର୍ଶନ କରିଥିଲେ। ଏହି ସମୟରେ ଜଣେ ଭକ୍ତ ବେହରଣ ଦ୍ୱାର ନିକଟରେ ବାନ୍ତ କରି ଦେଇଥିଲେ। ବେହରଣ ଦ୍ୱାର ନିକଟରେ ବାନ୍ତି ପଡ଼ିଥିବା ସେବାୟତଙ୍କ ଦୃଷ୍ଟି ଗୋଚର ହୋଇଥିଲା। ପରେ ସମସ୍ତ ନୀତି ବନ୍ଦ କରାଯିବା ସହ ସର୍ବସାଧାରଣ ଦର୍ଶନ ବନ୍ଦ କରାଯାଇ ମହାସ୍ନାନ ନୀତି ଆରମ୍ଭ ହୋଇଥିଲା। ଧୂଆଧୋଇ ହୋଇ ଚୂନ ପାଣି ସନ୍ଧ୍ୟା ୯ଟାରେ ପଡ଼ିଥିଲା। ମଇଲମ ୯ଟା ୧୦, ସିଂହାସନ ଧୂଆ ୯ଟା ୩୦, ମହାସ୍ନାନ ପୂଜା ୯ଟା ୪୦, ମହାସ୍ନାନ ପୂଜା ଶେଷ ୧୦ଟା ୧୦, ମଇଲମ ୧୦ଟା୨୦ରେ ବେଶ ଶେଷ ହେବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହୋଇଥିଲା।

## ନୂତନ ଗ୍ରାଣ୍ଟ-ଇନ୍-ଏଡ୍ ନୀତି ପାଇଁ ଆଶାର ସଙ୍କେତ

ପିପିଲି,୨୮।୨(ଦୁର୍ଗାମାଧବ ମିଶ୍ର)

ଗ୍ରାଣ୍ଟ-ଇନ-ଏଡ୍ ନୀତି ସମ୍ପର୍କରେ ଗଠିତ ଉଚ୍ଚସ୍ତରୀୟ କମିଟି ସହ ଓଡିଶା ଅଣ-ସରକାରୀ ସହାୟତାପ୍ରାପ୍ତ ଅଧ୍ୟାପକ ଏବଂ କର୍ମଚାରୀ ସଂଘ ମଧ୍ୟରେ ଆଲୋଚନା ପ୍ରକ୍ରିୟା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼୍‌ରେ ପହଞ୍ଚିଛି। ୪୮ ଓ ୬୬୨ ବର୍ଗର ମହାବିଦ୍ୟାଳୟଗୁଡ଼ିକରେ ଜୁନ୍ ୨୦୦୮ ରୁ ଜୁନ୍ ୨୦୨୦ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତି ପାଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କର ଅନୁଦାନ ସଂକ୍ରାନ୍ତୀୟ ଦାବିକୁ ନେଇ ସଂଘର ସଭାପତି ସୁଶାନ୍ତ କୁମାର ସିଂହଙ୍କ ସମେତ ଏକ ପ୍ରତିନିଧି ଦଳ ପୂର୍ବରୁ ୩ ଥର କମିଟି ସହ ଆଲୋଚନା କରିଥିଲେ। ଏହାର ପରବର୍ତ୍ତୀ ପଦକ୍ଷେପ ଭାବେ କମିଟି ପକ୍ଷରୁ ଆଉ ଏକ ଔପଚାରିକ ବୈଠକ ପାଇଁ ସଂଘକୁ ପତ୍ର ଜାରି କରାଯାଇଛି। ଉଚ୍ଚସ୍ତରୀୟ କମିଟିଙ୍କ ପତ୍ର ସଂଖ୍ୟା-୨୮୫,୨୬/୦୨/୨୦୨୬ ଅନୁଯାୟୀ, ଆସନ୍ତା ୫ରେ ଗ୍ରାଣ୍ଟ-ଇନ-ଏଡ ନୀତି ସମ୍ପର୍କିତ ମୁଖ୍ୟ ଦାବିଗୁଡ଼ିକ ଉପରେ ସଂଘ ସହ ଆଲୋଚନା ହେବ।

## ପାଗଳା ବିଲୁଆ ଆତଙ୍କ, ୬ରୁ ଊର୍ଦ୍ଧ୍ୱ ଆହତ

କାକଟପୁର/ଅସ୍ତରଙ୍ଗ,୨୮।୨ (ଶୁଭଦର୍ଶନ ମିଶ୍ର/ ପ୍ରଦୀପ୍ତ କୁମାର ଦୀକ୍ଷିତ)

ପାଗଳା ବିଲୁଆ ଆତଙ୍କ ଲୋକଙ୍କୁ ଭୟଭୀତ କରିଛି। ଅସ୍ତରଙ୍ଗ ବ୍ଲକ ଅଧୀନ ମୁଦୁଗଲ ଓ ବିଜିପୁର ଅଞ୍ଚଳରେ ବିଲୁଆ ଆକ୍ରମଣରେ ୬ରୁ ଊର୍ଦ୍ଧ୍ୱ ଆହତ ହେବା ସହ ଗୃହପାଳିତ ପଶୁମାନେ ବିଲୁଆର ଶିକାର ହୋଇଛନ୍ତି। ଆହତ ବ୍ୟକ୍ତିଙ୍କ ମଧ୍ୟରେ ମୁଦୁଗଲ ଗ୍ରାମର ସୀତାରାଣୀ ନାୟକ, ବିଜିପୁର ଗ୍ରାମର ପାଣ୍ଡବ ସ୍ୱାଇଁ, ଶରତ ସ୍ୱାଇଁ, ହରି ସାହୁ, ପ୍ରଫୁଲ୍ଲ ବେହେରା। ଆହତଙ୍କୁ ନିକଟସ୍ଥ ଅସ୍ତରଙ୍ଗ, ବାଙ୍ଗୁରିଗାଁ ଓ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବନ ବିଭାଗ ତୁରନ୍ତ ଏହି ବିଲୁଆଙ୍କୁ କାବୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। କିନ୍ତୁ ଜନବସତିରେ ବୃଦ୍ଧି ପାଉଛି ବିଲୁଆଙ୍କ ଉତ୍ପାତ। ଗାଁ ଭିତରକୁ ପଶୁଛନ୍ତି ବିଲୁଆ। ଏହାକୁ ନେଇ ଗାଁରେ ଭୟର ବାତାବରଣ ଦେଖାଦେଇଛି। ଗାଁ ରାସ୍ତାରେ ମାଳ ମାଳ ହୋଇ ବୁଲୁଛନ୍ତି।

## ଗାଁ ବୁଲି ଭୋଗ ଖାଇଲେ ଠାକୁର

ସାକ୍ଷୀଗୋପାଳ,୨୮।୨(ଭରତ ରାଉତ)

ଫଗୁଦଶମୀରେ ବିଭିନ୍ନ ଗ୍ରାମରେ ଠାକୁରଙ୍କୁ ଫଗୁଲାଗି କରାଯିବା ସହ ଦୋଳଯାତ୍ରା ଆରମ୍ଭ ହୋଇଛି। ଗ୍ରାମ ଦୋଳବେଦିଗୁଡିକ ସଫା ଓ ରଙ୍ଗ କରାଯାଇଛି। ଠାକୁରଙ୍କୁ ନୂତନବସ୍ତ୍ର ପରିଧାନ କରାଯାଇ ସୁସଜ୍ଜିତ ଦୋଳରେ ଗ୍ରାମ ପରିକ୍ରମା କରାଯାଇଛି। ପୂର୍ଣ୍ଣକୁମ୍ଭ ଘଡିସ୍ଥାପନ ସହ ଦ୍ୱୀପ ଆଲୋକରେ ଗ୍ରାମ ଦାଣ୍ଡ ଆଲୋକିତ ହୋଇଉଠିଛି। ସେହିପରି ମଠଗୁଡ଼ିକରେ ପୂଜିତ ପୋଥିଗୁଡିକୁ ଫଗୁ ଲାଗି କରାଯାଇଥିଲା।

# ୮ରେ ଜମାଣ, ୧୨ରେ ହରିହର ଭେଟ

**ହରିରାଜପୁର ପଞ୍ଚଦୋଳ ମେଳଣ**

ଡେଲାଙ୍ଗ,୨୮।୨(ରଶ୍ମିରଞ୍ଜନ ପ୍ରଧାନ)



ଖବରଦାତା ସମ୍ମିଳନୀରେ ସମ୍ପାଦକ ପ୍ରସନ୍ନ ମହାରଥୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ।

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣ ନିମନ୍ତେ ଶନିବାର ପଶ୍ଚିମାଶମ୍ଭୁ ସୋମନାଥ ଦେବ ପଞ୍ଚଦୋଳ ମେଳଣ ପରିଚାଳନା ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀ ସମ୍ପାଦକ ପ୍ରସନ୍ନ ମହାରଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୮ତାରିଖରେ ଜମାଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ୧୨ତାରିଖରେ ହରିହର ଭେଟ ସହ ମେଳଣ ଉଦ୍‌ଯାପିତ ହେବ। ଚଳିତବର୍ଷ ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ସହ ଆଖପାଖ ୮୫ଗ୍ରାମର ଠାକୁର ଦୋଳ ବିମାନରେ ଆସି ଖୁଣ୍ଟି ଲାଗି ହେବେ। ଜମାଣ ଉତ୍ସବରେ ପଶ୍ଚିମାଶମ୍ଭୁ ସୋମନାଥ ଦେବ ପାରମ୍ପରିକ ରୀତିନୀତି ଅନୁସାରେ ମନ୍ଦିରର ପଶ୍ଚିମ ଦ୍ୱାର ଦେଇ ସୁସଜ୍ଜିତ ଦୋଳ ବିମାନରେ ମନ୍ଦିରଠାରୁ ୧କିମି ଦୂରତ୍ୱରେ ଅବସ୍ଥିତ ମେଳଣ ମଣ୍ଡପ ତଥା ଦେବସଭାକୁ ବିଜେଯାତ୍ରା କରିବେ। ଏହି ଜମାଣ ରାତିରେ ଖ୍ୟାତନାମା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ, ମାନସିକଧାରୀଙ୍କ ଦ୍ୱାରା ଶବ୍ଦ ବିହୀନ ଆତସବାଜି ପ୍ରଦର୍ଶନ କରାଯିବ। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଆତସବାଜି ପ୍ରଦର୍ଶିତ ସ୍ଥାନକୁ ଚତୁଃପାର୍ଶ୍ୱରୁ ଆବଦ୍ଧ କରାଯିବ। ଉତ୍ସବରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଘଣ୍ଟବାଦ୍ୟ ଦଳ, ଶଙ୍ଖଧ୍ୱନି ଦଳ, ବାଦ୍ୟବିଚିତ୍ରା ଦଳ, ସଂକୀର୍ତ୍ତନ ଦଳ, ପାଇକ ଆଖଡ଼ା, ଅଗ୍ନିପିଣ୍ଡୁଳା ପ୍ରଦର୍ଶନକାରୀ ଅଂଶଗ୍ରହଣ କରିବେ। ସନ୍ଧ୍ୟାରେ କୁନି ପିଲାମାନେ ବିଭିନ୍ନ ବେଶଭୂଷା ପରିଧାନ କରିବେ ଏବଂ ମନ୍ତ୍ରପାଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରାଯାଇ ସନ୍ଧ୍ୟା ଆଳତି କରାଯିବ। ୧୦ତାରିଖରେ କ୍ଷେତ୍ରିୟ ମହାସଭା ପକ୍ଷରୁ ପାଇକ ଆଖଡ଼ା ପରିବେଷଣ, ୧୧ ଅପରାହ୍ନ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ହରିହାଟ କାର୍ଯ୍ୟକ୍ରମ କରାଯିବା ସହିତ ସାଧୁସନ୍ଥଙ୍କ ପକ୍ଷରୁ ହୋମଯଜ୍ଞ ଆୟୋଜନ କରାଯିବ। ଏହି ମେଳଣ ଉତ୍ସବରେ ଅଗ୍ନିନିର୍ବାପକ ଯନ୍ତ୍ର ସହିତ ପଡ଼ିଆର ଚତୁଃପାର୍ଶ୍ୱରେ ୪ଟି ଦମକଳଗାଡି, ୪୦ରୁ ଅଧିକ ଅସ୍ଥାୟୀ ଶୌଚାଳୟ ସ୍ଥାପନ, ବିଭିନ୍ନ ବିଭାଗର ପ୍ରଦର୍ଶନୀ ମଣ୍ଡପ ସ୍ଥାପନ, ମହିଳା ସଙ୍ଗଠନ ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯିବ। ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରାଯିବ। ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ଟ୍ରାଫିକ ସୁପରିଚାଳନା ବ୍ୟବସ୍ଥା ପାଇଁ ସ୍ଥାନୀୟ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ସେମାନେ ପୋଲିସ କର୍ମଚାରୀମାନଙ୍କୁ ସହଯୋଗ କରିବେ। ଖୋର୍ଦ୍ଧା-ଜଟଣୀ-ପିପିଲି, ଜଟଣୀ-ସୁନ୍ଦରପଦା ଭାୟା ହରିରାଜପୁର ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ କମିଟି ପକ୍ଷରୁ ଜିଲା ପ୍ରଶାସନକୁ ନିବେଦନ କରାଯାଇଛି। ଏହି ବୈଠକରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ସଭାପତି ସଂଗ୍ରାମ କେଶରୀ ପ୍ରଧାନ, ମେଳଣ କମିଟିର ମାନସ ରଞ୍ଜନ ମଙ୍ଗରାଜ, ସହ ସମ୍ପାଦକ ବିଜୟ କୁମାର ଜେନା, ବିକ୍ରମ କେଶରୀ ଚମ୍ପତି, ନିରୁପମା ପାତ୍ରଙ୍କ ସହ ପଶ୍ଚିମାଶମ୍ଭୁ ସୋମନାଥ ଦେବ ପଞ୍ଚଦୋଳ ମେଳଣ ପରିଚାଳନା ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ମହାପ୍ରଭୁଙ୍କ ନୀତିକାନ୍ତି ୪ ଘଣ୍ଟା ବନ୍ଦ, ବିଳମ୍ବରେ ବାହାରିଲା ଅବଢ଼ା

ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)

ଦିନକ ପରେ ଦୋଳପୂର୍ଣ୍ଣିମା ଥିବାବେଳେ ମହାପ୍ରଭୁଙ୍କ ଦୋଳ ଉତ୍ସବରେ ସାମିଲ ହେବା ପାଇଁ ଭକ୍ତଙ୍କ ଭିଡ଼ ହେବ। ଶ୍ରୀମନ୍ଦିର ନୀତିକାନ୍ତି ଶୃଙ୍ଖଳାରେ ସୁଧାର ଆସିବାରେ ନା ଧରୁନି। ଶନିବାର ଶ୍ରୀମନ୍ଦିରରେ ଅଭାବନୀୟ ଘଟଣା ଘଟିଛି। ଶ୍ରମନ୍ଦିରରେ ପ୍ରୋଟକଲ ଦର୍ଶନକୁ ନେଇ ବିବାଦ ହେବା କାରଣରୁ ଦୀର୍ଘ ସମୟ ଧରି ଦର୍ଶନ ବନ୍ଦ ରହିଥିଲା। ଫଳରେ ମହାପ୍ରସାଦ ବାହାରିବାରେ ଅହେତୁକ ବିଳମ୍ବ ପରିଲକ୍ଷିତ ହୋଇଛି। ଗୋବିନ୍ଦ ଦ୍ୱାଦଶୀ ଅବସରରେ ଭକ୍ତଙ୍କ ଭିଡ଼ ସହ ମହାପ୍ରସାଦ ପାଇଁ ଭକ୍ତ ଅପେକ୍ଷା କରି ରହିଥିଲେ। ମହାପ୍ରସାଦ ବିଳମ୍ବରେ ବାହାରିବା ଓ ନୀତିକାନ୍ତିରେ ଶୃଙ୍ଖଳା ଆସୁ ନ ଥିବାରୁ ଭକ୍ତମାନେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ଦର୍ଶନକୁ ନେଇ ଶ୍ରୀମନ୍ଦିରରେ ବିବାଦ ଦେଖାଯାଇଥିଲା, ଫଳରେ ୪ ଘଣ୍ଟା ନୀତିକାନ୍ତି ବନ୍ଦ ରହିଥିଲା। ପରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସେବାୟତଙ୍କୁ ବୁଝାଶୁଝା କରିବା ପରେ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା।

## ଓଡ଼ିଶୀନୃତ୍ୟ କର୍ମଶାଳା ଉଦ୍‌ଘାଟିତ

ସାକ୍ଷୀଗୋପାଳ,୨୮।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟରେ ଶୁକ୍ରବାରଠାରୁ ୩ଦିନିଆ ଓଡ଼ିଶୀ ନୃତ୍ୟ କର୍ମଶାଳା ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୧ ପର୍ଯ୍ୟନ୍ତ ଚାଲିବ। ଶାସ୍ତ୍ରୀୟ ଓଡ଼ିଶୀ ଗବେଷଣା ଅନୁଷ୍ଠାନ ସୃଜନ ପକ୍ଷରୁ ଆୟୋଜିତ ଏହି କର୍ମଶାଳାକୁ ସୃଜନର ନିର୍ଦ୍ଦେଶକ ତଥା ଓଡ଼ିଶୀ ନୃତ୍ୟଗୁରୁ ରତିକାନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ଘରେ ଘରେ ଓଡ଼ିଶୀ ନୃତ୍ୟକୁ ପହଞ୍ଚାଇବାକୁ ଉଦ୍ୟମ ଚାଲିଥିବାବେଳେ ସତ୍ୟବାଦୀ ଅଞ୍ଚଳରେ ଓଡ଼ିଶା ନୃତ୍ୟ ସଙ୍ଗୀତର ପାରମ୍ପରିକ ଶୈଳୀ ସମ୍ପର୍କରେ ଅଧିକ ପ୍ରଶିକ୍ଷଣ ଦିଆଯିବ ବୋଲି ମହାପାତ୍ର କହିଛନ୍ତି। ଓଡ଼ିଶୀ ନୃତ୍ୟାଙ୍ଗନା ରାଜଶ୍ରୀ ପ୍ରହରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷିତ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ପାଇଁ କର୍ମଶାଳା ଆୟୋଜନ କରାଯାଇଛି। ଏଥିରେ ଓଡ଼ିଶୀ ନୃତ୍ୟର ଶାସ୍ତ୍ରୀୟ ବ୍ୟାକରଣ ସହିତ ଓଡ଼ିଶୀ ନୃତ୍ୟର ଶୈଳୀଗତ ସୂକ୍ଷ୍ମତା ଓ ପାରମ୍ପରିକ ଗଠନର ଆଧୁନିକ ରୂପାନ୍ତର ଉପରେ ଗୁରୁତ୍ୱ ଦିଆଯାଉଛି। ଶିକ୍ଷାର୍ଥୀମାନେ 'ବନ୍ଦେ କୃଷ୍ଣମ୍' ଏବଂ 'ମେଘ ପଲ୍ଲବୀ' ଶିକ୍ଷା କରିବା ସହ ନୃତ୍ୟର ସୂକ୍ଷ୍ମ କଳା କୌଶଳ ସମ୍ପର୍କରେ ଜ୍ଞାନ ଆହରଣ କରିବେ। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟର ସଭାପତି ଦୁର୍ଗାପ୍ରସାଦ ମହାପାତ୍ର ଏବଂ ଉପସଭାପତି ବ୍ରଜକିଶୋର ମହାପାତ୍ର ଉତ୍ସବରେ ଯୋଗଦେଇଥିଲେ। ଦେଶ ବିଦେଶରେ ଓଡ଼ିଶୀ ନୃତ୍ୟକଳାର ବେଶ୍ ଆଦର ରହିଛି।

## ସିପିଆଇର ଗୁରୁତ୍ୱପୂର୍ଣ୍ଣ ଜିଲାପରିଷଦ ବୈଠକ, ଆନ୍ଦୋଳନ ନିଷ୍ପତ୍ତି



ଜିଲା ପରିଷଦ ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ନିମାପଡ଼ା,୨୮।୨(ବିଚିତ୍ରାନନ୍ଦ ସାହୁ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଏକ ଗୁରୁତ୍ୱପୂର୍ଣ୍ଣ ଜିଲାପରିଷଦ ବୈଠକ ନିମାପଡ଼ା ସିପିଆଇ ପାର୍ଟି ଅଫିସ ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାର୍ଟିର ରାଜ୍ୟ ପରିଷଦ କଣ୍ଟ୍ରୋଲ କମିଟି ସଭ୍ୟ ଦେବେନ୍ଦ୍ରନାଥ ସାହୁ ଅଧ୍ୟକ୍ଷତା କରି ଏହି ବୈଠକର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିଥିଭାବେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ଆଶିଷ କାନୁନଗୋ, ରାଜ୍ୟ ପରିଷଦ ସଭ୍ୟ ପ୍ରଦୀପ୍ତ ମହାନ୍ତି, ପୁରୀ ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ପାର୍ଟିର ବରିଷ୍ଠ ନେତା ମନୋରଞ୍ଜନ ପରିଡ଼ା, ବିପିନ ବିହାରୀ ରାଉତ, ଗୋଲେଖ ନାୟକ, ପ୍ରଫୁଲ୍ଲ ଦାସ, ପ୍ରଫୁଲ୍ଲ ମହାପାତ୍ର ପ୍ରମୁଖ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀଙ୍କ ବିଭିନ୍ନ ସମସ୍ୟାର ପ୍ରତିକାର କରିବା ଦିଗରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିବା ମତପ୍ରକାଶ କରିଥିଲେ। ଏହା ବିରୋଧରେ ପାର୍ଟି ପକ୍ଷରୁ ଦୁର୍ବାର ଗଣଆନ୍ଦୋଳନ କରାଯିବା ପାଇଁ ଆହ୍ୱାନ ଦେଇଥିଲେ।

ବୈଠକରେ ସଭ୍ୟନବୀକରଣ, ପାର୍ଟିଫଣ୍ଡ ଆଦାୟ, ଚାଷୀଙ୍କର ବିଭିନ୍ନ ସମସ୍ୟା ଓ ତାର ପ୍ରତିକାର ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୧୬ ଓ ୧୭ରେ ପୁରୀଠାରେ ଯୁବ ଓ ମହିଳାଙ୍କର ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିବା ବେଳେ ଏହି ସମ୍ମିଳନୀକୁ ସଫଳ କରିବା ପାଇଁ ନେତୃବୃନ୍ଦମାନେ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ ପୁରୀ ଜିଲାରେ ଚାଷୀମାନଙ୍କ ସମସ୍ୟା ସମ୍ପର୍କିତ ଏକ ରିପୋର୍ଟ ଉପସ୍ଥାପନା କରିଥିଲେ। ବୈଠକରେ ଜିଲା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଗାଡ଼ି ଧକ୍କାରେ ପେଟ୍ରୋଲ ପମ୍ପ୍ କର୍ମଚାରୀଙ୍କ ମୃତ୍ୟୁ

ଗୋପ,୨୮।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ-ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ନିକଟରେ ଜଣେ ପେଟ୍ରୋଲ ପମ୍ପ୍ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ଥାନା ପକ୍ଷରୁ ଜଣାପଡ଼ିଛି। ମୃତକ ହେଲେ ଗୋପ ଥାନା ଅନ୍ତର୍ଗତ ନାଗପୁର ମୁଗୁରିଆ ଗ୍ରାମର ହୃଦାନନ୍ଦ ଦାଶ(୪୯)। ସୂଚନାଯୋଗ୍ୟ, ପ୍ରତିଦିନ ପରି ହୃଦାନନ୍ଦ ଗୋପ ପେଟ୍ରୋଲ ପମ୍ପରୁ ଡ୍ୟୁଟି ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ହେଲେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପରେ ସ୍ଥାନୀୟ ଲୋକେ ଗୋପ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଛି। ଏଥିପ୍ରତି ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି କରାଯାଇଛି। ପେଟ୍ରୋଲ ପମ୍ପ୍ କର୍ମଚାରୀ ଜଣକ ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ନାଗପୁର ସରପଞ୍ଚ ପଦ୍ମପର୍ଣ୍ଣା ଦଳାଇ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

## ମଙ୍ଗଳା ମହାବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ପରଲୋକ

କାକଟପୁର/ଅସ୍ତରଙ୍ଗ,୨୮।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁର ମଙ୍ଗଳା ମହାବିଦ୍ୟାଳୟ ପ୍ରତିଷ୍ଠାତା ତଥା ବିଶିଷ୍ଟ ଶିକ୍ଷାବିତ୍ ପଣ୍ଡିତ ରାମଚନ୍ଦ୍ର ଦୀକ୍ଷିତଙ୍କ ୯୭ ବର୍ଷ ବୟସରେ ଶନିବାର ପରଲୋକ ହୋଇଛି। ସ୍ୱର୍ଗତଃ ଦୀକ୍ଷିତ କାକଟପୁର ଅଞ୍ଚଳରେ ସ୍ୱାଧୀନତା ପୂର୍ବବର୍ତ୍ତୀ ସମୟରେ ମଙ୍ଗଳା କଲେଜ ସ୍ଥାପନ କରି ଶିକ୍ଷାର ଆଲୋକ ଦେଖାଇଥିବା ବେଳେ ଅସ୍ତରଙ୍ଗ ହାଇସ୍କୁଲ, ମରୀଚିପୁର ଓ ଦଶବାଟିଆ ଠାରେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ଶିକ୍ଷାର ବିକାଶ ଦିଗରେ ଜଣେ ପ୍ରବୀଣ ଯୋଦ୍ଧା ସାଜିଥିଲେ। ଶିକ୍ଷାରୁ ଅବସର ଗ୍ରହଣ ପରେ ବିଭିନ୍ନ ଧର୍ମାନୁଷ୍ଠାନ ସହ ଜଡ଼ିତ ରହି ଧର୍ମାନୁରାଗୀ ଜୀବନ ଅତିବାହିତ କରୁଥିଲେ। କାକଟପୁରର ସେବକ ସମିତି ତାଙ୍କରି ଉଦ୍ୟମରେ ଆରମ୍ଭ ହୋଇଥିଲା। ସେ ଜଣେ ସରଳ ନିଷ୍କପଟ, ଅମାୟିକ ବ୍ୟକ୍ତି ଭାବେ ଅଞ୍ଚଳ ରେ ବେଶ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବନ୍ଧୁ, ଆତ୍ମୀୟସ୍ୱଜନ, ବିଭିନ୍ନ ଅନୁଷ୍ଠାନର ବିଶିଷ୍ଟ ବ୍ୟକ୍ତିମାନେ ଶେଷ ଦର୍ଶନ କରିଥିଲେ। ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କର ଏକମାତ୍ର ପୁତ୍ର ଭାଜପାର ମଣ୍ଡଳ ସଭାପତି କାଳନ୍ଦୀ ଦୀକ୍ଷିତ ମୁଖାଗ୍ନି ଦେଇଥିଲେ।

## ଲୋକଙ୍କ ସହ ଯୋଡ଼ିହୋଇ ରହିବା ଉପରେ ଗୁରୁତ୍ୱ


କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀଙ୍କ ସହ ସ୍ଥାନୀୟ ବାସିନ୍ଦା ଓ ବୁଦ୍ଧିଜୀବୀମାନେ ।

ଗୋପ,୨୮।୨(ଭାରତୀ ଭୂଷଣ ଉପାଧ୍ୟାୟ)

**ଗୋପ ଥାନାରେ ଆମ ପୋଲିସ କାର୍ଯ୍ୟକ୍ରମ**

ସାଧାରଣ ଲୋକଙ୍କ ସମସ୍ୟା ଉପରେ ପୋଲିସ ସବୁବେଳେ ଗୁରୁତ୍ୱ ଦେଉଛି। ସେମାନଙ୍କ ସହିତ ଯୋଡ଼ିହୋଇ ରହିବା ପାଇଁ ସରକାରଙ୍କ ଏପରି ଏକ କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି ଶନିବାର ଅପରାହ୍ନରେ ଗୋପ ଥାନା ପରିସରରେ ଆୟୋଜିତ ଆମ ପୋଲିସ କାର୍ଯ୍ୟକ୍ରମରେ ଗୋପ ଥାନାଧିକାରୀ ଦୁର୍ଗାଚରଣ ମହାପାତ୍ର କହିଛନ୍ତି। ବରିଷ୍ଠ ବ୍ୟକ୍ତି ତଥା ପୂର୍ବତନ ସରପଞ୍ଚ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମରେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରାୟ, ଯୁବନେତା ସୁଶାନ୍ତ କୁମାର ସ୍ୱାଇଁ, ବିଜୟ କୁମାର ନାୟକଙ୍କ ସହିତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ଯୋଗଦେଇ ଆମ ପୋଲିସ କାର୍ଯ୍ୟକ୍ରମରେ ପୋଲିସ ଓ ଲୋକଙ୍କ ସମସ୍ୟା ସହିତ ଥାନା ଅଞ୍ଚଳରେ ନିଶା କାରବାର ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ସମୟରେ ଅନୁଷ୍ଠିତ ପରମ୍ପରା ସଂସ୍କୃତି ପାଳନ ବେଳେ ପୋଲିସକୁ ସହଯୋଗ କରିବା ଓ ଗୋପ ଅଞ୍ଚଳର ସାଗରସ୍ନାନ ମେଳନରେ ଡିଜେ ବଦଳରେ ପାରମ୍ପରିକ ବାଦ୍ୟକୁ ପ୍ରାଧାନ୍ୟ ଦେବାକୁ ଦାବି କରାଯାଇଥିଲା। ଏଥିରେ ଗୋପ ଥାନା ଏସ୍‌ଆଇ ବୁଦ୍ଧରାୟ ମାଝୀ, ଦେବସ୍ମିତା ସିଂ, ଏସ୍‌ଆଇ ବନମାଳୀ ନାୟକ, ଶିବରାମ ଶତପଥୀ, ମହନ୍ତ ବିଭୁପ୍ରସାଦ ଦାସ ଓ ଗୃହରକ୍ଷୀ ସୁବାସ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମାଟ୍ରିକ୍ ପରୀକ୍ଷା କେନ୍ଦ୍ରରେ ୨ ଛାତ୍ରୀ ଅସୁସ୍ଥ

କଣାସ,୨୮।୨(ବିଭୂତି ଭୂଷଣ ତ୍ରିପାଠୀ)

ରାଜ୍ୟରେ ଗତ ୧୯ ତାରିଖଠାରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିବାବେଳେ ପୁରୀ ଜିଲା କଣାସ ବ୍ଲକର ୧୪ଟି କେନ୍ଦ୍ରରେ ୨୬୧୭ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି। ଗତ ଶୁକ୍ରବାର ଇତିହାସ ଓ ଭୂଗୋଳ ପରୀକ୍ଷାଦେବାକୁ ଆସିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨ ଛାତ୍ରୀ ଅସୁସ୍ଥ ହୋଇଥିଲେ। ବଡ଼ାଲଠାରେ ଥିବା କୁଳମଣି ନୋଡାଲ ବିଦ୍ୟାପୀଠକୁ ଆସିଥିବା ଜଣେ ଛାତ୍ରୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେହିପରି ବେଣାଗାଁ ଦୁର୍ଗାଦେବୀ ଉଚ୍ଚ ବିଦ୍ୟାଳୟରେ ଜଣେ ଛାତ୍ରୀ ପରୀକ୍ଷା ଦେଉଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେସଙ୍ଗେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ସେ ଘରକୁ ଫେରିଥିବା ନୋଡାଲ କେନ୍ଦ୍ର ଅଧ୍ୟକ୍ଷା ସୁଲେଖା ମହାପାତ୍ର ସୂଚନା ଦେଇଛନ୍ତି।

**ଆବଶ୍ୟକ**
15,000 ଟଙ୍କା ପର୍ଯ୍ୟନ୍ତ ରୋଜଗାର କରନ୍ତୁ, ରାପିଡୋରେ ଆଜି ଯୋଗ ଦିଅନ୍ତୁ। ଆବଶ୍ୟକତା : ଡିଏଲ୍, ବାଇକ୍, ଆଧାର କିମ୍ବା ପାନ୍ ତୁରନ୍ତ। ଯୋଗଦେବା ଉପଲବ୍ଧ, ଏବେ ଯୋଗଦେବାକୁ କଲ୍ କରନ୍ତୁ – 08071934927।

**ଆବଶ୍ୟକ**
Marketing Boy, Marketing Superviser, Auto Driver, Helper
SUPRAVA BAKERY
B-17, Chandaka I.E, Patia, BBSR-24
Mob : 9337663136

**THE ODISHA AGRO INDUSTRIES CORPORATION LTD.**
(A GOVT. OF ODISHA UNDERTAKING)
95-Satya Nagar, Bhubaneswar-7
No.1001/42/2526 https://odishaagro.nic.in/
INVITATIONS FOR BIDS (IFB)
Ltr. No.-1576 Date : 26.02.2026
Bid Identification No.M.D./OAIC/67 (E & I)/2025-26

| | | |
|---|---|---|
| 1. | The Managing Director, Odisha Agro Industries Corporation Ltd., Bhubaneswar on behalf of Governor of Odisha, invites item rate bids in double cover system in ONLINE MODE only, for the work "SUPPLY, INSTALLATION AND COMMISSIONING OF 60 MT and 100 MT ELECTRONICS PIT-LESS TYPE WEIGH BRIDGES" as detailed below. | |
| 2. | Nature of work | : Supply & Installation Work |
| 3. | No. of work | : 01 Nos. |
| 4. | Bid Cost | : ₹ 12,390/- (Rs.10,500/- + GST@18%) |
| 5. | Class of Contractor | : Any Manufacturer / Dealer / Supplier |
| 6. | Availability of Bid Documents in the website | : From dt.26.02.2026 to 17.00 Hours of dt.18.03.2026 |
| 7. | Date of Opening of Bid | : Dt.20.03.2026 at 11:30 A.M. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

Sd./- Managing Director
OAIC Ltd., Bhubaneswar
OIPR-1001/1047/1/25-26/0001

**OFFICE OF THE PANCHAYAT SAMITI, KENDRAPARA, DIST-KENDRAPARA**
Ph : 06727-232265, E-Mail : ori-bkendrapara@nic.in
Letter No.854 Dt. 26.02.2026
"e" Procurement Notice
No.19001/58/2526 : Bid Documents consisting of Work, Estimated Cost, Cost of Tender Paper, EMD, time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

| | | |
|---|---|---|
| 1. | Tender Reference No. | : 01/PSK/2025-26 |
| 2. | Name of the Work | : Construction of Hostel building of Madrasatul Banat Rabea Basaria Girls Education Centre at Boulapada |
| 3. | No. of works | : 1 No. |
| 4. | Estimated Cost | : As per DTCN |
| 5. | Earnest Money Deposit (EMD) | : As per DTCN |
| 6. | Period of Completion | : As per DTCN |
| 7. | Date & Time of Bidding | : 05.03.2026 at 11.00 A.M. |
| 8. | Last date & time for receipt of bids in the portal | : 19.03.2026 at 5.00 P.M. |
| 9. | Bids received online shall be opened on | : 20.03.2026 at 11.00 A.M. onwards |
| 10. | Name and address of the Officer inviting Bid | : O/o Block Development Officer, Kendrapara |

Further amendments, corrigendum or other communication regarding this letter will be available only on https://tendersodisha.gov.in and will not be published in print media.
OIPR-19001/19446/1/25-26/0001 Sd./- Block Development Officer, Kendrapara

**OFFICE OF THE EXECUTIVE ENGINEER, MINOR IRRIGATION DIVISION, HAZARIBAG**
e-Procurement Tender Notice
Two Envelope System
Tender Reference No. :- DMFT/MID/HAZARIBAG/F2-38/2025-26
Letter no - 153 Date :- 28.02.2026

| | | |
|---|---|---|
| 1. | Name of the work | Construction of Lift Irrigation from Haharo river in Koylang Parewatri, Block- Barkagaon, District-Hazaribag |
| 2. | Estimated Cost (Rs.) | Rs.- 1,05,88,000.00 |
| 3. | Time of Completion | 11 Months |
| 4. | Date of Publication of e-Tender on website | 16.03.2026 at 1:00 P.M (e-Procurement Portal- http://jharkhandtenders.gov.in) |
| 5. | Last date/Time for Submission of e-Tender bids Online | 25.03.2026 up to 5:00 P.M |
| 6. | Last Date for Online Submission of Tender Fee and EMD | 25.03.2026 up to 5:00 P.M |
| 7. | Date of opening of e-Tender | 27.03.2026 at 03:00 P.M |
| 8. | Name & address of office Inviting tender | Executive Engineer, Minor Irrigation Division, Hazaribag |
| 9. | Contact no. of e-Procurement officer | 06546-270485 |
| 10. | E-mail of e- Procurement officer | eemidhbg-cemr-jhr@nic.in |

Note:- 1.) Only e-Tender will be accepted.
2.) Published Estimated Cost may be increased or decreased.
3.) Further details can be seen and Mode of Submission of Online Tender/Tender Fee/EMD through http://jharkhandtenders.gov.in
Executive Engineer, Minor Irrigation Division, Hazaribag.
PR.NO.373869 Minor Irrigation (25-26):D

**Government of Jharkhand**
**Department of School Education and Literacy**
(Jharkhand Education Project Council, Ranchi)
J.S.C.A. Stadium Road, Sector.-III, Dhurwa, Ranchi-834004
Phone: 0651-2444501, E-Mail: jepcranchi1@gmail.com
e-Procurement Notice
JEPC invites Separate Technical & Financial Bids through from eligible and interested contractors for Construction Of A.C.R in Govt. School Located in Gumla, Khunti and Hazaribagh district of Jharkhand. Interested and eligible bidders are requested to submit their proposal latest by 19.03.2026 at 04.00 PM.
The details of tender document can be seen and applied through website http://jharkhandtenders.gov.in only.
Ref. No.: JEPC/CIV/03/2180/2026/997 Ranchi, Date: - 27.02.2026
Sd/- State Project Director Jharkhand Education Project Council
PR 373812 (Jharkhand Education Project Council) 25-26 (D)

## ୩୩୧ ତାଲିବାନ୍ ସୈନ୍ୟ ନିହତ ହୋଇଥିବା ପାକିସ୍ତାନର ଦାବି

**ଇସ୍‌ଲାମାବାଦ,୨୮।୨**

ଆଫଗାନିସ୍ତାନ ବିରୋଧରେ ପାକିସ୍ତାନ ଚଳାଇଥିବା ସାମରିକ ଅଭିଯାନରେ ବର୍ତ୍ତମାନ ସୁଦ୍ଧା ୩୩୧ ଜଣ ଆଫଗାନ ତାଲିବାନ ସୈନ୍ୟ ଓ ସେମାନଙ୍କ ସହଯୋଗୀ ଆତଙ୍କବାଦୀ ନିହତ ହୋଇଥିବା ବେଳେ ୫୦୦ ଜଣ ଆହତ ହୋଇଥିବା ଇସ୍‌ଲାମାବାଦ ଶନିବାର ଦାବି କରିଛି। ଅପରେଶନ ଘଜବ ଲିଲ୍-ହା ବେଳେ ପାକ୍ ସେନା ସେମାନଙ୍କର ୧୦୪ଟି ସାମରିକ ଘାଟିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଥିବାବେଳେ ସେମାନେ ୨୨ଟି ସୀମାନ୍ତ ଘାଟିକୁ କବ୍‌ଜା କରିଛନ୍ତି। ସେମାନଙ୍କର ୧୬୩ଟି ଟ୍ୟାଙ୍କ ଏବଂ ଯୁଦ୍ଧ ଯାନ ଧ୍ୱଂସ ହୋଇଛି। ପାକିସ୍ତାନ ଆଫଗାନିସ୍ତାନର ୩୭ଟି ସ୍ଥାନରେ ଏୟାରଷ୍ଟ୍ରାଇକ୍ କରିଥିଲା। ଆଫଗାନିସ୍ତାନ ପ୍ରଥମେ ଆକ୍ରମଣ କରିବାରୁ ଇସ୍‌ଲାମାବାଦ ଜବାବୀ ଆକ୍ରମଣ କଲା ବୋଲି କହିଛି।

# ବଲିଭିଆରେ ବିମାନ ଦୁର୍ଘଟଣା: ୧୫ ମୃତ

**ଲା ପାଜ୍,୨୮।୨**

ସାନ୍ତା କ୍ରୁଜ୍ ସହରରୁ କ୍ୟାଶ୍ ନେଇ ଯାଉଥିବା ବଲିଭିଆ ବାୟୁସେନାର ଏକ ମାଲବାହୀ ବିମାନ ଶୁକ୍ରବାର ବଲିଭିଆ ରାଜଧାନୀ ଲା ପାଜ୍‌ଠାରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଅନ୍ୟୂନ ୧୫ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକେ ଆହତ ହୋଇଛନ୍ତି। ବିମାନଟି ଖସିପଡ଼ିବାରୁ ୧୫ଟି ଗାଡ଼ି କ୍ଷତିଗ୍ରସ୍ତ ହେବା ସହ ନଗଦ ଅର୍ଥ ବିଛାଡ଼ିହୋଇ ପଡ଼ିଥିଲା। ପ୍ରତିରକ୍ଷା ମନ୍ତ୍ରୀ ମାର୍ସେଲୋ ସାଲିନାସ୍‌ଙ୍କ ସୂଚନା ଅନୁଯାୟୀ, ନୂଆ ଛପାଯାଇଥିବା ବଲିଭିଆ ବ୍ୟାଙ୍କନୋଟ୍‌ଗୁଡ଼ିକୁ ନେଇ ବିମାନଟି ଲା ପାଜ୍ ଯାଉଥିବାବେଳେ ପାଖ ସହରର ଏଲ୍ ଅଲ୍‌ଟୋ ବିମାନବନ୍ଦରରେ ଅବତରଣ ବେଳେ ଏହା ରନ୍‌ୱେରୁ ଖସିଯାଇ ନିକଟବର୍ତ୍ତୀ କ୍ଷେତରେ ପଡ଼ିଥିଲା। ବିମାନରେ ଲାଗିଯାଇଥିବା ନିଆଁକୁ ଅଗ୍ନିଶମ କର୍ମଚାରୀମାନେ ଆୟତ୍ତ କରିଥିଲେ। ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ସେମାନେ ବିମାନରେ ଥିଲେ ନା କ୍ଷେତ ନିକଟ ରାଜପଥରେ ଯାଉଥିବା କାର୍‌ର ଯାତ୍ରୀ ତାହା ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାର କାରଣ ଜାଣିବା ପାଇଁ ତଦନ୍ତ ଜାରି ରହିଛି। ବିମାନର ୬ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ୨ ଜଣଙ୍କ ପତ୍ତା ମିଳୁ ନ ଥିବା ବଲିଭିଆ ବାୟୁସେନା ଜେନେରାଲ ସେର୍ଗିଓ ଲୋରା କହିଛନ୍ତି। ବିମାନ ଖଣ୍ଡବିଖଣ୍ଡିତ ହୋଇ ପଡ଼ିଥିବାବେଳେ ରାସ୍ତାରେ କେତେକ କ୍ଷତିଗ୍ରସ୍ତ କାର୍ ଏବଂ ମୃତଦେହ ପଡ଼ିଥିବା ସୋସିଆଲ ମିଡିଆ ପୋଷ୍ଟରୁ ଦେଖିବାକୁ ମିଳିଛି। ବିଛାଡ଼ିହୋଇ ପଡ଼ିଥିବା ନଗଦ ଅର୍ଥକୁ ସଂଗ୍ରହ କରିବା ପାଇଁ ଲୋକେ ଧାଇଁ ଆସିଥିବାବେଳେ ପୋଲିସ ତୁରନ୍ତ ପହଞ୍ଚି ସେମାନଙ୍କୁ ଘଉଡ଼ାଇଥିଲା। କ୍ୟାଶ୍‌କୁ ଜଗିବା କାର୍ଯ୍ୟରେ ୫୦୦ରୁ ଊର୍ଦ୍ଧ୍ୱ ସୈନ୍ୟ ଏବଂ ୧୦୦ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି।



ବଲିଭିଆର ରାଜଧାନୀ ଲା ପାଜ୍ ନିକଟରେ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି।

# ଏଚ୍‌ପିଭି ଟିକାକରଣର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

**ଜୟପୁର,୨୮।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ରାଜସ୍ଥାନର ଆଜ୍‌ମେରରୁ ଦେଶବ୍ୟାପୀ ୧୪ ବର୍ଷୀୟ କିଶୋରୀମାନଙ୍କ ପାଇଁ ହ୍ୟୁମ୍ୟାନ୍ ପପିଲୋମାଭାଇରସ୍ (ଏଚ୍‌ପିଭି) ଟିକାକରଣ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଜରାୟୁ ଗ୍ରୀବା କର୍କଟ ରୋଗ ବିରୋଧରେ ଏହି ଟିକାକରଣ ଅଭିଯାନକୁ ଆଜମେରର କାୟଦଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ, ଯେଉଁଠି ଅନେକ କିଶୋରୀଙ୍କୁ ଏହି ଟିକା ଦିଆଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ହିତାଧିକାରୀମାନଙ୍କ ସହ କଥା ହୋଇଛନ୍ତି।

ସରକାରୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଟିକାକରଣ ଅଭିଯାନରେ ବ୍ୟବହାର ହେବାକୁ ଥିବା ସିଙ୍ଗଲ୍ ଡୋଜ୍ ଗାର୍ଡାସିଲ୍‌୪ ଟିକା ହେଉଛି ଏକ କ୍ୱାଡ୍ରିଭାଲେଣ୍ଟ ଏଚ୍‌ପିଭି ଟିକା। ଏହା ଏଚ୍‌ପିଭି ଟାଇପ୍ ୧୬, ୧୮, ୬ ଏବଂ ୧୧ ବିରୋଧରେ ସୁରକ୍ଷା ଦେବ। ଏଚ୍‌ପିଭି ଟାଇପ୍ ୧୬ ଏବଂ ୧୮ ଜରାୟୁ ଗ୍ରୀବା କର୍କଟ ରୋଗ ସୃଷ୍ଟି କରିଥାଏ। ଟିକାକରଣ ଅଭିଯାନ ସମ୍ପର୍କରେ ୨୫ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ପତ୍ର ଲେଖି ଅବଗତ କରାଇଥିଲା। ଦେଶର ସମସ୍ତ ୧୪ ବର୍ଷୀୟ କିଶୋରୀଙ୍କୁ ଏହି ସିଙ୍ଗଲ ଡୋଜ୍ ଗାର୍ଡାସିଲ୍‌୪ ଟିକା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉପଜିଲା ଏବଂ ଜିଲା ହସ୍ପିଟାଲ ଏବଂ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲରେ ଦିଆଯିବ।



ଆଜ୍‌ମେରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପସ୍ଥିତିରେ ଶନିବାର ନର୍ସ ଜଣେ କିଶୋରୀଙ୍କୁ ଏଚ୍‌ପିଭି ଟିକା ଦେଉଛନ୍ତି।

## ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଭାରତୀୟ ଚାଷୀଙ୍କୁ ବରବାଦ କରିଦେବ: ରାହୁଲ

**ବର୍ନାଲା,୨୮।୨(ପି.ଟି.)**

ଭାରତ-ଆମେରିକା ଅନ୍ତରୀଣ ବାଣିଜ୍ୟ ଚୁକ୍ତିନାମାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି। ଏହି ଡିଲ୍ ଭାରତୀୟ କୃଷକମାନଙ୍କୁ ବରବାଦ କରିଦେବ ବୋଲି ସେ କହିଛନ୍ତି। ପଞ୍ଜାବର ବର୍ନାଲାଠାରେ କିଷାନ ମହାଚୌପାଲ ରାଲିକୁ ସମ୍ବୋଧନ କରି ରାହୁଲ କହିଛନ୍ତି, କୃଷି ସେକ୍ଟର ଆମେରିକୀୟ ସାମଗ୍ରୀ ପାଇଁ ଖୋଲା ରଖିବାକୁ ନେଇ ଅସହମତି ଯୋଗୁ ଡିଲ୍ ୪ ମାସ ହେଲା ଅଟକି ଥିଲା। ଭାରତ ପ୍ରତିବର୍ଷ ୯ ଲକ୍ଷ କୋଟି ଟଙ୍କା ମୂଲ୍ୟର ଆମେରିକୀୟ ସାମଗ୍ରୀ କିଣିବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଧାନମନ୍ତ୍ରୀ ମୋଦି ଗ୍ୟାରେଣ୍ଟି ଦେବା ପରେ ଚୁକ୍ତି ପାଇଁ ସହମତି ହୋଇଥିବା ଲୋକ ସଭାର ବିରୋଧୀ ଦଳ ନେତା କହିଛନ୍ତି।

# ପଶ୍ଚିମବଙ୍ଗ: ୬୩ ଲକ୍ଷ ନାଁ କଟିଲା

**କୋଲକାତା,୨୮।୨**

### ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଶେଷ ହୋଇଛି। ଭାରତର ନିର୍ବାଚନ କମିଶନ (ଇସିଆଇ) ଶନିବାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟ ନିର୍ବାଚନ ଅଫିସର ମନୋଜ ଅଗ୍ରୱାଲଙ୍କ ସୂଚନା ଅନୁଯାୟୀ, ଚୂଡ଼ାନ୍ତ ତାଲିକାରୁ ୬୩,୬୬,୯୫୨ ଭୋଟରଙ୍କ ନାଁ କଟିଥିବାବେଳେ ଫର୍ମ-୬ ଏବଂ ୬ଏ' ଜରିଆରେ ୧,୮୨,୦୩୬ ଜଣ ଯୋଡ଼ିହୋଇଛନ୍ତି। ଫର୍ମ ୮ ଅଧୀନ ତାଲିକାରେ ୬,୬୭୧ ଭୋଟର ସାମିଲ ହୋଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଏସ୍‌ଆଇଆର୍ ପରେ ପଶ୍ଚିମବଙ୍ଗରେ ଭୋଟର ସଂଖ୍ୟା ଏବେ ୭,୦୪,୫୯,୨୮୪ ରହିଛି। ସଂଶୋଧନ ପ୍ରକ୍ରିୟାରେ ଫର୍ମ-୭ ଜରିଆରେ ୫.୪୬ ଲକ୍ଷ ଭୋଟରଙ୍କ ନାମ ତାଲିକାରୁ କଟିଥିଲାବେଳେ ୫୮ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟରଙ୍କ ଫର୍ମ ମିଳି ନ ଥିଲା। ସେମାନଙ୍କ ମଧ୍ୟରେ ମୃତକ, ଅନ୍ୟତ୍ର ସ୍ଥାନାନ୍ତର ଏବଂ ଜାଲ୍ ଭୋଟର ମାମଲା ରହିଥିବା ଅଗ୍ରୱାଲ କହିଛନ୍ତି। ସେ ଆହୁରି କହିଛନ୍ତି, ବିଚାରାଧୀନ ବର୍ଗରେ ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ରହିଥିବାବେଳେ ଏସ୍‌ଆଇଆର୍ ପରବର୍ତ୍ତୀ ଭୋଟର ତାଲିକାରେ ସେମାନେ ସାମିଲ ହୋଇଛନ୍ତି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୋଟର ତାଲିକାର ସଂଶୋଧନ କରାଯାଇଥିଲା।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ବାଚନ ମଣ୍ଡଳୀ ଭବାନୀପୁରରେ ୪୭,୧୧୧ ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ମୃତକ, ସ୍ଥାୟୀ ଭାବେ ସ୍ଥାନାନ୍ତରିତ, ଅନୁପସ୍ଥିତ କିମ୍ବା ଜାଲ୍ ଭୋଟର ଅଛନ୍ତି। ଏଥିସହିତ ବିଚାରାଧୀନ ବର୍ଗରେ ଉକ୍ତ ନିର୍ବାଚନମଣ୍ଡଳୀର ୧୪,୧୫୪ ଭୋଟର ରହିଛନ୍ତି। ପଶ୍ଚିମବଙ୍ଗରେ ୩ ମାସ ଧରି ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଚାଲିଥିଲା। ଏହାକୁ ନେଇ ରାଜନୈତିକ କାଦୁଅଫିଙ୍ଗା ସାଙ୍ଗକୁ ବିକ୍ଷୋଭ ଓ ଆଇନଗତ ଲଢ଼େଇ ହୋଇଥିଲା। ରାଜ୍ୟର ସମସ୍ତ ବିଡିଓ, ଏସ୍‌ଡିଓ, ଜିଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ ଭୋଟର ତାଲିକା ଉପଲବ୍ଧ ହେଉଛି।



## ମାର୍ଚ୍ଚରୁ ମେ' ଅଧିକ ଦିନ ରହିବ ଗ୍ରୀଷ୍ମଲହର

**ନୂଆଦିଲ୍ଲୀ,୨୮।୨**

ମାର୍ଚ୍ଚରୁ ମେ' ୩ ମାସ ମଧ୍ୟରେ ଦେଶର ଅଧିକାଂଶ ଭାଗରେ ଗ୍ରୀଷ୍ମଲହର ଦିନ ସଂଖ୍ୟା ସ୍ୱାଭାବିକଠାରୁ ଅଧିକ ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଶନିବାର ପୂର୍ବାନୁମାନ କରିଛି। ପଶ୍ଚିମ ରାଜସ୍ଥାନ, ଗୁଜରାଟ୍, ହରିୟାଣା, ପଞ୍ଜାବ, ଦକ୍ଷିଣ ଏବଂ ପୂର୍ବ ମହାରାଷ୍ଟ୍ର, ପୂର୍ବ ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଉତ୍ତର କର୍ନାଟକ ଓ ଉତ୍ତର ତାମିଲନାଡୁର କେତେକ ଭାଗରେ ଅଧିକ ଦିନ ଗ୍ରୀଷ୍ମଲହର ଅନୁଭୂତ ହେବ। ମାର୍ଚ୍ଚରେ ସର୍ବାଧିକ ତାପମାତ୍ରା ଅଧିକାଂଶ ଭାଗରେ ସ୍ୱାଭାବିକ କିମ୍ବା ତା'ଠାରୁ କମ୍ ରହିବ। କାରଣ ଏହି ମାସରେ ଦେଶରେ ହାରାହାରି ବୃଷ୍ଟିପାତ ସ୍ୱାଭାବିକ ରହିପାରେ ବୋଲି ଆଇଏମ୍‌ଡି କହିଛି। ଫେବୃଆରୀରେ ବୃଷ୍ଟିପାତ ହାର ସର୍ବନିମ୍ନ ରହିଥିଲା।

# ସାନନ୍ଦରେ ସେମିକଣ୍ଡକ୍ଟର ପ୍ଲାଣ୍ଟ ଉଦ୍‌ଘାଟିତ

**ସାନନ୍ଦ,୨୮।୨(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଗୁଜରାଟର ସାନନ୍ଦଠାରେ ମାଇକ୍ରନ୍ ଟେକ୍ନୋଲୋଜିର ସେମିକଣ୍ଡକ୍ଟର ପ୍ଲାଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ସଫ୍ଟୱେରରେ ଶକ୍ତି ଭାବେ ଜଣାଶୁଣା ଭାରତ ହାର୍ଡୱେର ସେକ୍ଟରରେ ମଧ୍ୟ ଏହାର ପରିଚୟକୁ ଦୃଢ଼ ଭାବେ ପ୍ରତିଷ୍ଠା କରିବାକୁ ଯାଉଛି। ଆମେରିକୀୟ କମ୍ପାନୀର ଏହି ଆସେମ୍ବ୍ଲି, ପରୀକ୍ଷା, ମାର୍କିଂ ଏବଂ ପ୍ୟାକେଜିଂ ପ୍ଲାଣ୍ଟ ଭାରତରେ ଏଭଳି ପ୍ରଥମ କାରଖାନା, ଯାହା ଭାରତ ଓ ଆମେରିକା ମଧ୍ୟରେ ନିବିଡ଼ ସମ୍ପର୍କର ପ୍ରତିଫଳନ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯଦି ତୈଳ ଗତ ଶତାବ୍ଦୀର ନିୟନ୍ତ୍ରକ ହୋଇଥାଏ, ତେବେ ମାଇକ୍ରୋଚିପ୍ ଚଳିତ ଶତାବ୍ଦୀର ରେଗୁଲେଟର ହେବ। ଭାରତ ଦ୍ରୁତ ବେଗରେ ବୈଶ୍ୱିକ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳର ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ ହୋଇଥିବା ମୋଦି କହିଛନ୍ତି। ନୂତନ ପ୍ଲାଣ୍ଟ ଏସ୍‌ଏସ୍‌ଡି (ସଲିଡ୍ ଷ୍ଟେଟ୍ ଡ୍ରାଇଭ) ଷ୍ଟୋରେଜ ଉପକରଣ ସାଙ୍ଗକୁ ରାମ୍ ଭଳି ଡିଆର୍‌ଏଏମ୍ ଏବଂ ଏନ୍‌ଏଏନ୍‌ଡି ଉତ୍ପାଦନ ପ୍ରସ୍ତୁତ କରିବ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ମାଇକ୍ରନ୍ ଟେକ୍ନୋଲୋଜି ଉକ୍ତ ପ୍ଲାଣ୍ଟରେ ୨୨,୫୧୬ କୋଟିଟଙ୍କା ନିବେଶ କରିଛି।

# ବାରାମତୀ ବିମାନ କ୍ରାସ୍ ଲ୍ୟାଣ୍ଡିଂ ପୂର୍ବରୁ ଗଛକୁ ଧକ୍କା ଦେଇଥିଲା

**ନୂଆଦିଲ୍ଲୀ,୨୮।୨(ପି.ଟି.)**

### ଏଏଆଇବି ରିପୋର୍ଟ

ମହାରାଷ୍ଟ୍ରର ବାରାମତୀ ବିମାନବନ୍ଦରରେ ଜାନୁଆରୀ ୨୮ରେ ଲିଅରଜେଟ୍ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ବିମାନଟି କ୍ରାସ୍ ଲ୍ୟାଣ୍ଡିଂ କରିବା ପୂର୍ବରୁ ଡାହାଣ ପାର୍ଶ୍ୱକୁ ଢଳିଯାଇ ଏକ ଗଛରେ ପିଟିହୋଇଥିଲା ବୋଲି ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନ୍‌ଭେଷ୍ଟିଗେଶନ ବ୍ୟୁରୋ (ଏଏଆଇବି)ର ପ୍ରାରମ୍ଭିକ ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି। ୨୭ରେ ବିମାନ ଉଡ଼ାଣ ସମ୍ପୂର୍ଣ୍ଣ କରି ମୁମ୍ବାଇ ଫେରିବା ପରେ ଯାଞ୍ଚରୁ କୌଣସି ଅସ୍ୱାଭାବିକତା ଦେଖାଦେଇ ନ ଥିଲା। ଦୁର୍ଘଟଣା ଯୋଗୁ ବିମାନର କକ୍‌ପିଟ୍ ଏବଂ କ୍ୟାବିନ୍ ସେକ୍ସନ ଜଳିଯାଇଥିଲା ବୋଲି ୨୨ ପୃଷ୍ଠାର ପ୍ରାରମ୍ଭିକ ରିପୋର୍ଟରେ କୁହାଯାଇଛି। ଅବତରଣ ପାଇଁ ସର୍ବନିମ୍ନ ଦୃଶ୍ୟମାନତା ୫ କିଲୋମିଟର ହୋଇଥିବାବେଳେ କୁହୁଡ଼ି ଯୋଗୁ ବାରାବତୀ ଏୟାରପୋର୍ଟରେ ସେହି ସମୟରେ ଦୃଶ୍ୟମାନ୍ୟତା ୩ କି.ମି. ଥିଲା। ଯେଉଁ ରନ୍‌ୱେରେ ଅବତରଣ ପାଇଁ ବିମାନକୁ ଅନୁମତି ଦିଆଯାଇଥିଲା, ତାହା ୨୦୧୬ ମାର୍ଚ୍ଚରେ ପୁନର୍ବାର କାର୍ପେଟ ବିଛାଯାଇଥିବାରୁ ମାର୍କିଂ ଝାପ୍‌ସା ହୋଇଯାଇଥିଲା ଏବଂ ସେଠାରେ ଗୋଡ଼ି ପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

**Business**

## ବଢ଼ିଲା ସୁନା, ରୁପା ଦର

**ଭୁବନେଶ୍ୱର,୨୮।୨(ଅନୁରାଧା ମହାରଣା)**

ସୁନା ଦର ଗତ ସପ୍ତାହରେ ସାମାନ୍ୟ କମିଥିବା ବେଳେ ଏବେ ପୁଣି ଥରେ ବୃଦ୍ଧି ଘଟିଛି। ଶନିବାର ୨୪କ୍ୟାରେଟ ସୁନା ୧୦ଗ୍ରାମ ପ୍ରତି ୭ ହଜାର ୧୪୦ ଟଙ୍କା ବୃଦ୍ଧି ଘଟି ୧ ଲକ୍ଷ ୬୮ ହଜାର ୭୧୦ ହୋଇଛି। ଗୁରୁବାର ସୁନା ଦର ୧ ଲକ୍ଷ ୬୧ ହଜାର ୫୭୦ ଟଙ୍କା ଥିଲା। ଦେଶର ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ସୁନା ଦରରେ ପରିବର୍ତ୍ତନ ହୋଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ରୁପା ଦର ମଧ୍ୟ ବୃଦ୍ଧି ଘଟିଛି। ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋଗ୍ରାମ୍ ପ୍ରତି ୩ ଲକ୍ଷ ୨୦ ହଜାର ଟଙ୍କା ରହିଛି। ଗୁରୁବାର ରୁପା କିଲୋ ପିଛା ୨ଲକ୍ଷ ୯୫ହଜାର ଟଙ୍କା ରହିଥିଲା।

# ପୂର୍ବତଟ ରେଳପଥର ୧୩୨ ହୋଲି ସ୍ୱତନ୍ତ୍ର ଟ୍ରେନ୍

**ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)**



ହୋଲି ପର୍ବ ସମୟରେ ଯାତ୍ରୀମାନଙ୍କୁ ଆରାମଦାୟକ ଯାତ୍ରା ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥ ଏହାର କ୍ଷେତ୍ରାଧିକାରରୁ ୧୩୨ଟି ହୋଲି ସ୍ୱତନ୍ତ୍ର ଟ୍ରେନ୍ ଚଳାଇବା ପାଇଁ ଘୋଷଣା କରିଛି। ଏହାସହ ଦେଶର ବିଭିନ୍ନ ପ୍ରାନ୍ତରୁ ଆରମ୍ଭ ହେଉଥିବା ଅନ୍ୟ ୧୫୦ଟି ହୋଲି ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଅଧୀନ ବିଭିନ୍ନ ଷ୍ଟେଶନରେ ରହଣିକରି ଗତି କରିବ। ଏହି ସ୍ୱତନ୍ତ୍ର ଟ୍ରେନ ଫେବୃଆରୀ ଶେଷ ସପ୍ତାହରୁ ୨୦୨୬ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଅଧିକ ଚାହିଦା ଥିବା ରୁଟ୍‌ରେ ପରିଚାଳିତ ହେଉଛି। ପ୍ରମୁଖ ରୁଟ୍‌ଗୁଡ଼ିକ ମଧ୍ୟରେ ଭୁବନେଶ୍ୱର-ଯଶବନ୍ତପୁର, ଭୁବନେଶ୍ୱର-ଧାନବାଦ, ସମ୍ବଲପୁର-ଇରୋଡ୍ ଓ ପୁରୀ- ପାଟନା ରହିଛି। ବିଶାଖାପାଟଣାରୁ ମଧ୍ୟ ଅନେକ ସ୍ୱତନ୍ତ୍ର ଟ୍ରେନ୍ ଦେଶର ବିଭିନ୍ନ ପ୍ରାନ୍ତ ଅଭିମୁଖେ ପରିଚାଳିତ ହେଉଛି। ପୂର୍ବତଟ ରେଳପଥ ମଧ୍ୟ ଦେଇ ଅତିରିକ୍ତ ୧୫୦ଟି ହୋଲି ସ୍ୱତନ୍ତ୍ର ଟ୍ରେନ୍ ଯାତାୟାତ କରିବ। ପୂର୍ବତଟ ରେଳପଥରୁ ବାହାରୁଥିବା ଟ୍ରେନ୍‌ଗୁଡ଼ିକ ବ୍ୟତୀତ ଏର୍ନାକୁଲମ, ବାରାଣସୀ, ଦିଲ୍ଲୀ, ପାଟନା, ଭୁସାଭଲ, ମୁଜାଫରପୁର, ସାନ୍ତ୍ରାଗାଛି, ଥିରୁବନନ୍ତପୁରମ, ନାହରଲାଗୁନ, ଟାଟା, ବେଙ୍ଗାଲୁରୁ, ଗୋମତୀ ନଗର, ଚେନ୍ନାଇ ଏବଂ କୋଲକାତା ଭଳି ପ୍ରମୁଖ ସହରରୁ ପ୍ରାୟ ୧୫୦ଟି ହୋଲି ସ୍ପେଶାଲ ଟ୍ରେନ୍ ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଅନ୍ତର୍ଗତ ବିଭିନ୍ନ ଷ୍ଟେଶନ ଦେଇ ଯାତ୍ରା କରିବ, ଯାହା ସଂଯୋଗୀକରଣ ଏବଂ ଯାତ୍ରୀଙ୍କ ସୁବିଧାକୁ ଆହୁରି ବୃଦ୍ଧି କରିବ। ଯାତ୍ରୀ ପ୍ରବାହକୁ ନିୟନ୍ତ୍ରଣ କରିବା ପାଇଁ ଭୁବନେଶ୍ୱର, ପୁରୀ, ସମ୍ବଲପୁର, ବ୍ରହ୍ମପୁର ଏବଂ ବିଶାଖାପାଟଣା ଭଳି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକରେ ବିଶେଷ 'ହୋଲ୍ଡିଂ ଏରିଆ' ଚିହ୍ନିତ କରାଯାଇଛି। ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଶୃଙ୍ଖଳିତ ବୋର୍ଡିଂ ସୁବିଧା ପାଇଁ ଉପଯୁକ୍ତ ବ୍ୟାରିକେଡିଂ ସହ ଧାଡ଼ି ବ୍ୟବସ୍ଥା ଯୋଜନା କରାଯାଇଛି।

# ପୁରସ୍କୃତ ହେଲେ 'ଓଃ ମାଇଁ ବିୟୁଟିଫୁଲ୍ ଓଡ଼ିଶା'ର ୧୩ ବିଜେତା



**ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)**

ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସ୍‌କମ୍‌ଗୁଡିକ ପକ୍ଷରୁ ସେମାନଙ୍କର ପ୍ରମୁଖ ଫଟୋଗ୍ରାଫି ପ୍ରତିଯୋଗିତା 'ଓଃ ମାଇଁ ବିୟୁଟିଫୁଲ୍ ଓଡ଼ିଶା'ର ତୃତୀୟ ସଂସ୍କରଣରେ ୧୩ ବିଜୟୀ ହୋଇଛନ୍ତି। ସମସ୍ତ ବିଜେତାଙ୍କୁ ଭୁବନେଶ୍ୱରରେ ଆୟୋଜିତ ଏକ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ଓଡ଼ିଶାର ୪ ଡିସ୍‌କମ୍ ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଟିପିଏସ୍‌ଓଡିଏଲ୍ ପକ୍ଷରୁ ମିଳିତ ଭାବେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ବିଷୟବସ୍ତୁ 'ଓଡ଼ିଶାର ବନ୍ୟଜନ୍ତୁ ଏବଂ ଜୈବ ବିବିଧତା' ରଖାଯାଇଥିଲା। ଏହି ପ୍ରତିଯୋଗିତାରେ ରାଜ୍ୟର ସମୃଦ୍ଧ ପ୍ରାକୃତିକ ବିବିଧତାକୁ ଦର୍ଶାଉଥିବା ୧,୧୦୦ରୁ ଅଧିକ ଆବେଦନ ମିଳିଥିଲା। ସମ୍ବର୍ଦ୍ଧନା ସମାରୋହରେ ଭୁବନେଶ୍ୱରସ୍ଥିତ ଲଳିତ କଳା ଏକାଡେମୀ, ଆଞ୍ଚଳିକ କେନ୍ଦ୍ରର ଆଞ୍ଚଳିକ ସଚିବ ରାମକୃଷ୍ଣ ଭେଦାଲା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ବିଜ୍‌ନେସ୍‌ର ମୁଖ୍ୟ ତଥା ଟିପିଏନ୍‌ଓଡିଏଲ୍‌ର ସିଇଓ ଗଜାନନ କାଲେ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହ, ଟିପିଡବ୍ଲ୍ୟୁଓଡିଏଲ୍‌ର ସିଇଓ ପ୍ରବୀଣ କୁମାର ବର୍ମା ଏବଂ ଟିପିଏସ୍‌ଓଡିଏଲ୍‌ର ସିଇଓ ଅମିତ ଗର୍ଗ ପ୍ରମୁଖ ସାମିଲ ଥିଲେ। ବିଜେତାଙ୍କ ଦ୍ୱାରା ଉତ୍ତୋଳିତ ଫଟୋଗୁଡ଼ିକୁ ଓଡ଼ିଶା ଡିସ୍‌କମ୍ ଗୁଡିକର ୨୦୨୬ ମସିହା କ୍ୟାଲେଣ୍ଡରରେ ସ୍ଥାନ ଦିଆଯାଇଛି।

# ଅଲ ଓଡ଼ିଶା ୟୁନିୟନ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ ଡିରେକ୍ଟୋରିର ଶୁଭାରମ୍ଭ



**ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)**

ଅଲ ଓଡ଼ିଶା ୟୁନିୟନ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଦସ୍ୟ ଡିରେକ୍ଟୋରିର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଖିଳ ଭାରତ ୟୁନିୟନ ବ୍ୟାଙ୍କ ଅଫିସର୍ସ ଫେଡେରେଶନର ଅଧ୍ୟକ୍ଷ ପ୍ରିୟରଞ୍ଜନ କୁମାର ଓ ସାଧାରଣ ସମ୍ପାଦକ ଉପେନ୍ଦ୍ର କୁମାର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ଏକତା, ନିରନ୍ତର ଯୋଗାଯୋଗ ଓ ଅବସରପ୍ରାପ୍ତ କର୍ମଚାରୀମାନଙ୍କ କଲ୍ୟାଣକୁ ଗୁରୁତ୍ୱ ଦେଇ ବଡ଼ ସଂଗଠନିକ ପରିବାରକୁ ଆହୁରି ମଜଭୁତ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ଭୁବନେଶ୍ୱର ଜୋନାଲ ହେଡ୍ ହରେକୃଷ୍ଣ ଦାସ, ଭୁବନେଶ୍ୱର ରିଜିଓନାଲ ହେଡ୍ ନିରଞ୍ଜନ ବାରିକ ଓ ବ୍ରହ୍ମପୁର ରିଜିଓନାଲ ହେଡ୍ ସଙ୍ଗୀତା କୁଜୁର ମଧ୍ୟ ଏହି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଥିଲେ। ସଂଘର ବରିଷ୍ଠ ସଦସ୍ୟ ରତ୍ନାକର ସିଂହଙ୍କ ସହ ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୨୫୦ଜଣ ଅବସରପ୍ରାପ୍ତ କର୍ମଚାରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସଂଘର ସାଧାରଣ ସମ୍ପାଦକ ସରୋଜ ମହାନ୍ତି ଶେଷରେ ଧନ୍ୟବାଦ ଦେଇଥିଲେ।

# ଗିଫ୍ଟ କଲେଜର ବାର୍ଷିକ ଉତ୍ସବ - ଲେଲିହାନ

**ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)**

ଭୁବନେଶ୍ୱରର ଗଙ୍ଗପଡ଼ାସ୍ଥିତ ଗିଫ୍ଟ ସ୍ୱୟଂଶାସିତ କଲେଜର ବାର୍ଷିକ ଉତ୍ସବ 'ଲେଲିହାନ'-୨୦୨୬ ପାଳିତ ହୋଇଯାଇଛି। ଏହି ଅବସରରେ ଗିଫ୍ଟର ଡାଇରେକ୍ଟର ଡ. ପତିତପାବନ ପଣ୍ଡା, ଅଧ୍ୟକ୍ଷ ଡ. ତ୍ରିଲୋଚନ ସାହୁ, ଡିନ୍ ଏକାଡେମିକ ଡ. ଆର୍.ଏନ୍. ପଣ୍ଡା, ରେଜିଷ୍ଟ୍ରାର ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ଓଏସ୍‌ଡି ଇଂ. ସମୀର ରଞ୍ଜନ ପଣ୍ଡା, ଷ୍ଟୁଡେଣ୍ଟ ୱେଲ୍‌ଫେୟାର ପ୍ରଫେସର ସୌମେନ୍ଦ୍ର ବେହେରା ଏବଂ ଏସ୍‌ପିଓସି ପ୍ରଫେସର ବାଲାଜୀ ପ୍ରସାଦ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଲିମିଟେଡ୍‌ର ମୁଖ୍ୟ ଏଚ୍‌ଆର୍ ଡ. ଦେବବ୍ରତ ଦାଶ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଏହି ପରିପେକ୍ଷୀରେ ଶିକ୍ଷାନୁଷ୍ଠାନ ସହ ୧୦ ବର୍ଷ ଧରି ଜଡ଼ିତ ଥିବା କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରଫେସର ଆଦିତୀ ପଟ୍ଟନାୟକ, ବିକ୍ରମ କେଶରୀ ରାଉତ, ପ୍ରଣତୀ ମିଶ୍ର, ମିନତୀ ପ୍ରଧାନ, ଡ. ଅମିତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।



## ଆଇସିସି ପକ୍ଷରୁ ଏଚ୍‌ଆର୍ ଲିଡରଶିପ ସମ୍ମିଳନୀ

**ଭୁବନେଶ୍ୱର,୨୮।୨**

ଇଣ୍ଡିଆନ ଚାମ୍ବର ଅଫ୍ କର୍ମସ ପକ୍ଷରୁ ଏଚ୍‌ଆର୍ ଲିଡରଶିପ ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆଇସିସି ରାଜ୍ୟ ପରିଷଦ ଏଚ୍‌ଆର୍ ଆଣ୍ଡ ଆଇଆର୍ କମିଟି ଆବାହକ ସଞ୍ଜୟ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆଇସିସି ଓଡ଼ିଶା କାଉନ୍‌ସିଲର ଅଧ୍ୟକ୍ଷ ରାଜୀବ ସାହୁ ସ୍ୱାଗତ ଭାଷଣ ଦେଇ କହିଥିଲେ, ସରକାର ଏବଂ ଶିଳ୍ପ ମଧ୍ୟରେ ଗଠନମୂଳକ ଆଲୋଚନାରେ ଅର୍ଥପୂର୍ଣ୍ଣ ଭାବରେ ଅବଦାନ ଦେଇଆସିଛି। ସମ୍ମାନିତ ଅତିଥି ଇପିକଲ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ କଲ୍ୟାଣ ମହାନ୍ତି, ଆଇସିସି ଆଞ୍ଚଳିକ ନିର୍ଦ୍ଦେଶକ ଜେ.ପି. ପାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଯୋଗଦେଇଥିଲେ। ଆଇସିସି ଓଡ଼ିଶା କାଉନସିଲର ପୂର୍ବତନ ଅଧ୍ୟକ୍ଷ ଜେ. ବି. ପାଣି ଧନ୍ୟବାଦ ଦେଇଥିଲେ।

**OFFICE OF THE CHIEF EXECUTIVE**
**CHILIKA DEVELOPMENT AUTHORITY**
PLOT NO-493(P), PALASPALI, KHURDA, BHUBANESWAR-751020
**TENDER CALL NOTICE NO. 349(1)/CDA/2026, Dt. 23.02.2026**

**No.8001/106/2526** : The Chief Executive of the Chilika Development Authority, Plot No. 493(P), Palasapali, Khurda, Bhubaneswar-751020, invites tenders from renowned farms for the supply of FRP Motor Boat. The specification and other details will be found on the Official Website: https://tendersodisha.gov.in. The last date for submission of quotations is 5th March 2026.

Sd./- Addl. Chief Executive
Chilika Development Authority
OIPR-8001/8138/1/25-26/0005

**ZILLA PARISHAD OFFICE, BALANGIR**
Panchayati Raj
Dist.-Balangir, Odisha, Pin-767001
E-mail : ori-dbolangir.odisha.gov.in, Ph. - 06652-232863
**Notice No. : 982 Date : 26.02.2026**
**INVITING TENDER FOR SELECTION OF SERVICE PROVIDING AGENCY FOR PROVIDING MANPOWER UNDER MGNREGA, ADP & SBM SCHEME**

**No.19001/59/2526** : Zilla Parishad, Balangir invites sealed tender from registered man power service providing agencies/companies/firms for providing service of different categories of man power under Rural Housing Scheme in Zilla Parishad Office, 14 Blocks & Line Department. The bid should reached the undersigned by Speed Post or Registered post only. The last date of submission of tender is 24.03.2026 up to 5.30 P.M.

The details of Request for Proposal can be viewed in the district website i.e. https://balangir.odisha.gov.in. Further the bid documents can be downloaded from the same website from 27.02.2026 to 24.03.2026.

1. Opening of RFP documents: 25.03.2026 at 11.30 A.M.(Technical Bid)
2. Opening of RFP documents: 26.03.2026 at 11.30 A.M. (Financial Bid)
3. RFP can be downloaded from the district administration website. The bidders are required to submit the non-refundable document fee of **Rs.10,000/- (Rupees Ten Thousand) only** in shape of Account Payee Demand Draft in favour of the **C.D.O-cum-Executive Officer, Zilla Parishad, Balangir payable at Balangir from any of the** Scheduled Commercial Bank along with the Proposal in Technical bid. In absence of such document (Cost of Tender fee) the RFP will be rejected.

Sd./- C.D.O-cum-E.O.,
Zilla Parishad, Balangir
OIPR-19001/19248/1/25-26/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଜିଭା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସିବିଆଇ ପରିଚୟ ଦେଇ ନେଇଗଲେ କୋଟିଏ ଟଙ୍କାର ସୁନା

## ଯାଞ୍ଚ ଆଳରେ ଲୁଟ୍

ବ୍ରହ୍ମପୁର,୨୮।୨(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ରେଳଷ୍ଟେଶନ ନିକଟରେ ୩ଜଣ ବ୍ୟକ୍ତି ନିଜକୁ ସିବିଆଇ ଅଧିକାରୀ ଭାବେ ପରିଚୟ ଦେଇ ଯାଞ୍ଚ ନାଁରେ ଜଣେ ବ୍ୟବସାୟୀଙ୍କଠାରୁ ପ୍ରାୟ ୧ କୋଟି ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଲୁଟ୍ କରି ନେଇଯାଇଛନ୍ତି। ଯାଞ୍ଚ ବେଳେ ସେମାନେ କୌଶଳକରି ସୁନା ଅଳଙ୍କାର ଭର୍ତ୍ତି ଥିବା ବ୍ୟାଗ ନେଇ ଫେରାର ହୋଇଯାଇଛନ୍ତି। ଉକ୍ତ ବ୍ୟାଗ୍‌ରେ ବିଭିନ୍ନ କିସମର ୮୬୨.୫୬୨ ଗ୍ରାମ୍‌ର ସୁନା ଅଳଙ୍କାର, ନଗଦ ୪୦ ହଜାର ଟଙ୍କା, ଏଟିଏମ୍ କାର୍ଡ, ପାନ୍ କାର୍ଡ ଆଦି ରହିଥିଲା ବୋଲି ବ୍ୟବସାୟୀ ହସମୁଖ ଜେନ୍ ବ୍ରହ୍ମପୁର ଜିଆର୍‌ପି ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ. ୧୭/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଲୁଟ୍ ପଛରେ ପରିଚିତ ଲୋକଙ୍କ ହାତ ରହିଥିବା ସନ୍ଦେହ କରାଯାଉଛି।

ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାର ବ୍ୟବସାୟୀ ହସମୁଖ ଜେନ୍ ବ୍ରହ୍ମପୁରର ଖାସପା ସାହିଠାରେ ଏକ ସୁନା ଅଳଙ୍କାର ଡିଜାଇନ ଦୋକାନ କରିଛନ୍ତି। ସେଠାରେ ସେ ସୁନାକୁ ତରଳାଇ ପରବର୍ତ୍ତୀ ସମୟରେ ବିଭିନ୍ନ ଡିଜାଇନର ହାର ଓ ଚେନ୍, ମାଳି ପ୍ରସ୍ତୁତ କରିଥାନ୍ତି। ଗତ କିଛିଦିନ ତଳେ ହସମୁଖ ଓ ତାଙ୍କ ଦୋକାନର ଜଣେ କର୍ମଚାରୀ ବିଶାଖାପାଟଣା ଯାଇଥିଲେ। ସେଠାରୁ ସୁନା ଓ ଅଳଙ୍କାର ଏକ ବ୍ୟାଗ୍‌ରେ ଧରି କୋଣାର୍କ ଏକ୍ସପ୍ରେସ୍‌ରେ ଆସି ବ୍ରହ୍ମପୁର ରେଳଷ୍ଟେଶନରେ ଗତ ୨୫ ତାରିଖ ରାତି ସାଢେ ୯ଟାରେ ପହଞ୍ଚିଥିଲେ। ଷ୍ଟେଶନରୁ ବାହାରି ଉଭୟେ ଗାଡି ପାର୍କିଂସ୍ଥଳକୁ ଯାଉଥିବାବେଳେ ୩ ଜଣ ବ୍ୟକ୍ତି ହଠାତ ସେମାନଙ୍କ ନିକଟରେ ପହଞ୍ଚିଥିଲେ। ସେମାନେ ନିଜକୁ ସିବିଆଇ ଅଧିକାରୀ ବୋଲି ପରିଚୟ ଦେବା ସହ ଚୋରା ସୁନା କାରବାରକୁ ନେଇ ଯାଞ୍ଚ କରାଯିବ ବୋଲି ହସମୁଖଙ୍କୁ କହିଥିଲେ। ଏହା ଶୁଣି ହସମୁଖ ଭୟଭୀତ ହୋଇଯିବା ସହ ନିଜ ସୁନା ଭର୍ତ୍ତି ବ୍ୟାଗ୍‌କୁ ସେମାନଙ୍କୁ ଯାଞ୍ଚ କରିବାକୁ ଦେଇଥିଲେ। ପରେ ସେହି ନକଲି ସିବିଆଇ ଅଧିକାରୀମାନେ ବ୍ୟାଗକୁ ଧରି ଟିକେ ଦୂରକୁ ଚାଲିଯାଇଥିଲେ। କିଛି ସମୟ ପରେ ସେହି ୩ ଜଣ କେଉଁଆଡ଼େ ଫେରାର ହୋଇଯାଇଥିଲେ। ରେଳଷ୍ଟେଶନ ବାହାରେ ଅପେକ୍ଷା କରିଥିବା ହସମୁଖ ଓ ତାଙ୍କ କର୍ମଚାରୀ ସେମାନଙ୍କୁ ଖୋଜାଖୋଜି କରି ନିରାଶ ହୋଇ ଖାସପାସାହିକୁ ଫେରିଥିଲେ। କାଳେ ସିବିଆଇ ପକ୍ଷରୁ ଚଢାଉ କରାଯିବ ସେ ନେଇ ଚିନ୍ତାରେ ଥିଲେ। ମାତ୍ର ତା' ପରଦିନ ସନ୍ଧ୍ୟାଯାଏ ସିବିଆଇ ପକ୍ଷରୁ କୌଣସି ଚଢାଉ କିମ୍ବା ତାଙ୍କୁ ବ୍ୟାଗ୍ ଫେରସ୍ତ ନ ମିଳିବାରୁ ହସମୁଖଙ୍କ ସନ୍ଦେହ ହୋଇଥିଲା। ପରେ ସେ ଶୁକ୍ରବାର ବ୍ରହ୍ମପୁର ଜିଆର୍‌ପିରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜିଆରପି ଭାରପ୍ରାପ୍ତ ଥାନା ଅଧିକାରୀ ଆରତି ପୋଡାରଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ସମ୍ପୃକ୍ତ ବ୍ୟବସାୟୀଙ୍କ ଅଭିଯୋଗ ପାଇଛୁ। ଏହାର ତଦନ୍ତ ଆରମ୍ଭ କରିଛୁ। ସବୁ ସିସିଟିଭି ଯାଞ୍ଚ କରାଯାଉଛି। ଅଭିଯୁକ୍ତ ଧରା ପଡ଼ିବେ ବୋଲି ସେ କହିଛନ୍ତି।




D-3513


# ୟୁଟ୍ୟୁବ୍‌ରୁ ଶିଖିଥିଲେ ଗଞ୍ଜେଇ ତେଲ ପ୍ରସ୍ତୁତି



ଖବରଦାତା ସମ୍ମିଳନୀରେ ଡିଆଇଜି କନୱର ବିଶାଲ ସିଂ, କୋରାପୁଟ ଏସ୍‌ପି ରୋହିତ ବର୍ମା ଅଭିଯୁକ୍ତ ଓ ଘଟଣା ସମ୍ପର୍କରେ ସୂଚନା ଦେଉଛନ୍ତି।

## ୧୮୦୦ ଲିଟର ଗଞ୍ଜେଇ ତେଲ, ୧୦୦୦ କିଲୋ ଗଞ୍ଜେଇ ଜବତ ମାମଲା

## କେରଳୀ ମାଷ୍ଟର ମାଇଣ୍ଡ୍ ସମେତ ୭ ଗିରଫ

କୋରାପୁଟ/ନନ୍ଦପୁର,୨୮।୨(ଅମିତାଭ ବେହେରା/ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅଧୀନ ପରଜା ବଡ଼ପଡ଼ା ପଞ୍ଚାୟତ ଜୋଲାପୁଟ ଜଳଭଣ୍ଡାର ଜଳଘେରିର ଚିତଲପଡ଼ା ଟାପୁ ଗ୍ରାମରେ ୧୮୦୦ ଲିଟର ଗଞ୍ଜେଇ ତେଲ ଓ ୧୦୦୦ କିଲୋ ଶୁଖିଲା ଗଞ୍ଜେଇ ଜବତ ମାମଲାରେ କୋରାପୁଟ ଓ ପାଡୁଆ ପୋଲିସ କେରଳୀ କିଙ୍ଗ୍‌ପିନ୍ ସମେତ ୭ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନୱର ବିଶାଲ ସିଂ, ଏସ୍‌ପି ରୋହିତ ବର୍ମା ଖବରଦାତା ସମ୍ମିଳନୀକରି ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ମାଷ୍ଟର ମାଇଣ୍ଡ ଆଲିନ ଜୟରାଜ(୩୩), କେରଳର ଅନ୍ୟ ସହଯୋଗୀ କିରଣ ଡି(୩୩) , ଆନନ୍ଦ ରାଜ(୨୮), ବିଠୁ ବି(୩୪), ମାଲକାନଗିରି ଅଞ୍ଚଳର ଲଇଛନ ଖିଲ(୨୫), ସ୍ଥାନୀୟ ଚିତଲପଡ଼ା ଗ୍ରାମର ସାଧୁ ପାଙ୍ଗୀ(୪୫) ଓ ଲକ୍ଷ୍ମଣ ଖିଲ(୨୩)। ଜୟରାଜଙ୍କ ନାମରେ ପୂର୍ବରୁ ଡବଲ ମର୍ଡର, ଗଞ୍ଜେଇ(ହାସିସ୍) ତେଲ ପ୍ରସ୍ତୁତ ନେଇ କେରଳର ଥିରୁଭାନନ୍ତପୁରମ୍ ଥାନାରେ ମାମଲା ରହିଛି। ମୁଖ୍ୟ ଅଭିଯୁକ୍ତ ଗଞ୍ଜେଇ ତେଲ ପ୍ରସ୍ତୁତି ପ୍ରଣାଳୀ ୟୁଟ୍ୟୁବ୍‌ରୁ ଶିଖିଥିବା ସ୍ୱୀକାର କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଅଧିକ ତଦନ୍ତ କରାଯିବ ବୋଲି ସୂଚନା ଦିଆଯାଇଛି। ଘଟଣାର ସିନ୍ ରିକ୍ରିଏସନ୍ ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଧିକ ତଦନ୍ତ ପାଇଁ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ଗଠନ କରାଯାଇଛି। ଏକାଧିକ ଟିମ୍ ଗଠନ କରାଯାଇ ବିଭିନ୍ନ ରାଜ୍ୟକୁ ଯାଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବୈଷୟିକ ଟିମ୍ ଫୋରେନ୍ସିକ ଯାଞ୍ଚ ସହ ଆର୍ଥିକ ନେଣଦେଣର ତଦନ୍ତ କରୁଥିବା ଡିଆଇଜି ସିଂ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଜୋଲାପୁଟ ଜଳଭଣ୍ଡାର ମଧ୍ୟଭାଗରେ ଥିବା ଚିତଲପଡ଼ା ଟାପୁରେ ମାତ୍ର ୮ ପରିବାର ବସବାସ କରନ୍ତି। ଗଞ୍ଜେଇ ମାଫିଆମାନେ ଜନବସତିଠାରୁ ଦୂରରେ ଥିବା କାଜୁ ଜଙ୍ଗଲକୁ ସୁରକ୍ଷିତ ଭାବି ଗଞ୍ଜେଇରୁ ତେଲ ପ୍ରସ୍ତୁତ କରିବାକୁ ଅସ୍ଥାୟୀ କାରଖାନା କରିଥିଲେ। ସେମାନେ ଗଞ୍ଜେଇକୁ ଡ୍ରମ୍ ଓ ପ୍ରେସର କୁକରରେ ଭରି ପଚନ ପାଇଁ ବିଭିନ୍ନ କେମିକାଲ ମିଶାଉଥିଲେ। ଅତ୍ୟାଧୁନିକ ପ୍ରକ୍ରିୟାରେ ଗରମକରି ସେଥିରୁ ବାହାରୁଥିବା ବାଷ୍ପରୁ ଗଞ୍ଜେଇ ତେଲ ପ୍ରସ୍ତୁତ କରାଯାଉଥିଲା। ୬ ଟିମ୍ ମିଳିତ ଭାବେ ଚଢ଼ାଉକରି ଘଟଣାସ୍ଥଳରୁ ଶତାଧିକ ଜାର୍‌କିନରେ ୧୮୦୦ ଲିଟର ଗଞ୍ଜେଇ ତେଲ ଓ ତେଲ ପ୍ରସ୍ତୁତ ପାଇଁ ଗଚ୍ଛିତ ୧୦୦୦ କିଲୋ ଶୁଖିଲା ଗଞ୍ଜେଇ, ହୱିଶିଲ, ଶେଫ୍ଟିଭାଲ୍ଭରେ ପାଇପ୍ ସଂଯୁକ୍ତ ଥିବା ୩୦ରୁ ଊର୍ଦ୍ଧ୍ୱ ପ୍ରେସର କୁକର ଓ ୧୦ରୁ ଊର୍ଦ୍ଧ୍ୱ ଡ୍ରମ୍, ଏକ ୨୮ କେଭିର ଜେନେରେଟର, ମେଟାଲ କନେକ୍ଟର, ଲାବରେଟୋରି ଯନ୍ତ୍ରାଂଶ, ୮୦ ଲିଟର କେମିକାଲ ଓ ବିଭିନ୍ନ ସନ୍ଦେହଜନକ କାଗଜପତ୍ର ଜବତ କରିଥିଲେ। ଏହି ତେଲର ମୂଲ୍ୟ ୨୦୦ କୋଟି ଓ ଶୁଖିଲା ଗଞ୍ଜେଇ ୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଅଭିଯୁକ୍ତଙ୍କୁ ଅଧିକ ଜେରା ପରେ ଆହୁରି ଗିରଫଦାରି ସଂଖ୍ୟା ବଢ଼ିବ ବୋଲି ଡିଆଇଜି ସିଂ କହିଛନ୍ତି। ଖବରଦାତା ସମ୍ମିଳନୀରେ ପ୍ରୋବେସନାରି ଆଇପିଏସ୍ ରାମସାଦ କେବି, ଅତିରିକ୍ତ ଏସ୍‌ପି ମନୋଜ କୁମାର ପୂଜାରୀ, ଏସ୍‌ଡିପିଓ ସୁମିତ୍ରା ଜେନା, ପାଡୁଆ ଥାନାଧିକାରୀ ଅଶୋକ ବିଶୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

# ଡାହାଣୀ ସନ୍ଦେହ: ବୃଦ୍ଧାଙ୍କୁ କଟୁରିରେ ହାଣି ହତ୍ୟା

ରାଇରଙ୍ଗପୁର,୨୮।୨(ମାନସ ମହାନ୍ତି)

ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସକୁ ନେଇ ମୟୂରଭଞ୍ଜ ଜିଲାରେ ଅପରାଧ ଘଟିଚାଲିଛି। କ୍ରୋଧର ବଶବର୍ତ୍ତୀ ହୋଇ ଲୋକେ ଆଇନକୁ ହାତକୁ ନେବା ପାଇଁ ପଛାଉନାହାନ୍ତି। ଶୁକ୍ରବାର ରାତିରେ ବହଳଦା ଥାନା ଅଧୀନ କୁମ୍ଭୀରଦା ଗ୍ରାମରେ ଡାହାଣୀ ସନ୍ଦେହରେ ଜଣେ ବୃଦ୍ଧାଙ୍କ ବେକକୁ କଟୁରିରେ ହାଣି ଅମାନୁଷିକ ଭାବେ ହତ୍ୟା କରିଛନ୍ତି। ମୃତା ବୃଦ୍ଧା ଜଣକ ହେଲେ ଜବା ଟୁଡୁ(୬୫)। ଅଭିଯୁକ୍ତ ସେହି ଗ୍ରାମର ମଦନ ମାରାଣ୍ଡିଙ୍କ ପୁଅ ଯୁଗୁ(୨୬) ଥାନାରେ ଆତ୍ମସମର୍ପଣ କରିବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ଏନେଇ ଏକ ହତ୍ୟା ମାମଲା(ନଂ.୩୦/୨୬) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସ୍ତ୍ରୀଙ୍କ ଦେହ ବାରମ୍ବାର ଖରାପ ହେଉଥିବାରୁ ଅଭିଯୁକ୍ତ ଯୁଗୁ ବୃଦ୍ଧା ଜବାଙ୍କୁ ଡାହାଣୀ ସନ୍ଦେହ କରିଆସୁଥିଲେ। ଶୁକ୍ରବାର ରାତି ୧୧ଟାରେ ଜବା ଘରେ ଏକୁଟିଆ ଥିବାବେଳେ ଯୁଗୁ ଏକ କଟୁରିରେ ତାଙ୍କ ବେକକୁ ହାଣି ହତ୍ୟା କରିଥିଲେ। ଶନିବାର ସକାଳେ ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି ଓ ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି। ହତ୍ୟାରେ ବ୍ୟବହୃତ କଟୁରିକୁ ପୋଲିସ ଜବତ କରିଛି।

# ଟୁଙ୍ଗୁରୁ ଭୋଳ ପୁଣି ଗିରଫ

ଭୁବନେଶ୍ୱର,୨୮।୨(ତ୍ରିନାଥ ମହାନ୍ତି)

ମୋଟର ପମ୍ପ ଚୋରି କରି ପୁଣି ଗିରଫ ହୋଇଛନ୍ତି ଆଲୋକ ଭୋଳ ଓରଫ ଟୁଙ୍ଗୁରୁ। ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ଲିଖିତ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୋଗକାରୀ ପ୍ରତାପ ଲିଙ୍ଗରାଜ ଥାନା ଅନ୍ତର୍ଗତ ରାଧିକା ନଗରରେ ରହୁଥିବା ବେଳେ ତମାଣ୍ଡୋ ଥାନା କଳିଙ୍ଗ ନଗର ପ୍ଲଟ୍ ନଂ. କେ-୪/୧୦୩୨ରେ ତାଙ୍କର ଏକ କୋଠାଘର କାମ ଚାଲିଛି। ଉକ୍ତ କୋଠାର ତଳ ମହଲାରେ ଲାଗିଥିବା ଏକ ପାଣି ମୋଟର ପମ୍ପକୁ ଗତ ୨୭ ତାରିଖରେ କେହି ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ କରି ତାଙ୍କୁ ଧରିଥିଲା। ପଚରାଉଚରା କରିବା ପରେ ସେ ପମ୍ପ ଚୋରି କରିଥିବା ମାନିଥିଲେ। ଏହାପରେ ଉକ୍ତ ମୋଟର ପମ୍ପକୁ ଜବତ କରାଯାଇଥିଲା। ସୂଚନାଯୋଗ୍ୟ, ଅଭିଯୁକ୍ତ ଟୁଙ୍ଗୁରୁଙ୍କ ନାମରେ ପୂର୍ବରୁ ମଧ୍ୟ ଭରତପୁର ଥାନାରେ ଗୋଟିଏ ଏବଂ ତମାଣ୍ଡୋ ଥାନାରେ ୨ଟି ଆପରାଧିକ ମାମଲା ରହିଛି। ସେ ଦୁଇଟି ମାମଲାରେ ଗିରଫ ହୋଇ ଜେଲ୍ ମଧ୍ୟ ଯାଇଛନ୍ତି। ଜେଲରୁ ଫେରିବା ପରେ ପୁଣି ଚୋରିକୁ ଆପରାଇଛନ୍ତି।

# ମୋବାଇଲ୍ ଚୋରି: ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱ,୨୮।୨(ତ୍ରିନାଥ ମହାନ୍ତି)

କ୍ୟାପିଟାଲ ଥାନା ଅଞ୍ଚଳରେ ଘଟିଥିବା ଏକ ମୋବାଇଲ୍ ଚୋରି ମାମଲାର ଶୁଣାଣି କରି ତୃତୀୟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ସଜା ଭୋଗିବାକୁ କୁହାଯାଇଛି। ୬ଜଣ ସାକ୍ଷୀଙ୍କ ଜବାନବନ୍ଦୀ ଓ ଦସ୍ତାବିଜ ଆଧାରରେ ଅଦାଲତ ଆସାମୀ ସୁରଜ ଘଡେଇଙ୍କୁ ଆଇପିସିର ଧରା ୩୮୦ ଅନୁଯାୟୀ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଅଭିଯୋଗକାରୀ ଶରତ କୁମାର ବେହେରା କ୍ୟାପିଟାଲ ହସ୍ପିଟାଲରେ ଆମ୍ବୁଲାନ୍ସ ଚଳାନ୍ତି। ୨୦୨୩ ଅଗଷ୍ଟ ୧୭ ରାତିରେ ସେ ଓ ତାଙ୍କର ଜଣେ ଡ୍ରାଇଭର ବନ୍ଧୁ ଆମ୍ବୁଲାନ୍ସ ଷ୍ଟାଣ୍ଡ ନିକଟରେ ଥିବା ବିଶ୍ରାମ ଗୃହରେ ଶୋଇଥିବାବେଳେ ଅଭିଯୁକ୍ତ ସୁରଜ ଏବଂ ସହଯୋଗୀ ଚାର୍ଜିଂ ହେଉଥିବା ତାଙ୍କ ଫୋନ ଦୁଇଟିକୁ ଚୋରିକରି ନେଇଥିଲେ।

# ବିବାହର ୨ଦିନ ପରେ ଶାଶୁ ଘରୁ ନବବଧୂଙ୍କୁ ଉଠାଇ ନେଲେ ପ୍ରେମିକ

## ସମସ୍ତଙ୍କ ସହମତିରେ ପ୍ରେମିକ ସହ ଗଲେ ନବବଧୂ

ଦେଓଗାଁ/ଘଣ୍ଟାପଡ଼ା, ୨୮।୨
(କୃଷ୍ଣ ପ୍ରସାଦ ପାଣିଗ୍ରାହୀ/ ପ୍ରଭାତ ସାହୁ)

ବିବାହର ୨ ଦିନ ପରେ ଜଣେ ନବବଧୂଙ୍କୁ ତାଙ୍କ ପ୍ରେମିକ ଶାଶୁଘରୁ ଉଠାଇ ନେଇଛନ୍ତି। ଏଭଳି ଅଭାବନୀୟ ଘଟଣା ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ନିକଟରେ ବଲାଙ୍ଗୀର ସହର କାମାକ୍ଷୀନଗର ନିବାସୀ ଜଣେ ଯୁବକ ବିବାହ ସରିବା ପରେ କାର୍‌ରେ ଘରକୁ ଫେରୁଥିବା ବେଳେ ବାଟରେ ତାଙ୍କୁ ବନ୍ଧୁକ ଭୟ ଦେଖାଇ ନବବଧୂଙ୍କୁ ଅପହରଣ କରି ନିଆଯାଇଥିଲା।

ଦେଓଗାଁ ଥାନା ଅଧୀନ ମୁରସିଂ ଗ୍ରାମର ଜଣେ ଯୁବକ ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଗତ ୨୩ ତାରିଖରେ ବୈଦିକ ରୀତିନୀତିରେ ବିବାହ କରିଥିଲେ। ଭୋଜିଭାତ ସାଙ୍ଗକୁ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ବିବାହ ଉତ୍ସବ ବେଶ ଧୁମଧାମ୍‌ରେ ହୋଇଥିଲା। ହେଲେ ବିବାହର ମାତ୍ର ୨ ଦିନ ପରେ ଅର୍ଥାତ ଗତ ୨୫ ତାରିଖ ସନ୍ଧ୍ୟାରେ ସବୁ ହସଖୁସିରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ନବବଧୂଙ୍କୁ ତାଙ୍କ ପ୍ରେମିକ ଶାଶୁଘର ବାହାରୁ ବାଇକ୍‌ରେ ବସାଇ ନେଇଯାଇଥିଲେ। ପ୍ରେମିକଙ୍କ ଘର କଣ୍ଟାମାଳ ଥାନା ଅଞ୍ଚଳରେ ବୋଲି ଜଣାଯାଇଛି। ଘଟଣା ସମ୍ପର୍କରେ ନବବିବାହିତ ଯୁବକ ଜଣକ ପରଦିନ ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଦେଓଗାଁ ପୋଲିସ ଏକ ମାମଲା (ନଂ. ୧୨/୨୬)ରୁଜୁ କରି ତଦନ୍ତ ଚଳାଇଥିଲା। ଶନିବାର ପୋଲିସ ଚଢାଉ କରି କଣ୍ଟାମାଳ ଅଞ୍ଚଳରୁ ଉଭୟ ପ୍ରେମିକ ଓ ନବବଧୂଙ୍କୁ ଉଦ୍ଧାର କରି ଦେଓଗାଁ ଥାନାକୁ ଆଣି ପଚରାଉଚରା କରିଥିଲା। ଥାନାରେ ନବବଧୂଙ୍କ ବାପଘର ଲୋକେ, ମୁରସିଂର ବିବାହିତ ଯୁବକଙ୍କ ପରିବାର ଓ ପ୍ରେମିକଙ୍କ ପରିବାର ସଦସ୍ୟଙ୍କ ମଧ୍ୟରେ ଆଲୋଚନା ହୋଇ ଆପୋସ ବୁଝାମଣା ହୋଇଥିଲା। ଶେଷରେ ସମସ୍ତଙ୍କ ସହମତିରେ ସମ୍ପୃକ୍ତ ନବବଧୂଙ୍କୁ ତାଙ୍କ ପ୍ରେମିକଙ୍କ ସହ ପୋଲିସ ଛାଡିଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସୁରେଶ ଚନ୍ଦ୍ର ବିଶି ସୂଚନା ଦେଇଛନ୍ତି।


# Classified Everyday
0674-2580101, 9692975378


MATRIMONIAL
GROOM WANTED

Wanted groome for a bramhin widow girl, 45years, 5'7", MBA PGDCA. Mob. No. 8658097081. D-3471

Bride, ST (Kotia), Koraput, 1996/5'2"/BEd, wants job holder. Must contact with profile-8917511747. D-3511


REAL ESTATE
SALE

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

Land near Balasore Town for sale. Residential plot 19 decimals near Harihat in Village Sindhia near Balighat and 278 decimals all in Village Sahupada near Balasore-Baripada National Highway suitable for Farmhouse, Apartment, Institute. Please contact immediately-7656861995. D-75864

Flat for Sale: Newly constructed apartment "RUDRALAYA" ready to move (3BHK) Near Jaydev College, Naharakanta, 2km from Hanspal Square, Bhubaneswar. Contact-9777564111. D-76900

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495


CONSTRUCTION

Construct your home with Colour Tile Plaster, Electrical, PHD, Door Complete 1350/-. 9827152441. D-3508




2BHK new well furnished flat, Sriram residency near Petrol Pump, Uttara, Bhubaneswar. Contact- 9861074590. D-3472

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




Newly opening full body massage best therapist. Contact- 7608935949. D-3504

AFFIDAVIT



By virtue of an affidavit before Executive Magistrate, Pottangi, I, Peteli Pandu, S/o- of late Peteli Gundu has changed my Surname from Buru to Peteli. Hence I will be known as Peteli Pandu for all purpose. D-3514

Now Matrimonial ads. only on Wednesday & Sunday Book 1 Get 1 FREE



By virtue of an affidavit before Executive Magistrate, Pottangi, I, Sri Sinderi Sami, S/o-Late Sinderi Bada has changed my son name from Ganesh to Nagesh. Hence my son be known as Sinderi Nagesh for all purpose. D-3515

I, JYOTSNA RANI SAHOO, W/o- Pritish Chandra Sahoo, resident of At-Khannagar, Nuasahi, P.O.- A.D Market, P.S.- Badambadi, Dist.- Cuttack- 753012, Odisha declare by this affidavit No.- 1680, dated 26.02.2026. That now onwards I shall be known as JYOSTNA RANI SAHOO for all future purposes. D-3512

By virtue of an affidavit sworn before the Executive Magistrate, Bargaon, No.37, Dt.13.01.26, I, SCHOLASTICA MINZ, W/o- Tarsicius Minz, R/o. Village- Bamdera, P.S.- Bargaon, Dist.- Sundargarh (Odisha), PIN-770016 declare that I have changed my name from KOLOSTIKA MINZ to SCHOLASTICA MINZ. Henceforth, I shall be known as SCHOLASTICA MINZ for all purposes.
SCHOLASTICA MINZ
D-3511

I, Sasmita Prusty, D/o- Ganesh Prusty, R/o- Bhatimunda, Cuttack complete as per address in Aadhaar Card have changed my name to Susmita Prusty for all future purpose. D-3509

Sudam Panigrahi, AT/P.O.- Badabaranga, PIN- 761004, Ganjam change my name as Sudam Panigrahy, C/o-Rupachandra Panigrahi. D-3510

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ନିରୁଦ୍ଦିଷ୍ଟ



ସୀତାଂଶୁ ପ୍ରସାଦ କାନୁନ୍‌ଗୋ, ଗତ ଅକ୍ଟୋବର ୨୪ ତାରିଖରୁ ନିଖୋଜ ଅଛନ୍ତି। ବୟସ-୬୫, ରଙ୍ଗ- କଳା, ଦାଢ଼ି ଅଛି, ଚଷମା ଲଗେଇଛନ୍ତି, କଳାଜାଇ ବାମ ଆଖି ପାଖରେ। କୌଣସି ସହୃଦୟ ବ୍ୟକ୍ତି ଯଦି ସନ୍ଧାନ ପାଆନ୍ତି, ତଳେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରନ୍ତୁ। ଏହି ବ୍ୟକ୍ତିଙ୍କ ଯିଏ ସନ୍ଧାନ ଦେଇପାରିବେ ୧ ଲକ୍ଷ ଟଙ୍କା ପୁରସ୍କୃତ କରାଯିବ। ଯୋଗାଯୋଗ ମୋବାଇଲ ନମ୍ବର- ୭୦୦୮୩୫୨୦୬୬, ୮୮୯୫୭୫୮୬୪୯, ୯୩୩୭୩୧୩୦୬୨, ୯୪୩୯୬୬୬୬୦୦. ଧ-୩୫୦୭


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହୋଲି ଫ୍ୟାଶନ୍

**ଆଉ ମାତ୍ର ଦୁଇ ଦିନ ପରେ ରଙ୍ଗର ପର୍ବ ହୋଲି। ଏହିଦିନ ସାଙ୍ଗସାଥୀ, ପରିବାର ତଥା ପରିଚିତଙ୍କ ସାଙ୍ଗେ ରଙ୍ଗ ଖେଳିବାକୁ ନେଇ ସଭିଙ୍କ ମନରେ ଏକ ଅପୂର୍ବ ଉତ୍ସାହ ଭରି ରହିଛି। ଆଉ ଏମିତିରେ ନିଜ ହୋଲି ଆଉଟ୍‌ଫିଟ୍‌ଠୁ ନେଇ ଆସେସରିଜ୍ ପର୍ଯ୍ୟନ୍ତ ସବୁକୁ କିପରି ଫ୍ୟାଶନେବଲ୍ ଏବଂ ଆଇକ୍ୟାଚି କରିହେବ, ତାକୁ ନେଇ ଯୁବପିଢ଼ି ବେଶ୍ ତତ୍ପର...**



**ଡ୍ରେସ୍:** ହୋଲିରେ ହ୍ୱାଇଟ୍ କଲର ଆଉଟ୍‌ଫିଟ୍ ସବୁବେଳେ ବେଷ୍ଟ ଲାଗିଥାଏ। ତେବେ ବର୍ତ୍ତମାନ ଯୁବପିଢ଼ିଙ୍କ ପାଇଁ ୟୁନିସେକ୍ସ ଆଉଟ୍‌ଫିଟ୍ ଯେମିତିକି ଜିନ୍ସ ସହିତ କଟନ୍ କିମ୍ବା ଲିନେନ୍ ହ୍ୱାଇଟ୍ ଶାର୍ଟ କିମ୍ବା କୁର୍ତ୍ତା ବେଷ୍ଟ ଅପ୍‌ଶନ ପାଲଟିଛି। ହ୍ୱାଇଟ୍ କୁର୍ତ୍ତା ଓ ଟ୍ରାଉଜର ସହ କଲରଫୁଲ୍ ବାନ୍ଧିନି ଦୁପଟାର କମ୍ବିନେଶନ୍ ବେଶ୍ ଆଟ୍ରାକ୍ଟିଭ୍ ଫେଷ୍ଟିଭ୍ ଲୁକ୍ ଦେଉଥିବାରୁ ଅଧିକାଂଶ ଯୁବତୀଯୁବକ ନିଜ ହୋଲି ଆଉଟ୍‌ଫିଟ୍‌ରେ ଏହାକୁ ସାମିଲ କରୁଥିବା ଦେଖିବାକୁ ମିଳୁଛି। ଖାଲି ଏତିକି ନୁହେଁ, ଅନେକ ଯୁବତୀଯୁବକ ଏକାଠି ହୋଲି ସେଲିବ୍ରେଶନ୍ କରିବା ପାଇଁ ହାପି ହୋଲି,




ସେଫ୍ ହୋଲି କିମ୍ବା ଅନ୍ୟ କିଛି ମେସେଜ୍ ଥିବା ଭଳି କଷ୍ଟମାଇଜ୍‌ଡ ଟି-ଶାର୍ଟ ଅର୍ଡର କରି ପିନ୍ଧିବା ଏବେ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି।

**ସନ୍‌ଗ୍ଲାସେସ୍:** ହୋଲିରେ ସନ୍‌ଗ୍ଲାସେସ୍ ବିନା ଷ୍ଟାଇଲ୍ ଅଧୁରା। ଏହା ଫ୍ୟାଶନେବଲ୍ ଦେଖାଯିବା ସହ ଆଖିକୁ ମଧ୍ୟ ଉଭୟ ରଙ୍ଗ ଓ ସୂର୍ଯ୍ୟକିରଣରୁ ପ୍ରୋଟେକ୍ସନ ଦେଇଥାଏ। ଏଭିଏଟର୍ସ, ୱେଫେର୍ସ ଭଳି ଆଖିକୁ ଭଲ ଭାବେ କଲର କରୁଥିବା ସନ୍‌ଗ୍ଲାସେସ୍ ହୋଲି ପାଇଁ ସ୍ମାର୍ଟ ଚଏସ୍। ତେବେ ବର୍ତ୍ତମାନ ମାର୍କେଟ୍‌ରେ ହୋଲି ପାଇଁ ମିଳୁଥିବା ସ୍ପେଶାଲ୍ କଲରଫୁଲ୍ ଫ୍ରେମ୍‌ଯୁକ୍ତ ସନ୍‌ଗ୍ଲାସେସ୍, କାର୍ଟୁନ୍, ଫ୍ଲାୱାର, ବଟରଫ୍ଲାଏ ଭଳି ଫ୍ରେମ୍ ଥିବା ସନ୍‌ଗ୍ଲାସେସ୍ ଏବଂ ବଡ଼ ସାଇଜ୍‌ର ଫନି ସନ୍‌ଗ୍ଲାସେସ୍‌ର ଅଧିକ ଡିମାଣ୍ଡ ଥିବା ଦେଖିବାକୁ ମିଳୁଛି। ଏହା ଅପେକ୍ଷାକୃତ କୁଲ୍ ଓ ଟ୍ରେଣ୍ଡି ଲୁକ୍ ବି ଦେଉଛି।

**କ୍ୟାପ୍ ଏବଂ ବନ୍ଦାନା:** ଆଇକ୍ୟାଚି ଲୁକ୍ ସହିତ ହେୟାର୍ ପ୍ରୋଟେକ୍ସନ ପାଇଁ ବର୍ତ୍ତମାନ ହୋଲି ଲାଗି ମାର୍କେଟ୍‌ରେ ବିଭିନ୍ନ ପ୍ରକାରର କଲରଫୁଲ୍ କ୍ୟାପ୍, ହ୍ୟାଟ୍, ରାଜସ୍ଥାନୀ ପଗଡ଼ି ମିଳୁଛି। ବିଭିନ୍ନ ପ୍ରକାରର ହେଡ୍‌ର୍‌ୟାପ୍, ବନ୍ଦାନା, ସ୍କାର୍ଫ ଆଦି ମଧ୍ୟ ଏବେ ହୋଲି ଫ୍ୟାଶନ୍ ଟ୍ରେଣ୍ଡରେ ବେଶ୍ ଆଗରେ ଅଛି। ବିଶେଷକରି ଏକାଠି ଫଟୋ ଏବଂ ରିଲ୍ସ ଭିଡିଓ ଶୁଟ୍ କରିବା ଲାଗି ଅଧିକାଂଶ ଯୁବତୀ ଯୁବକ ଏଭଳି କ୍ୟାପ୍, ବନ୍ଦାନା ଆଦି କଷ୍ଟମାଇଜ୍‌ଡ ମଧ୍ୟ କରାଉଛନ୍ତି, ଯାହାକି ଡିଫରେଣ୍ଟ ଏବଂ ୟୁନିକ୍ ଲୁକ୍ ଦେଉଛି।

**ରିଷ୍ଟୱାଚ୍:** ରଙ୍ଗ, ପାଣି ଆଦି ଲାଗି ଯେପରି ନଷ୍ଟ ନ ହୋଇଯିବ, ସେଥିପାଇଁ ୱାଟରପ୍ରୁଫ୍ ରିଷ୍ଟୱାଚ୍ ହୋଲି ପାଇଁ ସବୁଠୁ ଭଲ ଅପ୍‌ଶନ। ତେବେ ବର୍ତ୍ତମାନ ମାର୍କେଟ୍‌ରେ ଖୁବ୍ କମ୍ ଦାମ୍‌ରେ ହୋଲି ପାଇଁ ସ୍ପେଶାଲ୍ ବିଭିନ୍ନ କଲରର ବ୍ୟାଣ୍ଡଥିବା ୱାଟରପ୍ରୁଫ୍ ରିଷ୍ଟୱାଚ୍ ମିଳିଯାଉଛି, ଯାହାର ସର୍ବାଧିକ ଗ୍ରାହକ ହେଉଛନ୍ତି ଯୁବପିଢ଼ି। ଏହା ବେଶ୍ ଷ୍ଟାଇଲିଶ ଓ ଆଇକ୍ୟାଚି ଲୁକ୍ ବି ଦେଇଥାଏ।

**ଫେସ୍ ମାସ୍କ:** ବର୍ତ୍ତମାନ ମାର୍କେଟ୍‌ରେ ହୋଲି ପାଇଁ ଲାଗିଥିବା ଷ୍ଟଲ୍‌ଗୁଡ଼ିକରେ ବିଭିନ୍ନ ପ୍ରକାରର ଫେସ୍ ମାସ୍କ ବିକ୍ରି ହେଉଛି। କେହି କେହି ଯୁବତୀଯୁବକ ଡିଫରେଣ୍ଟ ଲୁକ୍ ସହିତ ଫେସ୍ ପ୍ରୋଟେକ୍ସନ ପାଇଁ ଏହାକୁ ବ୍ୟବହାର କରୁଛନ୍ତି। ତେବେ ଯୁବକମାନେ ସୁପରହିରୋ, ଘୋଷ୍ଟ, ଟାଇଗର ଭଳି ଫେସ୍‌ମାସ୍କକୁ ଅଧିକ ପସନ୍ଦ କରୁଥିବା ବେଳେ ଯୁବତୀମାନେ ହାଲୋୱିନ୍ ଆଇ ମାସ୍କ, କାର୍ନିଭାଲ୍ ମାସ୍କ, ଫୁଲ୍ ଫେସ୍ ୟେଲୋ ମାସ୍କ ପସନ୍ଦ କରୁଛନ୍ତି।

**ଷ୍ଟେଟ୍‌ମେଣ୍ଟ ଜୁଏଲେରି:** ହୋଲି ଫ୍ୟାଶନ୍ ଆସେସରିଜ୍‌ରେ ବର୍ତ୍ତମାନ ବିଭିନ୍ନ ପ୍ରକାରର ଫ୍ୟାନ୍ସି ଷ୍ଟେଟ୍‌ମେଣ୍ଟ ଜୁଏଲେରିର ଡିମାଣ୍ଡ ବେଶି। ଯେମିତିକି ଯୁବତୀମାନଙ୍କ ପାଇଁ ସ୍ପେଶାଲ୍ ହ୍ୟାଣ୍ଡ କ୍ରାଫ୍ଟେଡ୍ ହୋଲି ଥିମ୍ ନେକ୍‌ଲେସ୍, ଇୟରରିଙ୍ଗ୍ସ ଏବଂ ଚୁଡ଼ି ସେଟ୍ ଏବଂ କଲରଫୁଲ୍ ଫଙ୍କି ଡିଜାଇନ୍‌ର ବିଡ୍ ଜୁଏଲେରି ସେଟ୍ ଆଟ୍ରାକ୍ଟିଭ୍ ଏବଂ ଟ୍ରେଣ୍ଡି ଅପ୍‌ଶନ ପାଲଟିଛି। ଅନେକ ଯୁବତୀ ହୋଲି ପାଇଁ ହ୍ୱାଇଟ୍ ଲଙ୍ଗ୍ ଗାଉନ୍ କିମ୍ବା ଏଥିନିକ୍ ଡ୍ରେସ୍ ସହିତ ଅକ୍ସିଡାଇଜ୍ଡ ଜୁଏଲେରିକୁ ପସନ୍ଦ କରୁଛନ୍ତି। ଠିକ୍ ସେହିପରି ଯୁବକମାନଙ୍କ ପାଇଁ ମଧ୍ୟ ମାର୍କେଟ୍‌ରେ ହୋଲି ପାଇଁ ବିଭିନ୍ନ ପ୍ରକାରର ବ୍ରେସ୍‌ଲେଟ୍ ଏବଂ ଜୁଏଲେରି ମିଳୁଛି।

**ଫୁଟ୍‌ୱେର୍:** ହୋଲି ଆଉଟ୍ ଫିଟ୍‌କୁ ଅଧିକ କ୍ଲାସି ଲୁକ୍ ଦେଇଥାଏ ପର୍‌ଫେକ୍ଟ ଫୁଟ୍‌ୱେର୍। ତେଣୁ ଡ୍ରେସ୍‌କୁ ଆଖିଆଗରେ ରଖି ଯୁବତୀଯୁବକମାନେ ୱାଟରପ୍ରୁଫ୍ ଫ୍ଲିପ୍‌ଫ୍ଲପ୍, ସ୍ନିକର୍ସ, ଜୁତି, କ୍ରକ୍ସ ଭଳି ଫୁଟ୍‌ୱେର୍ ପସନ୍ଦ କରୁଛନ୍ତି।

## କ'ଣ କୁହନ୍ତି ଏମାନେ...


ସୋନମ୍ ନାୟକ


ସ୍ୱସ୍ତିକ ପାଇକରାୟ

**ସୋନମ୍ ନାୟକ(ଛାତ୍ରୀ, କିଟ୍ ୟୁନିଭର୍ସିଟି, ଭୁବନେଶ୍ୱର)**– ହୋଲି ପାଖେଇ ଆସିଲେ ସାଙ୍ଗମାନଙ୍କ ସହିତ ରଙ୍ଗ ଖେଳିବାକୁ ନେଇ ଖୁସି ବଢିଯାଏ। ତେବେ ସବୁଠୁ ଏକ୍ସାଇଟ୍‌ମେଣ୍ଟ ଥାଏ ନିଜ ଆଉଟ୍‌ଫିଟ୍‌କୁ ନେଇ। ଏବେ ତ ସୋସିଆଲ୍ ମିଡିଆର ଜମାନା। ତେଣୁ ହୋଲି ଆଉଟଫିଟ୍ ୟୁନିକ୍ ଏବଂ ଫ୍ୟାଶନେବଲ୍ ଲାଗିବା ପାଇଁ ଏଥର ଆମେ କେତେଜଣ ସାଙ୍ଗ ହୋଲି ପାଇଁ ଏକା ଭଳି ସ୍ପେଶାଲ୍ ଡ୍ରେସ୍ କଷ୍ଟମାଇଜ୍ କରାଇଛୁ। ସମସ୍ତେ ସନ୍‌ଗ୍ଲାସେସ୍, ମଲ୍ଟି କଲର ହେଡ୍ ସ୍କାର୍ଫ ଏବଂ ଜୁତି ପିନ୍ଧି ହୋଲି ଖେଳିବୁ। ଯେପରି ଆମ ଗ୍ରୁପ୍ ଫଟୋ ଏବଂ ଭିଡିଓ ସୋସିଆଲ୍ ମିଡିଆରେ ଟ୍ରେଣ୍ଡ କରିବ ସେଥିପାଇଁ ଫୁଲ୍ ପ୍ଲାନିଂ ବି କରିଛୁ।

**ସ୍ୱସ୍ତିକ ପାଇକରାୟ** (ସଫ୍ଟୱେର ଇଞ୍ଜିନିୟର, ବେଙ୍ଗାଲୁରୁ)– ହୋଲି ହେଉଛି ପ୍ରେମ, ଭ୍ରାତୃତ୍ୱ, ଶ୍ରଦ୍ଧା, ସମର୍ପଣର ଏକ ଅନନ୍ୟ ଗଣପର୍ବ। ଆମ ଓଡିଶାରେ ଦୋଳ ଗୋବିନ୍ଦ ଘର ଘର ବୁଲି ଭୋଗ ଖାଇବା ସହିତ ଖୁବ୍ ଧୁମ୍‌ଧାମ୍‌ରେ ହୋଲି ପାଳନ କରାଯାଏ। ବେଙ୍ଗାଲୁରୁଆସିବା ପରଠାରୁ ଯଦିଓ ହୋଲି ପାଳନ କରୁଥିଲି ତଥାପି ଆମ ରାଜ୍ୟର ହୋଲିକୁ ମିସ୍ କରୁଥିଲି। ହେଲେ ଏଠାରେ ଥିବା ଓଡିଆ ସମାଜ ପାରମ୍ପରିକ ଭାବେ ହୋଲି ପାଳୁଥିବା ଜାଣିବା ପରେ ପ୍ରତିଥର ସେଠାକୁ ଯାଇ ଏହି ପର୍ବର ଆନନ୍ଦ ନେଉଛି। ଚଳିତବର୍ଷ ହୋଲି ଖେଳିବା ପାଇଁ ସ୍ପେଶାଲ୍ ହ୍ୱାଇଟ୍ ଆଉଟ୍‌ଫିଟ୍ ସହିତ ମଲ୍ଟି କଲର ପଗଡି, ୱାଟରପ୍ରୁଫ୍ ଫୁଟ୍‌ୱେର ଆଦି କିଣି ସାରିଛି। ସକାଳୁ ସହକର୍ମୀମାନଙ୍କ ସହ ନିକଟରେ ଥିବା ଜଗନ୍ନାଥ ମନ୍ଦିରରେ ପ୍ରଭୁଙ୍କୁ ଦର୍ଶନ ସାରି ପ୍ରଥମେ ଓଡିଆ ସମାଜ ହୋଲି ଉତ୍ସବ ଏବଂ ମଧ୍ୟାହ୍ନରେ ହୋଟେଲ୍ ତାଜ୍ ଭିଭାନ୍ତାରେ ଆୟୋଜିତ ହୋଲି ସେଲେବ୍ରେଶନ୍‌ରେ ସାମିଲ ହେବାର ପ୍ଲାନିଂ ରହିଛି।








## ଏ ସପ୍ତାହର ପ୍ରଶ୍ନ ?

୧– ଭାରତରେ ଜାତୀୟ ମହିଳା ଦିବସ ........... ତାରିଖରେ ପାଳନ କରାଯାଏ ?
୨– ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ୨୦୨୫ ଗ୍ଲୋବାଲ୍ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭାଇବ୍ରାନ୍ସି ର୍‌ୟାଙ୍କିଙ୍ଗ୍‌ରେ ଭାରତ ............. ସ୍ଥାନରେ ରହିଛି ?
୩– ମିଆ ଆମୋର ମୋଟ୍‌ଲୀ ନିକଟରେ ............ ଦେଶର ନୂତନ ପ୍ରଧାନମନ୍ତ୍ରୀ ହୋଇଛନ୍ତି ?
୪– ରାଜାଜୀ ନ୍ୟାଶନାଲ୍ ପାର୍କ .............. ରାଜ୍ୟରେ ଅବସ୍ଥିତ ?
୫– ମୟୂରକୁ ............. ମସିହାରେ ଜାତୀୟ ପକ୍ଷୀର ମାନ୍ୟତା ଦିଆଯାଇଥିଲା ?

## ଗତ ଥରର ଉତ୍ତର

୧ କର୍ନାଟକ
୨ ଭାରତ
୩ ରାଜସ୍ଥାନ
୪ ଗୁଜରାଟ
୫ ଫେବୃଆରୀ ୧୧ ତାରିଖ

## ଉତ୍ତରଦାତା


ଅନ୍ନପୂର୍ଣ୍ଣା ମହାନ୍ତି, କଟକ


ସଚ୍ଚିଦାନନ୍ଦ ପରିଡ଼ା, ଭୁବନେଶ୍ୱର


ଶକ୍ତି ପ୍ରସାଦ ସିଂ, ଭୁବନେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ। ଇ-ମେଲ୍ ଠିକଣା: dharitriagamiasha@gmail.com

## ଟପ୍ ଟେନ୍ ୧୦

### ଗ୍ଲୋବାଲ୍ ମେକ୍‌ଅପ୍ ଆର୍ଟିଷ୍ଟ–୨୦୨୬

୧. ମ୍ୟାରିଓ ଡେଡିଭାନୋଭିକ୍– ଦି ଆର୍କିଟେକ୍ ଅଫ୍ ମଡର୍ନ ଗ୍ଲାମ୍
୨. ଲିସା ଏଲ୍‌ଡ୍ରିଜ୍– ଲକ୍ସୁରି ହେରିଟେଜ୍ ଆଟ୍ ଲୁଇସ୍ ଭୁଇଟନ୍
୩. ପ୍ୟାଟ୍ ମ୍ୟାକ୍‌ଗ୍ରାଥ୍– ଦି ରନ୍‌ୱେ ଭିଜିଓନାରି
୪. ଭାଲ୍ ଗାର୍ଲାଣ୍ଡ– ଦି କନ୍ସେପ୍‌ଚୁଆଲ୍ ଷ୍ଟୋରିଟେଲର୍
୫. ହଙ୍ଗ୍ ଭାନ୍‌ଗୋ– ଦି ସେଲିବ୍ରେଟି ପର୍‌ଫେକ୍ସନିଷ୍ଟ
୬. ଚାର୍ଲୋଟେ ଟିଲ୍‌ବରୀ– ଦି ଗ୍ଲାମର୍ ବ୍ରାଣ୍ଡ ବିଲ୍ଡର୍
୭. ସାର୍ ଜନ୍– ଦି ଏଡିଟୋରିଆଲ୍ ଆକ୍ଟିଭିଷ୍ଟ
୮. ନାମ୍ ଭୋ– ଦି କ୍ୱିନ୍ ଅଫ୍ ଡିୱି 'ଗ୍ଲୋ ଜବ୍ସ'
୯. ଭାଓଲେଟ୍ ସେରାଟ୍– ଏଫର୍ଟଲେସ୍ ଫ୍ରେଞ୍ଚ କୁଲ୍
୧୦. ଡାନେସା ମାଇରିକ୍ସ– ଦି ମଲ୍ଟିଟାସ୍କିଂ ଇନୋଭେଟର୍

## ୟୁଥ୍ ଆଲର୍ଟ

# ଡେସ୍କ ଜବ୍ କରୁଥିଲେ...

**ବର୍ତ୍ତମାନ ଅଧିକାଂଶ ଯୁବତୀଯୁବକ ଡେସ୍କ ଜବ୍ କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହାଦ୍ୱାରା ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହିବା କାରଣରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ବି ଉପୁଜୁଛି। ଏହାକୁ କମ୍ କରିବା ସହ ନିଜକୁ ଫିଟ୍ ରଖିବା ଲାଗି କେତେକ ଯୋଗ ଅଭ୍ୟାସ ବେଶ୍ କାମରେ ଆସିପାରିବ। ଜାଣିରଖନ୍ତୁ ସେ ସମ୍ପର୍କରେ...**



➔ବର୍ତ୍ତମାନ ଡେସ୍କ ଜବ୍ କରୁଥିବା ଅନେକଙ୍କଠାରେ ଅଣ୍ଟା, ବେକବିନ୍ଧାଠାରୁ ଆରମ୍ଭ କରି ପେଟ ବଡ଼ ହୋଇଯିବା, ଚକ୍ଷୁ ସମସ୍ୟା ଭଳି ବିଭିନ୍ନ ସମସ୍ୟା ଉପୁଜୁଥିବା ଦେଖିବାକୁ ମିଳୁଛି ; ଯାହାକୁ କମ୍ କରିବା ଲାଗି ଦୈନନ୍ଦିନ ତାଡ଼ାସନ, ଭୁଜଙ୍ଗାସନ ସବୁଠୁ ଭଲ।

➔ତାଡ଼ାସନ ପାଇଁ ଦୁଇଗୋଡ଼ ମଧ୍ୟରେ ଅଳ୍ପଦୂରତା ରଖି ସିଧା ଠିଆ ହୋଇଯାଆନ୍ତୁ। ଦୀର୍ଘ ନିଃଶ୍ୱାସ ନେଇ ଦୁଇ ହାତକୁ ଉପରକୁ ଉଠାନ୍ତୁ ଏବଂ ଗୋଇଠି ଟେକି ରଖନ୍ତୁ, ଯେପରି ଶରୀର ଉପରକୁ ଟାଣିହେବା ଭଳି ଲାଗିବ। ୨୦–୩୦ ସେକେଣ୍ଡ ଏପରି ରହିବା ପରେ ଧୀରେ ଧୀରେ ନିଃଶ୍ୱାସ ଛାଡ଼ିବା ସହ ହାତକୁ ତଳକୁ ଆଣନ୍ତୁ ଏବଂ ସିଧା ହୋଇ ଠିଆ ହୋଇଯାଆନ୍ତୁ। ପ୍ରତିଦିନ କିଛି ସମୟ ଏହି ଆସନ କଲେ ମେରୁଦଣ୍ଡ ସିଧା ରହିବା ସହ ପିଠି ଓ ବେକ ସିଧା ରହିବ ଏବଂ ଯନ୍ତ୍ରଣା କମିଯିବ। ଏହା ଶରୀରରେ ସନ୍ତୁଳନ ରକ୍ଷାକରିବା ସହ ଏକାଗ୍ରତା ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ।

➔ଡେସ୍କ ଜବ୍‌ରେ ଦୀର୍ଘ ସମୟ ଗୋଟିଏ ସ୍ଥାନରେ ବସି ରହିବାକୁ ପଡୁଥିବାରୁ ମେରୁଦଣ୍ଡ ସହ ପାଚନକ୍ରିୟାରେ ମଧ୍ୟ ପ୍ରଭାବ ପଡ଼ିଥାଏ। ଏମିତିରେ ଯଦି ଆପଣ ପ୍ରତିଦିନ ଭୁଜଙ୍ଗାସନ କରୁଛନ୍ତି, ତେବେ ନିଶ୍ଚୟ ଉପକୃତ ହେବେ। ଏହି ଆସନ କରିବା ପାଇଁ ପେଟ ମାଡ଼ି ସାଦା ଶୋଇଯାଆନ୍ତୁ। ଦୁଇ ହାତର ପାପୁଲିକୁ କାନ୍ଧ ସିଧା ତଳେ ଲଗାଇ ରଖନ୍ତୁ। ଦୀର୍ଘ ନିଃଶ୍ୱାସ ନେଇ ହାତ ସାହାଯ୍ୟରେ ଅଣ୍ଟାଠୁ ଉପର ଭାଗକୁ ଉପରକୁ ଉଠାନ୍ତୁ। ମୁହଁକୁ ଉପରକୁ ରଖିବାକୁ ଚେଷ୍ଟା କରନ୍ତୁ। ଅଣ୍ଟା ଉପରେ ଅଧିକ ଚାପ ପକାନ୍ତୁ ନାହିଁ। ୨୦–୩୦ ସେକେଣ୍ଡ ଏପରି ରହିବା ପରେ ଧୀରେ ଧୀରେ ନିଃଶ୍ୱାସ ଛାଡ଼ନ୍ତୁ ଏବଂ ପୂର୍ବ ଅବସ୍ଥାକୁ ଫେରିଆସନ୍ତୁ। ପ୍ରତିଦିନ ଏହି ଆସନ କଲେ ଅଣ୍ଟା, ବେକ ଆଦି ଯନ୍ତ୍ରଣା ଦୂରହେବ, ହଜମ ମଧ୍ୟ ଠିକ୍ ଭାବେ ହେବ ଏବଂ ପେଟର ଚର୍ବି ମଧ୍ୟ ଦୂରହେବ। ଏହାଦ୍ୱାରା ଫୁସ୍‌ଫୁସ୍ କାର୍ଯ୍ୟକ୍ଷମତା ବି ବଢ଼ିବ। ଏହାଦ୍ୱାରା ରକ୍ତସଞ୍ଚାଳନ ଠିକ୍ ଭାବେ ହେବାରେ ସାହାଯ୍ୟ କରୁଥିବାରୁ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ସହ କେଶ ବି ମଜଭୁତ ରହିଥାଏ।

## ଜାଣନ୍ତୁ ଦୁନିଆ

# ଯେବେ ସୁନାଠୁ ଅଧିକ ଦାମୀ ଥିଲା ନୀଳରଙ୍ଗ

**ବର୍ତ୍ତମାନ ସୁନା ଦର ଆକାଶଛୁଆଁ। ତେଣୁ ନିହାତି ଆବଶ୍ୟକ ନ ଥିଲେ ଏହାକୁ କିଣିବାକୁ ଲୋକେ ଡରୁଛନ୍ତି। ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଦିନେ ସୁନାଠାରୁ ବି ଅଧିକ ଦାମୀ ଥିଲା ନୀଳରଙ୍ଗ...**



➤ନୀଳରଙ୍ଗକୁ ରୟାଲ୍ କଲର ଭାବେ ଗ୍ରହଣ କରାଯାଏ। ଗୋଟିଏ ସମୟ ଥିଲା, ଯେତେବେଳେ ଏହି ରଙ୍ଗ ଦୁନିଆର ସବୁଠୁ ଦାମୀ ପଦାର୍ଥଗୁଡ଼ିକ ମଧ୍ୟରେ ଗୋଟିଏ ଥିଲା। ଏହା କେବଳ ଏକ ରଙ୍ଗ ନୁହେଁ, ବରଂ ଧନୀମାନଙ୍କ ପରିଚୟ ମଧ୍ୟ ଥିଲା।

➤ଏହା ହେଉଛି ୬ ହଜାର ବର୍ଷ ତଳର ପୁରୁଣା। ଏହା ଏତେ ମହଙ୍ଗା ହେବାର ସବୁଠୁ ବଡ଼ କାରଣ ଥିଲା ଏଇଥିପାଇଁ ଯେ, ବ୍ୟବହାର କରାଯାଉଥିବା ଲ୍ୟାପିସ୍ ଆଜୁଲୀ ନାମକ ନୀଳରଙ୍ଗର ପଥର। ଆଫଗାନିସ୍ତାନରେ ମିଳୁଥିବା ଏହି ପଥରରେ ସୁନା ଭଳି ଏକ ପ୍ରକାରର ଉପାଦାନ ରହୁଥିଲା। ଏହି ପଥରକୁ ଭାଙ୍ଗି, ଗୁଣ୍ଡ କରି ତେଲରେ ସଫା କରି ନୀଳରଙ୍ଗ ପ୍ରସ୍ତୁତ ହେଉଥିଲା। ଏହି ଜଟିଳ ପ୍ରକ୍ରିୟାରେ ପ୍ରସ୍ତୁତ ହେଉଥିବାରୁ ଏହାର ଦାମ୍ ଏତେ ଅଧିକ ରହୁଥିଲା।

➤ସେତେବେଳେ ନୀଳରଙ୍ଗକୁ 'ଅଲ୍‌ଟ୍ରାମରିନ୍ ବ୍ଲୁ' କୁହାଯାଉଥିଲା। ଏହି ନାମ ପଛରେ ମଧ୍ୟ ଏକ ରୋଚକ କାହାଣୀ ରହିଛି। ସେତେବେଳେ ଏହି ରଙ୍ଗକୁ ବ୍ୟବସାୟ ପାଇଁ ୟୁରୋପରେ ପହଞ୍ଚାଯାଉଥିଲା ଏବଂ ସେଠାକାର ଲୋକେ ଏହାକୁ ଓଲ୍‌ଟ୍ରେମାରେ ବୋଲି କହୁଥିଲେ, ଯାହାର ଅର୍ଥ ଥିଲା ସମୁଦ୍ର ଆରପାରି। ଧୀରେ ଧୀରେ ଏହା ଅଲ୍‌ଟ୍ରାମରିନ୍ ବ୍ଲୁ ନାମରେ ପରିଚିତ ହୋଇଗଲା। ଯେହେତୁ ଏତେ ଦୂରରୁ ଆସୁଥିଲା, ବାଟର ଅନେକ ସ୍ଥାନରେ ଟ୍ୟାକ୍ସ ଦେବାକୁ ପଡୁଥିଲା। ତେଣୁ ସେଠାରେ ଏହାର ଦାମ୍ ଆହୁରି ବେଶି ବଢ଼ିଯାଉଥିଲା।

➤ଯେହେତୁ ସେତେବେଳେ ଏହାର ଦାମ୍ ସୁନାଠୁ ଅଧିକ ଥିଲା, ତେଣୁ ଧନୀ ଶ୍ରେଣୀୟ ଲୋକେ ବିଶେଷକରି ରାଜ ପରିବାର ଏହାକୁ ଅଧିକ ବ୍ୟବହାର କରୁଥିଲେ। ଏହି ରଙ୍ଗ ଅନ୍ୟ ରଙ୍ଗଗୁଡ଼ିକଠାରୁ ଅଧିକ ସୁନ୍ଦର ଏବଂ ଚମକ୍‌ଦାର ମଧ୍ୟ ରହୁଥିଲା।

➤କ୍ରମଶଃ ଏହାର ଦାମ୍ ଏତେ ଅଧିକ ହୋଇଗଲା ଯେ, ଚିତ୍ରକରମାନଙ୍କ ପାଇଁ ଏହାକୁ କିଣିବା କଷ୍ଟକର ହୋଇପଡ଼ିଲା। ୧୮୨୬ ମସିହା ବେଳକୁ ରସାୟନ ବିଜ୍ଞାନୀ ଜିନ୍ ବାପ୍ଟିଷ୍ଟ ଗୁଇମେଟ୍ ପ୍ରଥମଥର ପାଇଁ ସିନ୍ଥେଟିକ୍ ବ୍ଲୁ ରଙ୍ଗ ପ୍ରସ୍ତୁତ କରିବାରେ ସଫଳ ହୋଇପାରିଲେ। ଏହି ରଙ୍ଗର ନାମ ରଖାଗଲା ଫ୍ରେଞ୍ଚ ଅଲ୍‌ଟ୍ରାମରିନ୍ ବ୍ଲୁ, ଯାହାକି ଅପେକ୍ଷାକୃତ ଖୁବ୍ କମ୍ ଦାମ୍‌ରେ ଗ୍ରାହକଙ୍କ ପାଇଁ ଉପଲବ୍ଧ ହୋଇପାରିଲା।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ